ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ଜାନୁୟାରୀ ୧୧/୨୦୨୨ (୮+୮=୧୬ ପୃଷ୍ଠା) | Berhampur, Tuesday, January 11/2022 | ★★★

୧୭ଶ ଭାଗ ୩୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ପ୍ରେମକୁ ନେଇ ପୁଣି ଚର୍ଚ୍ଚାରେ ସଲମାନ**

ହଲିଉଡ ଅଭିନେତ୍ରୀ ସାମନ୍ଥା ଲକଉଡ୍‌ଙ୍କ ସହ ରିଲେଶନଶିପ୍‌କୁ ନେଇ ଚର୍ଚ୍ଚାକୁ ଆସିଛନ୍ତି ବଲିଉଡ୍ ଅଭିନେତା ସଲମାନ ଖାନ। ୦୨

୦୮ **କୋହଲି ଖେଳିବେ**

ପିଠିରେ ଯନ୍ତ୍ରଣା ଯୋଗୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ଖେଳି ନ ଥିବା ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି କେପ୍ ଟାଉନରେ ତୃତୀୟ ଟେଷ୍ଟ ଖେଳିବେ।




# ଅଦାଲତରେ ଜୋକୋଭିଚ୍‌ଙ୍କ ବିଜୟ



ନୋଭାକ ଜୋକୋଭିଚ୍

## ଅଷ୍ଟ୍ରେଲିଆ ନିଷେଧାଜ୍ଞାରେ ଅଟଳ

**ମେଲବୋର୍ନ, ୧୦।୧ (ଏପି):** ଅଷ୍ଟ୍ରେଲିଆରେ ସୋମବାର କୋର୍ଟ ଯୁଦ୍ଧ ଜିତିଛନ୍ତି ସର୍ବିୟା ଟେନିସ ଷ୍ଟାର ନୋଭାକ ଜୋକୋଭିଚ୍। କୋଭିଡ୍ ଭାକ୍ସିନ ନେଇ ନ ଥିଲେ ସୁଦ୍ଧା ସେ ଅଷ୍ଟ୍ରେଲିଆନ ଓପନ୍‌ରେ ଭାଗ ନେଇପାରିବେ ବୋଲି ଫେଡେରାଲ ସର୍କିଟ କୋର୍ଟ ଜଜ୍ ଆନ୍ଥୋନୀ କେଲି କହିଛନ୍ତି। ତଥାପି ବିବାଦର ଅବସାନ ଘଟିନାହିଁ। ଅଷ୍ଟ୍ରେଲିଆ ସରକାର ଦ୍ୱିତୀୟ ଥର ଭିଜା ବାତିଲ କରିବା ନେଇ ଧମକ ଦେବା ସହ ନିଷେଧାଜ୍ଞାରେ ଅଟଳ ରହିଛି।

କୋଭିଡ୍ ପାଇଁ ଅଷ୍ଟ୍ରେଲିଆ ସରକାର କଠୋର ନିୟମ କରିଛନ୍ତି। ଦେଶରେ ପ୍ରବେଶ ପାଇଁ ସମସ୍ତ ଅଣନାଗରିକଙ୍କୁ କୋଭିଡ୍ ଟିକା ନେଇଥିବା ବାଧ୍ୟତାମୂଳକ କରାଯାଇଛି। ଅଷ୍ଟ୍ରେଲିଆନ ଓପନ ଖେଳିବା ଲାଗି ଜୋକୋଭିଚ୍ ଗତ ସପ୍ତାହରେ ମେଲବୋର୍ନରେ ପହଞ୍ଚିଥିଲେ। ଅଷ୍ଟ୍ରେଲିଆର ପାଣ୍ଡେମିକ୍ ବର୍ଡର ରୁଲ୍ ଅନୁସାରେ ବିଦେଶାଗତଙ୍କ ଲାଗି ଡବଲ ଭାକ୍ସିନ କିମ୍ବା ଡାକ୍ତରୀ ରିହାତି ସାର୍ଟିଫିକେଟ ଜରୁରୀ। ବିଦେଶୀମାନେ ଅନ୍‌ଲାଇନରେ ଭିଜା ଆବେଦନ କରି ଅଷ୍ଟ୍ରେଲିଆ ଆସିପାରିବେ। ହେଲେ ବିମାନବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ଇମିଗ୍ରେଶନ ଓ ବହିଃ ଶୁଳ୍କ କର୍ମଚାରୀଙ୍କ ଯାଞ୍ଚ ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ। ଟିକାକରଣକୁ ବିରୋଧ କରିଆସୁଥିବା ଜୋକୋଭିଚ୍‌ଙ୍କୁ ଅଷ୍ଟ୍ରେଲିଆନ୍ ଓପନରେ ଖେଳିବା ଲାଗି ଭିକ୍ଟୋରିଆ ଷ୍ଟେଟ୍ ଠାରୁ ଡାକ୍ତରୀ ☞ପୃଷ୍ଠା-୪

# ଚାକିରି ଆବେଦନ ବୟସ ବଢ଼ିଲା

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

### କ୍ୟାବିନେଟ୍ ନିଷ୍ପତ୍ତି

- ସାଧାରଣ ବର୍ଗଙ୍କ ପାଇଁ ୩୮
- ମହିଳା, ଏସ୍‌ସି/ଏସ୍‌ଟି, ଏସ୍‌ଇବିସିଙ୍କ ପାଇଁ ୪୩ ବର୍ଷ
- ସାଧାରଣ ବର୍ଗର ଭିନ୍ନକ୍ଷମଙ୍କ ଲାଗି ୪୮
- ଏସ୍‌ସି/ଏସ୍‌ଟି/ଏସ୍‌ଇବିସି ଭିନ୍ନକ୍ଷମଙ୍କ ନିମନ୍ତେ ୫୩ ବର୍ଷ
- ୫ ମେଗା ପାନୀୟ ଜଳ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ

କୋଭିଡ୍-୧୯ ସଂକ୍ରମଣ ଯୋଗୁ ନିଯୁକ୍ତି ପ୍ରକ୍ରିୟା ଧିମେଇ ଯାଇଛି। ଏଥିଯୋଗୁ ଅନେକ ବେକାର ଯୁବତୀଯୁବକଙ୍କ ବୟସ ଗଡ଼ିଯାଉଛି। ବୟସ ଚାଲିଯାଉଥିବାରୁ ସେମାନେ ଚାକିରି ପାଇଁ ଆବେଦନ କରିବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସରକାରୀ ଚାକିରି ପାଇଁ ୨୦୨୧, ୨୦୨୨ ଓ ୨୦୨୩ ତିନି ବର୍ଷ ପାଇଁ ହେବାକୁ ଥିବା ନିଯୁକ୍ତି ସକାଶେ ସର୍ବାଧିକ ବୟସ ସୀମା ବୃଦ୍ଧି କରିଛନ୍ତି। ଏବେ ସରକାରୀ ଚାକିରି ପାଇଁ ସର୍ବୋଚ୍ଚ ବୟସ ୩୨ ଥିବା ବେଳେ ତାହାକୁ ୩୮ ବର୍ଷକୁ ବୃଦ୍ଧି କରାଯାଇଛି। ସେହିପରି ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି), ସାମାଜିକ ଓ ଆର୍ଥିକ ପଛୁଆ ବର୍ଗ(ଏସ୍‌ଇବିସି), ମହିଳା ଓ ଭିନ୍ନକ୍ଷମଙ୍କ ପାଇଁ ସରକାର ସର୍ବୋଚ୍ଚ ବୟସ ସୀମା କୋହଳ କରିଛନ୍ତି। ଏସ୍‌ସି,ଏସ୍‌ଟି ଏବଂ ଏସ୍‌ଇବିସିଙ୍କ ପାଇଁ ସର୍ବୋଚ୍ଚ ବୟସସୀମା ୩୮ରୁ ୪୩ ବର୍ଷକୁ ବୃଦ୍ଧି କରାଯାଇଥିବା ବେଳେ ମହିଳାଙ୍କ ପାଇଁ ୩୮ରୁ ୪୩, ସାଧାରଣ ବର୍ଗ ଭିନ୍ନକ୍ଷମ ପ୍ରାର୍ଥୀଙ୍କ ପାଇଁ ୩୮ରୁ ୪୮ ଏବଂ ଏସ୍‌ସି/ଏସ୍‌ଟି/ଏସ୍‌ଇବିସି ବର୍ଗ ଭିନ୍ନକ୍ଷମଙ୍କ ପାଇଁ ୩୮ରୁ ୫୩ ବର୍ଷକୁ ବୃଦ୍ଧି କରାଯାଇଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ଏଥିସହିତ ବୈଠକରେ ୧୨ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

ରାଜ୍ୟ କ୍ୟାବିନେଟ୍‌ରେ ୫ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ଟେଣ୍ଡରକୁ ମଧ୍ୟ ଅନୁମୋଦନ କରାଯାଇଛି। ରାଜ୍ୟ ସରକାର ଓଡ଼ିଶା ଖଣିଜ ଅଞ୍ଚଳ ବିକାଶ ନିଗମ(ଓମ୍ୟାଡକ୍) ଯୋଜନାରେ ମୟୂରଭଞ୍ଜ ଜିଲାର ୨ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ପାଇଁ ଡକାଯାଇଥିବା ୨୦୬ କୋଟି ୯୪ ଲକ୍ଷ ୧୯ ହଜାର ୯୧୧ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଉକ୍ତ ପ୍ରକଳ୍ପ ୨୪ ମାସ ମଧ୍ୟରେ ଶେଷ ହେବ। ଏହି ପ୍ରକଳ୍ପ ଦ୍ୱାରା ଜିଲାର କପ୍ତିପଦା ବ୍ଲକ ଅଧୀନରେ ଥିବା ୨୬ଟି ପଞ୍ଚାୟତ ଅନ୍ତର୍ଗତ ୧୫୫ ଗ୍ରାମର ୧,୪୨,୧୭୬ ଜଣ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ।

ସେହିପରି ମୟୂରଭଞ୍ଜ ଜିଲାର ୧୯୦ କୋଟି ୧୮ ଲକ୍ଷ ୧୫ ହଜାର ୧୭୦ ଟଙ୍କାର ଆଉ ୨ ପ୍ରକଳ୍ପକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ପ୍ରକଳ୍ପ ଦ୍ୱାରା ଶାମାଖୁଣ୍ଟା ଓ ବାରିପଦା ଅଧୀନରେ ଥିବା ୨୫ ପଞ୍ଚାୟତ ଅନ୍ତର୍ଗତ ୨୨୨ ଗ୍ରାମର ୧୧,୪୮,୧୯୯ ଜଣଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ସମ୍ବଲପୁର ଜିଲାର ୪ଟି ବ୍ଲକକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ୩୯୪.୭୬ କୋଟି ଟଙ୍କାର ୨ଟି ବୃହତ ପ୍ରକଳ୍ପକୁ କ୍ୟାବିନେଟ ମୋହର ମାରିଛି। ଜାତୀୟ ଜଳ ଜୀବନ ମିଶନ(ଜେଜେଏମ୍) ଯୋଜନାରେ ଝୁଜୁମରା, ମାଣେଶ୍ୱର, ନାକଟିଦେଉଳ ଏବଂ ରେଢାଖୋଲ ବ୍ଲକ ଅଧୀନରେ ଥିବା ୪୩ ପଞ୍ଚାୟତର ୩୮୧ ଗ୍ରାମର ୧,୭୬,୬୪୯ ଜଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଜଳଜୀବନ ମିଶନ ଯୋଜନାରେ କଟକ ଜିଲାର ୧୮୬.୬୮ କୋଟି ଟଙ୍କାର ଗୋଟିଏ ବୃହତ୍ ପାନୀୟ ଜଳ ପ୍ରକଳ୍ପକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ପ୍ରକଳ୍ପ ବାଙ୍କୀ, ଡମପଡ଼ା ଓ ବାରଙ୍ଗ ଅଧୀନରେ ଥିବା ୩୨ଟି ପଞ୍ଚାୟତର ୧୩୩ ଗ୍ରାମରେ ବାସ କରୁଥିବା ୧,୯୪,୯୩୮ ଜଣ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ସେହିପରି ଓମ୍ୟାଡକ୍‌ରେ ମୟୂରଭଞ୍ଜରେ ହେବାକୁ ଥିବା ୩୬୦.୧୨ କୋଟିର ୨ ବୃହତ ପାନୀୟ ଜଳ ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ କରିଛି। ଏହାଦ୍ୱାରା ସାରସକଣା, କୁଳିଅଣା ଏବଂ ବାଙ୍ଗିରିପୋଷୀ ଅଧୀନରେ ଥିବା ୫୦ ପଞ୍ଚାୟତର ୫୬୮ ଗ୍ରାମର ୨,୯୦,୪୭୨ ଜଣ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏହାର ନିର୍ମାଣ କାର୍ଯ୍ୟ ୨୪ ମାସ ମଧ୍ୟରେ ଶେଷ କରିବାକୁ ସମୟ ଧାର୍ଯ୍ୟ କରାଯାଇଛି।

# ପଞ୍ଚାୟତ ନିର୍ବାଚନ: ବିଜେଡିର ହଁ, ବିରୋଧୀଙ୍କ ନା


### ୩ ମାସ ଘୁଞ୍ଚାଇବାକୁ ଦାବି

### ସିଇସିଙ୍କ କୋଭିଡ୍ ନିୟମ ଆଧାରରେ ନିର୍ବାଚନ ହେବ: ଏସ୍‌ଇସି

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟ ନିର୍ବାଚନ କମିଶନର (ଏସ୍‌ଇସି) ଭୋଟଗ୍ରହଣ ତାରିଖ ଘୋଷଣା ପୂର୍ବରୁ ଶନିବାର ରାଜ୍ୟ ସରକାରଙ୍କ ସହ ଆଲୋଚନା କରିଥିବା ବେଳେ ସୋମବାର ବିଭିନ୍ନ ରାଜନୈତିକ ଦଳର ମତାମତ ଲୋଡ଼ିଛନ୍ତି। କେବଳ ତାରିଖ ଘୋଷଣାକୁ ଅପେକ୍ଷା କରାଯାଉଛି। ଗୋଟିଏ ପଟେ ନିର୍ବାଚନ କମିଶନ ଏବଂ ରାଜ୍ୟ ସରକାର ନିର୍ବାଚନ ମୁଡ୍‌ରେ ଥିବା ବେଳେ ବିରୋଧୀ ଦଳ ଅମଙ୍ଗ ହେଉଛନ୍ତି। ରାଜ୍ୟରେ କୋଭିଡ୍ ସଂକ୍ରମଣ ଉପରମୁହାଁ ହୋଇଥିବାରୁ ନିର୍ବାଚନକୁ କିଛିମାସ ପାଇଁ ସ୍ଥଗିତ କରିବାକୁ ବିରୋଧୀ ଭାଜପା, କଂଗ୍ରେସ ସମେତ ଅନ୍ୟାନ୍ୟ ରାଜନୈତିକ ଦଳ ଏକ ସ୍ୱରରେ ଦାବି କରିଛନ୍ତି।

ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ରାଜ୍ୟର ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଯୋଗଦେଇ ବର୍ତ୍ତମାନ ବର୍ଦ୍ଧିତ କରୋନା ସଂକ୍ରମଣ ପରିସ୍ଥିତିରେ ନିର୍ବାଚନ ନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଅତି କମ୍‌ରେ ଏହାକୁ ଆସନ୍ତା ୩ ମାସ ଯାଏ ଘୁଞ୍ଚାଯାଉ। ☞ପୃଷ୍ଠା-୪



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଉଛନ୍ତି ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ।

## ଆଜି ହୋଇପାରେ ତାରିଖ ଘୋଷଣା

### ରାଜ୍ୟପାଳଙ୍କୁ ଭେଟିଲେ ରାଜ୍ୟ ନିର୍ବାଚନ କମିଶନର

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ସୋମବାର ସନ୍ଧ୍ୟାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସାକ୍ଷାତ୍ କରିଛନ୍ତି। କରୋନା ସ୍ଥିତି ଓ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ନେଇ ଅବଗତ କରାଇଛନ୍ତି। ମଙ୍ଗଳବାର ପଞ୍ଚାୟତ ନିର୍ବାଚନ ନେଇ ଘୋଷଣା ହୋଇପାରେ। ଅନ୍ୟପକ୍ଷରେ ପଞ୍ଚାୟତ ନିର୍ବାଚନରେ ଆଇନଶୃଙ୍ଖଳା ରକ୍ଷା ନେଇ ନିର୍ବାଚନ କମିଶନର ପୋଲିସ ଡିଜି, ଆଇଜି ଓ ଡିଆଇଜିଙ୍କ ସହ ମଧ୍ୟ ଭିଡିଓ କନ୍‌ଫରେନ୍ସରେ ଆଲୋଚନା କରିଛନ୍ତି। ବୈଠକରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଓ କୋଭିଡ୍ ଗାଇଡ୍‌ଲାଇନ କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଭାରତର ନିର୍ବାଚନ କମିଶନର କୋଭିଡ୍ କଟକଣା ମଧ୍ୟରେ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ନେଇ ତାରିଖ ଘୋଷଣା କରି ସାରିଛନ୍ତି। ଏହି ଦୃଷ୍ଟିରୁ ରାଜ୍ୟ ନିର୍ବାଚନ କମିଶନର ମଧ୍ୟ କଟକଣା ଭିତରେ ପଞ୍ଚାୟତ ନିର୍ବାଚନ ପରିଚାଳନା କରିବାକୁ ସଙ୍କେତ ଦେଇଛନ୍ତି। କୋଭିଡ୍ କଟକଣା ମଧ୍ୟରେ ନିର୍ବାଚନ ପରିଚାଳନା ନେଇ ରାଜ୍ୟପାଳଙ୍କୁ କମିଶନର ଅବଗତ କରାଇଛନ୍ତି।

## ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**କଟକ ଅଫିସ,୧୦।୧**

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ବାତିଲ କରିବା ପାଇଁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ସୋମବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଭାରତୀୟ ବିକାଶ ପରିଷଦର ଜଗତ୍‌ସିଂହପୁର ଜିଲା ସଭାପତି ସୁବ୍ରତ ଦାସ ଏବଂ ଗଞ୍ଜାମ ଜିଲା ସଭାପତି ଗୁରୁଦେବ ବେହେରା ଏହି ମାମଲା ରୁଜୁ କରିଛନ୍ତି। ଏଥିରେ ରାଜ୍ୟ ନିର୍ବାଚନ କମିଶନ, ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗର ପ୍ରମୁଖ ଶାସନ ସଚିବ, ଗୃହ ଓ ସହରାଞ୍ଚଳ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।



ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ସଂରକ୍ଷଣ ତାଲିକାରେ ଓବିସିବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରଖାଯାଇନାହିଁ। ଏହାଦ୍ୱାରା ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ, ☞ପୃଷ୍ଠା-୪

# ୨ ବର୍ଷରେ ଇବ୍ ନଦୀ ଉପରେ ହେବ ୨ ବ୍ୟାରେଜ

## ସୁନ୍ଦରଗଡ଼ ଓଡ଼ିଶା ବିକାଶର ବଟଘର: ମୁଖ୍ୟମନ୍ତ୍ରୀ





ଇବ୍ ନଦୀ ଉପରେ ନିର୍ମାଣ ହେବାକୁ ଥିବା ଦୁଇ ବ୍ୟାରେଜ୍‌ର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସୁନ୍ଦରଗଡ଼ ସଦର ବ୍ଲକ୍ ଅନ୍ତର୍ଗତ କୋପସିଙ୍ଗା ଓ କୁଡ଼ାବଗାଁଠାରେ ୪୯୩ କୋଟି ଟଙ୍କା ବ୍ୟୟ ଅଟକଳରେ ଇବ୍ ନଦୀ ଉପରେ ନିର୍ମାଣ ହେବାକୁ ଥିବା ୨ଟି ବ୍ୟାରେଜର ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟ ଆସନ୍ତା ୨ ବର୍ଷରେ ସରିଯିବ। ଏହାଦ୍ୱାରା ସୁନ୍ଦରଗଡ଼ ମ୍ୟୁନିସିପାଲିଟି, ସୁନ୍ଦରଗଡ଼ ସଦର ବ୍ଲକ୍, ଲେଫ୍ରିପଡ଼ା, ବାଲିଶଙ୍କରା ଓ ଟାଙ୍ଗରପାଲି ଆଦି ବ୍ଲକ୍‌ର ୪୭ ହଜାର ଲୋକ ଉପକୃତ ହେବେ। ଏହାସହ ୪୮୮ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିପାରିବ। ଉପରୋକ୍ତ ବ୍ଲକ୍‌ଗୁଡ଼ିକରେ ଘରେ ଘରେ ପାନୀୟଜଳ ଯୋଗାଣ ସୁବିଧା ମିଳିବା ସହ ମତ୍ସ୍ୟଜୀବୀମାନେ ଏହି ବ୍ୟାରେଜରେ ମାଛଚାଷ କରି ଜୀବିକା ଉପାର୍ଜନ କରିପାରିବେ।

ଏହି ୨ ବ୍ୟାରେଜ ଉପରେ ବ୍ରିଜ୍ କରାଯାଉଥିବାରୁ ଲେଫ୍ରିପଡ଼ା ଓ ଟାଙ୍ଗରପାଲୀ ବ୍ଲକ୍‌ର ଲୋକମାନେ ରାଉରକେଲା ସହ ସିଧାସଳଖ ଯୋଗାଯୋଗ କରିପାରିବେ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଳ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ନିଜ ପାଣ୍ଠିରୁ କନ୍‌ଷ୍ଟ୍ରକ୍ସନ ଅଫ୍ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର ଯୋଜନା ଆରମ୍ଭ କରିଛନ୍ତି। ଏଥିପାଇଁ ୧୧,୭୦୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ରାଜ୍ୟର ☞ପୃଷ୍ଠା-୪


**ଶିଳ୍ପ ସମୃଦ୍ଧ ଓଡ଼ିଶା ନିର୍ମାଣରେ ସରକାରଙ୍କ ସହଯୋଗ ରହିବ: ନବୀନ**

ପୃଷ୍ଠା-୨





# ଶିଳ୍ପ ସମୃଦ୍ଧ ଓଡ଼ିଶା ନିର୍ମାଣରେ ସରକାରଙ୍କ ସହଯୋଗ ରହିବ: ନବୀନ




ରାଜ୍ୟରେ ୧୪ତମ ପର୍ଯ୍ୟାୟରେ ୨୨୩୪.୨୯ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ସମେତ ପୁଞ୍ଜିନିବେଶକାରୀ କମ୍ପାନୀ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଗଣ।

■୨୨୩୪.୨୯ କୋଟିର ପ୍ରକଳ୍ପ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

■ସୃଷ୍ଟିହେବ ୨୫୮୦ କର୍ମନିଯୁକ୍ତି

ଭୁବନେଶ୍ୱର,୧୦।୧

ରାଜ୍ୟର ଶିଳ୍ପ ଅଭିବୃଦ୍ଧିକୁ ଅଧିକ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୮ ଜିଲାରେ ୨ଟି ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ସହ ୧୦ଟି ନୂତନ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଛନ୍ତି। ଉଦ୍‌ଘାଟନୀ ଅବସରରେ ଭିସି ଜରିଆରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଭାରତର କର୍ପୋରେଟ ବନ୍ଧୁ ଏବଂ ଓଡ଼ିଶା ସରକାରଙ୍କ ଅଧିକାରୀମାନଙ୍କ ମିଳିତ ପ୍ରଚେଷ୍ଟା ଯୋଗୁ ଗୋଟିଏ ପଟେ ଆମେ କୋଭିଡ୍-୧୯ ସହ ପୂରା ଦମ୍‌ରେ ଲଢ଼େଇ ଜାରି ରଖିଥିବାବେଳେ ଅନ୍ୟପଟେ ଅଧିକ ଶିଳ୍ପ ସମୃଦ୍ଧ ଓଡ଼ିଶା ନିର୍ମାଣରେ ମଧ୍ୟ ଆମେ ଆମର ଉଦ୍ୟମ ଜାରି ରଖିବା ନିଶ୍ଚୟ ଭାବେ ହୃଦୟସ୍ପର୍ଶୀ । ସେହିଭଳି ଓଡ଼ିଶା, ପୂର୍ବ ଭାରତର ଉତ୍ପାଦନ ହବ୍ ଭାବେ ଦ୍ରୁତଗତିରେ ବୃଦ୍ଧି ପାଉଛି ଏବଂ ୫-ଟିର ମୂଳ ୫ଟି ଉଦ୍ଦେଶ୍ୟ ଉପରେ ଧ୍ୟାନଦେଇ ନିବେଶକମାନଙ୍କ ପାଇଁ ଓଡ଼ିଶାକୁ ପସନ୍ଦର ଲକ୍ଷ୍ୟସ୍ଥଳ କରିବାକୁ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି। ଏହା ମୂଲ୍ୟ ଯୋଗ, ସ୍ଥାୟୀ ନିଯୁକ୍ତି ଉତ୍ପାଦନ ଏବଂ ରାଜ୍ୟରେ ରାଜସ୍ୱ ବୃଦ୍ଧିର ଏକ ଶିଳ୍ପ ନେତୃତ୍ୱାଧୀନ ପରିବେଶ ସୃଷ୍ଟି କରିଛି ବୋଲି ନବୀନ ସହ ପ୍ରକଳ୍ପ ଉଦ୍‌ଘାଟନ ସମାରୋହରେ ଅଂଶଗ୍ରହଣ କରିଥିବା ସମସ୍ତ କମ୍ପାନୀକୁ ଅଭିନନ୍ଦନ ଜଣାଇଥିଲେ।

ସେହିଭଳି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଥିଲେ, ଶିଳ୍ପ ପୁଞ୍ଜି ବିନିଯୋଗକୁ ସୁଗମ କରିବା ସହ ନିଯୁକ୍ତିଭିତ୍ତିକ କ୍ଷେତ୍ରକୁ ଆକର୍ଷିତ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଆମେ ଓଡ଼ିଶାକୁ ଏକ ଉତ୍ପାଦନ ଶକ୍ତି ରୂପେ ଗଢି ତୋଳିବାକୁ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଆମ ସରକାର ନୂତନ କ୍ଷେତ୍ରଗୁଡିକରେ ବୃହତ୍ ନିବେଶ ଉପରେ ଧ୍ୟାନ ଦେଉଛନ୍ତି, ଯାହାକି ଭାରତର ସରକାରଙ୍କ ପିଏଲ୍‌ଆଇ ଯୋଜନା ଦ୍ୱାରା ପ୍ରଦାନ କରାଯାଇଥିବା ସୁବିଧା ଉପରେ ଅଧିକ ପ୍ରୋତ୍ସାହନ ଦେଉଛି ବୋଲି ମନ୍ତ୍ରୀ କହିଛନ୍ତି।

ଉକ୍ତ ସମାରୋହରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଶିଳ୍ପ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ.ପାଣ୍ଡିଆନ୍, ଏମ୍‌ଏସ୍‌ଏମ୍‌ଇର ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା, ଶିଳ୍ପ ବିଭାଗ ନିର୍ଦ୍ଦେଶକ ଏମ୍‌ଡି ସାଦିକ ଆଲାମ ଏବଂ ଇପିକଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ।

ସମଗ୍ର ରାଜ୍ୟରେ ଏହିପରି ବିପୁଳ ପୁଞ୍ଜି ବିନିଯୋଗ ସହିତ ଓଡ଼ିଶା ନିଜର ସ୍ଥିତିକୁ ମଜଭୁତ କରିବାର ଲକ୍ଷ୍ୟ ହାସଲ ସହ ଆଗାମୀ ବର୍ଷରେ ଏକ ବିକଶିତ ରାଜ୍ୟ ଓ ନୂତନ ଭିତ୍ତିଭୂମି, ଉତ୍ସର୍ଗୀକୃତତା ଏବଂ ଶ୍ରେଷ୍ଠ ପ୍ରଯୁକ୍ତିବିଦ୍ୟା ସହିତ ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍ ଦ୍ୱାରା ସମର୍ଥିତ ହେବ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାରଙ୍କ ୧୪ତମ ପ୍ରକଳ୍ପ ଉଦ୍‌ଘାଟନ ପର୍ଯ୍ୟାୟରେ ୪୦୯.୦୩ କୋଟିରୁ ଅଧିକ ପୁଞ୍ଜି ବିନିଯୋଗ ସହିତ ଶିଳ୍ପ ୟୁନିଟ୍ ଉଦ୍‌ଘାଟିତ ଏବଂ ୧୮୨୫.୨୬ କୋଟି ଟଙ୍କା ବିନିଯୋଗରେ ପ୍ରସ୍ତାବିତ ଶିଳ୍ପ ୟୁନିଟ୍ ପ୍ରତିଷ୍ଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବିବିଧ ତଥା ନିଯୁକ୍ତି ସମ୍ବଳିତ ପ୍ରକଳ୍ପଗୁଡ଼ିକ ରାଜ୍ୟରେ ୨୫୮୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ସମ୍ଭାବ୍ୟ ନିଯୁକ୍ତି ସୃଷ୍ଟି କରିବ ବୋଲି ଜଣାପଡ଼ିଛି।

## ପ୍ରକଳ୍ପ,ଶିଳାନ୍ୟାସ ଉଦ୍‌ଘାଟିତ

⇨ ୪୦୦ କୋଟି ଟଙ୍କା ବିନିଯୋଗରେ ଯାଜପୁରର କେଏନ୍‌ଆଇସିଠାରେ ବାର୍ଷିକ ୧.୫ ମିଲିୟନ ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଯାଜପୁର ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ ଉଦ୍‌ଘାଟିତ ଯାହା ୨୧୪ରୁ ଅଧିକ ବ୍ୟକ୍ତିଙ୍କ ପାଇଁ ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

⇨ ସ୍ୱସ୍ତି ଇକୋୱେର୍ସ ପକ୍ଷରୁ ୯.୦୩ କୋଟି ଟଙ୍କାର ଗ୍ରୋଥ ସେଣ୍ଟର ଫିଏଚ୍-୨, ବଲାଙ୍ଗୀରଠାରେ ବାଇଓ ଡିଗ୍ରେଡେବଲ ବାସନ ପ୍ରସ୍ତୁତକାରୀ ୟୁନିଟ୍ ଯାହା ଅନ୍ୟୁନ ୪୯ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

⇨ ୯୪୬ କୋଟି ଟଙ୍କା ପୁଞ୍ଜି ବିନିଯୋଗରେ ଯୋଡ଼ା, କେଉଁଝରଠାରେ ଟାଟା ଷ୍ଟିଲ୍‌ର ବେନିଫିକେଶନ ୟୁନିଟ୍‌ର ସମ୍ପ୍ରସାରଣ କରାଯାଇ ପୂର୍ବକ୍ଷମତା ବାର୍ଷିକ ୧୨ ମିଲିୟନ ମେଟ୍ରିକ ଟନ୍‌ରୁ ବାର୍ଷିକ ୧୭.୬ ମିଲିୟନ ମେଟ୍ରିକ ଟନ୍ ଉତ୍ପାଦନ କ୍ଷମତାକୁ ବୃଦ୍ଧି କରାଯିବ, ଯାହା ମୋଟ ୮୦୩ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିବ।

⇨ସାଲନା,ବରଗଡ଼ରେ ଗ୍ରୀନ୍‌ଟେକ୍ ବାୟୋ ଏନର୍ଜି ଏଲ୍‌ଏଲପି ଦ୍ୱାରା ୨୫୦ କୋଟି ଟଙ୍କା ବିନିଯୋଗରେ ଦୈନିକ ୨୦୦ କିଲୋଲିଟର ଇଥାନଲ ଉତ୍ପାଦନକ୍ଷମ ଏବଂ ୫ ମେଗାୱାଟ୍ ଉତ୍ପାଦନ କ୍ଷମତା ବିଶିଷ୍ଟ କାରଖାନା ଯାହା ୨୦୨ରୁ ଅଧିକ ବ୍ୟକ୍ତିଙ୍କୁ ନିଯୁକ୍ତି ପ୍ରଦାନ କରିବ।

⇨୨୦୫ କୋଟି ଟଙ୍କା ବିନିଯୋଗରେ ଏନର୍ଜି ଇଣ୍ଡୋ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ଝାରସୁଗୁଡ଼ାଠାରେ ୬ ମେଗାୱାଟ୍ ସହ ଉତ୍ପାଦନ ବିଦ୍ୟୁତ୍ ଉତ୍ପାଦନ ସହିତ ଇଥାନଲ୍ ଉତ୍ପାଦନ ପାଇଁ ଦୈନିକ ୨୦୦ କିଲୋଲିଟର ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ଶସ୍ୟ ଆଧାରିତ ଡିଷ୍ଟିଲେରି ୟୁନିଟ୍, ଯାହା ୧୯୬ରୁ ଅଧିକ ବ୍ୟକ୍ତିଙ୍କ ପାଇଁ ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

⇨ ୧୩୪ କୋଟି ବିନିଯୋଗରେ ସ୍ୱସ୍ତି ପ୍ରିମିୟମ ଦ୍ୱାରା ପୁରୀରେ ସ୍ୱସ୍ତି ପ୍ରିମିୟମ ବିଚ୍ ରିସର୍ଟ ନାମକ ଏକ ଭବ୍ୟ ପଞ୍ଚତାରକା ରିସର୍ଟ ହେଉଛି। ଯାହା ୩୧୦ ରୁ ଅଧିକ ବ୍ୟକ୍ତିଙ୍କ ପାଇଁ ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

⇨ବଡ଼ବିଲ, କେଉଁଝରଠାରେ ଜିଭି ମାଇନ୍ସ ଆଣ୍ଡ ମେଟାଲ ପକ୍ଷରୁ ବାର୍ଷିକ ୩ ମିଲିୟନ ମେଟ୍ରିକ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ୯ କିଲୋମିଟର ଦୀର୍ଘ ଆଇରନ ଓର୍ କନ୍‌ଭେଇଂ କାପାସିଟି ଯାହା ୧୦୪.୪୮ କୋଟି ନିବେଶ ସହ ୨୩୮ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବ।

⇨ ୯୯.୮୦ କୋଟି ବିନିଯୋଗରେ ଖୋର୍ଦ୍ଧାର ଗିରିଙ୍ଗାପୁଟରେ ଏକ ଲଜିଷ୍ଟିକ୍ ପାର୍କ। ଏହା ୨୩୪ରୁ ଅଧିକ ବ୍ୟକ୍ତିଙ୍କ ପାଇଁ ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

⇨ ୬୩.୩୦ କୋଟି ବିନିଯୋଗରେ ଭୁବନେଶ୍ୱର, ଖୋର୍ଦ୍ଧା ଠାରେ ଏକ ୪ ତାରକା ହୋଟେଲ ପ୍ରାଚୀ ରିସର୍ଟ ପ୍ରାଇଭେଟ ଲିମିଟେଡ୍, ଯାହା ୮୫ରୁ ଅଧିକ ବ୍ୟକ୍ତିଙ୍କ ପାଇଁ ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।


⇨୧୦ କୋଟି ଟଙ୍କା ମୂଲ୍ୟରେ କଟକ ରାମଦାସପୁରଠାରେ ବିଶ୍ୱେଶ୍ୱର ଫୁଡ୍ ଦ୍ୱାରା ପ୍ୟାକେଜ୍ ହୋଇଥିବା ଖାଦ୍ୟ ଏବଂ ମସଲା କାରଖାନା, ଯାହା ୧୬୧ରୁ ଅଧିକ ବ୍ୟକ୍ତିଙ୍କ ପାଇଁ ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

⇨ ୯.୭୦ କୋଟି ବିନିଯୋଗରେ ଛତାବର, ଖୋର୍ଦ୍ଧାରେ ମେଜରଏକ୍ସ ଗ୍ଲୋବାଲ ଦ୍ୱାରା ଇସ୍ପାତ ଶିଳ୍ପ ପାଇଁ ଇଲେକ୍ଟ୍ରିକାଲ୍ ସେନ୍ସର ପାଇଁ ଏକ ଉତ୍ପାଦନ ୟୁନିଟ, ଯାହା ୫୬ରୁ ଅଧିକ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

⇨ ୨.୯୮ କୋଟି ଟଙ୍କା ବିନିଯୋଗରେ ଛତାବର, ଖୋର୍ଦ୍ଧା ସାଇପ୍ରତୀକ ଇଣ୍ଡଷ୍ଟ୍ରିଜ ଦ୍ୱାରା ଅଠା ପ୍ରସ୍ତୁତକାରୀ କାରଖାନା। ଏହା ୩୨ରୁ ଅଧିକ ବ୍ୟକ୍ତିଙ୍କ ପାଇଁ ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

# ସଂକ୍ରମଣରୁ ରକ୍ଷା ଦେବ ନେଚରପାଥି ଚିକିତ୍ସା

ନୂଆଦିଲ୍ଲୀ,୧୦।୧



ଗତ ୨ ବର୍ଷ ହେବ ସାରା ବିଶ୍ୱରେ ଏକ ପ୍ରକାର ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଏଭଳି ଏକ ସଂକ୍ରମଣ ସହିତ ବିଶ୍ୱର ସମଗ୍ର ମେଡିକାଲ ସିଷ୍ଟମ ଏବଂ ଇଣ୍ଡଷ୍ଟ୍ରିଗୁଡିକ ଏକାଠି ହୋଇ କୋଭିଡ୍ ସଂକ୍ରମଣର ଔଷଧ ତିଆରି କରିବାରେ ସକ୍ଷମ ହୋଇନାହାନ୍ତି। ଫଳରେ ସଂକ୍ରମଣର ନୂଆ ରୂପ 'ଓମିକ୍ରନ୍' ମାମଲା ଦେଶରେ ବର୍ତ୍ତମାନ ଅନିୟନ୍ତ୍ରିତ ହୋଇଯାଉଛି। ମାତ୍ର ୧୧ ଦିନ ମଧ୍ୟରେ ସଂକ୍ରମଣର ମାମଲା ଦ୍ରୁତଗତିରେ ବୃଦ୍ଧି ପାଇଛି। ବର୍ତ୍ତମାନ ଏହା ଯୋଗୁ ୧ଲକ୍ଷରୁ ଅଧିକ ଲୋକ ସଂକ୍ରମିତ ହେଉଛନ୍ତି। ଏଭଳି ପରିସ୍ଥିତିରେ କାଶ, ଶୁଖିଲା ଗଳା, ସାମାନ୍ୟ ଋତୁଜନିତ ସମସ୍ୟା ଭାବରେ ଜ୍ୱର,ମୁଣ୍ଡବିନ୍ଧା କିମ୍ବା ଥକ୍କାପଣକୁ ବିଚାର ନ କରିବାକୁ ପରାମର୍ଶ ଦିଆଯାଇଛି। ଓମିକ୍ରନ୍ ସଂକ୍ରମଣର ଏହା ହେଉଛି ମୁଖ୍ୟ ଲକ୍ଷଣ ଯାହା ତୃତୀୟ ଦିନରୁ ଦେଖାଯାଉଛି। ନିକଟରେ ଗଣମାଧ୍ୟମ ସହିତ ସାମ୍ପ୍ରତିକ କଥାବାର୍ତ୍ତା ସମୟରେ ସ୍ୱାମୀ ରାମଦେବ କହିଥିଲେ, ଏଥର ମଧ୍ୟ ଯୋଗ, ଆୟୁର୍ବେଦ ଏବଂ ନେଚରପାଥି ଚିକିତ୍ସା ହେଉଛି ଏହି ରୋଗର ଏକମାତ୍ର ସମାଧାନ।

ଏ ସମ୍ପର୍କରେ ଯୋଗ ଗୁରୁ ରାମଦେବ ହରିଦ୍ୱାରର ପତଞ୍ଜଳି ଅନୁସନ୍ଧାନ ପ୍ରତିଷ୍ଠାନର ରିସର୍ଚ୍ଚ ଲାବରେଟୋରିରୁ ସିଧାସଳଖ ଗଣମାଧ୍ୟମକୁ ସମ୍ବୋଧିତ କରି କହିଥିଲେ, ପତଞ୍ଜଳି ଗତ ୨୦ ମାସ ମଧ୍ୟରେ ୨୦ରୁ ଅଧିକ ଅନ୍ତର୍ଜାତୀୟ ପ୍ରକାଶନ କରି ଏକ ନୂତନ ରେକର୍ଡ ସୃଷ୍ଟି କରିଛି।


# ବିଜିୟୁ ଯୋଗାଯୋଗ ଢାଞ୍ଚା ଓ ପ୍ରଯୁକ୍ତି ବିଦ୍ୟାରେ ଏଫ୍‌ଡିପି

ଭୁବନେଶ୍ୱର,୧୦।୧

ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ (ବିଜିୟୁ)ର ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନ ପକ୍ଷରୁ ଅଧ୍ୟାପିକା ଅଧ୍ୟାପକ, ଗବେଷକ ତଥା ଗଣମାଧ୍ୟମ କର୍ମୀମାନଙ୍କ ପାଇଁ ଏକ ସପ୍ତାହ ବ୍ୟାପୀ ଫାକଲ୍ଟି ଡେଭେଲପମେଣ୍ଟ କାର୍ଯ୍ୟକ୍ରମ (ଏଫ୍‌ଡିପି)ର ଆୟୋଜନ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି.ପି.ମାଥୁର ଏହାର ଉଦ୍‌ଘାଟନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ବେନେଟ୍ ୟୁନିଭର୍ସିଟିର ଟାଇମ୍ସ ସ୍କୁଲ ଅଫ୍ ମିଡିଆ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ସୁନୀଲ ସକ୍‌ସେନା ଯୋଗଦେଇ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କହିଛନ୍ତି, ନୂତନ ଜ୍ଞାନକୌଶଳର ପ୍ରଭାବ ଏବଂ ବୃତ୍ତିଗତ ତାଲିମର ଆଭିମୁଖ୍ୟ ହେତୁ ସାମ୍ବାଦିକତା ଏବଂ ଗଣ ଯୋଗାଯୋଗ ଶିକ୍ଷା ବିକଶିତ ହୋଇପାରିଛି। ସେହିପରି ପ୍ରଫେସର ପି.ପି. ମାଥୁର ତାଙ୍କ ଉଦ୍‌ଘାଟନୀ ଉଦ୍‌ବୋଧନରେ କହିଛନ୍ତି, ବର୍ତ୍ତମାନର ଗଣମାଧ୍ୟମ ଶିକ୍ଷା ଅଧିକ ଶିଳ୍ପ ଏବଂ ଦକ୍ଷତାଭିତ୍ତିକ ହେବା ଉଚିତ ଏବଂ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପାଠ୍ୟକ୍ରମଟି ପ୍ରସ୍ତୁତ ହେବା ଉଚିତ। ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ବି.କେ.ଦାସ କହିଛନ୍ତି, ସାମ୍ବାଦିକଙ୍କ ଭୂମିକା ଅତ୍ୟନ୍ତ ଆହ୍ୱାନପ୍ରଦ। ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନର ଡିନ ପ୍ରଫେସର ଜେ.ଏସ୍. ଗିରିରାଓ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ। ଦେଶ ଏବଂ ଦେଶ ବାହାରୁ ୪୦ଜଣ ଅଂଶଗ୍ରହଣକାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଡ. ସତ୍‌ନାମ ସିଂହ ଏବଂ ଡ. ଜ୍ଞାନରଞ୍ଜନ ମିଶ୍ର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଜାନୁୟାରୀ ୧୨ରେ 'ପରୀ'ର ପ୍ରତିଷ୍ଠାତା ତଥା ବିଶିଷ୍ଟ ସାମ୍ବାଦିକ ପି.ସାଇନାଥ ଉଦ୍‌ଯାପନୀ ଅଭିଭାଷଣ ପ୍ରଦାନ କରିବେ।

## ଫୁର୍‌ସତ୍

# ସବୁଜ ବିପ୍ଳବର ପ୍ରୋତ୍ସାହକ


ଲାଲ ବାହାଦୁର ଶାସ୍ତ୍ରୀ

**ଦେଶରେ** ପ୍ରଥମେ ଜୟ ଯବାନ, ଜୟ କିଷାନ ସ୍ଲୋଗାନ୍ ଆରମ୍ଭ କରିଥିବା ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଗୁଜରାଟ ଆନନ୍ଦର ଅମୁଲ ଦୁଗ୍ଧ ସମବାୟ ସମିତିକୁ ସମର୍ଥନ କରି ଏବଂ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଗଠନ କରି ଦୁଗ୍ଧର ଉତ୍ପାଦନ ତଥା ଯୋଗାଣ ବୃଦ୍ଧି ପାଇଁ ଏକ ଜାତୀୟ ଅଭିଯାନ ଆରମ୍ଭ କରିଥିଲେ। ଏହା ସହିତ ଭାରତର ଖାଦ୍ୟ ଉତ୍ପାଦନକୁ ବୃଦ୍ଧି କରିବାର ଆବଶ୍ୟକତାକୁ ଦର୍ଶାଇ ଶାସ୍ତ୍ରୀ ୧୯୬୫ରେ ଭାରତରେ ସବୁଜ ବିପ୍ଳବକୁ ମଧ୍ୟ ପ୍ରୋତ୍ସାହିତ କରିଥିଲେ। ବିଶେଷ କରି ତାଙ୍କ ସମୟରେ ପଞ୍ଜାବ, ହରିୟାଣା ଏବଂ ଉତ୍ତରପ୍ରଦେଶରେ ଖାଦ୍ୟଶସ୍ୟ ଉତ୍ପାଦନରେ ବୃଦ୍ଧି ଘଟିଥିଲା। ସେ ଭଲ ଭାବେ ହୃଦୟଙ୍ଗମ କରିଥିଲେ ଯେ, ଦେଶର ସୁରକ୍ଷା ଏବଂ ଖାଦ୍ୟ ନିରାପତ୍ତା ଉଭୟ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ। ୧୯୦୪ ଅକ୍ଟୋବର ୨ରେ ମୁଗଲସରାଇଠାରେ ଲାଲ୍ ବାହାଦୂର ଜନ୍ମଗ୍ରହଣ କରିଥିଲେ। ଶାରଦା ପ୍ରସାଦ ଶ୍ରୀବାସ୍ତବ ଏବଂ ମାତା ରାମଦୁଲାରୀ ଦେବୀଙ୍କୁ ଅତି ସ୍ନେହ କରୁଥିଲେ। ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧରେ ସେ ଦେଶବାସୀଙ୍କ ମନୋବଳ ବଢ଼ାଇବା ପାଇଁ "ଜୟ ଯବାନ, ଜୟ କିଷାନ" ସ୍ଲୋଗାନ୍ ଦେଇଥିଲେ। ୧୦ ଜାନୁୟାରୀ ୧୯୬୬ରେ ତାସକେଣ୍ଟ ଚୁକ୍ତିନାମା ସହିତ ଯୁଦ୍ଧ ଶେଷ ହୋଇଥିଲା। ଜାନୁୟାରୀ ୧୧ରେ ତାଙ୍କର ହୃଦ୍‌ଘାତରେ ପରଲୋକ ଘଟିଥିଲା।

# ନର୍କର ଦ୍ୱାର ବନ୍ଦ ହେବ

**ଅଶ୍‌ଗାବତ୍:** ତୁର୍କମେନିସ୍ତାନରେ ଏକ ବଡ ଗର୍ତ୍ତ ରହିଛି, ଯାହାକୁ ନର୍କର ଦ୍ୱାର ବୋଲି କୁହାଯାଉଛି। ଏହାର ଚଉଡା ୨୩୦ ଫୁଟ ଅଟେ। ୫୦ ବର୍ଷ ହେଲାଣି ଏହି ଗର୍ତ୍ତରେ ନିଆଁ ଜଳୁଛି। ଏହି ଗର୍ତ୍ତଟି ଅଶ୍‌ଗାବତ୍ ସହରଠୁ ୧୬୦ ମାଇଲ ଦୂର କାରାକୁମ ମରୁଭୂମିରେ ରହିଛି। ଏହି ଗର୍ତ୍ତରୁ ବାହାରୁଥିବା ଧୂଆଁ ଯୋଗୁ ବାୟୁ ପ୍ରଦୂଷଣ ହେବା ସହ ଲୋକଙ୍କ ସ୍ୱାସ୍ଥ୍ୟ ହାନି ହେଉଛି। ଏନେଇ ତୁର୍କମେନିସ୍ତାନର ରାଷ୍ଟ୍ରପତି ଗୁର୍ବାନଗୁଲି ବର୍ଦୀମୁହାମେଦୋ ବିଶ୍ୱ ଏକ୍ସପର୍ଟଙ୍କୁ ଡାକି ଏହି ଗର୍ତ୍ତକୁ ବନ୍ଦ କରିବାକୁ ତାଙ୍କ ମନ୍ତ୍ରୀମାନଙ୍କୁ ଆଦେଶ ଦେଇଛନ୍ତି। କୁହାଯାଉଛି କି ଏହି ଗର୍ତ୍ତ ଆଗରୁ ଏଠି ନ ଥିଲା। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ତେଲ ଏବଂ ପ୍ରାକୃତିକ ଗ୍ୟାସର ଆବଶ୍ୟକତା ହେତୁ ବୈଜ୍ଞାନିକମାନେ ମରୁଭୂମିରେ ଗାତ ଖୋଳି ତେଲ ଖୋଜିବାକୁ ଲାଗିଲେ। ଯେଉଁ ସ୍ଥାନକୁ ଖୋଳିଥିଲେ ସେଠାର ବଡ ଗର୍ତ୍ତ ହେବା ସହ ସେଥିରୁ ମିଥେନ ଗ୍ୟାସ ବାହାରିବାକୁ ଲାଗିଲା। ବାୟୁମଣ୍ଡଳ ପ୍ରଦୂଷିତ ନ ହେବା ପାଇଁ ସେମାନେ ମିଥେନ୍ ଗ୍ୟାସ୍‌ରେ ନିଆଁ ଲଗାଇଦେଲେ, ଯାହାକି ୫୦ ବର୍ଷ ହେଲାଣି ଜଳୁଛି।


# ପ୍ରେମରେ ପଡ଼ିଲେ କି ସଲମାନ


ସଲମାନ ଖାନ୍


ସାମନ୍ଥା ଲକଉଡ

**ମୁମ୍ବାଇ:** ପ୍ରେମ ବ୍ୟାପାରରେ ଦବଙ୍ଗ ଖାନ ସଲମାନଙ୍କ କନେକ୍ସନ ବହୁତ ଗଭୀର। ସବୁବେଳେ ପ୍ରେମ ଖବରକୁ ନେଇ ସେ ଚର୍ଚ୍ଚାରେ ରହିଥାନ୍ତି। ମାତ୍ର ନିଜକୁ ସବୁବେଳେ ସିଙ୍ଗଲ କୁହନ୍ତି ସଲ୍ଲୁ। ଏବେ ସଲମାନଙ୍କ ସହ ଆଉ ଜଣେ ହଲିଉଡ ଅଭିନେତ୍ରୀଙ୍କ ନାଁ ଶୁଣିବାକୁ ମିଳୁଛି। ଏହି ଅଭିନେତ୍ରୀ ହେଲେ ସାମନ୍ଥା ଲକଉଡ। ଦୁଇଜଣଙ୍କ ରିଲେସନଶିପ୍‌କୁ ନେଇ ବି' ଟାଉନ୍‌ରେ ଚର୍ଚ୍ଚା। ଶୁଣିବାକୁ ମିଳୁଛି. ସାମନ୍ଥା ସଲମାନଙ୍କ ନୂଆ ପ୍ରେମିକା। ଏନେଇ ଯଦିଓ ସଲମାନ ମୁହଁ ଖୋଲି ନାହାନ୍ତି, ସାମନ୍ଥା କହିଛନ୍ତି ଲୋକେ ବହୁତ କିଛି ଭାବି ଦେଉଛନ୍ତି। ମୋତେ ଲାଗୁଛି କିଛି ନ ହୋଇ ବି ଲୋକେ କହୁଛନ୍ତି। ମୁଁ ସଲମାନଙ୍କୁ ଭେଟିଛି। ସେ ବହୁତ ଭଲ ବ୍ୟକ୍ତିତ୍ୱ। ସେ ଆହୁରି ମଧ୍ୟ କହିଛନ୍ତି, ମୁଁ ଜାଣିପାରୁନି ଏତେ ଭଲ ଲୋକଙ୍କ ବିଷୟରେ ଲୋକେ ଏମିତି କହିବା ପାଇଁ ଆଇଡିଆ କେଉଁଠୁ ପାଉଛନ୍ତି? ସେ କହିଛନ୍ତି, ମୋର ଉଦ୍ଦେଶ୍ୟ ଥିଲା ମୁଁ ସଲମାନ ଆଉ ହ୍ରିତିକ୍ ରୋଶନଙ୍କୁ ଭେଟିବି। ମାତ୍ର ହ୍ରିତିକ ଆଉ ମୋତେ ନେଇ ତ କେହି କିଛି କହୁନାହାନ୍ତି। ସଲମାନଙ୍କୁ ନେଇ ଏମିତି କାହିଁକି କହୁଛନ୍ତି। ସେ କହିଛନ୍ତି, ସଲମାନଙ୍କ ଫିଲ୍ମ 'ସୁଲତାନ' ତାଙ୍କର ସବୁଠୁ ପ୍ରିୟ ଚଳଚ୍ଚିତ୍ର। କିଛିଦିନ ତଳେ ସାମନ୍ଥା ସଲମାନଙ୍କ ଜନ୍ମଦିନରେ ତାଙ୍କ ଫାର୍ମହାଉସରେ ଉପସ୍ଥିତ ଥିଲେ। ସେ ଏହା ପୂର୍ବରୁ ସଲମାନଙ୍କୁ ୨-୩ ଥର ବି ଭେଟିଥିବା କହିଛନ୍ତି। ଗତମାସରେ ସେ ଯେତେବେଳେ ମୁମ୍ବାଇ ଆସିଥିଲେ ସେତେବେଳେ ହ୍ରିତିକ୍‌ଙ୍କୁ ଭେଟିଥିଲେ। ଏହା ପରେ ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ହ୍ରିତିକ୍‌ଙ୍କ ସହ ଫଟୋ ଶେୟାର କରିଥିଲେ।

# ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସର-୨ ବିଜୟିନୀ ସୌମ୍ୟା କାମ୍ବଲେ



**ମୁମ୍ବାଇ:** ବହୁ ଚର୍ଚ୍ଚିତ ଶୋ' ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସର-୨ରେ ଜଜ୍ ଏବଂ ଦର୍ଶକଙ୍କୁ ନିଜ ବେଲି ଡ୍ୟାନ୍ସ ଯାଦୁ ଦେଖାଇ ଆସୁଥିବା ସୌମ୍ୟା କାମ୍ବଲେ ସମସ୍ତଙ୍କ ପ୍ରତିଯୋଗୀଙ୍କୁ ପଛରେ ପକାଇ ଶୋ'ର ବିଜୟିନୀ ହୋଇଛନ୍ତି। ପୁରସ୍କାର ରାଶି ବାବଦକୁ ତାଙ୍କୁ ୧୫ ଲକ୍ଷ ଟଙ୍କା ସହ ମିଳିଛି ଏକ କାର। ଶୋ'ରେ ରନର୍ସ ଅପ୍ ଗୌରବ ସରୱନ୍‌ଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବାବେଳେ ସୌମ୍ୟାଙ୍କ କୋରିଓଗ୍ରାଫର୍‌ଙ୍କୁ ବର୍ତ୍ତିକା ଝାଙ୍କୁ ୫ ଲକ୍ଷ ଟଙ୍କା ମିଳିଛି। ଶୋ'ରେ ଟେରେନ୍ସ ଲୁଇସ୍, ଗୀତା କପୁର, ମଲାଇକା ଅରୋରା ବିଚାରପତି ଦାୟିତ୍ୱ ତୁଲାଇଥିଲେ। ଗ୍ରାଣ୍ଡ୍ ଫିନାଲେ ପରେ ସୌମ୍ୟା ଏବଂ ରନର୍ସ ଅପ୍ ଗୌରବ ଅସୁସ୍ଥତା କାରଣରୁ ପୁରସ୍କାର ନେବା ପାଇଁ ପହଞ୍ଚିପାରି ନ ଥିଲେ। ଦୁହେଁ ଭିଡିଓ କଲ୍ ମାଧ୍ୟମରେ ଶୋ'ରେ ଯୋଡି ହୋଇଥିବାବେଳେ ସୌମ୍ୟାଙ୍କ ବାପା ଟ୍ରଫି ଗ୍ରହଣ କରିଥିଲେ। ଶୋ'ରେ ସୌମ୍ୟା ବେଲି ଡ୍ୟାନ୍ସର ବୋଲି ବେଶ୍ ଜଣାଶୁଣା ଥିଲେ। ଆଶା ଘୋସଲେ ତାଙ୍କୁ ଶୋ'ରୋ 'ଛୋଟି ହେଲେନ୍' ବୋଲି କହିଥିଲେ। ଏଥିସହ ତାଙ୍କୁ 'ନଟରାଜନ' ଉପହାର ସ୍ୱରୂପ ଦେଇଥିଲେ। ଭବିଷ୍ୟତରେ ଯାହା ବି କଲେ ଡ୍ୟାନ୍ସ ତାଙ୍କ ଜୀବନର ପାଇଁ ଏକ ଅବିଚ୍ଛେଦ୍ୟ ଅଙ୍ଗ ରହିବ ବୋଲି ସୌମ୍ୟା କହିଛନ୍ତି। ଏହାସହ ସେ ଜଜ୍ ଏବଂ ଦର୍ଶକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ୨୦୬୦ ବର୍ଗ କିଲୋମିଟର ଅଞ୍ଚଳ ଜନଶୂନ୍ୟ



**କାଏରୋ:** ଜାଗା ପାଇଁ ସମସ୍ତଙ୍କ ମଧ୍ୟରେ କଳି ଝଗଡା ଲାଗୁଛି। ଏମିତି ମଧ୍ୟ ଦେଶ ଦେଶ ମଧ୍ୟରେ ମାତ୍ର କିଛି ଜାଗା ପାଇଁ ଯୁଦ୍ଧ ହେଉଛି। କିନ୍ତୁ ଏପରି ଏକ ସ୍ଥାନ ରହିଛି, ଯାହାକୁ କୌଣସି ଦେଶ ମଧ୍ୟ ନିଜର କରିବାକୁ ଚାହାଁନ୍ତିନି। ଆଫ୍ରିକାର ମିସ୍ର ଏବଂ ସୁଡାନ ସୀମାରେ ଥିବା ୨୦୬୦ ବର୍ଗ କିଲୋମିଟର ଅଞ୍ଚଳ ବୀର ତାବିଲ ନାମରେ ଜଣାଶୁଣା। ୧୮୯୯ରେ ବ୍ରିଟେନ ମିସ୍ର ଏବଂ ସୁଡାନର ସୀମା ନିର୍ଦ୍ଧାରିତ କରିବାବେଳେ ଏହି ୨ ଦେଶ ସେହି ସ୍ଥାନ ପାଇଁ ଅଧିକାର ମାଗି ନ ଥିଲେ। ପ୍ରକୃତରେ ସେହି ମରୁଭୂମିରେ ପାଣି, ଗଛ ନ ଥିବା ଯୋଗୁ ତାହା ମନୁଷ୍ୟ କିମ୍ବା କୌଣସି ଜୀବଜନ୍ତୁ ପାଇଁ ବାସଯୋଗ୍ୟ ନୁହେଁ। ସେଠାରେ ବହୁତ ଗରମ କାରଣରୁ ତାହା ଜନଶୂନ୍ୟ ଅଟେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୦,୮୨,୬୩,୪୭୫ | ୫୫,୦୭,୮୧୧ | ୨୫,୯୭,୬୩,୪୯୦ |
| ଭାରତ | ୩,୫୭,୦୮,୪୪୨ | ୪,୮୩,୯୩୬ | ୩,୪୫,୦୦,୧୭୨ |
| ଓଡ଼ିଶା | ୧୦,୭୫,୬୯୮ | ୮୪୬୮(+୫୩) | ୧୦,୪୭,୦୩୧ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ହାଇକୋର୍ଟରେ ରାଜ୍ୟ ସରକାରଙ୍କ ଜବାବ ଦାଖଲ

## ପଞ୍ଚାୟତ ନିର୍ବାଚନରେ ଏସ୍‌ଟିଙ୍କ ପାଇଁ ସଂରକ୍ଷଣ ମାମଲା

**କଟକ ଅଫିସ,୧୦।୧:** ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଆଦିବାସୀ(ଏସ୍‌ଟି)ଙ୍କ ପାଇଁ ସଂରକ୍ଷଣ ପ୍ରସଙ୍ଗକୁ ନେଇ ଦାଏର ମାମଲାରେ ସୋମବାର ରାଜ୍ୟ ସରକାର ହାଇକୋର୍ଟରେ ଜବାବ ଦାଖଲ କରିଛନ୍ତି। ଏ ନେଇ ରାଜ୍ୟ ନିର୍ବାଚନ କମିଶନ ଓ ପଞ୍ଚାୟତିରାଜ ବିଭାଗ ପ୍ରମୁଖ ସଚିବଙ୍କୁ ଖଣ୍ଡପୀଠ ପୂର୍ବରୁ ନୋଟିସ ଜାରି କରିଥିଲେ। ସୁବର୍ଣ୍ଣପୁର ଓ ଖୋର୍ଦ୍ଧା ଜିଲା ସମେତ ରାଜ୍ୟର ୨୩ଟି ଜିଲାରେ ଏସ୍‌ଟିଙ୍କ ପାଇଁ ସଂରକ୍ଷଣ ନ ଥିବା ପ୍ରସଙ୍ଗରେ ସରକାର ସତ୍ୟପାଠ ଜରିଆରେ ଜବାବ ରଖିଛନ୍ତି। ପରବର୍ତ୍ତୀ ଶୁଣାଣି ସୁଦ୍ଧା ଆବେଦନକାରୀ ପ୍ରତିଜବାବ ଦାଖଲ କରିବା ପାଇଁ ବିଚାରପତି ବିଶ୍ୱନାଥ ରଥ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭ତାରିଖକୁ ଅଦାଲତ ଧାର୍ଯ୍ୟ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଖୋର୍ଦ୍ଧା ଜିଲାରେ ୧୯୦ଟି ଏବଂ ସୁବର୍ଣ୍ଣପୁର ଜିଲାରେ ୧୦୯ଟି ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ପ୍ରକାଶିତ ସଂରକ୍ଷଣ ତାଲିକାରେ ସରପଞ୍ଚ ପଦବୀରେ ଏସ୍‌ଟି ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ନାହିଁ। ଏପରି କି ଉକ୍ତ ଜିଲା ସମେତ ରାଜ୍ୟର ୨୩ ଜିଲାରେ ଆଦିବାସୀଙ୍କ ନିମନ୍ତେ ସରପଞ୍ଚ ପଦବୀ ପାଇଁ କୌଣସି ସଂରକ୍ଷଣ ନ ଥିବା ନେଇ ଆବେଦନରେ ଦର୍ଶାଯାଇଥିଲା। ଯାହାଦ୍ୱାରା ସେମାନଙ୍କର ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେଉଛି। ଉକ୍ତ ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ତାଲିକାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ସୁବର୍ଣ୍ଣପୁର ଜିଲାର ବଳଭଦ୍ର କୁଅଁର ଓ ଖୋର୍ଦ୍ଧା ଜିଲାର ଟୁକୁ ମାଝିଙ୍କ ସମେତ ଅନ୍ୟ ୫ଜଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଛାତ୍ର ନେତା ଇତିଶଙ୍କ ସମେତ ୨ ଗିରଫ

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

### କଂଗ୍ରେସ ଭବନ ନିଆଁ ଲାଗିବା ଘଟଣା



କଂଗ୍ରେସ ଭବନରେ ପେଟ୍ରୋଲ ପକାଇ ନିଆଁ ଲଗାଇବା ଘଟଣାରେ କ୍ୟାପିଟାଲ ଥାନା ପୋଲିସ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଛାତ୍ରନେତା ତଥା ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଇତିଶ ପ୍ରଧାନ (୩୨) ଓ ପ୍ରସନ୍ନଜିତ୍ ମାଲ୍ଲା (୩୫)। ଏ ସମ୍ପର୍କରେ କମିଶନରେଟ ପୋଲିସ ପ୍ରେସ୍ ବିଜ୍ଞପ୍ତି ଜାରି କରି ସୂଚନା ଦେଇଛି। ତେବେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଆହୁରି ଏକାଧିକଙ୍କ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରି ତଦନ୍ତ ଜାରି ରଖିଛି।

ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ଅଭିଯୋଗକ୍ରମେ ପୋଲିସ ଏହି ପଦକ୍ଷେପ ନେଇଛି। ଅଭିଯୋଗ ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଇତିଶ ଓ ତାଙ୍କ ସହଯୋଗୀ କଂଗ୍ରେସ ଭବନ ପରିସରରେ ପଶି ଛାତ୍ର କଂଗ୍ରେସ ପ୍ରକୋଷ୍ଠକୁ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ। ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ପୋଡ଼ି ନଷ୍ଟ କରିଦେଇଥିଲେ। ଏଥିସହ କଂଗ୍ରେସ ଭବରେ ଥିବା କର୍ମୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇଥିଲେ। ଖବର ପାଇ ଛାତ୍ର କଂଗ୍ରେସ ସଭାପତି ୟାସିର ସେଠାରେ ପହଞ୍ଚିବାରୁ ସେମାନେ ଖଣ୍ଡା ଓ ବନ୍ଧୁକ ଦେଖାଇ ଜୀବନରୁ ହତ୍ୟା କରିବାକୁ ଧମକ ଦେଇ ଜାଗା ଛାଡି ଚାଲିଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୧୯/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏଥିସହ ପୋଲିସ ରବିବାର ଘଟଣାସ୍ଥଳରୁ ପାଉଁଶ, ନଷ୍ଟ ହୋଇଥିବା ଅଫିସ୍ ସାମଗ୍ରୀ ସହିତ ଅଳ୍ପ ପେଟ୍ରୋଲ ଥିବା ଗୋଟିଏ ପ୍ଲାଷ୍ଟିକ ବୋତଲ ଜବତ କରିଥିଲା। ତେବେ ସନ୍ଧ୍ୟାରେ ଅଭିଯୁକ୍ତ ଇତିଶ ଆଉଏକ ବଡ଼ ଧରଣର ସଙ୍ଗବଦ୍ଧ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିବା ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହାପରେ କ୍ୟାପିଟାଲ ଓ ଶହୀଦନଗର ଥାନା ପୋଲିସ ସେମାନଙ୍କ ଖଟିରେ ଚଢାଉ କରିଥିଲା। ରମାଦେବୀ ବିଶ୍ୱବିଦ୍ୟାଳୟ ନିକଟରୁ ଇତିଶ ଓ ଅନ୍ୟକେତେଜଣଙ୍କୁ ପୋଲିସ ଧରିବା ସମୟରେ ସେଠାରେ ଉପସ୍ଥିତ ୧୦ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତି ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରୁ ପୋଲିସ କାଠ ଫାଳିଆ ଜବତ କରିଥିଲା।

ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ଇତିଶଙ୍କ ସମେତ ଅନ୍ୟ କେତେଜଣଙ୍କୁ କଂଗ୍ରେସରୁ ନିଲମ୍ବନ କରାଯାଇଥିଲା। ଏହାକୁ ନେଇ ଛାତ୍ର କଂଗ୍ରେସ କର୍ମୀଙ୍କ ମଧ୍ୟରେ ମତଭେଦ ଓ ଅସନ୍ତୋଷ ଦେଖାଦେଇଥିଲା। ପରବର୍ତ୍ତୀ ସମୟରେ ବିଶୃଙ୍ଖଳିତ ଆଚରଣ କରୁଥିବା କର୍ମୀ ଓ ଛାତ୍ର ନେତାଙ୍କୁ ମଧ୍ୟ ଦଳରୁ ନିଲମ୍ବନ କରାଯାଇଥିଲା। ତେଣୁ ଉକ୍ତ ଅସନ୍ତୁଷ୍ଟ ଗୋଷ୍ଠୀ ପ୍ରତିଶୋଧ ପରାୟଣ ହୋଇ ଏପରି କାଣ୍ଡ ଘଟାଇଥିବା ନେଇ ୟାସିର ପୋଲିସକୁ ଜଣାଇ ଆସୁଥିଲେ। ଶନିବାର ଘଟଣା ପରେ ପୋଲିସ ତଦନ୍ତବେଳେ ଇତିଶଙ୍କ ସମ୍ପୃକ୍ତି ନେଇ ସ୍ପଷ୍ଟ ହେବା ପରେ ତାଙ୍କୁ ଗିରଫ କରିଥିଲା।

# ଲାଟେରାଲ ଏଣ୍ଟ୍ରି ଫର୍ମୁଲା ଆପଣାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଲେ ଅମର

**ଭୁବନେଶ୍ୱର,୧୦।୧(ବ୍ୟୁରୋ):** ରାଜ୍ୟରେ ସରକାରୀ ଚାକିରି କରିବେ ଘରୋଇ କର୍ମଚାରୀ। କେନ୍ଦ୍ରର ଲାଟେରାଲ ଏଣ୍ଟ୍ରି ଫର୍ମୁଲା ଓଡ଼ିଶାରେ ଲାଗୁ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟ ସଭା ଏମ୍‌ପି ଅମର ପଟ୍ଟନାୟକ ଚିଠି ଲେଖି ପ୍ରସ୍ତାବ ଦେଇଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବିଭିନ୍ନ ଘରୋଇ ଅନୁଷ୍ଠାନରୁ ଦକ୍ଷତା ସମ୍ପନ୍ନ ବ୍ୟକ୍ତିଙ୍କୁ ଲାଟେରାଲ ଏଣ୍ଟ୍ରି ମାଧ୍ୟମରେ ସରକାରୀ ଚାକିରି ଦେବା ଲାଗି ପ୍ରସ୍ତାବ ରଖିଛନ୍ତି। ଏପରି ହେଲେ ରାଜ୍ୟ ପ୍ରଶାସନର ଦକ୍ଷତା ବୃଦ୍ଧି ପାଇବ ବୋଲି ସେ ଯୁକ୍ତି ରଖିଛନ୍ତି। କେନ୍ଦ୍ର ସରକାର ଗତ ୩ ବର୍ଷରେ ବିଭିନ୍ନ ମନ୍ତ୍ରଣାଳୟରେ ଲାଟେରାଲ ଏଣ୍ଟ୍ରି ଦେଇ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ସେ ଉଦାହରଣ ଦେଇଛନ୍ତି। ଏପରି କି କର୍ନାଟକ ସରକାର ମଧ୍ୟ ଏହି ନୀତି ଆପଣାଇଥିବା ସେ ଦର୍ଶାଇଛନ୍ତି।

# ହାଇକୋର୍ଟରେ ଦାରା ସିଂଙ୍କ ଆବେଦନ ଖାରଜ


**କଟକ ଅଫିସ,୧୦।୧:** ମୟୂରଭଞ୍ଜ ଜିଲାର ପଡ଼ିଆବେଡ଼ା ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲରେ ଥିବା ମୁଖ୍ୟ ଅଭିଯୁକ୍ତ ଦାରା ସିଂଙ୍କ ଆବେଦନକୁ ସୋମବାର ହାଇକୋର୍ଟ ଖାରଜ କରିଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ବି. ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକୁ ଖାରଜ କରିଦେବା ସହ ଏହି ମାମଲାରେ ମୟୂରଭଞ୍ଜ ଜିଲା କୋର୍ଟ ଦେଇଥିବା ଆଜୀବନ କାରାଦଣ୍ଡାଦେଶ ରାୟକୁ କାଏମ ରଖିଛନ୍ତି। ୧୯୯୯ ଅଗଷ୍ଟ ୨୬ରେ ଠାକୁରମୁଣ୍ଡା ଥାନା ଅଧୀନ ପଡ଼ିଆବେଡ଼ା ସାପ୍ତାହିକ ହାଟରେ ଚାନ୍ଦା ଆଦାୟକୁ କେନ୍ଦ୍ରକରି ଏକ ହତ୍ୟାକାଣ୍ଡ ଘଟିଥିଲା।

# ୫-ଟି ଯୋଜନାର ସଫଳ ରୂପାୟନ ଲାଗି ଗଠନ ହେଲା ଟିମ୍

**ଭୁବନେଶ୍ୱର,୧୦।୧(ବ୍ୟୁରୋ):** ସହରାଞ୍ଚଳରେ ୫-ଟି ଆଧାରରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର କିଭଳି ସଫଳ ରୂପାୟନ ଏବଂ ତଦାରଖ ହୋଇପାରିବ ସେଥିପାଇଁ ରାଜ୍ୟସ୍ତରୀୟ ୩ୟ ପକ୍ଷ ଗୁଣାତ୍ମକ ମାନ ନିର୍ଦ୍ଧାରଣ ଟିମ୍ ଗଠନ ହୋଇଛି। ଏହି କ୍ରମରେ ରାଜ୍ୟସ୍ତରୀୟ ୩ୟ ପକ୍ଷ ଗୁଣାତ୍ମକ ମାନ ନିର୍ଦ୍ଧାରଣ ଟିମ୍ ଦ୍ୱାରା ସହରାଞ୍ଚଳ ରାସ୍ତା ଭିତ୍ତିଭୂମି ନିର୍ମାଣ ପାଇଁ ଠିକ୍ ପଦକ୍ଷେପ ନେବା ସାଙ୍ଗକୁ ପୌରସଂସ୍ଥା ସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି।

ଏବେ ରାଜ୍ୟରେ ଥିବା ୧୧୪ ପୌରାଞ୍ଚଳରେ ୭୦୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ସହରାଞ୍ଚଳ ରାସ୍ତା ତଥା ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ନିମନ୍ତେ ପାଖାପାଖି ୫ ହଜାର କାର୍ଯ୍ୟ ଚାଲୁ ରହିଛି। ସହରାଞ୍ଚଳ ରାସ୍ତା ତଥା ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକାରୀ ହେଉଥିବା ସମସ୍ତ ଅଞ୍ଚଳକୁ ଭାରତ ସରକାରଙ୍କ ନ୍ୟାଶନାଲ କାଉନସିଲ ଅଫ୍ ସିମେଣ୍ଟ ଆଣ୍ଡ ବିଲ୍ଡିଂ ମ୍ୟାଟେରିଆଲ୍ସର କର୍ତ୍ତୃପକ୍ଷ ବିଭିନ୍ନ ଅଞ୍ଚଳ ଗସ୍ତକରି ନମୁନା ସଂଗ୍ରହକରି ନିଜର ତଥା ରାଜ୍ୟ ସରକାରଙ୍କ ପରୀକ୍ଷାଗାରରେ ତାହାର ପରୀକ୍ଷା କରାଯିବାର ଲକ୍ଷ୍ୟ ରହିଛି। ଏଭଳି ଯାଞ୍ଚ ସାରା ଦେଶରେ ପ୍ରଥମ। ଏଭଳି ଉଦ୍ୟମର ପରିକଳ୍ପନା କରିଥିବା ଏବଂ 'କାର୍ଯ୍ୟକ୍ରମ ସଂଖ୍ୟା ଅପେକ୍ଷା କାର୍ଯ୍ୟକ୍ରମର ଗୁଣାତ୍ମକ ମାନ' ଉପରେ ବିଶ୍ୱାସ ରଖୁଥିବା ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାଥନନ୍‌ଙ୍କ ନିର୍ଦ୍ଦେଶରେ ଠିକାଦାର ଏବଂ ଯନ୍ତ୍ରୀମାନଙ୍କୁ ନେଇ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ବ୍ୟକ୍ତିବିଶେଷ ଏଭଳି ଉଦ୍ୟମର ପ୍ରଶଂସା କରିଥିଲେ। ପୌର ପ୍ରଶାସକ ସଂଗ୍ରାମଜିତ ନାୟକ ଏଥିରେ ପୌରୋହିତ୍ୟ କରି ସହରାଞ୍ଚଳ ରାସ୍ତା ତଥା ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣର ଗୁଣାତ୍ମକ ମାନ ଯାଞ୍ଚ ସହରାଞ୍ଚଳର ରାସ୍ତା ତଥା ଅନ୍ୟାନ୍ୟ ଭିତ୍ତିଭୂମି ବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ମତବ୍ୟକ୍ତ କରିଥିଲେ। ସହରାଞ୍ଚଳରେ ହାତକୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ମାନ ବୃଦ୍ଧି ପାଇଁ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ନାୟକ କହିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ଶାସନ ସଚିବ ଭକ୍ତକବି ଦାଶଙ୍କୁ କାର୍ଯ୍ୟକ୍ରମର ତଦାରଖ ପାଇଁ ବିଭାଗ ପକ୍ଷରୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି।



**ଆଜିର ମନ୍ତବ୍ୟ**

"ହିନ୍ଦୀ ଭାଷା ବୁଝିବା ବେଶ ସରଳ। ଆମ ସଂସ୍କୃତି ଏବଂ ଜ୍ଞାନ ବିସ୍ତାରରେ ଏହାର ପ୍ରମୁଖ ଭୂମିକା ରହିଛି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଆହାନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଇପ ଆଗରେ ପାଇକପଣ
ଦାଣ୍ଡକୁ ଯିବାକୁ ନ ଥାଏ ଟାଣ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ଉପରେ ଅଯଥା ଟାଣପଣ ଦେଖେଇ ହୋଇଥା'ନ୍ତି, ବାହାଦୁରି ଦେଖେଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣକରି କଥା କହିବାକୁ ସାହସ ଜୁଟାଇ ପାରି ନ ଥା'ନ୍ତି। ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମୁକ୍ତିଆର,
ଯାହାର ଖାଇଲି ମୁହଁ ତାହାର।**

ନ୍ୟାୟ ନିଶାପ ବେଳେ ସାକ୍ଷୀଙ୍କ ଆବଶ୍ୟକତା ଦେଖାଦିଏ। ଯାହା ପକ୍ଷରେ ଯେତେ ଅଧିକ ସାକ୍ଷୀ ଓ ପ୍ରମାଣ ରହିଥାଏ, ତାହା ସପକ୍ଷରେ ନ୍ୟାୟ ମିଳିବାର ସେତେ ସମ୍ଭାବନା ବଢ଼ିଯାଇଥାଏ। କିଛି ବ୍ୟକ୍ତିଙ୍କ ନିଜତ୍ୱ ବୋଲି କିଛି ନ ଥାଏ। ଯାହାଠାରୁ କିଛି ଅଧିକ ମିଳିବାର ସମ୍ଭାବନା ରହିଥାଏ, ସେମାନେ ତାରି ପକ୍ଷ ନେବାରେ କୁଣ୍ଠିତ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ଆଫଗାନିସ୍ତାନ ସୀମାରେ ବିସ୍ଫୋରଣ: ୯ ଶିଶୁ ମୃତ

**କାବୁଲ, ୧୦।୧:** ଆଫଗାନିସ୍ତାନରେ ସୋମବାର ବୋମା ବିସ୍ଫୋରଣ ହୋଇଛି। ଏଥିରେ ୯ ଶିଶୁଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଜଣ ଗୁରୁତର ଅଛନ୍ତି। ନଙ୍ଗରହାର ପ୍ରଦେଶ ଲାଲୋପରଠାରେ ଏକ ସ୍କୁଲ ସମ୍ମୁଖରେ ଖାଦ୍ୟ ସାମଗ୍ରୀ ନେଇ ଯାଉଥିବା ଗାଡ଼ିରେ ବିସ୍ଫୋରଣ ହୋଇଥିବା ଗଭର୍ନର ଅଫିସ୍ ପକ୍ଷରୁ କୁହାଯାଇଛି। ଏହି ଗାଡିରେ ଏକ ମୋର୍ଟାର ରହିଥିବା ବୋଲି ଜଣାଯାଇଛି।


# classifieds Everyday
0674-2580101, 2549302

**real estate**

**SALE**

Plot for sale at Chhatabar per sq.ft @99/-. 8249017091, 9937816565. D-22771

ଭୁବନେଶ୍ୱର ଉତ୍ତରା କୃପାଜଳ କଲେଜ ପାଖରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9178660666. D-71929

ଘରବାରି ପ୍ଲଟ୍ ଧଉଳି ଶାନ୍ତିସ୍ତୁପ, ପିପିଲି ବଜାର ଏବଂ ଉତ୍ତରା (ମଗଲପୁର)ରେ ମିଳୁଛି। 93371-03361, 8249776268. D-22761

Bhubaneswar CRPରୁ ୧୨ କି.ମି. ଦୂରରେ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ ୬୫୦/-, ୯୦୦/-, ୧୫୫୦/-, ୪୦୦/- ବିକ୍ରିହେବ। 9938016295. D-71770

ଭୁବନେଶ୍ୱର ପିତାପଲ୍ଲୀଛକ Flyoverରୁ 400 Mtr. ଦୂରରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8338932027, 7848882166. D-71767

Property for sale at Badambadi Cuttack, commercial building (total built-12300 Sqft., 32 rooms with attached Bath) Land-3500 sqft. Contact: P. Swain 08249436455. D- 22747

ଭୁବନେଶ୍ୱରଉପକଣ୍ଠଭିଙ୍ଗାରପୁର **Oxford College** ଛକ ମୁଖ୍ୟ ପିଚୁରାସ୍ତାକୁ ଲାଗି **residential/ commercial** ଘରବାଡ଼ି ପ୍ଲଟ୍ **sqft.- 800/-** ବିକ୍ରିହେବ। **6370025920, 9937674302.** D-71774

**20 Gharabari developed plots, 30' internal road, Deras Dam 1k.m. Vikash Residential School side sqft.- 800/- with registration, mutation 5' boundary. Contact: 7008105759.** D-71768

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/ ନଖରା ତ୍ରିନାଥ ବଜାର sqft.- 220/- (out rate). 9776974912. D-73001

**ଭୁବନେଶ୍ୱର ଟଙ୍କପାଣି ରୋଡ୍ ସାଇ ମନ୍ଦିରରୁ 2.5K.M. ରଙ୍ଗବଜାର BJEM-2 କୁ ଲାଗି East Facing 1500sqft. 4BHK duplex built up area-2285 (Bank finance available) booking open- 9337088399.** D-71775

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

**ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 500 Mtr. ଦୂରରେ 30' Road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ sqft. 330/- 630/- ମିଳୁଛି । 8249243709, 7894433357.** D-71756

**construction**

**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757

**healthcare**

Ashirvaad Saloon and SPA get good massage for your health tha best therapy. 7077181074. D-71843

Full body massage in homely atmosphere all therapy. Contact: 8114881641. D-60894

All types massage refreshing your body mind expert lady therapy. 7008773793. D-71462

Newly open herbal full body massage center (expert therapist). 8280782273. D-71466

One hour any therapy by expert therapist @999 only. 9078484455. D-71465

Newly open Spa New Year Dhamaka @699/, smart therapist. 7846814019. D-71464

Newly open Spa Offer Price 599/-, positively health benefits. 8455987557. D-71463

Newly opening SPA positively health benefits with expert therapist. 8917332216. D-71928

Newly Open Saikrupa Panchakarma Spa positively health benefits with expert. 8984068077. D-22723

Newly open full body massage ladies and gents. 8327740003, 8455985899. D-71845

**LEGAL NOTICE**

Notice Under Order-5, rule-20, C.P.C. in The High Court of Orissa, Cuttack. I.A. No.- 818 of 2018 (Arising R.S.A No.- 440 of 2018)

Champa Behera (Dead) represented through her LRS ...Appellants

Versus

Parbati Behera (Dead) represented through her LRs and another .....Respondents

To

Proforma Respondent No.- 12 to 16

12. Radharani Behera, aged about 70 years, W/o- Late Sri Siba Behera, 13. Binu Behera, aged about 50 years, 14. Muni Behera @ Mini Behera, aged about 47 years, 15. Annapurna Behera, aged about 44 years, 16. Ahalya Behera, aged about 40 years S.I No.- 13 to 16 are daughters of Late Siba Behera, all are of Vill: Shankarpur, Nuasahi, P.S.- Madhupatna (Now Badambadi), Town/ Dist.- Cuttack.

Take notice that the present appeal has been preferred by the appellants against you challenging the judgement and decree passed in R.F.A. No.- 36 of 2014 of the Court of the District Judge, Cuttack and that the judgement and decree passed in C.S. No.- 148 of 2010 of the court of the then 2nd Additional Civil Judge (Sr. Division), Cuttack and inspite of issuance of limitation notice through registered post, the same could not be served on you. It is therefore notice that the aforesaid R.S.A. Stands adjourned to 24.02.2022. You are therefore directed to appear before the Hon'ble Court eigher in person or through your counsel on the date fixed, failing which the aforesaid case will be heard and disposed of in your absence.

Given under my hand and seal of the Court this the day of 2021

By Order of the Court
Sd/.- Resistrar (Judicial)
High Court of Orissa, Cuttack

Seal
Date:

D-22806

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ଆସନ୍ତା ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ନିର୍ବାଚନ କମିଶନରଙ୍କ ଉପସ୍ଥିତିରେ ସୋମବାର ଅନୁଷ୍ଠିତ ସର୍ବଦଳୀୟ ବୈଠକ।

## ପଞ୍ଚାୟତ ନିର୍ବାଚନ... ପ୍ରଥମ ପୃଷ୍ଠାରୁ...

ପଛୁଆ ବର୍ଗଙ୍କ ଲାଗି ଆସନ ସଂରକ୍ଷଣ ମାମଲା ନ ତୁଟିବା ଯାଏ ନିର୍ବାଚନ ସ୍ଥଗିତ ରହୁ ବୋଲି ଦାବି କରିଛନ୍ତି। ଏଥିସହିତ ଭୋଟର ତାଲିକାରେ ଥିବା ତ୍ରୁଟିକୁ ସଂଶୋଧନ କରିବା, ଭୋଟଗ୍ରହଣ କେନ୍ଦ୍ରରେ ସିସିଟିଭି ଲଗାଇବା ସହ ଦୀର୍ଘଦିନ ଧରି ଗୋଟିଏ ଜାଗାରେ ରହିଥିବା ଅଧିକାରୀମାନଙ୍କୁ ବଦଳି କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ବିଜେଡି କିନ୍ତୁ ନିର୍ବାଚନ ଘୁଞ୍ଚାଇବା ସପକ୍ଷରେ ନାହିଁ। ମାର୍ଚ୍ଚ ସୁଦ୍ଧା ପଞ୍ଚାୟତ ପ୍ରତିନିଧିମାନଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ଏହା ପୂର୍ବରୁ ନିର୍ବାଚନ ଶେଷ ହେବା ଆବଶ୍ୟକ ବୋଲି ପ୍ରସ୍ତାବ ଦେଇଛି। କୋଭିଡ୍ ନିୟମ ଆଧାରରେ ମତଦାନ ବ୍ୟବସ୍ଥା କରି ନିର୍ବାଚନକୁ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ କମିଶନଙ୍କ ନିକଟରେ ଦାବି ଜଣାଇଛି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ ନିର୍ବାଚନ କମିଶନର କହିଛନ୍ତି, କୋଭିଡ୍ ସ୍ଥିତିରେ ପଞ୍ଚାୟତ ନିର୍ବାଚନ କରାଯିବ କି ନାହିଁ ସେ ନେଇ ସବୁ ଦଳ ସେମାନଙ୍କ ମତାମତ ଦେଇଛନ୍ତି। ନିର୍ବାଚନ ନେଇ ଭାରତର ନିର୍ବାଚନ କମିଶନ (ସିଇସି) ଗାଇଡ୍‌ଲାଇନ କରିଛନ୍ତି। ସେହି ଆଧାରରେ ଆମେ ଗାଇଡ୍‌ଲାଇନ କରୁଛୁ। ଖୁବ୍‌ଶୀଘ୍ର ଏହା ଜାରି କରିବୁ। କୋଭିଡ୍ ନିୟମ ଆଧାରରେ ଅବାଧ ଓ ନିରପେକ୍ଷ ନିର୍ବାଚନ କରାଯିବ ବୋଲି ସେ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ବୈଠକରେ ଓବିସି ସଂରକ୍ଷଣ ସମେତ ୯ଟି ପ୍ରସ୍ତାବ ଦିଆଯାଇଛି। ରାଜ୍ୟରେ କୋଭିଡ୍ ସଂକ୍ରମଣ ବଢ଼ିବା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଉଥିବାରୁ ଆସନ୍ତା ୩ ମାସ ଯାଏ ନିର୍ବାଚନକୁ ସ୍ଥଗିତ ରଖିବାକୁ ଦାବି କରାଯାଇଛି। କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରା କହିଛନ୍ତି, ଆଦିବାସୀ ଏବଂ ପଛୁଆ ବର୍ଗଙ୍କ ଲାଗି ଆବଶ୍ୟକ ସଂରକ୍ଷଣ ବ୍ୟବସ୍ଥା ହୋଇ ନ ଥିବାରୁ ରାଜ୍ୟର ବିଭିନ୍ନ ଜିଲାରେ ବିରୋଧ ହେଉଛି। ସେମାନଙ୍କୁ ନ୍ୟାୟ ନ ଦେଇ ନିର୍ବାଚନ କରିବା ଉଚିତ ନୁହେଁ। କୋଭିଡ୍ ସଂକ୍ରମଣ ବଢୁଥିବାରୁ ଆଉ ୩ ମାସ ନିର୍ବାଚନ ଘୁଞ୍ଚାଇ ଦେବାକୁ କଂଗ୍ରେସ ଦାବି କରିଛି। ହେଲେ ଏହାକୁ କମିଶନର ଶୁଣୁ ନାହାନ୍ତି ବୋଲି ସେ କହିଛନ୍ତି। ବିଜେଡି ବରିଷ୍ଠ ନେତା ଅମର ପଟ୍ଟନାୟକ କହିଛନ୍ତି, ଲୋକମାନଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିବା ଉଚିତ ନୁହେଁ। କୋଭିଡ୍ ନିୟମ ଅନୁସାରେ ନିର୍ବାଚନ କରିବାକୁ କମିଶନଙ୍କ ନିକଟରେ ପ୍ରସ୍ତାବ ଦିଆଯାଇଛି।

ବୈଠକରେ କଂଗ୍ରେସରୁ ଗଣେଶ୍ୱର ବେହେରା ଓ ଶିବାନନ୍ଦ ରାୟ ଯୋଗ ଦେଇଥିବାବେଳେ ଭାଜପାରୁ ମୋହନ ଚରଣ ମାଝି, ବିଜେଡିରୁ ଅମର ପଟ୍ଟନାୟକ, ସିପିଆଇରୁ ରମେଶ ଚନ୍ଦ୍ର ପାଢ଼ୀ, ସିପିଆଇଏମ୍‌ରୁ ଦୁଷ୍ମନ୍ତ କୁମାର ପାଢ଼ୀ, ସମତା କ୍ରାନ୍ତି ଦଳରୁ ପ୍ରଭାସ ସାମନ୍ତରାୟ, ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାରୁ ରାମଚନ୍ଦ୍ର ହାଁସଦା, ଏନ୍‌ସିଏନ୍‌ଏସ୍‌ପିରୁ ଜଳଧର ନାୟକ, କଳିଙ୍ଗ ସେନାରୁ ହେମନ୍ତ ରଥ, ଆମ୍ ଆଦ୍‌ମୀ ପାର୍ଟିରୁ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ହାଇକୋର୍ଟରେ ଜନସ୍ୱାର୍ଥ...

ପଞ୍ଚାୟତ ସମିତି ଆଇନ ଓ ଜିଲା ପରିଷଦ ଆଇନର ଉଲ୍ଲଂଘନ ହେଉଛି। ଏଥିସହ ଭାରତୀୟ ସମ୍ବିଧାନର ଧାରା ୨୪୩-ଡି'ର ଉଲ୍ଲଂଘନ କରାଯାଇ ଆଶାୟୀ ଓବିସି ପ୍ରାର୍ଥୀଙ୍କୁ ନିର୍ବାଚନରେ ଭାଗ ନେବା ପାଇଁ ରାଜ୍ୟ ସରକାର ଜାଣିଶୁଣି ବଞ୍ଚିତ କରୁଛନ୍ତି। ଫଳରେ ଓବିସିବର୍ଗଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଉଛି। ତେଣୁ ଉକ୍ତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବାତିଲ କରାଯିବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି। ସେହିପରି ସମ୍ପ୍ରତି ରାଜ୍ୟରେ ଦ୍ରୁତ ଗତିରେ କରୋନା ସଂକ୍ରମଣ ବଢୁଥିବାବେଳେ ପଞ୍ଚାୟତ ନିର୍ବାଚନ କିପରି ହେବ ବୋଲି ଆବେଦନକାରୀ ପ୍ରଶ୍ନ ଉଠାଇଛନ୍ତି। ସ୍ଥିତି ସୁଧୁରୁବା ପରେ ପୁନଃ ବିଚାର କରି ଓବିସିବର୍ଗଙ୍କୁ ସଂରକ୍ଷଣ ସୁବିଧା ଦେବା ନିମନ୍ତେ କୋର୍ଟଙ୍କୁ ପ୍ରାର୍ଥନା କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ଉକ୍ତ ମାମଲା ପରିଚାଳନା କରୁଛନ୍ତି।

## ଅଦାଲତରେ ଜୋକୋଭିଚ୍‌ଙ୍କ...

ରିହାତି ସାର୍ଟିଫିକେଟ ମିଳିଥିଲା। ମାତ୍ର ୩୪ବର୍ଷୀୟ ଷ୍ଟାର୍ ଖେଳାଳି ଗତ ବୁଧବାର ବିଳମ୍ବିତ ରାତିରେ ଯେତେବେଳେ ମେଲବୋର୍ନରେ ପହଞ୍ଚିଲେ ଅଷ୍ଟ୍ରେଲିଆର ସଂଘୀୟ ସରକାର ଭିଜାକୁ ବାତିଲ କରିଦେଇଥିଲେ। ତେବେ ସୋମବାର ଫେଡେରାଲ ସର୍କିଟ କୋର୍ଟ ବିଚାରପତି ଆଣ୍ଟୋନୀ କେଲି ଟେନିସ ଖେଳାଳି ଜୋକୋଭିଚ୍‌ଙ୍କ ଭିଜା କାଏମ ରଖିଛନ୍ତି। ବିଚାରପତି ତାଙ୍କ ରୁଲିଂରେ ଦର୍ଶାଇଛନ୍ତି ନିଷ୍ପତ୍ତି ନେବାପୂର୍ବରୁ ବିଶ୍ୱର ନମ୍ବର ୱାନ ଖେଳାଳିଙ୍କୁ ତାଙ୍କ ଓକିଲମାନଙ୍କ ସହ କଥା ହେବା ଲାଗି ଯଥେଷ୍ଟ ସମୟ ଦିଆଯାଇ ନ ଥିଲା। ଜୋକୋଭିଚ୍‌ଙ୍କୁ ୩୦ମିନିଟ୍ ମଧ୍ୟରେ ଡିଟେନଶନ ସେଣ୍ଟରରୁ ଛାଡ଼ କରିଦେବା ଲାଗି କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁଠାରେ ସେ ୪ ରାତି ବିତାଇ ସାରିଲେଣି। କିନ୍ତୁ ସରକାରଙ୍କ ଓକିଲ ଖ୍ରିଷ୍ଟୋଫର ଟ୍ରାନ୍ ବିଚାରପତିଙ୍କୁ କହିଛନ୍ତି, ଇମିଗ୍ରେଶନ ମନ୍ତ୍ରୀ ଭିଜା ବାତିଲ ପାଇଁ ତାଙ୍କ ବ୍ୟକ୍ତିଗତ ସ୍ୱତନ୍ତ୍ର କ୍ଷମତାର ବ୍ୟବହାର କରିପାରନ୍ତି। ଯଦି ତାହା ଘଟେ ତେବେ ୯ଥର ଅଷ୍ଟ୍ରେଲିଆନ ଓପନ ବିଜେତା ଓ ଗତଥରର ଚାମ୍ପିୟନ ପୁଣି ପ୍ରତ୍ୟର୍ପଣର ସମ୍ମୁଖୀନ ହୋଇପାରନ୍ତି। ଜାନୁୟାରୀ ୧୭ରୁ ହେବାକୁଥିବା ଟୁର୍ନାମେଣ୍ଟରେ ମଧ୍ୟ ସେ ଭାଗ ନେଇ ନ ପାରନ୍ତି। କେବଳ ସେତିକି ନୁହେଁ, ଜୋକୋଭିଚ୍ ୩ ବର୍ଷ ଧରି ଅଷ୍ଟ୍ରେଲିଆକୁ ଆସି ପାରିବେ ନାହିଁ। ଜୋକୋଭିଚ୍‌ଙ୍କ ଅଟକ ପରେ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏପରି ତାଙ୍କର କିଛି ସମର୍ଥକ ଜୋକୋଭିଚ୍ ଅଟକ ଥିବା ଡିଟେନଶନ ସେଣ୍ଟର ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟେନିସ ଷ୍ଟାରଙ୍କ ଭାଇ ଡିଜର୍ଜ ଜୋକୋଭିଚ୍ ତାଙ୍କର ଏକ ସାକ୍ଷାତ୍‌କାରରେ ଅଷ୍ଟ୍ରେଲିଆ କର୍ତ୍ତୃପକ୍ଷଙ୍କର ଏହା ଏକ ବଡ଼ ପରାଜୟ ବୋଲି କହିଛନ୍ତି। କିନ୍ତୁ ଏହା ସତ୍ତ୍ୱେ ସେମାନଙ୍କ ଆଶଙ୍କା ହଟି ନାହିଁ। ତାଙ୍କ ଭାଇଙ୍କୁ ହୁଏତ ପୁଣି ଅଟକ ରଖାଯାଇପାରେ। ଯଦି ଏହା ଘଟେ ତେବେ ଏସବୁ ରାଜନୈତିକ ଚାଲ୍ ହେବ ବୋଲି ସେ କହିବେ।

## ୨ ବର୍ଷରେ ଇବ୍ ନଦୀ...

ବିଭିନ୍ନ ନଦୀ ସ୍ରୋତର ୩୦ ସ୍ଥାନରେ ଏହି ବ୍ୟାରେଜ ନିର୍ମାଣ କରାଯିବ। ଫଳରେ ଚାଷୀ ଜମିକୁ ସବୁଦିନ ପାଇଁ ପାଣି ପାଇପାରିବ। ଭୂତଳ ଜଳସ୍ତର ଠିକ୍ ରହିବ। ଆଖପାଖ ଗାଁଗୁଡ଼ିକରେ ବିଶୁଦ୍ଧ ପାଇପପାଣି ଯୋଗାଣ ହୋଇପାରିବ। ସୁନ୍ଦରଗଡ଼ରେ ଆରମ୍ଭ ହୋଇଥିବା ୨ ପ୍ରକଳ୍ପ ଏହି ଯୋଜନାର ଅଂଶବିଶେଷ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସୁନ୍ଦରଗଡ଼ ହେଉଛି ଓଡ଼ିଶା ବିକାଶର ବଡିଘର। ରାଉରକେଲା ସହର, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଓ ରାଉରକେଲାରେ ଏନ୍‌ଆଇଟି ଓଡ଼ିଶାର ଗୌରବ ବୃଦ୍ଧି କରିଛି। ଏହି ୩ଟି ଯାକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପରେ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଜଡ଼ିତ। ସୁନ୍ଦରଗଡ଼ ସାରା ଦେଶକୁ ବହୁ କିଛି ଦେଇଛି। ସୁନ୍ଦରଗଡ଼ର କୋଇଲା ଦେଶକୁ ଶକ୍ତି ଯୋଗାଉଛି। ଏଠାରେ ଏସିଆର ସବୁଠୁ ବଡ଼ ହକି ଷ୍ଟାଡିୟମ ହେବାକୁ ଯାଉଛି। ସୁନ୍ଦରଗଡ଼ର ହକି ଖେଳାଳିମାନେ ଦେଶ ପାଇଁ ଗୌରବ ଆଣିଛନ୍ତି ଓ ଗର୍ବିତ କରିଛନ୍ତି। ତେଣୁ ସୁନ୍ଦରଗଡ଼ରେ ଏମ୍ସ ସୁନ୍ଦରଗଡ଼ବାସୀଙ୍କ ହକ୍ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୁନ୍ଦରଗଡ଼ରେ ୫-ଟି ସ୍କୁଲ ଟ୍ରାନ୍ସଫର୍ମେଶନଠାରୁ ଆରମ୍ଭକରି ମିଶନ ଶକ୍ତି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ପାଇଁ ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିଛନ୍ତି। ଜିଲାର ବହୁ ଲୋକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ ହେଲ୍‌ଥ କାର୍ଡର ସୁଯୋଗ ନେଇ ଉନ୍ନତ ଚିକିତ୍ସା ସୁବିଧା ପାଉଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶ ଓ କଲ୍ୟାଣ କାର୍ଯ୍ୟକ୍ରମର ସୁଯୋଗ ନେଇ ନୂଆ ଓଡ଼ିଶା ଗଠନରେ ନିଜ ନିଜର ଅବଦାନ ରଖିବା ପାଇଁ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ସାରଦା ନାୟକ କହିଛନ୍ତି, ଜିଲାର ବିଭିନ୍ନ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଯେଭଳି ପଦକ୍ଷେପ ନେଇଛନ୍ତି, ସେଥିପାଇଁ ତାଙ୍କୁ ଧନ୍ୟବାଦ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜି ଶ୍ରୀଚନ୍ଦ୍ର ଓ ଏକାଦଶ ବୃହସ୍ପତି ଯୋଗୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ମଧ୍ୟରେ ରହିବ। କିନ୍ତୁ ବାଣିଜ୍ୟ, ବ୍ୟବସାୟ, ପୁଟିଂ କାରବାର ଯାତ୍ରା ସମସ୍ୟା ବହୁଳ ହୋଇପାରେ। ନିଜ ପରିସରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପାରିବାରିକ କ୍ଷେତ୍ରର ଅସନ୍ତୋଷ ଆପୋସ ଆଲୋଚନା ଦ୍ୱାରା ସମାଧାନ ହୋଇପାରିବ।

**ବୃଷ**
ଚିନ୍ତାଧାରା ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ମିଳିବ। କର୍ମକ୍ଷେତ୍ରରେ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। ପାରିବାରିକ କ୍ଷେତ୍ରରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପ୍ରିୟଜନମାନଙ୍କ ସହ ସମ୍ପର୍କର ସୂତ୍ର କ୍ରମଶଃ ଛିଣ୍ଡି ଯାଉଥିବା କାରଣରୁ ଭାବପ୍ରବଣ ହୋଇପାରନ୍ତି।

**ମିଥୁନ**
ଅଷ୍ଟମସ୍ଥ ଶନି ଓ ବୁଧ ହେତୁ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ସହ କଳହରୁ ବିଚଳିତ ରହିବେ। ମାନସିକ ସ୍ଥିତି କାରଣରୁ କାମ ଶୃଙ୍ଖଳିତ ଭାବରେ ସମ୍ପନ୍ନ ହେବ ନାହିଁ। କୌଣସି ବୟସ୍କ ବନ୍ଧୁଙ୍କ ଅନୁଗ୍ରହ ଜନିତ ଦୁଃସ୍ଥ ମାନସିକତାରେ ପରିବର୍ତ୍ତନ ଘଟିପାରେ। ଆର୍ଥିକ ଓ ପାରିବାରିକ ସ୍ଥିତିରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ।

**କର୍କଟ**
ସାମୟିକ ସମସ୍ୟା ସୃଷ୍ଟି କଲେ ମଧ୍ୟ ଆପଣଙ୍କ କର୍ମପ୍ରବାହର ଗତିରୋଧ କରିପାରିବ ନାହିଁ। ବାଣିଜ୍ୟ, ପରିବହନ, ପ୍ରଶାସନ ଓ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଟେନସନ୍ ଲାଗିରହିବ। ସନ୍ତାନଙ୍କ ରୁଗ୍ଣ ସ୍ୱାସ୍ଥ୍ୟ ଯୋଗୁ ବିଚଳିତ ହେବେ। ନୂତନ କର୍ମସଂସ୍ଥାନ, ମନୋରଞ୍ଜନ, ଭ୍ରମଣ ଓ ବନ୍ଧୁମିଳନଜନିତ ଦିନଟି କେତେକାଂଶରେ ଉପଭୋଗ୍ୟ ରହିପାରେ।

**ସିଂହ**
ଉଚ୍ଚଶିକ୍ଷା, ଲୋକସମ୍ପର୍କ, ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ପ୍ରଶଂସିତ ହେବେ। ଅଫିସିଆଲି ସ୍ଥଗିତ କାମପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। ପରିବାରରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଦୂର ହେବାର ସମ୍ଭାବନା ରହିଛି। ଅର୍ଥସମ୍ପର୍କୀୟ ବିବାଦ ସାମୟିକ ମାନସିକ ଅସ୍ଥିରତାର କାରଣହେବ।

**କନ୍ୟା**
ଅଷ୍ଟମଚନ୍ଦ୍ର ଯୋଗୁ କାମଟି ବିଗିଡ଼ିଯିବା କାରଣରୁ ମନେ ମନେ ବିରକ୍ତି ଅନୁଭବ କରିପାରନ୍ତି। ଏହାସଙ୍ଗକୁ ବାଣିଜ୍ୟ, ବ୍ୟବସାୟ, ଯାତ୍ରା, ପରିବହନ ସମ୍ପର୍କରେ ଚିନ୍ତା ବଢ଼ିଯିବ। କଳହର ସମ୍ମୁଖୀନ ହୋଇପାରନ୍ତି। ସାମାଜିକ କ୍ଷେତ୍ରରେ, ସଭାସମିତିରେ, ଆଲୋଚନା ଅବସରରେ, ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ତୁଳା**
କୌଣସି ବିବାଦୀୟ ମନ୍ତବ୍ୟ ଦେଇ କିମ୍ବା ସନ୍ତାନ ହେତୁକ କଳହର ସମ୍ମୁଖୀନ ଆଶଙ୍କା ରହିଛି। ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ଘରୋଇ ବ୍ୟାପାରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ବନ୍ଧୁମାନଙ୍କ ଗହଣରେ ଅଧିକାଂଶ ସମୟ ଅତିବାହିତ କରିବାର ସୁଯୋଗ ପାଇବେ।

**ବିଛା**
ସମ୍ପର୍କୀୟଙ୍କ ସହ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ବିଭିନ୍ନ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରି ଖୁସୀ ରହିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ଗତକାଲିର ମତାନ୍ତରଜନିତ ସମସ୍ୟାର ସମାଧାନ ହୋଇଯିବ। ସନ୍ତାନଙ୍କ ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ରହିବା କାରଣରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବ। କୌଣସି ପ୍ରମାଣ ନ ଥାଇ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ।

**ମକର**
କୌଶଳ ପ୍ରୟୋଗ କରି ଅଭିଳଷିତ କାମ ହାସଲ କରିବାରେ ସମର୍ଥ ହେବେ। ସାମାଜିକ, ଆର୍ଥିକ, ରାଜନୈତିକ ଓ ପାରିବାରିକ କ୍ଷେତ୍ରକୁ ସମସ୍ୟାମୁକ୍ତ ରଖିବ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବ। ଯୁକ୍ତିତର୍କଜନିତ ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**କୁମ୍ଭ**
ଅଭାବ ନ ଥିଲେ ମଧ୍ୟ ଅର୍ଥ ସମ୍ପର୍କୀୟ କାମରେ ଅସ୍ଥିରତା ଲାଗି ରହିବ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହେବା ସହ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମୀନ**
ସ୍ୱାସ୍ଥ୍ୟ ଭଲ ରହିବା ସଙ୍ଗକୁ ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। ବିଳମ୍ବିତ ସମୟରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବା ବ୍ୟତୀତ ଅନ୍ୟ କୌଣସି ଅସୁବିଧା ରହିବ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ଆଜି ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

# ଚୋରା ଗଞ୍ଜେଇ, ୧.୩୨ ଲକ୍ଷ ଟଙ୍କା ଜବତ

**ନିମାପଡ଼ା,୧୦।୧(ଡି.ଏନ୍.ଏ.):** ନିମାପଡ଼ା ଥାନା ଅଞ୍ଚଳରେ ନିଶାଦ୍ରବ୍ୟ କାରବାର ଜୋରଦାର ବୃଦ୍ଧି ପାଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏ ନେଇ ଏସ୍‌ପି ଡ.କନୱର ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇଆଇସି ଶଙ୍କର୍ଷଣ ଦଳେଇଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ସୋମବାର ନିମାପଡ଼ା ଏନ୍‌ଏସିର ଜଇନାବାଦ ଗ୍ରାମରେ ଚଢ଼ାଉ କରି ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି। ସେ ହେଲେ ଉକ୍ତ ଗ୍ରାମର କୁନା ସାହୁ। ଚଢ଼ାଉରେ ୧୦କେଜି ଚୋରା ଗଞ୍ଜେଇ, ନଗଦ ୧ ଲକ୍ଷ ୩୨ହଜାର ୫ ଶହ ଟଙ୍କା, ଗୋଟିଏ ମୋବାଇଲ ଫୋନ ଜବତ କରିଛନ୍ତି। ଏ ନେଇ ପୋଲିସ ଏନ୍‌ଡିପିଏସ୍ ଦଫା ନଂ(୨୦ ବି)ରେ ଏକ ମାମଲା(ନଂ.୧୧/୨୨) ରୁଜୁ କରି ଅଭିଯୁକ୍ତ କୁନାଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋର୍ଟ ତାଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରି ନିମାପଡ଼ା ଜେଲକୁ ପଠାଇ ଦିଆଯାଇଛି।

# ଭିତରକନିକାରେ ୧୬ ବଉଳା କୁମ୍ଭୀର ବୃଦ୍ଧି

## ଗଣନା ଶେଷ

ରାଜନଗର, ୧୦।୧(ଡି.ଏନ.ଏ.)

ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତବର୍ଷ କୁମ୍ଭୀର ଗଣନା ଶେଷ ହୋଇଛି। ଗତବର୍ଷ ଅପେକ୍ଷା ଚଳିତବର୍ଷ କୁମ୍ଭୀରଙ୍କ ସଂଖ୍ୟାରେ ୧୬ ବଢ଼ିଥିବା ରିପୋର୍ଟରୁ ଜଣାପଡ଼ିଛି। ଗତବର୍ଷ ଭିତରକନିକା ମଧ୍ୟରେ ଓ ବାହାରେ ଥିବା ନଦୀ, ନାଳଗୁଡ଼ିକରେ ୧୭୬୮ଟି ବଉଳା କୁମ୍ଭୀର ଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୧୭୮୪କୁ ବୃଦ୍ଧିପାଇଛି। ଚଳିତବର୍ଷ ଭିତରକନିକାରେ କନିକା ରେଞ୍ଜର ପଞ୍ଚାପାରିଆ, ଖୋଳା ମୁହଁ, ବାଲିଯୋର, ମହିଁଷାମଡା, ଗୁପ୍ତି, ବାଉଁଶଗଡ ନଈ, ଅଙ୍ଗାରୀ କ୍ରିକ୍ ନିକଟରେ ୨୦ଫୁଟରୁ ଅଧିକ ବଉଳା କୁମ୍ଭୀରକୁ ବନ ବିଭାଗ ଗଣନା ଟିମ୍ ଗଣନା ସମୟରେ ଠାବ କରିଛି। ଏଥିସହ ଜୟନଗର-ଖୋଳା ମଝି ବାଲିପଠା, ଥାନପତି ମାଉଥ୍, ଗଞ୍ଜେଇଖିଆ, ଶୁଆଯୋର, ଗୋଧରାପାଳ, ଗୁମୁରା ଗାଁ ନିକଟରେ ୧୫ଫୁଟର ଇଙ୍ଗ କୁମ୍ଭୀର ଠାବ କରାଯାଇଛି ବୋଲି ବନ ବିଭାଗ ସୂତ୍ରରୁ ଜଣାପଡିଛି। ଏଥିସହ ଚଳିତବର୍ଷ କୁମ୍ଭୀର ଗଣନା ସମୟରେ ଭିତରକନିକା ନଦୀ, ନାଳରେ ଧଳା କୁମ୍ଭୀର ଦେଖିବାକୁ ମିଳିଥିଲା। ଗୋପାଳଜୀଉପାଟଣା, କାଳିଭଞ୍ଜଡିଆ, ଶାଗୁଣାଚର ଓ ଭିତରକନିକା ନଦୀରେ ଧଳା ବଡ କୁମ୍ଭୀର ସହିତ ଛୁଆ ଧଳା କୁମ୍ଭୀର ଦେଖିବାକୁ ମିଳିଥିଲା। ପ୍ରାକୃତିକ ପରିବେଶରେ ଏତେ ସଂଖ୍ୟକ ଧଳା କୁମ୍ଭୀର ସବୁଠୁ ଅଧିକ ବୋଲି କୁହାଯାଉଛି।

ଚଳିତ ମାସ ୬ରୁ ୧୦ ତାରିଖ ଯାଏ ୫ ଦିନ ଧରି ଏହି କୁମ୍ଭୀର ଗଣନା କରାଯାଇଛି। ବରିଷ୍ଠ ଜୀବ ବିଜ୍ଞାନୀ, ଗବେଷକ, କୁମ୍ଭୀର ବିଶାରଦ ଡ.ସୁଧାକର କରଙ୍କ ନେତୃତ୍ୱରେ ୨୨ଟି ଟିମ୍ କୁମ୍ଭୀର ଗଣନାରେ ସାମିଲ ହୋଇଥିଲେ। ଏହି ଗଣନା ସମୟରେ ୫୬୪ଟି କୁମ୍ଭୀର ଶାବକ (ଛୁଆ) ଅର୍ଥାତ୍ ୨ ଫୁଟରୁ କମ ଲମ୍ବର କୁମ୍ଭୀର, ୩୭୮ଟି ବର୍ଷିକିଆ ଛୁଆ ଅର୍ଥାତ୍ ୨ରୁ ୩ ଫୁଟିଆ କୁମ୍ଭୀର, ୩୩୮ଟି ଦୁଇ ବର୍ଷିଆ ଛୁଆ ଅର୍ଥାତ୍ ୩ରୁ ୬ ଫୁଟିଆ କୁମ୍ଭୀର, ୧୫୮ଟି ୪ରୁ ୫ ବର୍ଷର ଅର୍ଥାତ୍ ୬ରୁ ୮ ଫୁଟ ଲମ୍ବର କୁମ୍ଭୀର ଦେଖିବାକୁ ମିଳିଥିଲା। ଏଥିସହ ବଡ଼କୁମ୍ଭୀର ଅର୍ଥାତ୍ ୮ ଫୁଟରୁ ଅଧିକ ଲମ୍ବର ୩୪୬ଟି ଗଣନାବେଳେ ଠାବ କରାଯାଇଛି ବୋଲି ରାଜନଗର ଡିଏଫ୍ଓ ଡ. ଯଜ୍ଞଦତ୍ତ ପତି ସୂଚନା ଦେଇଛନ୍ତି। ଭିତରକନିକା ବାହାରେ ଥିବା ନଦୀ, ନାଳଗୁଡିକରେ ଚଳିତବର୍ଷ ପ୍ରାୟ ୧୨୦ଟି କୁମ୍ଭୀର ଥିବା ଜଣାପଡିଛି। ଗଣନା ସମୟରେ କନିକା ରେଞ୍ଜ ଅଞ୍ଚଳରେ ସର୍ବାଧିକ ୧୪୦୯ଟି, ରାଜନଗର ରେଞ୍ଜରେ ୨୬୫ଟି, ମହାକାଳପଡା ରେଞ୍ଜରେ ୭୬ଟି, ଗହୀରମଥା ରେଞ୍ଜ ଅଞ୍ଚଳରେ ୩୪ଟି ବଉଳା କୁମ୍ଭୀର ଥିବା ଜଣାପଡିଛି। ଗତବର୍ଷଠାରୁ କନିକା, ରାଜନଗର, ଗହୀରମଥା ରେଞ୍ଜରେ କୁମ୍ଭୀର ସଂଖ୍ୟା ବଢ଼ିଥିବା ବେଳେ ମହାକାଳପଡ଼ା ରେଞ୍ଜରେ କୁମ୍ଭୀର ସଂଖ୍ୟା ସମାନ ରହିଛି। ସକାଳେ କୁମ୍ଭୀରମାନେ ଖରା ପୋଇଁବା ଅବସ୍ଥାରେ ଓ ସନ୍ଧ୍ୟାରେ ସ୍ୱଟ୍ ଲାଇଟ୍ ମାଧ୍ୟମରେ ଗଣନା କରାଯାଇଥିଲା। ୧୯୭୬ ମସିହାଠାରୁ ଭିତରକନିକାରେ କୁମ୍ଭୀର ଗଣନା କରାଯାଉଛି। ହୁଲି ଡଙ୍ଗା ସାହାଯ୍ୟରେ କୁମ୍ଭୀର ଗଣନା ହୋଇଥିଲା। ଚଳିତବର୍ଷ ପ୍ରଥମଥର ପାଇଁ ପାରମ୍ପରିକ ପଦ୍ଧତି ସହ ପଲିଗନ ସର୍ଚ୍ଚ ଆପ୍ ମାଧ୍ୟମରେ କୁମ୍ଭୀର ଗଣନା କରାଯାଇଥିଲା।



## ପକ୍ଷୀ ଗଣନା ୧୨ରେ

ବିଦେଶାଗତ ପକ୍ଷୀଙ୍କର ଆଗମନରେ ଭିତରକନିକା ଜାତୀୟ ଉଦ୍ୟାନ ସମେତ ଆର୍ଦ୍ରଭୂମି ଏବେ ଚଳଚଞ୍ଚଳ ହୋଇଉଠିଛି। ଚଳିତବର୍ଷ ଆସିଥିବା ପକ୍ଷୀଙ୍କ ଗଣନା କାର୍ଯ୍ୟ ପାଇଁ ମଙ୍ଗଳବାର ପକ୍ଷୀ ଗଣନାକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ୧୨ ତାରିଖରେ ପକ୍ଷୀ ଗଣନା କରାଯିବ ବୋଲି ଡିଏଫ୍ଓ ଡ. ଯଜ୍ଞଦତ୍ତ ପତି ସୂଚନା ଦେଇଛନ୍ତି। ଭିତରକନିକାରେ ପକ୍ଷୀ ଗଣନା ପାଇଁ ୧୬ଟି ଟିମ୍ ଗଠନ କରାଯାଇଛି। ଭିତରକନିକା ଜାତୀୟ ଉଦ୍ୟାନର ରାଇପାଟିଆ, ସାତଭାୟା ଘେରି, ସାତଭାୟାର ବିସ୍ତୀର୍ଣ୍ଣ ଆର୍ଦ୍ରଭୂମି, ଜମ୍ବୁ ବଟୀଘର, ବରୁଣେଇ ମୁହାଁଣ, ପ୍ରହରାଜପୁର, କଂସାରିପାଟିଆ, ଖୋଳା, ନଳିତାପାଟିଆ, ଦୁର୍ଗାପୁର ମୁହାଁଣ, ଲକ୍ଷ୍ମୀପ୍ରସାଦଡିଆଁ, କାଳିଭଞ୍ଜଡିଆଁ, ମଗରକନ୍ଦା, ଟିଞ୍ଚିରି ମାଉଥ, ଚିତଉକୋଲ୍ଲା, ଭିତରକନିକା ମାଉଥ, ଏକମାଣିଆ, ରାଜଗଡ ପ୍ରଭୃତି ଅଞ୍ଚଳରେ ଏହି ଗଣନା କାର୍ଯ୍ୟ କରାଯିବ। ପ୍ରତି ଟିମ୍‌କୁ ୱାକିଟକି, ବାଇନାକୁଲାର, ଜିପିଏସ, ଭିଏଚ୍ଏଫ୍ ପ୍ରଭୃତି ଯନ୍ତ୍ର ଯୋଗାଇ ଦିଆଯାଇଛି। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ସେଞ୍ଚୁରିଆନ ୟୁନିଭର୍ସିଟି ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପକ୍ଷୀ ଗଣନାରେ ସାମିଲ ପାଇଁ ରାଜନଗର ଡିଏଫ୍ଓଙ୍କୁ ଅନୁରୋଧ ପତ୍ର ଆସିଥିଲା। ପ୍ରଥମଥର ଲାଗି ଛାତ୍ରୀଛାତ୍ରଙ୍କୁ ପକ୍ଷୀ ଗଣନାରେ ସାମିଲ କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

# ରେକର୍ଡ ଭାଙ୍ଗିଲା ବିଦେଶୀ ପକ୍ଷୀଙ୍କ ଆଗମନ



ହୀରାକୁଦ ଜଳଭଣ୍ଡାରକୁ ଆସିଥିବା ବିଦେଶୀ ପକ୍ଷୀ ।

## ହୀରାକୁଦ ଜଳଭଣ୍ଡାର

■ ୧୯ ପ୍ରଜାତିର ନୂଆ ପକ୍ଷୀ ଚିହ୍ନଟ

ସମ୍ବଲପୁର, ୧୦।୧(ବ୍ୟୁରୋ)

ସମ୍ବଲପୁରର ହୀରାକୁଦ ଜଳଭଣ୍ଡାରରେ ବିଦେଶୀ ପକ୍ଷୀ ଗଣନା ରିପୋର୍ଟ ସୋମବାର ହୀରାକୁଦ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି। ରିପୋର୍ଟ ଅନୁଯାୟୀ ଚଳିତବର୍ଷ ବିଦେଶୀ ପକ୍ଷୀ ଆଗମନ ୧୦ ବର୍ଷର ରେକର୍ଡ ଭାଙ୍ଗିଛି। ୧୯ ନୂତନ ପ୍ରଜାତିର ପକ୍ଷୀ ଚିହ୍ନଟ କରାଯାଇଛି। ୧୦୪ ପ୍ରଜାତିର ମୋଟ ୨ ଲକ୍ଷ ୮ ହଜାର ପକ୍ଷୀ ଆସିଛନ୍ତି। ଗତବର୍ଷ ଅପେକ୍ଷା ୯୯ ହଜାର ୯୮୪ ପକ୍ଷୀ ଅଧିକ ଆସିଥିବା ବନ୍ୟପ୍ରାଣୀ ଡିଏଫ୍ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ହୀରାକୁଦ ଜଳ ଭଣ୍ଡାରକୁ ଡିସେମ୍ବର ମାସରୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥାଏ। ଜାନୁୟାରୀ ୭ ତାରିଖରେ ପକ୍ଷୀ ଗଣନା ଆରମ୍ଭ ହୋଇଥିଲା। ଗଣନାରେ ସମ୍ବଲପୁର, ଝାରସୁଗୁଡ଼ା, ହୀରାକୁଦ ବନଖଣ୍ଡ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ମୋଟ ୧୫ ଟିମ୍ ଗଠନ କରାଯାଇଥିଲା। ପ୍ରତି ଟିମ୍‌ରେ ୨ ଜଣ ବନ କର୍ମଚାରୀଙ୍କ ସମେତ ଜଣେ ଏନ୍‌ଜିଓ କର୍ମଚାରୀ, ଜଣେ ଓୟୁଏଟି ଛାତ୍ର ରହିଥିଲେ। ଚିହ୍ନଟ ପକ୍ଷୀ ମଧ୍ୟରେ ଡକ୍ ପ୍ରଜାତିର ରେଡ୍ କ୍ରେଷ୍ଟେଟ ପୋଚାଡ, ଟୁଫେଡ ଡକ୍, ବ୍ରାମିନି ଡକ୍, ନରଦେନ ପିନଷ୍ଟେଲ, ୟୁରୋଏସିଆନ, ଏସିଆନ ୱିଗନ, ଏସିଆନ ଓପନବିଲ, ଗ୍ରେ ହୀରୋଜେନ, ପର୍ପଲ ହୀରୋଜେନ, କେଟେଲ ଗ୍ରେଡ, ଲିଟିଲ ଗ୍ରେଡ, ଇଣ୍ଟର ମିଡିଏଟ ରି-ଗ୍ରେଟ, ଇଣ୍ଡିଆନ ପଣ୍ଡ ହୀରେନ ପ୍ରଭୃତି ଆସିଥିବା ଚିହ୍ନଟ କରାଯାଇଛି। ୨୦୨୦ରେ ୮୨ ପ୍ରଜାତିର ୧ଲକ୍ଷ ୩୪ ହଜାର ପକ୍ଷୀ ଆସିଥିବା ଗଣନା କରାଯାଇଥିଲା। ସେହିପରି ୨୦୧୭ରେ ୫୭ ପ୍ରଜାତିର ୭୬ ହଜାର ୭୬୮, ୨୦୧୬ରେ ୬୦ ପ୍ରଜାତିର ୯୫ ହଜାର ୯୧୨, ୨୦୧୫ରେ ୬୪ ପ୍ରଜାତିର ୫୮ ହଜାର ୯୭, ୨୦୧୪ରେ ୫୪ ପ୍ରଜାତିର ୬୩ ହଜାର ୮୯୨, ୨୦୧୩ରେ ୬୦ ପ୍ରଜାତିର ୭୯ ହଜାର ୧୩୮ ବିଦେଶୀ ପକ୍ଷୀ ଆସିଥିବା ରିପୋର୍ଟ ରହିଛି ।

# ହାର୍ଡକୋର ମାଓବାଦୀ ପାଣ୍ଡୁରାମଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୦।୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଏସ୍‌ପିଙ୍କ ନିକଟରେ ଜଣେ ହାର୍ଡକୋର ମାଓବାଦୀ ସୋମବାର ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ପାଣ୍ଡୁରାମ ସାଲବାମ। ତାଙ୍କ ନାମରେ ୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା। ପାଣ୍ଡୁରାମ ତେଲଙ୍ଗାନା-ଛତିଶଗଡ଼ ସୀମାନ୍ତ ମାଓବାଦୀ ସଙ୍ଗଠନରେ ଡେପୁଟି କମାଣ୍ଡର ଭାବେ କାର୍ଯ୍ୟ କରୁଥିଲେ। ସେ ଅନେକ ମାଓବାଦୀ ହିଂସାରେ ଜଡିତ ଥିଲେ। ପୋଲିସ ଉପରେ ଗୁଳିଚାଳନା, ଆଇଇଡି ବିସ୍ଫୋରଣ, ଅସ୍ତ୍ରାଗାର ଲୁଟ ଭଳି ଅନେକ ସଙ୍ଗିନ ଅଭିଯୋଗ ତାଙ୍କ ନାମରେ ରହିଛି। ମାଓବାଦୀଙ୍କ ମଧ୍ୟରେ ପୂର୍ବ ଆଦର୍ଶ ଆଉ ନ ଥିବା ଏବଂ ସାଥୀ ମାଓବାଦୀଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ସେ ସଙ୍ଗଠନ ଛାଡ଼ିଥିବା ବିଜାପୁର ଏସ୍‌ପି କମଲଲୋଚନ କଶ୍ୟପଙ୍କ ନିକଟରେ ପ୍ରକାଶ କରିଛନ୍ତି।



ବିଜାପୁର ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରୁଛନ୍ତି ପାଣ୍ଡୁରାମ।

# ରାଜ୍ୟରେ ବର୍ଷା ଆରମ୍ଭ

**ଭୁବନେଶ୍ୱର, ୧୦।୧(ବ୍ୟୁରୋ):** ଓଡ଼ିଶାକୁ ପଶ୍ଚିମା ଝଡ଼ର ଆଗମନ ଯୋଗୁ ରାଜ୍ୟରେ ବର୍ଷା ଆରମ୍ଭ ହୋଇଛି। ସୋମବାର ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ବର୍ଷା ହୋଇଛି। ଏଥିସହିତ ପଶ୍ଚିମ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହୋଇଛି। ମଙ୍ଗଳବାର ବିଶେଷକରି ପଶ୍ଚିମ ଓଡ଼ିଶାରେ ଅଧିକ ବର୍ଷାର ସମ୍ଭାବନା ରହିଛି। ମଙ୍ଗଳବାର ବରଗଡ଼, ସମ୍ବଲପୁର, ଦେବଗଡ଼ ଓ ସୋନପୁରରେ ପ୍ରବଳ ବର୍ଷା ହେବ ଏବଂ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିଭଳି ବଜ୍ରପାତ ନେଇ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ସୋନପୁର, ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି ଓ ଅନୁଗୋଳକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଏଥିସହିତ ଉତ୍ତର ଆଭ୍ୟନ୍ତ୍ରୀଣ ଓଡ଼ିଶାର କିଛି ସ୍ଥାନରେ ମଧ୍ୟମ ଧରଣର ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୧୩ରୁ ୧୪ ତାରିଖ କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ନୂଆପଡ଼ା, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କଟକ, ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ହେବ। ସେଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି।

ଏପଟେ ସୋମବାର ସକାଳେ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ଦେଖାଯାଇଥିଲା। ପ୍ରାୟ ୮ଟା ପର୍ଯ୍ୟନ୍ତ କୁହୁଡ଼ି ରହିଥିଲା। ଉତ୍ତର ଉପକୂଳ ଓଡ଼ିଶା, ଖୋର୍ଦ୍ଧା ଓ ପୁରୀର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ଲାଗି ରହିଥିଲା। ଅନ୍ୟପଟେ ବର୍ଷା ଯୋଗୁ ରାଜ୍ୟରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ପାଇଛି। ସୋମବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ୧୦ଡିଗ୍ରୀ ରହିଥିଲା। ଆସନ୍ତା ଦୁଇଦିନ ମଧ୍ୟ ରାଜ୍ୟରେ ଆହୁରି ୨ରୁ ଡିଗ୍ରୀ ତାପମାତ୍ରା ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

# ଟ୍ରେନ୍‌ରେ କଟିଗଲେ ଯୁବକ

କାଳ ହେଲା ମୋବାଇଲରେ ଗେମ୍

**ବାହାନଗା, ୧୦।୧(ଡି.ଏନ.ଏ.):** ରେଲୱେ ଟ୍ରାକ୍ ଉପରେ ବସି ମୋବାଇଲରେ ଗେମ୍ ଖେଳୁଥିବା ବେଳେ ଜଣେ ଯୁବକ ଟ୍ରେନରେ କଟିଯାଇଛନ୍ତି। ଉକ୍ତ ଯୁବକ ହେଲେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣା ପଞ୍ଚାୟତ ରଘୁବୀରପଟଣା ଗ୍ରାମର ଅଙ୍କିତ୍ ମହାନ୍ତି(୧୮)। ସୋମବାର ରାତି ସାଢେ ୭ଟାରେ ଅଙ୍କିତ ପଣପଣାସ୍ଥିତ ରଘୁବିରପାଟଣା ଗ୍ରାମ ନିକଟସ୍ଥ ରେଳଲାଇନ୍ ଉପରେ ବସି ଗେମ୍ ଖେଳୁଥିଲେ। କାନରେ ଇୟରଫୋନ ମଧ୍ୟ ଲଗାଇଥିଲେ। ଏହି ସମୟରେ ଭୁବନେଶ୍ୱର-ବାଲେଶ୍ୱର ମେମୁ ଟ୍ରେନ୍ ଆସି ଧକ୍କା ଦେଇଥିଲା। ଲୋକେ କ୍ଷତବିକ୍ଷତ ଶରୀର ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ।

# ମହାନଦୀରୁ ମିଳିଲା ଯୁବକଙ୍କ ମୃତଦେହ

**ସୋନପୁର, ୧୦।୧(ନି.ପ୍ର.):** ସୋନପୁର ସହର ଯାତ୍ରୀ ନିବାସ ସମ୍ମୁଖ ମହାନଦୀର ପାଚେରି ଘାଟରୁ ସୋମବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ବଡ଼ବଜାର ଘାସିପଡାର ଜଲାର ସିଂ ବାଗ। ସକାଳେ ମୃତଦେହ ନଦୀ କୂଳରେ ଭାସୁଥିବା ଲୋକେ ଦେଖିବାକୁ ପାଇଥିଲେ। ସୋନପୁର ସଦର ଥାନା ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ରବିବାର ଜଲାର ସିଂ ଅନ୍ୟମାନଙ୍କ ସହିତ ମିଶି ନଦୀ ଭିତର ବାଲି ପଠାକୁ ଭୋଜି କରିବାକୁ ଯାଇଥିଲେ। କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଛି କାରଣ ସ୍ପଷ୍ଟ ହୋଇ ପାରିନି। ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ପୋଲିସ ସୂଚନା ଦେଇଛି ।

**PARADIP PORT TRUST**
**e-TENDER CALL NOTICE**
Name of the work: **"Improvement to existing Road near Gate No. I area".** EMD cost : **Rs. 19,78,899/-.** Last Date and time of submission of Bid: **31.01.2022 up to 17:15 Hrs.** For details please refer our Website : **eprocure.gov.in/eprocure/app**
**Executive Engineer**
**PPT/PR/138/2021-22, Dt.10.01.2022**

**NATIONAL COMPETITIVE BIDDING THROUGH e-Procurement**
**Tel. No.06752222092, e-mail id-eerwpuri@gmail.com**
**TCN NO. TENDER ONLINE - 24 OF 2021-22**
**No:- 135 /Date.07.01.2022**
**No. O-1687:-** The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 8 Nos. of work for the year 2021-22 in the district of Puri.
**1.** Total No. of Works: **8 Nos. 2 .** Tender cost of packages: Amount varies from **Rs.6.96 lakhs to 22.15 lakhs.**
**3.** Class of contractor: **As per DTCN. 4.** Period of completion: **2 (Two) Calendar months.**
**5.** Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending, Rural Works Division, Puri. | Online- 24 | 12.01.2022 at 11.00 A.M. | 20.01.2022 upto 12.30 P.M. | 19.01.2022 up to 1.00 P.M. | 20.01.2022 at 04.30 P.M. Office of the S.E., R.W. Division, Puri. |

6. Other details can be seen in the bidding documents, which is available in website "**https://tendersodisha.gov.in**".
**OIPR-25065/11/0050/2122** **Sd./- Superintending Engineer, R.W. Division, Puri**

**ତହସିଲ କାର୍ଯ୍ୟାଳୟ, ରସୁଲପୁର**
ବିଜ୍ଞପ୍ତି ସଂଖ୍ୟା: ୭୭ ତାରିଖ: ୦୭।୦୧।୨୦୨୨
**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**
No. F-297: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ତହସିଲ କାର୍ଯ୍ୟାଳୟ, ରସୁଲପୁର ଅନ୍ତର୍ଗତ ୧ (ଏକ) ଗୋଟି (ଲଘୁ ଖଣିଜ ଦ୍ରବ୍ୟ) ସୈରାତ ଉତ୍ସକୁ ଅନ୍ୟୂନ ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।
ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ନିଲାମ ଧାର୍ଯ୍ୟ ତାରିଖ ଇତ୍ୟାଦି ବାବଦରେ ତହସିଲ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ଓ ଜିଲ୍ଲା ୱେବସାଇଟ **www.jajpur.nic.in** ମାଧ୍ୟମରେ ମଧ୍ୟ ସମସ୍ତ ସୂଚନା ପାଇପାରିବେ। ଇଚ୍ଛୁକ ବ୍ୟକ୍ତିବିଶେଷ ଆସନ୍ତା ତା୨୮।୦୧।୨୦୨୨ରିଖ ପୂର୍ବାହ୍ନ ଘ୧୦.୦୦ଟିକାଠାରୁ ତା୧୬।୦୨।୨୦୨୨ରିଖ ଅପରାହ୍ନ ଘ୫.୩୦ଟିକା ମଧ୍ୟରେ ଆବେଦନ କରିପାରିବେ।
**ସୈରାତ ଉତ୍ସର ବିବରଣୀ**

| କ୍ର.ନଂ. | କେସ୍ ନଂ. | ଲଘୁ ଖଣିଜାତ ଉତ୍ସର ନାମ | ମୌଜା | ଖାତା ନଂ. | ଖସଡା ନଂ. | ରକବା | କିସମ | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (ଘ.ମି.) | ସର୍ବନିମ୍ନ ବାର୍ଷିକ ରୟାଲଟି ମୂଲ୍ୟ (ଘ.ମି. ପ୍ରତି) | ସର୍ବନିମ୍ନ ବାର୍ଷିକ ଅତିରିକ୍ତ ଦେୟ (ଘ.ମି. ପ୍ରତି) |
|---|---|---|---|---|---|---|---|---|---|---|
| ୧ | ୦୪/ ୨୦୨୦-୨୧ | ବ୍ରାହ୍ମଣୀ ନଦୀ ଦେଉଳି ବାଲିଘାଟ | ଦେଉଳି | ୨୭୧ (ଆ.ଅ.ଅ) | ୨୦୯ | ଏ୧୨.୩୦ | ନଦୀ | ୮୦୦୦ | ଟ.୩୫/- | ଟ.୪୫/ |

**OIPR-24251/11/0001/2122** ସ୍ୱା./- ତହସିଲଦାର, ରସୁଲପୁର

**OFFICE OF THE NOTIFIED AREA COUNCIL, G.UDAYAGIRI**
**TENDER CALL NOTICE**
**No.71 Date: 10.01.2022**
Sealed tenders are invited in conformity with the detailed tender notice from the eligible contractor registered with Odisha State Govt./ G.Udayagiri N.A.C. Registered Contractor for the following development works agreeement to be done in accordance with OPWD Code. The tender paper will be available during office hour on payment of paper cost (non refundable) up to 05.00 P.M. on all working days from **dt.10.01.2022 to dt.19.01.2022** and Tender documents will be received up to **01.00 P.M. on dt.20.01.2022** at the office of the undersigned in sealed cover by Regd. Post/ Speed Post. If received beyond the scheduled date and time shall not be entertained. The tenders will be opened on **dt.21.01.2022 at 11.00 A.M.** in presence of tenderers or their authorized agents. In accordance Memo No.18286 dt.31.12.2021 of Works Deptt., Govt. of Odisha there shall be no provision regarding Bid security to be kept in the Bid documents (Bid Security Declaration) shall be kept in bid documents. Paper cost shall be made in shape of cash deposit receipts, Self Attested Xerox copy of Valid Contractor license, Paper Cost deposit receipt, copy of GST Registration Certificate and copy of PAN card should be accompanied with the tender papers. Each tender should be submitted in a envelope cover indicating the name and serial number of the work. The Bidder must quote in Percentage basis only. The bidder filled in figures only but without mentioning in words shall be liable for rejection. The authority reserves righ to reject any or all the tenders without assigning any reason thereof.

| Sl. No. | Name of the Projects | Estimated Cost | Class of contractor eligible to participate | Cost of Tender Paper | Peiod of Completion in |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 01 | Repair of Drain from Jaya Panda House to Veterinary Chhack | 90200.00 | D & C | 600.00 | Fifteen days |
| 02 | Imp. of Chakara Bishoi Statue at Bandh Chhack, Ward No.04 | 119500.00 | D & C | 600.00 | Fifteen days |
| 03 | Imp. of Road from Indira Patra House towards Santosini House | 199700.00 | D & C | 600.00 | Fifteen days |
| 04 | Imp. of Gandhi Statue at Gandhi Chhack | 108400.00 | D & C | 600.00 | Fifteen days |

**Sd./- Executive Officer, N.A.C., G. Udayagiri**



ILA PANDA
26.10.1932 - 11.01.2005

**In loving memory**
Baijayant 'Jay', Paramita, Nivedita, Subhrakant
Jagi, Braja, KG, Shaifalika
Raie, Reva, Anuva, Aditya, Raisah, Raemana
Relatives, Members & Associates of
IMFA Group

imfa

Tel : +91 674 2611100, Fax : +91 674 2580020
memoriam@imfa.in

No.n-89
**OFFICE OF THE DIRECTOR,**
**TEXT BOOK PRODUCTION & MARKETING,**
**KHARVEL NAGAR, UNIT-III, BHUBANESWAR-751001.**
**TEL. NO.0674-2380871/72, E.MAIL:- directortbpmodisha@gmail.com**
**No. 165/TBPM,** **Dated 07.01.2022**
**Tender Cancellation Notice**
The tender which was floated vide Notice No.7977/TBPM., Dt.29.12.2021 for Preparation of FLN Materials, is hereby cancelled.
**Sd./- Director**
**TEXT BOOK PRODUCTION & MARKETING,**
**BHUBANESWAR-1**
OIPR-02005/11/0018/2122

**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office : Burla, Dist.-Sambalpur (Odisha)-768017**
**Corrigendum to Notice Inviting Tender (NIT)**
**Tender Notice No. TPWODL/MK/O/SER/ 083** **Date: 01-01-2022**
**Rate Contract for Supply & Installation of Office Furniture under Various Circles at TPWODL Area.**
The time period is hereby extended for Submission of Tender Participation Fee and Authorization Letter through e-mail till **18th January 2022, 1500Hrs**, after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com.** Prospective bidders are requested to visit the website for detailed amendment and updated tender document.
Sd /- **Chief-Contracts and Stores**

**OFFICE OF THE**
**PANCHAYAT SAMITI, PADMAPUR**
**Letter No. 47/2022** **Date: 07.01.2022**
**QUOTATION CALL NOTICE**
Sealed quotation in plain papers are invited from intending authorized/ registered agnecies/firms and individual for supply and fixing of the following items for **"Transformation of High Schools"** of Padmapur Block under 5T High School Transformation Programme for the year 2021-22. The specification of the items are as detailed below. The quotation should be submitted to the undersigned by **Registered Post** only. Quotations should be reached to the undersigned on or before **15.01.2022 upto 3.00 P.M.** in the Office of Block Development Officer, Padmapur. The quotations will be opened in the presence of the quotation bidder or authorized agents at **4.00 P.M. on 17.01.2022** in the office chamber of Block Development Officer, Padmapur. The quotation will not be received after the date and time mentioned above. The authority reserves the right to reject any tenders/quotations without assigning any reason thereof.
**Specifications:**

| Sl. No. | Name of the School to be Transformed | External Canvas Windows Grill + Glass (MM in Size) | Quantity |
|---|---|---|---|
| 1 | Aurobindo Bidyapitha High School, Naira | 1200 × 1200 mm | 8 Nos. |
| 2 | Bapuji High School, Akhusing | 1200 × 1200 mm | 8 Nos. |
| 3 | B.N. High School, Padmapur | 1200 × 1200 mm | 8 Nos. |
| 4 | Upgraded Govt. High School at Khilapadar | 1200 × 1200 mm | 4 Nos. |
| 5 | Upgraded Govt. High School at Jatili | 1200 × 1200 mm | 8 Nos. |
| 6 | OAV, Bahupadar | 1200 × 1200 mm | 4 Nos. |

**Terms and Conditions:** 1. The materials should be supplied in good condition to the work site. 2. The agencies/firm has to submit GST Clearance with the quotation & PAN Card. 3. The quotation should be submitted indicating the unit cost & price quoted separately both in figure & words **inclusive of all taxes**, transportation cost.
**Sd./- Block Development Officer, Padmapur**

# ଭସ୍ମାସୁର

ଖବର ମିଳିଛି ଯେ ଆଫଗାନିସ୍ତାନର ତାଲିବାନ୍ ସରକାର ସୁଇସାଇଡ୍ ବମ୍ବର ବା ଆତ୍ମଘାତୀ ବୋମାଧାରୀଙ୍କୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନକୁ ଆଣିବ। ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ବେଳେ ସେମାନଙ୍କୁ ବ୍ୟବହାର କରାଯିବ। ଏଥିସହିତ ସେମାନଙ୍କୁ ବିଧିବଦ୍ଧ ସୈନିକ ମାନ୍ୟତା ଦେଇ ଜେହାଦ କରିବା ପାଇଁ ପଠାଇବ। ଇସ୍‌ଲାମୀୟ ଧାର୍ମିକ ଚିନ୍ତାରେ ଅନୁପ୍ରାଣିତ ଏଭଳି ଅନେକ ଯୁବକ ତାଲିବାନ ସରକାର ପାଇଁ ଭୀଷଣ ମୁଣ୍ଡବ୍ୟଥାରେ ପରିଣତ ହେଉଥିବା ବୁଝାପଡୁଛି।

ଆମେରିକା ସହିତ ଅନ୍ୟ ସହଯୋଗୀ ଦେଶର ସେନାକୁ ଆକ୍ରମଣ ପାଇଁ ଏହି ଯୁବକମାନେ ଏକ ଗୋଷ୍ଠୀ ଭାବେ ସୃଷ୍ଟି ହୋଇଥିଲେ। ନିଜର ଧର୍ମ ପାଇଁ ଆତ୍ମବଳି ଦେବା ହୋଇଥିଲା ସେମାନଙ୍କ ସକାଶେ ଏକ ସାଂଘାତିକ ପ୍ରେରଣା। ଦୀର୍ଘ ୨୦ ବର୍ଷ ଧରି ବାହ୍ୟ ସେନାଙ୍କ ସହିତ ଲଢ଼ି ଏମାନଙ୍କ ମଧ୍ୟରୁ ଅନେକେ ମୃତ୍ୟୁବରଣ କରିଥିବାର ଖବର ଜଣାପଡ଼େ। ସେତେବେଳେ ସେମାନଙ୍କ ପାଇଁ ଶତ୍ରୁ ସମ୍ପୂର୍ଣ୍ଣ ଭାବେ ସ୍ପଷ୍ଟ ଥିଲା। ଯେଉଁଠି ବିଦେଶୀ ସେନା ପୋଷାକ ଦେଖିବେ ସେଠାରେ ନିଜ ଦେହରେ ବନ୍ଧା ହୋଇଥିବା ବୋମାକୁ ଫୁଟାଇଦେବା ସେମାନଙ୍କ ମୁଖ୍ୟ କାର୍ଯ୍ୟ ଥିଲା। କିନ୍ତୁ ସେମାନେ ସର୍ବଦା ଖୋଜିଥାଆନ୍ତି କେଉଁ ଜାଗାରେ ବିସ୍ଫୋରଣ ଘଟାଇଲେ ସର୍ବାଧିକ ଜୀବନହାନି ଘଟିବ। ପ୍ରତ୍ୟେକଟି କାର୍ଯ୍ୟାନୁଷ୍ଠାନ ଅନ୍ତର୍ଜାତୀୟ ମିଡିଆରେ ପ୍ରଚାରିତ ହେବା ସେମାନଙ୍କ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ଥିଲା। ସେହି ବାହ୍ୟ ସଶସ୍ତ୍ର ବାହିନୀକୁ ଦେଖି ଏମାନଙ୍କ ପାଇଁ ଏକଜୁଟ୍ ରହିବା ସହଜ ହେଉଥିଲା। ଜୀବନକୁ ପାଣି ଛଡ଼ାଇ ଭୟକୁ ତ୍ୟାଗ କରିବା ସହଜ କଥା ନୁହେଁ। ଆଲ୍ଲାଙ୍କ ନାମରେ ଉତ୍ସର୍ଗୀକୃତ ଏହି ଆତ୍ମଘାତୀ ବୋମାଧାରୀଙ୍କୁ ମୁସଲ୍‌ମାନ ସମ୍ପ୍ରଦାୟର ପ୍ରତୀକ ଭାବିବା ଉଚିତ୍ ନୁହେଁ। ହଠାତ୍ ୧୫ ଅଗଷ୍ଟ ୨୦୨୧ରେ ଏକ ବିରାଟ ପରିବର୍ତ୍ତନ ଘଟିଲା। ଆମେରିକା ଓ ତା'ର ସହଯୋଗୀ ଦେଶଗୁଡ଼ିକ ଆଫଗାନିସ୍ତାନରୁ ସୈନ୍ୟ ପ୍ରତ୍ୟାହାର କରିନେଲେ। ଦୀର୍ଘକାଳ ଯୁଦ୍ଧ ଲଢୁଥିବା ତାଲିବାନ ଅତି ସହଜରେ ସମଗ୍ର ଆଫଗାନିସ୍ତାନକୁ ନିଜ କବ୍‌ଜାକୁ ନେଇଗଲା। ରାଜଧାନୀ କାବୁଲର ପତନ ସେହି ବିଜୟ ଯାତ୍ରାର ସମାପ୍ତି ଦେଖିଲା। କାବୁଲ ଉଡ଼ାଜାହାଜ ପଡ଼ିଆରେ ଶେଷ ନାଟକର ପରଦା ପଡ଼ିଲା। ସେହିଦିନ ଏକ ବିରାଟ ସମସ୍ୟାର ଜନ୍ମ ମଧ୍ୟ ହେଲା। ତାଲିବାନ କେବଳ ଯୁଦ୍ଧ କରି ଜାଣିଥିଲା। ତା'ର ସମର୍ଥକମାନେ ସୈନିକ ଭାବେ ଆଲ୍ଲା ଏବଂ ଧର୍ମ ପାଇଁ ଜୀବନ ଦେବାକୁ ତାଲିବାନ ସଙ୍ଗଠନରେ ଯୋଗ ଦେଇଥିଲେ। ପରିବର୍ତ୍ତିତ ପରିସ୍ଥିତିରେ, ଯେତେବେଳେ ଯୁଦ୍ଧ ଶେଷ ହୋଇଗଲା, ତାଲିବାନର ଯୋଦ୍ଧାଙ୍କୁ ସମ୍ଭାଳିବା ଏକ ବିପଜ୍ଜନକ ସମସ୍ୟା ହେବ ବୋଲି ବୁଝାପଡୁଛି। କାରଣ ତାଲିବାନ ତାହାର ଚରିତ୍ରରେ ଶାନ୍ତିକୁ ସ୍ଥାନ ଦେଇ ନାହିଁ। ସେଥିପାଇଁ ଗତାନୁଗତିକ ପ୍ରଶାସନିକ କାର୍ଯ୍ୟରେ ତାଲିବାନର କୌଣସି ଜ୍ଞାନ ନାହିଁ। ଆମେରିକା ଆକ୍ରମଣ ପୂର୍ବରୁ କିଛିବର୍ଷ ଶାସନ କରିଥିବା ତାଲିବାନ ନେତା ଆଜି ବୁଢ଼ା ହୋଇଗଲେଣି ବା ଚାଲିଗଲେଣି। ଏବକାର ତାଲିବାନ ନେତାମାନଙ୍କର ପ୍ରଶାସନିକ ଦକ୍ଷତା ସ୍ୱାଭାବିକ ଭାବେ ଅଭାବ ରହିଥିବାରୁ ଏହି ସୁଇସାଇଡ୍ ବମ୍ବରମାନଙ୍କୁ ସାଧାରଣ ଜୀବନଯାପନ କରାଇବା ନିଶ୍ଚିତ ଭାବେ ଅସମ୍ଭବ ହେଉଥିବ। ଉକ୍ତ ଗୋଷ୍ଠୀକୁ ବେକାର ବସାଇବାକୁ ଏହି ନେତାମାନେ ଭୟ କରୁଥିବେ। ସେମାନଙ୍କ ହାତରେ ଥିବା ବନ୍ଧୁକ ବା ଦେହରେ ବନ୍ଧାଯାଇଥିବା ବୋମା କେଉଁଆଡ଼େ ମୁହାଁଇବ ବା ଫୁଟିବ କେହି ଜାଣିପାରିବେ ନାହିଁ। ସେମାନେ ଭାରତର ଗ୍ରାମବାସୀଙ୍କ ଭଳି ବିଡିଓଙ୍କଠାରୁ କଣ୍ଟ୍ରାକ୍ଟ ନେଇ ସନ୍ତୁଷ୍ଟ ହେବା ଲୋକ ନୁହେଁ।

ଏଭଳି ପ୍ରଚ୍ଛଦପଟରେ ତାଲିବାନ ନେତାମାନେ ନିଜକୁ ସୁରକ୍ଷିତ ମନେକରୁ ନ ଥିବେ। କୁହାଯାଏ ନିଆଁ ସାଙ୍ଗରେ ଖେଳିଲେ ଜଳିଯିବାର ଆଶଙ୍କା ରହିଛି। ଧର୍ମ ନାମରେ ଯୁବପିଢ଼ିଙ୍କୁ ଉତ୍ସାହିତ, ଉଦ୍‌ଭ୍ରାନ୍ତ ଓ ଆକ୍ରମଣାତ୍ମକ କରାଇଦେଲେ ତା'ର କୁଫଳ ଭସ୍ମାସୁର ପରି କାର୍ଯ୍ୟ କରେ। ଆତ୍ମଘାତୀ ବୋମାଧାରୀଙ୍କୁ ବିଧିବଦ୍ଧ ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟରେ ରଖି ଉଗ୍ରବାଦକୁ ଏକ ନୂଆ ରୂପ ଦେବାକୁ ଯାଉଛି ତାଲିବାନ। ଗୋଟିଏ ପଟେ ଅନ୍ତର୍ଜାତୀୟ ସ୍ୱୀକୃତି ଲାଭ କରିବାକୁ ଇଚ୍ଛୁକ ତାଲିବାନ, ଅନ୍ୟପଟେ ସୁଇସାଇଡ୍ ବମ୍ବରଙ୍କୁ କରଦାତାଙ୍କ ଅର୍ଥରେ ପୋଷିବା କେତେଦୂର ବିଶ୍ୱସ୍ତରରେ ଗ୍ରହଣୀୟ, ତାହା ଦେଖିବାକୁ ହେବ।

## ୨୫ ବର୍ଷ ତଳର ଧରିତ୍ରୀ

**୧୧ ଜାନୁୟାରୀ ୧୯୯୭**

- ଆମେରିକାସ୍ଥିତ ଡେଟ୍ରୋଇଟ୍ ମେଟ୍ରୋପଲିଟାନ ବିମାନଘାଟିରୁ ଯାତ୍ରା କରୁଥିବା କ୍ଷୁଦ୍ର ବିମାନଟି ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୨୯ ଯାତ୍ରୀ ମୃତ।
- ନୂତନ ଶିଳ୍ପନୀତିର ପ୍ରତିବାଦରେ ଚାଲିଥିବା ଶିଳ୍ପ ଧର୍ମଘଟକୁ ଦମନ କରିବା ପାଇଁ ଦକ୍ଷିଣ କୋରିଆ ସରକାର ପ୍ରାୟ ୧୦ ହଜାର କର୍ମଚାରୀଙ୍କୁ କାର୍ଯ୍ୟରୁ ଛଟେଇ କରିଛନ୍ତି।
- ଆନ୍ଧ୍ରପ୍ରଦେଶର ଖମାମ ଜିଲାର ଏକ ଥାନା ଉପରେ ବେଆଇନ ଘୋଷିତ ପିପୁଲ୍ସ ୱାର୍ ଗ୍ରୁପ୍‌ର ନକ୍ସଲପନ୍ଥୀଙ୍କ ବଡ଼ ଧରଣର ଆକ୍ରମଣରେ ୧୬ ପୋଲିସ କର୍ମଚାରୀଙ୍କ ସହ ୧୮ ଜଣ ନିହତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | | | | | |
| 2 | | | 1 | | | | 7 | |
| | 9 | | | | 6 | | 8 | |
| | | 9 | | | | | | |
| 8 | 3 | | | | | | 2 | 5 |
| | 1 | | | | 5 | | | 6 |
| | | 7 | | 5 | 8 | | | |
| | | 6 | | | | | | 7 |
| | | 8 | | | 4 | 2 | 9 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 6 | 9 | 5 | 8 | 2 | 3 | 1 |
| 9 | 3 | 1 | 4 | 7 | 2 | 5 | 6 | 8 |
| 8 | 5 | 2 | 6 | 1 | 3 | 7 | 9 | 4 |
| 3 | 1 | 4 | 7 | 2 | 9 | 8 | 5 | 6 |
| 7 | 6 | 8 | 1 | 4 | 5 | 9 | 2 | 3 |
| 5 | 2 | 9 | 3 | 8 | 6 | 1 | 4 | 7 |
| 6 | 8 | 5 | 2 | 3 | 1 | 4 | 7 | 9 |
| 1 | 4 | 3 | 5 | 9 | 7 | 6 | 8 | 2 |
| 2 | 9 | 7 | 8 | 6 | 4 | 3 | 1 | 5 |

ଗତକାଲିର ଉତ୍ତର

# ଲଗାମବିହୀନ ସାଇବର ଅପରାଧ



ପ୍ରକାଶ ତ୍ରିପାଠୀ

ନୂଆ ଚାକିରି ଆଉ ପ୍ରଥମ ଦରମାର ଏକ ସତନ୍ତ୍ର ଆକର୍ଷଣ ରହିଥାଏ। ଏଥିରୁ ବାଦ୍ ପଡ଼ି ନ ଥିଲେ ଭୁବନେଶ୍ୱର ନିବାସୀ ଶୁଭମ୍। ପ୍ରଥମ ଚାକିରିର ପ୍ରଥମ ଦୁଇମାସର ଦରମା ସାଇତି ରଖିଥିଲେ ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ଥିବା ନିଜ ସେଭିଙ୍ଗ ଆକାଉଣ୍ଟରେ। ଅନ୍‌ଲାଇନରେ ଗୋଟିଏ ପୁମା ଜୋତା ପସନ୍ଦ ଆସିବାରୁ ପୁମା ୱେବ୍‌ସାଇଟରୁ ସେହି ଜୋତା ମଗାଇଥିଲେ ସେ। ଏହାର ଠିକ୍ ଆଠ ଦିନପରେ ଅର୍ଥାତ୍ ଗତ ଡିସେମ୍ବର ୬ରେ ଶୁଭମ୍‌ଙ୍କ ମୋବାଇଲ ଫୋନକୁ ଗୋଟିଏ କଲ୍ ଆସିଥିଲା ଓ ନିଜକୁ ଡେଲିଭରି ବୟର ପରିଚୟ ଦେଇ ସେଇ ଯୁବକଟି ହିନ୍ଦୀରେ କହିଥିଲା ଯେ ପୁମା ୱେବ ସାଇଟରେ ଶୁଭମ୍‌ଙ୍କ ଡାଟା ଉପଲବ୍ଧ ହେଉନାହିଁ। ତେଣୁ ଜୋତା ଡେଲିଭରି ସମ୍ଭବ ହୋଇ ପାରୁନି। ଶୁଭମ୍‌ଙ୍କ ମୋବାଇଲକୁ ଏକ ମେସେଜ ପଠା ଯାଇଛି ଓ ତାହାକୁ ତୁରନ୍ତ ନିର୍ଦ୍ଦିଷ୍ଟ ଏକ ମୋବାଇଲ ଫୋନକୁ ଫରୱାର୍ଡ କରିଦେବାକୁ ଯୁବକ ଜଣକ ଶୁଭମ୍‌ଙ୍କୁ ଅନୁରୋଧ କଲେ। ନୂଆ ଜୋତାର ଆକର୍ଷଣରେ ଶୁଭମ୍ ସେହି ମେସେଜକୁ ତର୍ଜମା ନ କରି ତୁରନ୍ତ ଫରୱାର୍ଡ କରିଦେଲେ। ଠିକ୍ ଏହାର ଦଶ ମିନିଟ ପରେ ତାଙ୍କର ଏଚଡିଏଫସି ବ୍ୟାଙ୍କ ଆକାଉଣ୍ଟରୁ ଦଶ ହଜାର ଟଙ୍କା ଉଠାଣର ମେସେଜ ଆସିଲା। ତା' ପଛକୁ ପଛ ମୋଟ ୭୫୦୦୦ ଟଙ୍କା ଉଠାଣ ହୋଇ ଯାଇ ମାତ୍ର ୨୨ ଟଙ୍କା ରହିଲା ନିଜ ଜମା ଖାତାରେ। ମାତ୍ର ୧୦ ମିନିଟରେ ନିଜ ବ୍ୟାଙ୍କରେ ପହଞ୍ଚି ଆକାଉଣ୍ଟକୁ ବ୍ଲକ କରିଥିଲେ ଶୁଭମ୍ ଓ ଲିଖିତ ଅଭିଯୋଗ ବି ଦାଖଲ କରିଥିଲେ। ସେହି ବ୍ୟାଙ୍କରେ ଥିବାବେଳେ ଶୁଭମ୍‌ଙ୍କର ୟୁକୋ ବ୍ୟାଙ୍କ ଆକାଉଣ୍ଟରୁ ବି ୧୨୦୦୦ ଟଙ୍କା ଉଠାଣ ହେବାର ମେସେଜ ଆସିଗଲା। ମାତ୍ର ୧୫ ମିନିଟ ଭିତରେ ତାଙ୍କର ଦୁଇଟି ବ୍ୟାଙ୍କ ଆକାଉଣ୍ଟରୁ ୮୭୦୦୦ ଟଙ୍କା ଚାଲିଗଲା। ସଙ୍ଗେ ସଙ୍ଗେ ଶୁଭମ୍ ସାଇବର ଥାନାରେ ଅଭିଯୋଗ କଲେ। ବ୍ୟାଙ୍କ ତଥ୍ୟରୁ ଜଣାପଡିଥିଲା ଯେ, ଶୁଭମ୍‌ଙ୍କ ଟଙ୍କା ଆମାଜନ ଓ ଫ୍ଲିପକାର୍ଟରୁ ଜିନିଷ କିଣିବାରେ ବିନିଯୋଗ ହୋଇଛି। ସାଇବର ଥାନା ତତ୍‌କ୍ଷଣାତ ଫ୍ଲିପ କାର୍ଟ ଓ ଆମାଜନକୁ ଏହି ସାଇବର ଅପରାଧ ବିଷୟରେ ମେଲ ପଠାଇଥିଲେ ହେଁ କୌଣସି ଫଳ ମିଳି ନ ଥିଲା। ସାଇବର ଅପରାଧ ହେବାର ମାତ୍ର ଅଧଘଣ୍ଟା ଭିତରେ ସାଇବର ଥାନା ଓ ବ୍ୟାଙ୍କକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ନା ବ୍ୟାଙ୍କ ନା ସାଇବର ଥାନା, କେହି ବି ସହାୟତା ଦେଇପାରିଲେନି। ଅନ୍‌ଲାଇନରେ ଦାଖଲ ହୋଇଥିବା ପ୍ରଥମ ଚାକିରିର ପ୍ରଥମ ଦରମା ଚୋରି ହୋଇଗଲା ଅନ୍‌ଲାଇନରେ। ଅପରାଧୀର ମୋବାଇଲ ଫୋନ ନମ୍ବର ଅଛି, ଫ୍ଲିପକାର୍ଟ ଓ ଆମାଜନରୁ ଜିନିଷ ଅନ୍‌ଲାଇନରେ ବୁକ୍ କରିବାର ତଥ୍ୟ ବି ଅଛି। ଏସବୁ ଥାଇ ମଧ୍ୟ ପୋଲିସ ଅପରାଧୀକୁ ଧରି ନ ପାରିବା ତଥା ବ୍ୟାଙ୍କ ମଧ୍ୟ ଅସହାୟତା ପ୍ରକାଶ କରିବା ନିଶ୍ଚିତ ଚିନ୍ତାର ବିଷୟ। କେଉଁ ଭରସାରେ ଜନ ସାଧାରଣ କ୍ୟାଶ ଲେସ ବା ନଗଦବିହୀନକୁ ଗ୍ରହଣ କରିବେ ? କାହା ଭରସାରେ ବ୍ୟାଙ୍କରେ ଟଙ୍କା ସଞ୍ଚୟ କରିବେ ?

ସାଇବର ଅପରାଧ ଜଗତରେ ଶୁଭମ୍‌ଙ୍କ ଘଟଣା ଏକ ଉଦାହରଣ। ପ୍ରତିଦିନ ଖବରକାଗଜରେ ଅନୁରୂପ ଘଟଣା ମାନ ପଢ଼ିବାକୁ ମିଳୁଛି। ଶୁଭମଙ୍କ ଭୁଲ୍ ଯୋଗୁ ତାଙ୍କର ଦୁଇଟି ଯାକ ବ୍ୟାଙ୍କ ଆକାଉଣ୍ଟ ଶୂନ ହୋଇଗଲା। ଡେଲିଭରି ବୟର ପରିଚୟ ଦେଇଥିବା ଲୋକଟିର ମେସେଜକୁ ଶୁଭମ୍ ଫରୱାର୍ଡ କରି ଭୁଲ୍ କରିଥିଲେ। ଏହି ଭଳି ଛୋଟ ମୋଟ ଭଲ୍ କରି ଅନେକ ଲୋକ ସାଇବର ଅପରାଧର ଶିକାର ହେଉଛନ୍ତି। ଏଭଳି ଖବର ପ୍ରତ୍ୟହ ଆମ ନଜରକୁ ଆସୁଛି। ଭାରତରେ କ୍ୟାଶଲେସ କାରବାର ବୃଦ୍ଧି ପାଉଛି ଓ ତା' ସହ ବୃଦ୍ଧି ପାଉଛି ସାଇବର କ୍ରାଇମ। ଅନ୍‌ଲାଇନରେ କୋଟି କୋଟି ଟଙ୍କା ଠକେଇ ଚାଲିଛି ପ୍ରତ୍ୟହ। କେବଳ ସାଧାରଣ ଜନତା ନୁହେଁ, ଉଚ୍ଚ ଶିକ୍ଷିତ ଯୁବବର୍ଗ ମଧ୍ୟ ଏହାର ଶିକାର ହେଉଛନ୍ତି। ସରକାର କ୍ୟାଶଲେସ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେଉଛନ୍ତି। ଜନସାଧାରଣ ଘରେ ବସି ଅନ୍‌ଲାଇନରେ କିଣା ବିକା କରୁଛନ୍ତି। ଅନ୍‌ଲାଇନରେ ଟଙ୍କା ଆଦାନ ପ୍ରଦାନ କରୁଛନ୍ତି। ଏହାର ସୁଯୋଗ ନେଉଛନ୍ତି ସାଇବର ଅପରାଧୀ। ସେମାନଙ୍କ ସୂକ୍ଷ୍ମ ଚକ୍ରବ୍ୟୁହରୁ ବାହାରି ପାରୁନାହାନ୍ତି ଓ ସର୍ବସାନ୍ତ ହେଉଛନ୍ତି ଜନସାଧାରଣ । ନଗଦ ଅପେକ୍ଷା ଡିଜିଟାଲ ମୋଡରେ ଟଙ୍କା ଦେଣନେଣକୁ ଜଣସାଧାରଣ ପସନ୍ଦ କରୁଥିଲାବେଳେ ଅପରାଧୀମାନେ ପକେଟ ମାର୍‌ରୁ ସାଇବର ଫ୍ରଡ୍‌କୁ ପସନ୍ଦ କଲେଣି। କେବଳ ଭାରତ ନୁହେଁ, ପ୍ରତ୍ୟେକ ରାଷ୍ଟ୍ର ଏହାର ଶିକାର ହେଉଛନ୍ତି। ତଥ୍ୟ କୁହେ ବାର୍ଷିକ ପ୍ରାୟ ୨୦୦ ବିଲିଅନ ଡଲାର ସାଇବର ଫ୍ରଡ୍ ବିଶ୍ୱବ୍ୟାପୀ ହେଉଛି ଓ ଏହାର ପ୍ରାୟ ୧୦ ଭାଗ ଅପରାଧ ଭାରତରେ ସଂଗଠିତ ହେଉଛି। ସାଇବର ଅପରାଧୀଙ୍କ ବ୍ରେନ ଆଗରେ ପୋଲିସ ନ୍ୟୂନ ହୋଇଯାଉଛି। ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୦ରେ ଆମ ଦେଶର ଡିଜିଟାଲ ବ୍ୟାଙ୍କିଙ୍ଗରେ ୨.୯ ଲକ୍ଷ ସାଇବର ନିରାପତ୍ତା ଦୁର୍ଘଟଣା ଘଟିଛି। ଡିଜିଟାଲ ମୋଡ୍‌ରେ ଆର୍ଥିକ ଦେଣନେଣ ୨୦୧୮–୧୯ ବର୍ଷଠାରୁ ୪୬ ପ୍ରତିଶତ ବୃଦ୍ଧି ପାଇଛି ଓ ଆଗାମୀ ଦିନରେ ଏହା ଆହୁରି ବୃଦ୍ଧି ପାଇବ। ୨୦୧୮–୧୯ବର୍ଷରେ ଡିଜିଟାଲ ମୋଡ୍‌ରେ ଆର୍ଥିକ ଦେଣନେଣ ୩୧୩୪ କୋଟି ଟଙ୍କା ଥିବା ବେଳେ ୨୦୧୯–୨୦ରେ ଏହା ୪୫୭୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୦ରେ ସାଇବର ଅପରାଧ ଯୋଗୁ ୯୮୪୯ଟି ୱେବ୍‌ସାଇଟ/ୱେବ୍ ପେଜ/ଆକାଉଣ୍ଟକୁ ବ୍ଲକ କରାଯାଇଛି। ଏହି ବର୍ଷ ୬୨୩୩ଟି ସାଇବର ଆର୍ଥିକ ଅପରାଧ ମାମଲା ରୁଜୁ ହୋଇଛି। ଯେଉଁ ହାରରେ କ୍ରେଡିଟ କାର୍ଡ, ଡେବିଟ କାର୍ଡ, ୟୁପିଆଇ ତଥା ଅନ୍ୟାନ୍ୟ ଡିଜିଟାଲ ମୋଡ୍‌ରେ ଆର୍ଥିକ ଦେଣନେଣ ହେଉଛି ସେଇ ପରିମାଣରେ ସାଇବର ଅପରାଧ ମଧ୍ୟ ବୃଦ୍ଧି ଘଟୁଛି। ମାତ୍ର ସେହି ଅନୁପାତରେ ଅପରାଧକୁ ଧରିବାରେ ସଫଳ ହେଉନାହିଁ ପୋଲିସ। ଯଦି ଉଚ୍ଚ ଶିକ୍ଷିତ ବ୍ୟକ୍ତିବିଶେଷ ସାଇବର ଅପରାଧର ଶିକାର ହୋଇଯାଉଛନ୍ତି, ତେବେ ସାଧାରଣ ଜନତା ଏଥିରେ ସହଜରେ ପଡ଼ିଯିବା କିଛି ଆଶ୍ଚର୍ଯ୍ୟ ନୁହେଁ।


ଏବେ ପ୍ରାୟ ସଭିଙ୍କ ହାତରେ ସ୍ମାର୍ଟ ଫୋନ। ସବୁ ସ୍ମାର୍ଟ ଫୋନରେ ଇଣ୍ଟରନେଟ ସେବା ଉପଲବ୍ଧ। ଘରେ ବସି ଅନ୍‌ଲାଇନ ଶପିଙ୍ଗଠାରୁ ଆରମ୍ଭକରି, ଇଲେକ୍ଟ୍ରି ବିଲ୍, ପାଣି ବିଲ୍, ପିଲାଙ୍କ ସ୍କୁଲ ଓ କଲେଜ ଫିସ, ଟଙ୍କା ଉଠାଣ ଓ ଜମା ଆଦି ସବୁ କିଛି ନେଣଦେଣ ଅନ୍‌ଲାଇନରେ ହେଉଛି। ଆପଣଙ୍କ ମନ ଜାଣି ଅନ୍‌ଲାଇନରେ ଥିବା ବ୍ୟବସାୟିକ ସାଇଟ୍‌ଗୁଡ଼ିକ ଆପଣଙ୍କ ପିଛା କରୁଛନ୍ତି। ଏବେ ଇଣ୍ଟରନେଟରେ ଅଗଣିତ ଫେକ୍ ବା ମିଥ୍ୟା ୱେବ୍‌ସାଇଟ। ଦିନରାତି ଆପଣଙ୍କୁ ମୋବାଇଲ ଫୋନରେ ଅନେକ ଲୋଭନୀୟ ମେସେଜ ଆସୁଛି। କେତେବେଳେ ଆପଣ କୋଟିଏ ଟଙ୍କା ଜିତି ଯାଉଛନ୍ତି ତ କେତେବେଳେ ଆପଣଙ୍କ ବ୍ୟାଙ୍କ ଲୋନ ମଞ୍ଜୁର ହୋଇଯାଇଛି ବୋଲି ମେସେଜ ଆସୁଛି। କିଏ ବ୍ୟାଙ୍କ ଆକାଉଣ୍ଟ ମାଗିଲାଣି ତ କିଏ ଆଧାର ନମ୍ବର। ମଣିଷ ଦିନରାତି ମେହନତ କରି ଟଙ୍କା ବ୍ୟାଙ୍କରେ ରଖୁଛି, ଦଳେ ଉଚ୍ଚ ଶିକ୍ଷିତ ଚୋର ଘରେ ବସି କମ୍ପ୍ୟୁଟର ଓ ଇଣ୍ଟରନେଟ ମାଧ୍ୟମରେ ତାକୁ ଚୋରି କରିବାକୁ ଉପାୟ ପାଞ୍ଚୁଛନ୍ତି। ସବୁ ବ୍ୟାଙ୍କ ଖାତାରେ ଆଧାର ନମ୍ବର ଓ ମୋବାଇଲ ନମ୍ବର ରହୁଛି ଏବଂ ଆପଣଙ୍କ ମୋବାଇଲରେ ସବୁ ଡାଟା ରହୁଛି। ଯଦି କୌଣସିମତେ ଆପଣଙ୍କ ଫୋନ ହ୍ୟାକ ହୋଇଗଲା, ତେବେ ଆପଣଙ୍କ ମୋବାଇଲ ଫୋନରେ ଥିବା ସବୁ ଡାଟା ହ୍ୟାକର ପାଖକୁ ଚାଲିଯିବ ଓ ତାରି ମାଧ୍ୟମରେ ଯେତେସବୁ ବ୍ୟାଙ୍କରେ ଆପଣଙ୍କ ଟଙ୍କା ଥିବ, ତାହା ହ୍ୟାକର ସହଜରେ ନେଇଯାଇ ପାରିବ ଯେମିତି ଶୁଭମ୍‌ଙ୍କର ହେଲା। ନା ପୋଲିସ ନା କେହି ବି ସାହାଯ୍ୟ କରିପାରିବେନି। ଅବଶ୍ୟ କିଛି କ୍ଷେତ୍ରରେ ପୋଲିସକୁ ସଫଳତା ମିଳୁଛି। ମାତ୍ର ସେ ଭରସାରେ ଜନସାଧାରଣ ରହିବା ଠିକ୍ ହେବନାହିଁ।

ସାଇବର ଅପରାଧୀମାନେ ଉଚ୍ଚ ଶିକ୍ଷିତ ତଥା ଉନ୍ନତ ଜ୍ଞାନ କୌଶଳଯୁକ୍ତ ହୋଇଥିବାରୁ ମୋବାଇଲ ସିମ୍‌କାର୍ଡ ଓ ଡେବିଟ କାର୍ଡ କ୍ଲୋନିଙ୍ଗ ସେମାନଙ୍କ ପାଇଁ ଅସାଧ୍ୟ ନୁହେଁ। ଆପଣଙ୍କ ପାଖରେ ଆପଣଙ୍କ ଡେବିଟ କାର୍ଡ ଥିବ, କିନ୍ତୁ ଆପଣ ମେସେଜ ପାଇବେ ଯେ ଆପଣଙ୍କ ଡେବିଟ କାର୍ଡରେ ଅମୁକ ଏଟିଏମ୍‌ରୁ ଏତିକି ଟଙ୍କା ଉଠାଣ ହୋଇଛି। ଏମିତି ଉଦାହରଣ ଏଇ ନିକଟରେ ଘଟିଛି ଓ ପୁରୀରେ। ବିଭିନ୍ନ ଉପାୟରେ ସାଇବର ଅପରାଧୀମାନେ ଲୁଟିଚାଲିଛନ୍ତି ଟଙ୍କା। ସାଇବର ଥାନା ଓ ବିଶେଷ କରି ବ୍ୟାଙ୍କ କର୍ତ୍ତୃପକ୍ଷ ସାଇବର ଠକେଇକୁ ରୋକିବା ପାଇଁ ଓ ଉପଭୋକ୍ତାଙ୍କ ଅର୍ଥର ସୁରକ୍ଷା ଲାଗି ଅଧିକ ଯତ୍ନବାନ ହେବା ଆବଶ୍ୟକ। ପ୍ରତି ବ୍ୟାଙ୍କରେ ସାଇବର ନିରୋଧକୁ ସକ୍ରିୟ ତଥା ଅଧିକ କ୍ରିୟାଶୀଳ କରାଯିବା ଜରୁରୀ ହେଲାଣି।

ଆଗାମୀ ଦିନରେ ନଗଦ ବିହୀନ କାର୍ଯ୍ୟକ୍ରମ ଆହୁରି ଅଧିକ ହେବ। ଅନ ଲାଇନରେ କାରବାର ବଢ଼ିବ। ସେଥିପାଇଁ ଉପଭୋକ୍ତାମାନଙ୍କୁ ଅଧିକ ସତର୍କ ହେବାକୁ ପଡ଼ିବ। ଅନାବଶ୍ୟକ ଲିଙ୍କଠାରୁ ଦୂରେଇ ରୁହନ୍ତୁ। ନିଜର ବ୍ୟକ୍ତିଗତ ତଥ୍ୟ ଗୋପନରଖନ୍ତୁ ଓ କାହା ସହ ଶେୟାର କରନ୍ତୁ ନାହିଁ । କୌଣସି ମେସେଜ ବା ଲିଙ୍କକୁ ଫରୱାର୍ଡ କରନ୍ତୁ ନାହିଁ। ଓଟିପି ଓ ଡେବିଟ କାର୍ଡ ସିଭିସିକୁ ଗୋପନ ରଖନ୍ତୁ। ଅନ୍‌ଲାଇନ କାରବାରରେ ଯଦି ଆପଣ ସିଦ୍ଧହସ୍ତ ନୁହନ୍ତି, ତେବେ ଏ ସମ୍ପର୍କିତ ଜ୍ଞାନ ଥିବା ଅତି ପରିଚିତ ଓ ବିଶ୍ୱସ୍ତ ବ୍ୟକ୍ତିବିଶେଷଙ୍କ ସହାୟତା ନିଅନ୍ତୁ କିମ୍ବା ଅଫ୍ ଲାଇନରେ କାରବାର କରନ୍ତୁ। କଷ୍ଟ ଅର୍ଜିତ ଧନକୁ ସୁରକ୍ଷିତ ରଖନ୍ତୁ।

**ମୋ:୯୪୩୭୨୩୨୪୬୩**

# ବଢ଼ିଲା ଝିଅର ଚିନ୍ତା



ଦ୍ୱିତୀ ଚନ୍ଦ୍ର ସାହୁ

ଅପରାହ୍ଣ ସମୟ। ବିଦ୍ୟାଳୟ ସମୟ ଶେଷ ହୋଇଯାଇଛି। ଅଫିସରେ ବସିଥାଏ। ଜଣେ ଅଳ୍ପବୟସ୍କା କାଖରେ ପିଲାଟିକୁ ଧରି ଆସିଲା। ତା'ର ଟିସି ମାଗିବା ଉଦ୍ଦେଶ୍ୟରେ ଆସିଥିବା ସୂଚନା ଦେଲା। ନିଜର ପରିଚୟ ଦେଲା। ସପ୍ତମ ଶ୍ରେଣୀଯାଏ ପଢ଼ିଥିବା କହିଲା। ବିଦ୍ୟାଳୟ ଛାଡ଼ିବାର ଛଅ ସାତ ବର୍ଷ ହୋଇଥିବ। ଏତେ କୁନି ପିଲାଟି ମାଆ ହୋଇଗଲା। ଚକିତ ହୋଇ ପଚାରିଲି, 'ଏତେ ଛୋଟ ବୟସରେ ବିଭା ହେଲୁ କିମିତି?' ସେ କହିଲା, 'ଦି' ବର୍ଷ ହେଲା ଘରେ ବିଭା କରିଦେଲେ ସାର। ଏବେ ଆଶାକର୍ମୀ ପୋଷ୍ଟ ବାହାରିଛି ସାର। ସେଥିପାଇଁ ସାର୍ଟିଫିକେଟ ଲୁଡ଼ା ପଡୁଛି।' ମୋଟାମୋଟି ଭାବେ ସେ ମାତ୍ର ୧୬ ବର୍ଷରେ ବାହା ହୋଇଯାଇଛି। ପୁଣି ଗୋଟେ ଛୁଆର ମାଆ। ଏସବୁ ଭାବି ଭାବି ବିସ୍ମିତ ହେଲି। ତାକୁ କିଛି ବି କହିପାରିଲିନି। ତା'ର ଭୁଲ୍ କେଉଁଠି ରହିଲା ତର୍ଜମା ଆରମ୍ଭ କରିବାକୁ ଲାଗିଲି। ସାର୍ଟିଫିକେଟ ଧରି ଚାଲିଗଲା ସେ। ଭାବିବାକୁ ଅନେକ ଛାଡ଼ି ଦେଇଗଲା।

ଆଦିବାସୀ ସମ୍ପ୍ରଦାୟରେ ଏମିତି ବହୁ ଝିଅ କମ ବୟସରେ ବାହା ହେଉଛନ୍ତି। ବାଲ୍ୟବିବାହ ଆଦିବାସୀ ସମ୍ପ୍ରଦାୟରେ ଏକ ବଡ଼ ସମସ୍ୟା। ବୟସ ମାନେନି। ଆଇନକାନୁନକୁ ଡରଭୟ ନାହିଁ। ସେ ସମ୍ପର୍କରେ ଧାରଣା ବି ନାହିଁ। ପୁଅଝିଅ ମନ ମାନିଲା ତ ବିଭାଘର ହେଲା। ନ ହେଲେ ଝିଙ୍କି ନେଇ ବିଭାଘର ପାଇଁ ଆକଟ କିଛି ନାହିଁ। ସେହିପରି ଆବାସିକ ବିଦ୍ୟାଳୟରେ ପଢୁଥିବା ଝିଅମାନେ ଅନେକ ସମୟରେ ଛୁଟିରେ ଘରକୁ ଯାଇ ଆଉ ହଷ୍ଟେଲକୁ ଫେରନ୍ତିନି। ଖବର ସଂଗ୍ରହ ବେଳକୁ ଜଣାପଡ଼େ ତା'ର ବାହାଘର ସରିଯାଇଥାଏ। ତା'ପରେ ଚାଇଲ୍‌ଡଲାଇନର କର୍ମକର୍ତ୍ତାମାନେ ପହଞ୍ଚି କାଉନସେଲିଂ କରନ୍ତି। ପୋଲିସ, ସାମାଜିକ କର୍ମକର୍ତ୍ତା, ବିଦ୍ୟାଳୟ କର୍ତ୍ତୃପକ୍ଷ, ଗଣମାଧ୍ୟମ, ଅଫିସର ଏ ସମସ୍ତଙ୍କ ସମାଗମରେ ଗାଁ ଚର୍ଚ୍ଚିତ ହୁଏ। ଝିଅଟି ଅନେକ ବଦନାମ ମୁଣ୍ଡାଏ। ଶେଷରେ ହୁଏତ ଆପୋସ ଆଲୋଚନାକ୍ରମରେ ଝିଅକୁ ବୟସ ନହେବା ଯାଏ ଶାଶୁଘରକୁ ଛାଡ଼ିବାକୁ ବାପା ରାଜିହୁଏ। କିନ୍ତୁ ପରବର୍ତ୍ତୀ ସମୟରେ ବାସ୍ତବତା କିଛି ଅଲଗା ହୁଏ। ଆଦିବାସୀ ଇଲାକାରେ ବାଲ୍ୟ ବିବାହକୁ ରୋକିବା ସମ୍ଭବ ହୋଇପାରିନି। କେବଳ ଆଦିବାସୀ ସମାଜରେ ନୁହେଁ, ଶିକ୍ଷିତ ସମାଜର ମାତାପିତା ବି ଅନେକ କ୍ଷେତ୍ରରେ ଝିଅକୁ ଭଲ ବର ଦେଖି ବାହା ଦେବାକୁ ବ୍ୟଗ୍ର ହୋଇପଡିଥା'ନ୍ତି। ଝିଅର ବାହାଘର ପରେ ମୁକ୍ତି ବୋଲି ବିଚାର କରନ୍ତି। ସେଠି ଝିଅର ବୟସ ଓ ଶିକ୍ଷାଗତ ଯୋଗ୍ୟତା ପ୍ରତି ନଜର ଦିଅନ୍ତିନି।

ଆଦିବାସୀ ଅଧ୍ୟୁଷିତ ଜିଲାଗୁଡ଼ିକରେ ଶିଶୁ ଓ ମାତୃ ମୃତ୍ୟୁହାର ଏବେ ମଧ୍ୟ ଆଶାନୁଜନକ ହ୍ରାସ ପାଇପାରିନି। ବିଭିନ୍ନ କାରଣ ଭିତରୁ ଅଳ୍ପ ବୟସରେ ବାହା ହେବା ମୃତ୍ୟୁ ହାର ବୃଦ୍ଧିର ଅନ୍ୟତମ କାରଣ । ଏଇକ୍ରମରେ ସମ୍ପ୍ରତି କେନ୍ଦ୍ର ସରକାର ମହିଳାମାନଙ୍କ ବିବାହ ବୟସ ୧୮ ବର୍ଷରୁ ୨୧କୁ ବୃଦ୍ଧି କରିଛନ୍ତି। ଏହାକୁ ନେଇ ବହୁ ଚର୍ଚ୍ଚା ଆରମ୍ଭ ହୋଇଛି। ଗୋଟିଏ ପଟେ ସାଧାରଣତଃ ୧୮ ବର୍ଷ ବେଳକୁ ଜଣେ ଝିଅ ନିରବଚ୍ଛିନ୍ନ ଶିକ୍ଷା ଗ୍ରହଣ କଲେ ଡିଗ୍ରୀ ପ୍ରଥମ ବର୍ଷ ପଢ଼ିବା କଥା। ଏଇ ସମୟରେ ପାରିବାରିକ ଦାୟିତ୍ୱ ବହନ କରି ଘର ସଂସାର କରିବା ସଠିକ ସମୟ ହୋଇ ନପାରେ। ଏଇ ସମୟରେ ବାହା ହେଲେ ଶିକ୍ଷା ଅଧ୍ୟୟନରେ ଗୁରୁତର ବ୍ୟାଘାତ ସୃଷ୍ଟି ହୁଏ। ୨୧ ବର୍ଷ ବେଳକୁ ହୁଏତ ଜଣେ ଡିଗ୍ରୀ ସଫଳତାର ସହ ଶେଷ କରି ସାରିଥିବ। ମାନସିକତା ଅଧିକ ପରିପୁଷ୍ଟ ହୋଇଥିବ। ସାମାଜିକ ଦାୟିତ୍ୱବୋଧ କିଛି ମାତ୍ରାରେ ସୃଷ୍ଟି ହୋଇଥିବ। ପ୍ରତିଯୋଗିତାମୟ ଦୁନିଆରେ ଅର୍ଜିତ ଡିଗ୍ରୀକୁ ନେଇ ନିଜ ପାଇଁ ବୃତ୍ତି ଖୋଜିବାରେ ସକ୍ଷମ ହୋଇପାରିବ। କିନ୍ତୁ ଆରପାଖର ସ୍ଥିତି ବଡ଼ କରୁଣ।

ଗ୍ରାମାଞ୍ଚଳ ବହୁଳ ଆମ ଦେଶରେ ଝିଅମାନଙ୍କୁ ନେଇ ଆମ ସମାଜ ଅଧିକ ସମ୍ବେଦନଶୀଳ। ଅତୀତରେ ଝିଅଟି ନବମ କିମ୍ବା ଦଶମ ପଢ଼ିଲାବେଳକୁ କୁମାରୀତ୍ୱ ପ୍ରାପ୍ତ କରୁଥିଲା। ଏବେ କିନ୍ତୁ ପାରିପାର୍ଶ୍ୱିକ ପରିବେଶ, ଜଳବାୟୁ ପରିବର୍ତ୍ତନର ପ୍ରଭାବ ହେଉ କି ଅନ୍ୟ ବହୁ କାରଣରୁ ହେଉ ଝିଅମାନଙ୍କ କୁମାରୀତ୍ୱ ପ୍ରାପ୍ତିର ସମୟ ଶୀଘ୍ର ହୋଇଯାଉଛି। ଝିଅଟି ଷଷ୍ଠ କିମ୍ବା ସପ୍ତମ ଶ୍ରେଣୀ ବେଳକୁ କୁମାରୀତ୍ୱ ଲାଭ କରୁଛି। ଶୈଶବର ମାନସିକତା ଭିତରେ ଏଇ ପରିସ୍ଥିତି ଝିଅମାନଙ୍କୁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି। ବିଦ୍ୟାଳୟରେ ଜୀବନ କୌଶଳ ଶିକ୍ଷା ପ୍ରଦାନପୂର୍ବକ ନୂତନ ପରିସ୍ଥିତି ଓ ନୂଆ ଆହ୍ୱାନ ସମ୍ପର୍କରେ ସଚେତନତା ସତ୍ତ୍ୱେ ଝିଅଟି ସମାଜରେ ବିଷମ ପରିସ୍ଥିତି ଦେଇ ଗତି କରୁଛି। ନିଜର ଶାରୀରିକ ପରିବର୍ତ୍ତନକୁ ନେଇ ସାଙ୍ଗସାଥୀ, ସମ୍ପର୍କୀୟମାନଙ୍କଠାରୁ ଆରମ୍ଭ କରି ଇତର ଜନଙ୍କଠାରୁ ବହୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରୁଛି। ଅନେକ ସମୟରେ ଘରେ ଓ ବାହାରେ ନିଜକୁ ସୁରକ୍ଷିତ ମଣିପାରୁନି ସେ। ଭୟ, ଶଙ୍କାକୁଳ ବାତାବରଣ ଭିତରେ ଜୀବନ ନିର୍ବାହ କରୁଛି। ନିକଟରେ ଚେନାଇର ଜଣେ ଏକାଦଶ ଶ୍ରେଣୀର ଛାତ୍ରୀ ତା' ଉପରିସ୍ଥ ଛାତ୍ରଠାରୁ ଯୌନ ନିର୍ଯାତନା ଭୋଗିବା ପରେ ମାନସିକ ତାଡ଼ନା ସହି ନପାରି ଆତ୍ମହତ୍ୟା କରିଛି। ଆତ୍ମହତ୍ୟା ପୂର୍ବରୁ ଲେଖିଥିବା ଚିଠି ସମଗ୍ର ଶିକ୍ଷିତ ସମାଜ ସର୍ବୋପରି ବଢ଼ିଲା ଝିଅର ବାପାମାନଙ୍କୁ ଚିନ୍ତା କରିବା ପାଇଁ ବାଧ୍ୟ କରିଛି। ସେ ଲେଖିଛି– 'ଦୁନିଆରେ ଝିଅମାନଙ୍କ ପାଇଁ କେବଳ ମାତୃଗର୍ଭ ଓ ଶ୍ମଶାନ ହିଁ ସୁରକ୍ଷିତ ସ୍ଥାନ।' ଏହାର ଅର୍ଥ ଭୂମିଷ୍ଠ ହେବା ପରଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଝିଅଟି ସମ୍ଭବତଃ ସୁରକ୍ଷିତ ନୁହେଁ। କେଉଁଠି ନା କେଉଁଠି ତାକୁ ନିର୍ଯାତନା, ତାଡ଼ନା ଓ ଲାଞ୍ଛନା ପାଇବାର ସମ୍ଭାବନାଟି ଭରପୂର ଥାଏ। ୮ ମାସର ପ୍ରେମରେ ଶାରୀରିକ ସମ୍ପର୍କ। ତା'ପରେ ତା'ର ଆତ୍ମହତ୍ୟା। କେବଳ ତାମିଲନାଡୁରେ ଗତ କିଛି ସପ୍ତାହ ଭିତରେ ୪ ଜଣ ପାଠପଢୁଆ ଝିଅ ଯୌନ ଶୋଷଣର ଶିକାର ହୋଇ ଆତ୍ମହତ୍ୟା କରିଛନ୍ତି। ଦେଶର ଏ ହାର ବିଷୟରେ ଚିନ୍ତା କରିବା ନିଶ୍ଚିତ ପକ୍ଷେ ଯନ୍ତ୍ରଣାଦାୟକ। ବର୍ତ୍ତମାନ ପ୍ରତି ପିଲା ହାତରେ ମୋବାଇଲ। ପିଲାଙ୍କ ହାତରେ ନେଟ୍ ସୁବିଧା ଏଣ୍ଡ୍ରୋଏଡ୍ ମୋବାଇଲ ଥିବ, ତେବେ ସେ କେଉଁ ଦୁନିଆରୁ ଯାଇ କେଉଁ ଦୁନିଆରେ ପହଞ୍ଚି ଯାଇଥିବ ସେ ନିଜେ ମଧ୍ୟ ଜାଣି ନଥିବ। ଅଭିଭାବକ ପାଇଁ ତ ଜାଣିବା ଭାରି କଷ୍ଟ। ଆଉ ଆଜିର ସୋସିଆଲ ମିଡିଆ ଯୁଗରେ ପ୍ରତିଟି ସମୟ ଝିଅ ପାଇଁ ଆହ୍ୱାନଭରା। ଏହି କାରଣରୁ ବଢ଼ିଲା ଝିଅର ବାପାମାନେ ପ୍ରତି ମୁହୂର୍ତ୍ତରେ ଦ୍ୱିଧାମୟ ଜୀବନ ନିର୍ବାହ କରୁଛନ୍ତି। ସମାଜ ପ୍ରତି ଝିଅର ଓ ଝିଅ ପ୍ରତି ଅଭିଭାବକଙ୍କ ବିଶ୍ୱାସର ନୂଆ ସଂସ୍କରଣ ପ୍ରସ୍ତୁତ ହୋଇଛି। ଏଭଳି ସ୍ଥିତିରେ ବିବାହ ସମୟର ପରିବର୍ଦ୍ଧନ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ବୟସର ସୀମା ପରିବର୍ତ୍ତନ ପରେ ଶିଶୁର ଆକ୍ଷରିକ ସଂଜ୍ଞା ଓ ବୟସ ସୀମା ଆଦି ନିର୍ଣ୍ଣୟ ଦିଗରେ ବି ଗୁରୁତ୍ୱ ଦେବା ଆବଶ୍ୟକ। ସେହିପରି ଧାର୍ମିକ ଦୃଷ୍ଟିକୋଣରୁ ଏଥିନେଇ ମତ ମତାନ୍ତର ପ୍ରତିବାଦ ବି ଉଠିବାକୁ ଲାଗିଲାଣି। ତଥାପି ମହିଳାଙ୍କ ବିବାହ ବୟସ ୧୮ରୁ ୨୧କୁ ବଢ଼ିବା ନେଇ ବିଭିନ୍ନ ମହଲରୁ ସ୍ୱାଗତ କରାଯାଉଛି। ଭଲ କଥା ଓ ଯୁଗୋପଯୋଗୀ। କିନ୍ତୁ ବାସ୍ତବତାକୁ ପରଖି କ୍ଷେତ୍ରସ୍ଥଳରେ ଥିବା ସମସ୍ୟାଗୁଡ଼ିକୁ ଚିହ୍ନଟ ସହ ସମାଧାନ ଦିଗରେ କଠୋର ପଦକ୍ଷେପ ଗ୍ରହଣ ନ କରି କେବଳ ଆଇନ ପ୍ରଣୟନ ଭିତରେ ସୀମିତ ରହିଲେ ସମ୍ଭବତଃ ଏହା କେବଳ କାଗଜ ବାଘ ହୋଇ ରହିବ। ବରଂ ବଢ଼ିଲା ଝିଅର ଚିନ୍ତା ସମାଜର ଗଣ୍ଡିକୁ ଖାଇବ ଏବଂ ବଢ଼ିଲା ଝିଅର ବାପାମାନଙ୍କ ଜୀବନ ଅଧିକ ଦୁର୍ବିଷହ ହୋଇପଡ଼ିବ।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା**
**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ଖାଦ୍ୟ ଖାଇବା କିମ୍ବା ପରଷିବାରେ ବ୍ୟବହୃତ ପ୍ଲାଷ୍ଟିକ୍ କଟଲେରି (ଛୁରୀ, କଣ୍ଟାଚାମଚ, ଚାମଚ) ଗ୍ଲାସ, କପ୍ ଆଦି ଜିନିଷର ବିକଳ୍ପ ଏଡିବଲ (ଖାଇବାଯୋଗ୍ୟ) ଦ୍ରବ୍ୟ ପ୍ରସ୍ତୁତ କରିଛନ୍ତି ପୁନିତ ଦତ୍ତ। ସେସବୁ ଏଡିବଲ ଜିନିଷ ବ୍ୟବହାର ପରେ ତାହାକୁ ଖାଇ ହେଉଛି। ଫଳରେ ପ୍ଲାଷ୍ଟିକ୍ ଓ ଥର୍ମକୁଲ ବ୍ୟବହାର କମାଯାଇପାରୁଛି। ଏଡିବଲ କଟ୍‌ଲେରି ଷ୍ଟାର୍ଟଅପ୍ ଦ୍ୱାରା ବହୁ ଗବେଷଣା ପରେ ଏସବୁ ଜିନିଷକୁ ତିଆରି କରିବା ଲାଗି ପୁନିତଙ୍କୁ ୬ ବର୍ଷ ଲାଗିଛି। ୨୦୧୯ରେ ସେ ଆଟାୱେର ବାୟୋଡିଗ୍ରେଡବଲ ପ୍ରାଇଭେଟ୍ ଲିମିଟେଡ ପ୍ରତିଷ୍ଠା କରି ଏହିସବୁ ଏଡିବଲ କଟ୍‌ଲେରି ପ୍ରସ୍ତୁତ କରୁଛନ୍ତି। ସବୁଠୁ ସ୍ୱତନ୍ତ୍ର ହେଉଛି ପୁନିତଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା କପ୍। ଏଥିରେ ଚା'ପିଇବେ ଓ ତାହାକୁ ଖାଇପାରିବେ। ଫଳରେ ସେଗୁଡ଼ିକୁ ଆଉ ବାହାରେ ଫିଙ୍ଗିବାକୁ ପଡୁନାହିଁ। ପ୍ରତି ସପ୍ତାହରେ ସେ ୯.୫ ଲକ୍ଷ ଏଡିବଲ କପ୍ ବିକ୍ରି କରୁଛନ୍ତି। ଅଦା, ଅଳେଇଚ, ଲେମ୍ବୁ, ଭାନିଲା, କଫି, ଷ୍ଟ୍ରବେରି ଆଦି ୯ଟି ସ୍ୱାଦର କପ୍ ସେ ତିଆରି କରୁଛନ୍ତି। ଆଟାୱେର୍‌ର ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଏହି ସବୁ ଜିନିଷ ବ୍ୟବହାର ୯୦ ଟନ୍ ପ୍ଲାଷ୍ଟିକ୍ ଉପଯୋଗ କମ୍ କରିପାରିଛି। କେବଳ ଏତିକି ନୁହେଁ, ଏହାକୁ ଧୋଇବାକୁ ପଡୁ ନଥିବାରୁ ୩୫ଲକ୍ଷ ଲିଟର ପାଣି ବଞ୍ଚୁଛି।

## ଚିରନ୍ତନୀ

ମଣି ଜେନା ମାମଲାରେ
ତାରିଖ ହୋଇଛି ତାର
କଟକ ଯିବାକୁ ହେବ
ଆସୁଛି ଯେ ଗୁରୁବାର।
–(ଚାଷୀର ଭାଗ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ପରିବର୍ତ୍ତନ ଦରକାର

ମହାଶୟ,

ଦୁର୍ନୀତିରେ ଉବୁଟୁବୁ ହେଉଛି ଦଶରଥପୁର ବ୍ଲକ। ମାଲାମାଲ ହେଉଛନ୍ତି ହାତଗଣତି ରାଜନେତା, ଠିକାଦାର, ସରକାରୀ କର୍ମଚାରୀ। ସରକାରୀ ଯୋଜନାକୁ ହରଣଚାଳ କରୁଛନ୍ତି ଶୋଷକ ଗୋଷ୍ଠୀ। ପ୍ରକୃତ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ଖରା, ବର୍ଷା, ଶୀତରେ ଛଟପଟ ହେଉଥିବା ପରିବାରକୁ ମିଳୁନି ସରକାରୀ ଆବାସ, ମିଳୁଛି ଦି'ମହଲାବାଲା ଧନୀ ଲୋକଙ୍କୁ। ପାଇଖାନା ପାଇଁ ଦେବାକୁ ପଡୁଛି ହାତଗୁଞ୍ଜା। ମନ୍‌ରେଗା ନାଁରେ ଗାଁ ମଶାଣି, ଗୋଚର, ଜଙ୍ଗଲ ଜମିକୁ ଗାଡ଼ିଆ କରି କୋଟିକୋଟି ଟଙ୍କା ଚଳୁ କରାଯାଉଛି। ଗରିବକୁ ମିଳୁନି ରାଶନକାର୍ଡ। ତାଳୁରୁ ତଳିପା ପର୍ଯ୍ୟନ୍ତ ଦୁର୍ନୀତିରେ ସମ୍ପୃକ୍ତ। କହିବା କାହାକୁ, ଶୁଣିବ କିଏ ? ଆଗକୁ ପଞ୍ଚାୟତ ନିର୍ବାଚନ। ଏହି ନିର୍ବାଚନକୁ ସ୍ୱଚ୍ଛ, ଅବାଧ ସହ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଦୁର୍ନୀତିମୁକ୍ତ କରିବା ପାଇଁ ୱାର୍ଡସଭ୍ୟ, ସମିତିସଭ୍ୟ, ସରପଞ୍ଚଙ୍କୁ ଦଳୀୟ ପ୍ରଭାବରୁ ମୁକ୍ତ କରିବା ପାଇଁ ସମ୍ବିଧାନ କହୁଛି। ତେଣୁ ଏହି ସବୁ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କୁ ଦଳୀୟ ଚିହ୍ନ ଦିଆଯାଇ ନାହିଁ, କି ଅଧିକ ଅର୍ଥ ଖର୍ଚ୍ଚ କରିବା ପାଇଁ ଅନୁମତି ଦିଆଯାଇ ନାହିଁ। କିନ୍ତୁ ଦଳୀୟ ନେତାମାନେ ତାଙ୍କ ବୋଲକରାଙ୍କୁ ପଞ୍ଚାୟତ ପ୍ରତିନିଧି ପାଇଁ ପ୍ରାର୍ଥୀ କରୁଛନ୍ତି। ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ସହ ବିପୁଳ ଅର୍ଥ ବିନିଯୋଗ କରୁଛନ୍ତି। ପରେ ସେଇ ପଞ୍ଚାୟତ ପ୍ରତିନିଧିଙ୍କ ମାଧ୍ୟମରେ ପଞ୍ଚାୟତକୁ ଶୋଷଣ କରୁଛନ୍ତି। ପ୍ରତିନିଧି ଜଣକ ବି ଭୋଟରେ ଯେତେ ଅଧିକ ଖର୍ଚ୍ଚ କରନ୍ତି ତା'ର ଦଶଗୁଣା ଉଠାନ୍ତି। ତେଣୁ ଦୁର୍ନୀତି ମାଡ଼ି ମାଡ଼ି ଚାଲେ। ଏସବୁର ପରିବର୍ତ୍ତନ ଦରକାର।

**–ସରୋଜ ବିଶ୍ୱାଳ, ଦଶରଥପୁର, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୀମାନ୍ତରେ ମାଓବାଦୀ-ଯବାନ ଗୁଳି ବିନିମୟ

**ନୂଆପଡ଼ା ଅଫିସ,୧୦।୧:** ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ସୋମବାର ସକାଳେ ଗୁଳି ବିନିମୟ ହୋଇଥିବା ସୂଚନା ମିଳିଛି। ସନ୍ଧ୍ୟା ପର୍ଯ୍ୟନ୍ତ ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାୟନ କରିଥିଲେ। ଛତିଶଗଡ଼ ଏବଂ ଓଡ଼ିଶା ସୀମାନ୍ତ ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ରହିଥିବା ବିଶେଷ ସୂତ୍ରରୁ ପୋଲିସକୁ ସୂଚନା ମିଳିଥିଲା। ଏହି ସୂଚନାକୁ ଆଧାର କରି ନୂଆପଡା ପୋଲିସ ରଣନୀତି ପ୍ରସ୍ତୁତ କରିଥିଲା। ଗତ ୭ ତାରିଖରେ ଏସ୍ଓଜି ଯବାନଙ୍କ ୨ଟି ଓ ସୁନାବେଡା ସିଆର୍ପିଏଫ୍ କ୍ୟାମ୍ପର ୨ଟି ଟିମ୍ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ଛତିଶଗଡ ସୀମାନ୍ତରେ ମାଓବାଦୀମାନେ କ୍ୟାମ୍ପ କରିଥିଲେ। ସୋମବାର ସକାଳ ପ୍ରାୟ ୯ଟାରେ ଛତିଶଗଡ ଗରିଆବନ୍ଧ ଜିଲା ମେନପୁର ଥାନା ସିକାସେର ଡ୍ୟାମ ନିକଟ ହୁତୋତାଡି ଗାଁ ନିକଟରେ ଏସ୍ଓଜି ଯବାନ ଓ ସିଆର୍ପିଏଫ୍ କୋମ୍ବିଂ ଟିମ୍ ପହଞ୍ଚିଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳି ଚାଳନା କରିଥିଲେ। ଏହାର ପାଲଟା ଜବାବ ଦେଇ ଯବାନମାନେ ଗୁଳି ଚାଳନା କରିଥିଲେ। ଏହି ସମୟରେ ମାଓବାଦୀମାନେ ଆଇଡି ବିସ୍ଫୋରଣ କରିଥିଲେ। ସେଠାରେ ଦୀର୍ଘ ସମୟ ଧରି ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହି ଘଟଣାକୁ ନେଇ ପୋଲିସ ଅଧିକାରୀମାନେ ମୁହଁ ଖୋଲୁ ନ ଥିବା ବେଳେ ନୂଆପଡା ଏସ୍ପି ପ୍ରତ୍ୟୁଷ ଦିବାକରଙ୍କୁ ଯୋଗାଯୋଗ କରିବାରୁ ଫୋନ ଗ୍ରହଣ କରୁ ନ ଥିବାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ୪ ଜିଲାର ସ୍ଥିତି ଉଦ୍‌ବେଗଜନକ

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

**ରେଡ୍ ଜୋନ୍‌ରେ ସୁନ୍ଦରଗଡ଼**
- ଆଉ ୪,୮୨୯ କରୋନା ପଜିଟିଭ୍ ଚିହ୍ନଟ
- ୨୦ ହଜାର ଟପିଲା ସକ୍ରିୟ ରୋଗୀ ସଂଖ୍ୟା
- ଚଳିତ ମାସ ଶେଷ ଭାଗରେ ସଂକ୍ରମଣ ପିକ୍‌ରେ ପହଞ୍ଚିବା ସମ୍ଭାବନା

ରାଜ୍ୟରେ କରୋନା ସଂକ୍ରମଣ ଦ୍ରୁତଗତିରେ ବଢୁଥିବାବେଳେ ୪ଟି ଜିଲାର ସ୍ଥିତି ଉଦ୍‌ବେଗଜନକ ରହିଛି। ଏସବୁ ଜିଲା ହେଲା ଖୋର୍ଦ୍ଧା, ସୁନ୍ଦରଗଡ଼, ସମ୍ବଲପୁର ଓ କଟକ। ଖୋର୍ଦ୍ଧା ଜିଲାରେ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହେଉଥିଲେ ମଧ୍ୟ ସୁନ୍ଦରଗଡ଼ ଓ ସମ୍ବଲପୁରରେ ଦୈନିକ ସଂକ୍ରମଣ ହାର ଅଧିକ ରହୁଛି। ଗତ ଦୁଇଦିନ ହେଲା ଏହି ଦୁଇଟି ଜିଲାରେ ସଂକ୍ରମଣ ହାର ପ୍ରାୟ ୨୦ ପ୍ରତିଶତ ରହିଥିବାବେଳେ ଖୋର୍ଦ୍ଧା ୧୦ ପ୍ରତିଶତ ରହିଛି। ସେପଟେ ଆକ୍ରାନ୍ତଠାରୁ କମ୍ ଆରୋଗ୍ୟ ଲାଭ କରୁଥିବାରୁ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଫଳରେ ସୁନ୍ଦରଗଡ଼ ଜିଲା ୟେଲୋ ଜୋନ୍‌ରୁ ଏବେ ରେଡ୍ ଜୋନ୍‌କୁ ଚାଲିଯାଇଛି। ପୂର୍ବରୁ ଖୋର୍ଦ୍ଧା ମଧ୍ୟ ରେଡ୍ ଜୋନ୍‌ରେ ରହିଥିଲା। ସେହିପରି ସମ୍ବଲପୁର ଓ କଟକ ଜିଲା ୟେଲୋ ଜୋନ୍‌ରେ ସାମିଲ ହୋଇଥିବା ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡରୁ ଜଣାପଡିଛି।

ଗତ ୨୪ ଘଣ୍ଟାରେ ରାଜ୍ୟରେ ୭୪,୩୦୪ ନମୁନା ପରୀକ୍ଷା କରାଯାଇଥିଲା। ମୋଟ ୪,୮୨୯ଜଣ କରୋନା ପଜିଟିଭ୍ ବାହାରିଛନ୍ତି ଓ ସଂକ୍ରମଣ ହାର ୬.୫% ରହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୯୩୩ଜଣ ଥିବାବେଳେ ସୁନ୍ଦରଗଡ଼ ୮୬୯, ସମ୍ବଲପୁର ୬୪୪, କଟକ ୪୦୧, ବାଲେଶ୍ୱର ୨୧୦, ଝାରସୁଗୁଡ଼ା ୧୮୯, ମୟୂରଭଞ୍ଜ ୧୬୨, ପୁରୀ ୧୩୦ ଓ ବଲାଙ୍ଗୀରରୁ ୧୦୪ଜଣ ରହିଛନ୍ତି। ବାକି ସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଶହେ ତଳକୁ ରହିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୭୫,୬୯୮ରେ ପହଞ୍ଚିଛି।

ଅପରପକ୍ଷେ ରାଜ୍ୟରେ ଏବେ ସକ୍ରିୟ କରୋନା ରୋଗୀଙ୍କ ସଂଖ୍ୟା ୨୦,୧୪୬କୁ ବୃଦ୍ଧି ପାଇଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ସକ୍ରିୟ ରୋଗୀ ୬,୩୮୩ଜଣ ଥିବାବେଳେ ସୁନ୍ଦରଗଡ଼ ୨,୯୯୧ଜଣ, ସମ୍ବଲପୁର ୧,୯୦୨ଜଣ ଓ କଟକରେ ୧,୪୯୫ଜଣ ରହିଛନ୍ତି। ତେବେ ମାଲକାନଗିରିରେ ସର୍ବନିମ୍ନ ୨୦ଜଣ ସକ୍ରିୟ ରୋଗୀ ରହିଥିବା ଜଣାପଡିଛି।

ସେପଟେ ଜାନୁୟାରୀ ଶେଷ ବେଳକୁ ରାଜ୍ୟର କରୋନା ସଂକ୍ରମଣ ପିକ୍‌ରେ ପହଞ୍ଚିପାରେ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ଦିଲ୍ଲୀ, ମହାରାଷ୍ଟ୍ରରେ ଜାନୁୟାରୀ ୧୫ ସୁଦ୍ଧା ପିକ୍ ନେବାର ସମ୍ଭାବନା ରହିଛି। ସେହି ଅନୁସାରେ ଆମର ଆଉ ୧୦ରୁ ୧୫ ଦିନ ଭିତରେ ସଂକ୍ରମଣ ପିକ୍ ସ୍ତରକୁ ଯିବା ସମ୍ଭାବନା ରହିଛି। ଯେଉଁଭଳି ଭାବେ ଏବେ ସଂକ୍ରମଣ ବଢୁଛି, ଲୋକ ତାକୁ ହାଲୁକା ଭାବେ ନ ନେଇ ସଜାଗ ହେବା ଆବଶ୍ୟକ। ଏହା ଭିତରେ ଆମ ଟେଷ୍ଟ, ସର୍ଭିଲାନ୍ସ ଓ ଟିକାକରଣକୁ ମଧ୍ୟ ବଢ଼ାଯାଇଛି। ସ୍ଥିତି ଉପରେ ସରକାର ନଜର ରଖିଛନ୍ତି। ଏପଟେ ଟେଷ୍ଟିଂ କିଟ୍‌କୁ ନେଇ କଳାବଜାର ବଢୁଥିବାରୁ ଇଣ୍ଡିଆନ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍ଆର୍) ଦ୍ୱାରା ଅନୁବନ୍ଧିତ କିଟ୍‌ରେ ଟେଷ୍ଟ କରିବାର ଆବଶ୍ୟକତା ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମହାପାତ୍ର କହିଛନ୍ତି।

# ପାନବରଜ ଭାଙ୍ଗିଲେ ୫ଲକ୍ଷ ଜରିମାନା

**କୁଜଙ୍ଗ,୧୦।୧(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ସହମତି ଭିତ୍ତିରେ ପାନବରଜ ଭଙ୍ଗା ଚାଲିଛି। ଯେଉଁମାନେ କମ୍ପାନୀ ସପକ୍ଷରେ ପାନବରଜ ଭାଙ୍ଗୁଛନ୍ତି ସେମାନଙ୍କ ଉପରେ ଢିଙ୍କିଆ ଗ୍ରାମ କମିଟି କଙ୍ଗାରୁ କୋର୍ଟ ବସାଇ ଜୋର ଜବରଦସ୍ତ ୫ଲକ୍ଷ ଟଙ୍କା ଜରିମାନା ଆଦାୟ କରୁଥିବା ଅଭିଯୋଗ ହୋଇଛି। ରବିବାର ରାତିରେ ପାନବରଜ ଦେଇଥିବା ପ୍ରକାଶ ସାହୁ, ଗନ୍ଧର୍ବ ଦାସ, ଫକୀର କାଣ୍ଡି, ରାଜୀବ କାଣ୍ଡିଙ୍କୁ ଗ୍ରାମସଭାକୁ ଡକାଯାଇଥିଲା। ସେମାନେ ପ୍ରକଳ୍ପ ନିମନ୍ତେ ପାନବରଜ ଦେଇଥିବାରୁ ୫ଲକ୍ଷ ଟଙ୍କା ଜରିମାନା ଦେବାକୁ ଲେଖାଇ ନିଆଯାଇଛି ବୋଲି ପ୍ରକାଶ ସାହୁ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିରୋଧୀ ଆନ୍ଦୋଳନର ନେତା ଦେବେନ୍ଦ୍ର ସ୍ୱାଇଁ କହିଛନ୍ତି, ଆମ୍ଭେ କାହାଠାରୁ ଟଙ୍କା ଆଦାୟ କରିନାହୁଁ। ମାତ୍ର ଯେଉଁମାନେ ଗାଁ ବିରୋଧରେ ଯାଇ ପାନବରଜ ଦେଉଛନ୍ତି ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ। ଅପରପକ୍ଷେ ଢିଙ୍କିଆ ପଞ୍ଚାୟତରେ ଏପର୍ଯ୍ୟନ୍ତ ୩୦୮ଟି ପାନବରଜ ମାପଚୁପ ହୋଇଥିବା ବେଳେ ୧୬୬ଟି ଭଙ୍ଗାଯାଇଛି।


**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**




**ଆହାନା ନାୟକ**
ବ୍ରାହ୍ମଣପାଳ, ଧୂସୁରି, ଭଦ୍ରକ
ଆଜି ତୋର ପ୍ରଥମ ଜନ୍ମବାର୍ଷିକୀ ଅବସରରେ ଶ୍ରୀଜଗନ୍ନାଥଙ୍କ ଆଶିଷ କାମନା କରୁଛୁ। ତୋର ସମସ୍ତ ମନୋସ୍କାମନା ପୂରଣ ହେଉ ଏବଂ ତୋର ଜୀବନରେ ସୁଖ, ଶାନ୍ତି ଭରିଯାଉ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା', ଅଜା, ଆଈ, ବାପା, ବୋଉ, ଦାଦା, ପିଉସା, ପିଉସୀ, ମାମୁ, ମାଉସି, ବନ୍ଧୁ ଓ ପରିବାରବର୍ଗ।
ଧ-୨୨୮୦୭


# ବିଦ୍ୱାନ୍ ବ୍ୟକ୍ତି, ପ୍ରଗତିଶୀଳ ସମାଜ ଲାଗି ଚେଷ୍ଟା କରିଥାଏ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ଜଣେ ବିଦ୍ୱାନ୍ ବ୍ୟକ୍ତି ହିଁ ନ୍ୟାୟପୂର୍ଣ୍ଣ ଏବଂ ପ୍ରଗତିଶୀଳ ସମାଜ ଗଠନ କରିବାକୁ ଚେଷ୍ଟା କରିଥାଏ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସୋମବାର ଡୁନ୍ ସ୍କୁଲ ପକ୍ଷରୁ ଆୟୋଜିତ ୮୨ତମ ଇଣ୍ଡିଆନ ପବ୍ଲିକ୍ ସ୍କୁଲ କନ୍‌ଫରେନ୍ସ(ଆଇପିଏସ୍‌ସି) ପ୍ରିନ୍ସିପାଲ୍ସ କନ୍‌କ୍ଲେଭରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ରାଷ୍ଟ୍ରୀୟ ଶିକ୍ଷାନୀତି(୨୦୨୦) ସାମାଜିକ ଏବଂ ଆର୍ଥିକ ଅନଗ୍ରସର ବର୍ଗର ପିଲାଙ୍କୁ ବିଶେଷ ଧ୍ୟାନଦେବା ସହ ସର୍ବବ୍ୟାପୀ ଓ ସମାବେଶୀ ଶିକ୍ଷା ଉପରେ କେନ୍ଦ୍ରୀଭୂତ। ଏକ ଶ୍ରେଣୀଗୃହରେ ସମାନ ପ୍ରକାର ଶିକ୍ଷା ସମସ୍ତଙ୍କୁ ଅସଂଖ୍ୟ ଅନୁଭବ ଏବଂ ଦୃଷ୍ଟିକୋଣରୁ ଲାଭାନ୍ୱିତ କରିବା ସହ ଦେଶ ସାମ୍ନାରେ ଆସୁଥିବା ବିଭିନ୍ନ ଆହ୍ୱାନକୁ ବୁଝାଇବାରେ ସକ୍ଷମ ହୋଇଥାଏ। ଆମ ଶ୍ରେଣୀଗୃହ ସମାନ ହେବା ଜରୁରୀ। ଦେଶର ସବୁ ପିଲାଙ୍କୁ ସର୍ବୋତ୍ତମ ଶିକ୍ଷା ମିଳୁ, ଏହା ସୁନିଶ୍ଚିତ କରିବା ପାଇଁ ଆଉ କ'ଣ କରାଯାଇପାରିବ, ଏହା ଉପରେ ବିଚାରବିମର୍ଶ କରିବା ଦରକାର। ଏକ ବିଦ୍ୱାନ୍ ବ୍ୟକ୍ତି ହିଁ ଭଲ, ନ୍ୟାୟପୂର୍ଣ୍ଣ ଏବଂ ପ୍ରଗତିଶୀଳ ସମାଜର ଗଠନ କରିଥାଏ। ଏହି ଜ୍ଞାନକୁ ଶିଖିବା, ଏହାକୁ ପ୍ରୟୋଗ କରିବା ଏବଂ ଆଗକୁ ବଢ଼ାଇବାର ଜିଜ୍ଞାସା ମାନବ ସମାଜକୁ ଅଗ୍ନି ଅନୁସରଣରୁ ଚାଷ ପର୍ଯ୍ୟନ୍ତ, ଆକାଶରେ ଉଡ଼ିବାଠାରୁ ଆରମ୍ଭ କରି ଗ୍ରହକୁ ଯିବାର ବାଟ ବତାଇଲା। ଏହା ଉପରେ ଗୁରୁତ୍ୱାରୋପକରି କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆମ ସମସ୍ତଙ୍କ କର୍ତ୍ତବ୍ୟ ହେଉଛି ଆମମାନଙ୍କ ପିଲାଙ୍କୁ ଶିକ୍ଷାର ମୌଳିକ ଅଧିକାର ଦେବା ପାଇଁ ସବୁଠୁ ଭଲ କାମ କରିବାର ଆବଶ୍ୟକତା ରହିଛି।

# ୫୧ ପଦକ ସହ ଶୀର୍ଷରେ ଓଡ଼ିଶା



ପଦକ ସହ ସ୍କିଲ୍-ଇନ୍-ଓଡ଼ିଶା ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

**ଇଣ୍ଡିଆ ସ୍କିଲ୍ ପ୍ରତିଯୋଗିତା**
- ୧୦ ସ୍ୱର୍ଣ୍ଣ, ୧୮ ରୌପ୍ୟ, ୯ କାଂସ୍ୟ, ୧୪ ମେଡାଲିଅନ ଅଫ୍ ଏକ୍ସଲେନ୍ସ ପଦକ

ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି। ନୂଆଦିଲ୍ଲୀସ୍ଥିତ ତାଲକଟୋରା ଇନ୍‌ଡୋର୍ ଷ୍ଟାଡିୟମଠାରେ ଆୟୋଜିତ ଇଣ୍ଡିଆ ସ୍କିଲ୍ସ ୨୦୨୧ ପ୍ରତିଯୋଗିତାରେ ସର୍ବାଧିକ ପଦକ ଜିତି ସ୍କିଲ-ଇନ୍-ଓଡ଼ିଶା ପ୍ରତିଯୋଗୀ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନ ରାଷ୍ଟ୍ରୀୟ କୌଶଳ ବିକାଶ ନିଗମ ଦ୍ୱାରା ଜାନୁୟାରୀ ୬ରୁ ୧୦ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିଥିଲା। ଓଡ଼ିଶା ୧୦ ସ୍ୱର୍ଣ୍ଣ, ୧୮ ରୌପ୍ୟ, ୯ କାଂସ୍ୟ ପଦକ ଓ ୧୪ ମେଡାଲିୟନ ଅଫ୍ ଏକ୍ସଲେନ୍ସ ସହ ମୋଟ ୫୧ଟି ପଦକ ହାସଲ କରି ଶୀର୍ଷ ସ୍ଥାନରେ ରହିଛି। ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୧ ଲକ୍ଷ, ରୌପ୍ୟ ବିଜେତାଙ୍କୁ ୭୫ ହଜାର ଏବଂ କାଂସ୍ୟ ପଦକ ବିଜେତାଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ମିଳିଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୭୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୋଟ୍ ୭୬ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୧୭ ଜଣ ଯୁବତୀ ଥିଲେ। ବିଜେତାମାନେ ୨୦୨୨ ଅକ୍ଟୋବରରେ ଚାଇନା ସାଂଘାଇରେ ହେବାକୁ ଥିବା ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତାରେ ଦେଶକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ। ସୂଚନାଯୋଗ୍ୟ, ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତା ନିମନ୍ତେ ଓଡ଼ିଶାର ମିଶନ ୨-୩-୪ ଅର୍ଥାତ୍ ଦୁଇଟି ସ୍ୱର୍ଣ୍ଣ, ତିନୋଟି ରୌପ୍ୟ ଏବଂ ଚାରୋଟି କାଂସ୍ୟ ପଦକ ହାସଲ ଲକ୍ଷ୍ୟ ରହିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ଖୁସିବ୍ୟକ୍ତ କରିବା ସହ ବିଜେତାମାନେ ଆହୁରି କଠିନ ପରିଶ୍ରମ କରି ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତାରେ ସଫଳତା ହାସଲ କରିବାକୁ କାମନା କରିଛନ୍ତି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଓ ସିଇଓ ତଥା ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁ ଜି ନୂଆଦିଲ୍ଲୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ସାଂଘାଇ ୱାର୍ଲ୍ଡ ସ୍କିଲ୍ସରେ ଶ୍ରେଷ୍ଠ ପ୍ରଦର୍ଶନ କରି ଦେଶର ଗୌରବ ବୃଦ୍ଧି କରିବା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ପ୍ରେମାନନ୍ଦ ନାୟକ ମଧ୍ୟ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


**ମନେ ପଡ଼ନ୍ତି**

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰କାଶୀନାଥ ମହାପାତ୍ର**

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦତଳେ ଆମର ବିନମ୍ର ପ୍ରାର୍ଥନା।

**ଇତି:** ବଡ଼ପୁଅ: ପ୍ରଦୀପ କୁମାର ମହାପାତ୍ର, ବଡ଼ବୋହୂ: ମହେଶ୍ୱତା ମହାପାତ୍ର, ସାନପୁଅ: ପ୍ରଶାନ୍ତ ମହାପାତ୍ର, ସାନବୋହୂ: ପ୍ରତିମା ମହାପାତ୍ର, ବଡ଼ନାତି: ସ୍ୱୟମ୍ଭୁ ଶେଖର ମହାପାତ୍ର, ମଝିଆନାତି: ସ୍ୱାଗତ ଶେଖର ମହାପାତ୍ର, ସାନନାତି: ସମ୍ଭବ ଶେଖର ମହାପାତ୍ର, ନାତୁଣୀ: ସୁଦେଷ୍ଣା ମହାପାତ୍ର, ନାତୁଣୀ ଜ୍ୱାଇଁ: ରାକେଶ ଦାଶ, ଅଣନାତି: ଅମ୍ବିକା ପ୍ରସାଦ ଦାଶ।
ଧ-୬୮୮୭



**CLASSIFIED DISPLAY**
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କେଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ। 2% ସୁଧ, 40% ରିହାତି। ମହିଳାଙ୍କ ପାଇଁ ବିଶେଷ ରିହାତି। ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637
Whatsapp: 8902923601

**HINDUSTAN FINANCE LIMITED**
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403273

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ୱେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

ଆପଣ ଯେ କୌଣସି ଅସୁବିଧାରେ ପଡ଼ି ହଇରାଣ ହେଉଥିଲେ କେବଳ ଗୋଟିଏ ମାତ୍ର Call କରି ଆମଠାରୁ ନିଅନ୍ତୁ ସମ୍ପୂର୍ଣ୍ଣ ସମସ୍ୟାର ୧୦୦% ସମାଧାନ।
ପ୍ରେମବିବାହ, ବେପାରବୃଦ୍ଧି, ସମୋହନ, ଗୃହ ସମସ୍ୟା, ସଉତୁଣୀ, ବଶିକରଣ, ସାମି-ସ୍ତ୍ରୀ ସମସ୍ୟା, ଯାଦୁମନ୍ତ୍ର ଇତ୍ୟାଦି
ବାବା ହସନ୍ ଅଲ୍ଲି
ଅଲ ଇଣ୍ଡିଆ ଖୁଲା ଚାଲେଞ୍ଜ ମାତ୍ର ୩ଘଣ୍ଟାରେ ୧୦୦% ସମାଧାନ।
9560789896

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଫୁଲ ଚୋରି ରୋକିବାକୁ ବିଦ୍ୟୁତ୍ ସଂଯୋଗ, ବୃଦ୍ଧ ମୃତ

- ଉତ୍ତେଜନା, ଅଭିଯୁକ୍ତ ଶିକ୍ଷକ ଗିରଫ
- ହତ୍ୟା ମାମଲା ରୁଜୁ କଲା ପୋଲିସ

**ଚଣ୍ଡିଖୋଲ,୧୦।୧(ଡି.ଏନ.ଏ.)**

ଫୁଲ ଚୋରି ରୋକିବା ପାଇଁ ଜଣେ ଶିକ୍ଷକ ନିଜ ବାଡିରେ ଥିବା ତାର ବାଡରେ ବିଦ୍ୟୁତ୍ ସଂଯୋଗ କରିଥିଲେ। ସେହି ତାରବାଡ଼ ସଂସ୍ପର୍ଶରେ ଆସି ଜଣେ ବୃଦ୍ଧଙ୍କ ସୋମବାର ମୃତ୍ୟୁ ଘଟିଛି। ଏହି ଘଟଣାକୁ ପୋଲିସ ଗୁରୁତର ସହ ନେଇଛି। ବିଦ୍ୟୁତ୍ ସଂଯୋଗ କରିଥିବା ଘର ମାଲିକଙ୍କୁ ପୋଲିସ ଗିରଫ କରିଛି।

ସୂଚନା ଅନୁଯାୟୀ, ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଧୀନ ସାଉଡିଆ ଗ୍ରାମରେ ଘର କରି ରହୁଥିବା ଶିକ୍ଷକ ସଞ୍ଜୟ କୁମାର ଦାସଙ୍କ ବାଡିରୁ ବାରମ୍ବାର ଫୁଲ ଚୋରି ହେଉଥିଲା। ଫୁଲ ଚୋରିକୁ ରୋକିବା ପାଇଁ ବାଡି ଚାରିପଟେ ଲାଗିଥିବା ତାରରେ ସେ ବିଦ୍ୟୁତ୍ ସଂଯୋଗ କରିଥିଲେ। ସୋମବାର ଭୋର ସମୟରେ ସେହି ଗ୍ରାମର ଇନ୍ଦ୍ରମଣି ମହାନ୍ତି(୭୦) ଫୁଲ ତୋଳିବାକୁ ଯାଇ ତାରବାଡ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡିଥିଲେ। ପ୍ରଥମେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଇନ୍ଦ୍ରମଣିଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଉକ୍ତ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଇନ୍ଦ୍ରମଣିଙ୍କ ମୃତ୍ୟୁ ପାଇଁ ଶିକ୍ଷକ ସଞ୍ଜୟଙ୍କୁ ଦାୟୀକରି ଗ୍ରାମବାସୀ ତାଙ୍କ ଘର ସାମ୍ନାରେ ପାଟିତୁଣ୍ଡ କରିଥିଲେ। ଖବର ପାଇ ବାଲିଚନ୍ଦ୍ରପୁର ପୋଲିସ ସଞ୍ଜୟଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ପରେ ଇନ୍ଦ୍ରମଣିଙ୍କ ପୁତୁରା ସୁଦର୍ଶନଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୧୬/୨୨) ରୁଜୁ କରିଥିଲା। ହତ୍ୟା ଅଭିଯୋଗରେ ଶିକ୍ଷକ ସଞ୍ଜୟ ଦାସଙ୍କୁ ପୋଲିସ ଗିରଫ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।


**OFFICE OF THE SUPERINTENDING ENGINEER, RWS&S DIVISION, BARGARH**
Email: eerwss_bgh@nic.in, Ph (O): 06646-233220, FAX: 06646-234626
No. 151 — GOVERNMENT OF ODISHA — Dt.07.01.2022
**"e" PROCUREMENT NOTICE**
Bid Identification No. 11 of 2021-22

No. O-1678: The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class 'B' or 'A' registered with any Department of State Government or equivalent class of Central Govt. etc. to be eventually drawn up in G2 contract form for the work as per terms and conditions noted below.
1. Name of the work : Execution of Improvement with retrofitting of Rural piped water supply to different villages on clubbed up mode under Padampur & Jharbandha Block in the District Bargarh - 5 Nos.
2. Approx. Estimated Cost : Varies from Rs.79.21 to 299.30 lakhs
3. Date and time of availability of document in the portal : Dt.25.01.2022 to Dt.23.02.2022 upto 5.00 P.M.
4. Last date/time for receipt of bids in the portal : Dt.23.02.2022 upto 5.00 P.M.
5. Date & time of Opening of Tender : Dt.24.02.2022 at 11.00 A.M.
6. Name and address of the Officer Inviting Bid : Executive Engineer, RWS&S Division, Bargarh, Dist.- Bargarh

Further details can be seen from the e-procurement portal "http//tendersorissa.gov.in".
The authority reserves the right to reject any or all the tenders without assigning any reason thereof.
Sd./- Executive Engineer, RWS&S Division, Bargarh
OIPR-25157/11/0014/2122

**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR** — No. B-993
GOVERNMENT OF ODISHA "e" PROCUREMENT NOTICE
**WORKS DEPARTMENT**
E-mail: ceroads.bbsr@gmail.com
Bid Identification No. CE-DPI & R-20/2021-22
1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in Double Cover System in ONLINE MODE from eligible contractors for Road work as mentioned below:
2. Nature of Work : Road Work
3. No. of Work : 7 Nos.
4. Tender Paper Cost : Rs.10,000.00
5. Class of Contractor : Super Class/Special Class
6. Available of Bid document in the website : From 10.00 A.M. of 24.01.2022 to 5.30 P.M. of 15.02.2022
7. Date of opening of Bid : Dt.16.02.2022 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Engineer (DPI & Roads), Odisha
OIPR-34117/11/0109/2122

**OFFICE OF THE MUNICIPAL COUNCIL, SUNDARGARH**
No. 138 — Date: 07.01.2022
**QUOTATION CALL NOTICE**
No. C-1845: Sealed quotations are invited from the Intending Quotationers for **"Supply of Different Materials for the COVID-19 (Omicron Variant)"**. The Detail Quotation Documents will be available in the district website of Sundargarh i.e. **www.sundargarh.nic.in** from Dt.07.01.2022 to Dt.13.01.2022. The quotation document must be submitted to the Office of the Executive Officer, Sundargarh Municipality, Sundargarh through Regd. Post/Speed Post/by hand only. The bidder should subscribe **"Supply of Different Materials for the COVID-19 (Omicron Variant)"** on the top of the envelope.
Last date of receipt of Quotation: 13.01.2022 upto 04.00 P.M.
Date of opening of quotation: 15.01.2022 at 11.30 A.M.
The authority reserves the right to accept or reject any proposals without assigning any reason thereof.
Sd./- Executive Officer, Sundargarh Municipality
OIPR-13130/11/0057/2122

GOVERNMENT OF ODISHA — No. O-1672
**OFFICE OF THE SUPERINTENDING ENGINEER RURAL WORKS DIVISION, BHANJANAGAR**
e-mail: eerwbnjr@gmail.com
**"e" Procurement Notice for Road Works**
Identification No. Online Tender/12/RWBNJ/2021-2022
No. 135 — Date: 06.01.2022
1. Name of the work : Road & Building works
2. Total Number of works : 3 Nos.
3. Estimated Cost : 20.22 lakh to 25.66 lakhs
4. Class of Contractor : 'C' and 'B' Class of Contractor
5. Period of Completion : 3 (Three) Calendar Months
6. Other details :

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Bhanjanagar | Online Tender/12/ RWDBNJ/ 2021-2022 | 11.01.2022 to at 10.00 A.M. | 17.01.2022 upto 3.00 P.M. |

Further details can be seen from the website: www.tendersOdisha.gov.in.
Sd./- Superintending Engineer
R.W. Division, Bhanjanagar
OIPR-25174/11/0016/2122

**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଆଠଗଡ଼**
**OFFICE OF THE DIVISIONAL FOREST OFFICER ATHGARH FOREST DIVISION, ATHGARH**
At/P.O.: Athgarh, Dist.- Cuttack, PIN - 754029
E-mail: dfo.athagarh@odisha.gov.in
**TENDER CALL NOTICE FOR FIXING UP SIGN BOARDS AT THE EARMARKED VULNERABLE POINTS OF ROAD**
Date: 07.01.2022
No. MM-342: The Divisional Forest Officer, Athgarh Forest Division invites to fixing up sing boards at the earmarked vulnerable points of Road under Athgarh Division. Sealed quotations are invited from reputed suppliers as per the list in the tender documents. The tender documents can be downloaded from the website **www.cuttack.nic / www.cuttack.nic.in** from 7th January, 2022, 12.00 A.M. onwards or can be obtained from the Office of the undersigned from 07.12.2022, 2.00 P.M. onwards during office hour after payment of requisite fee Rs.500/- with all requisite documents. The bids can be submitted at the above mentioned address on or before 17.01.2022 latest by 02.00 P.M. by Speed Post/Registered Post/by Hand only. The tender will be opened in the office of the undersigned on 17th January, 2022 at 04.00 P.M.
Sd./- Divisional Forest Officer
Athagarh Division
OIPR-08063/11/0013/2122

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha
No. CAD-2755
**TENDER ALERT**
**01) Tender Notice No.05/2021-22:** Supply of 2 Ton Split type, inverter technology AC of reputed brands at Grid S/S Laxmipur under EHT O&M Division, Theruvali.
**02) Tender Notice No.02/2021-22:** Procurement of 150 watt, 230 Volt LED Flood lights for illumination of switch yard area of 400/220/132kV Grid S/S, meramundali under EHT O&M Division, Meramundali.
**03) Tender Call Notice No.02/2021-22: (I)** Supply of 01 No. Diesel run hired vehicle 05 seated AC Indigo or its equivalent for DGM (Elect.), E&MR Division, Jajpur Road. **(II)** Supply of 01 No. Diesel run hired vehicle 09/07 seated Non-AC Bolero or its equivalent for SDO (Elect.), E&MR Sub-Division, Baripada. **(III)** Supply of 01 No. Diesel run hired vehicle 09/07 seated Non-AC Bolero or its equivalent for SDO (Elect.), E&MR Sub-Division, Joda under E&MR division, Jajpur Road.
**04) Tender Call Notice No.04/2021-22:** Carry out construction of open store yard of PCC at 220/132/33kV Grid S/S, Theruvali under EHT O&M division, Theruvali.
**05) Tender Call Notice No.02/2021-22:** Construction of Fire wall between 63 MVA TRF No.II & 40MVA TRF. No.III at Bidanasi Grid Sub-station under EHT O&M Division, Cuttack.
**06) Tender Call Notice No.03/2021-22:** Supply of 66 Nos. 120 W,230V LED flood lights with complete outdoor fittings (Philips/Crompton/Surya Make) required for the Grid S/S under EHT O&M Division, Cuttack.
**07) Tender Call Notice No.04/2021-22:** Supply of 4mm ACP Signboard with Radium Sticker containing OPTCL Logo on center on Blue background & white Letter with name & address of (Grid S/S Bidanasi, Grid S/S Cuttack & Grid S/S Phulnakhara) along with fixing structure required for Grid S/S under EHT O&M Division, Cuttack.
**08) Tender Call Notice No.05/2021-22:** Supply of flexible circular Tinned copper Braid Earth bond as per provided specification required for SAS implementation at Grid S/S Phulanakhara & Grid S/S Bidanasi under EHT O&M Division, Cuttack.
**09) Tender Call Notice No.05/2021-22:** Engagement of 01 no. Diesel run hired vehicle (9 seated non-AC Mahindra Bolero or its equivalent) for E&MR Sub-Division, Chainpal under E&MR Division Meramundali.
**10) Tender Call Notice No.13/21-22:** Construction of MS angle fabrication structure for installation of water tank at Hirakud Colony, Joda under EHT O&M Division, Joda.
**11) Tender Call Notice No.02/2021-22:** Painting of Towers up to bottom cross arm of different 132kV EHT Lines under EHT O&M Division, Chainpal.
**12) Tender Call Notice No.06/2021-22:** Supply of new GI perforated Cable tray of different size to be used at 132/33 kV Grid S/S Chainpal under EHT O&M Division, Chainpal.
**13) Tender Call Notice No.07/2021-22:** Engagement of new commercial Diesel run light vehicle on hiring basis (AC Bolero or equivalent) to be used at Office of the DGM, EHT O&M Division, Chainpal.
**14) Tender Call Notice No.04/2021-22:** Hiring of diesel run commercial registered 9 seater Non-AC Bolero for DMK line S/D Chainpal under EHT O&M Division, Chainpal.
**15) E-Tender Call Notice No.08/2021-22 of SE-CWC-OPTCL-BBSR:** Tenders are invited for the works mentioned in TCN No.08 of 21-22 as for Sl.No.01 to 08 under Civil Works Circle, OPTCL, Bhubaneswar.
For details please visit : **www.optcl.co.in.**
OIPR-04011/11/0154/2122 — FIPR-77/2021-22

# ଟେଷ୍ଟ କ୍ରିକେଟ ମଜା

**ଗୌତମ ଗମ୍ଭୀର**

ସିଡ୍‌ନୀ ଟେଷ୍ଟର ଶେଷ ଭାଗରେ କିଛି ନାଟକୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ହରିଣଟିଏ ନିଜକୁ ଶିକାରୀଠାରୁ ବଞ୍ଚାଇବା ଲାଗି ଆପ୍ରାଣ ଉଦ୍ୟମ କରିଥାଏ, ଠିକ୍ ସେହିପରି ଅଷ୍ଟ୍ରେଲିଆଠାରୁ ପରାଜୟକୁ ଏଡାଇବା ଲାଗି ଚେଷ୍ଟା କରୁଥିଲା ଇଂଲଣ୍ଡ। ଇଂଲଣ୍ଡ ବ୍ୟାଟ୍ସମ୍ୟାନମାନଙ୍କୁ ନିୟନ୍ତ୍ରଣରେ ରଖିବା ଲାଗି ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ ସ୍ପିନ୍ ବୋଲରମାନଙ୍କୁ ଲଗାଇଥିଲେ। ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ ଚାଲିଥାଏ ଛକାପଞ୍ଝା। ଟେଲିଭିଜନରେ ଏହି ଦୃଶ୍ୟ ଖୁବ୍ ଆମୋଦଦାୟକ ଥିଲା। ଖେଳ ଦେଖିବାବେଳେ ମନେହେଉଥିଲା ଏବେବି ଟେଷ୍ଟ କ୍ରିକେଟ୍‌ର ମଜା ଜୀବିତ ରହିଛି। ହେଲେ ଆଜିକାଲି ଉଚ୍ଚମାନର ଟେଷ୍ଟ କ୍ରିକେଟ କ୍ୱଚିତ ଦେଖିବାକୁ ମିଳୁଛି। ବର୍ତ୍ତମାନ ଇଂଲଣ୍ଡ ଭଳି ଶ୍ରୀଲଙ୍କା, ପାକିସ୍ତାନ ଓ ୱେଷ୍ଟଇଣ୍ଡିଜ ସଂଘର୍ଷ ଚଳାଇଛନ୍ତି। ୱେଷ୍ଟଇଣ୍ଡିଜ ଏକଦା ଏକ ଦୁର୍ଦ୍ଧର୍ଷ ଦଳ ଭାବେ ପରିଚିତ ଥିଲା। ଇଂଲଣ୍ଡ ଦଳକୁ ମଧ୍ୟ ଏକ ଶକ୍ତିଶାଳୀ ଦଳ ଭାବେ ବିବେଚନା କରାଯାଏ। ପାକିସ୍ତାନ ଓ ଶ୍ରୀଲଙ୍କାଠାରୁ ମଧ୍ୟ ଉଚ୍ଚକୋଟୀର ଖେଳ ଦେଖିବାକୁ ମିଳିଛି। ବର୍ତ୍ତମାନ ଭାରତ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡଠାରୁ କିଛିଟି ଉନ୍ନତମାନର ଖେଳ ଦେଖିବାକୁ ମିଳୁଛି। ବର୍ତ୍ତମାନ ପରିସ୍ଥିତିରେ ଅତି ସାଧାରଣ ଦକ୍ଷିଣ ଆଫ୍ରିକା ଦଳଠାରୁ ଭାରତର ପରାଜୟ ଅଶ୍ଚର୍ଯ୍ୟ ମନେହୁଏ। ସେଞ୍ଚୁରିଅନରେ ବିଜୟକୁ ନେଇ




ଉତ୍ସାହିତ ନୁହେଁ ବୋଲି ମୁଁ ପୂର୍ବରୁ କହିସାରିଛି। ଭାରତ ଏହି ସିରିଜରେ ପ୍ରାଧାନ୍ୟ ବିସ୍ତାର କରିବା କଥା। ଜୋହାନ୍ସବର୍ଗରେ ପରାଜୟ ନିଶ୍ଚୟ ଦଳକୁ ବାଧିଥିବ। ଫାଇନାଲ ଟେଷ୍ଟରେ ଭାରତକୁ ସମସ୍ତ ବିଭାଗରେ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଦକ୍ଷିଣ ଆଫ୍ରିକା ମ୍ୟାଚ ଡ୍ର ରଖିପାରିଲେ ଖୁସି ହେବ। ଦଳ ଯଦି ଭାରତକୁ ପରାସ୍ତ କରେ ତେବେ ଲଟେରି ଜିତିବା ଭଳି ମନେ ହେବ। ବିରାଟ କୋହଲି ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ପ୍ରାୟ ନିଶ୍ଚିତ। ଦଳରୁ ଜଣଙ୍କୁ ବାଦ୍ ଦେବାକୁ ପଡ଼ିବ। ହୁଏତ ଅନେକଙ୍କୁ ମୋ ମତ ପସନ୍ଦ ଲାଗି ନ ପାରେ। ମୁଁ କିନ୍ତୁ ଅଜିଙ୍କ୍ୟ ରାହାନେଙ୍କ ନାମ କହିବି। ମିଡିଲ ଅର୍ଡରରେ ହନୁମା ବିହାରୀ ଠିକ୍ ଅଛନ୍ତି। ଜଣେ ସିନିୟର ବ୍ୟାଟ୍ସମ୍ୟାନଙ୍କୁ ଥଇଥାନ ପାଇଁ ଜଣେ ଯୁବ ପ୍ରତିଭାଙ୍କୁ ବାଦ୍ ଦେବା ମୋ ବିଚାରରେ ଠିକ୍ ହେବ ନାହିଁ। ରାହାନେଙ୍କ ସହିତ ମୋର ବ୍ୟକ୍ତିଗତ ଆକ୍ରୋଶ ନାହିଁ। ସେ ଜଣେ ଭଲ ଖେଳାଳି। ଗତ ମ୍ୟାଚରେ ତାଙ୍କ ଫର୍ମ ସମ୍ପର୍କରେ ସୂଚନା ଦେଇଛନ୍ତି। ମହମ୍ମଦ ସିରାଜ ଫିଟ୍ ନ ଥିବାରୁ ତାଙ୍କ ସ୍ଥାନରେ ଅଭିଜ୍ଞ ଈଶାନ୍ତ ଶର୍ମାଙ୍କୁ ନିଆଯିବ, ଯାହାଙ୍କର ୧୦୦ ଟେଷ୍ଟ ମ୍ୟାଚର ଅଭିଜ୍ଞତା ରହିଛି। ମୋର ଈଶାନ୍ତଙ୍କ ପାଇଁ ସମ୍ମାନ ରହିଛି। ହେଲେ ଉମେଶ ଯାଦବଙ୍କ ସପକ୍ଷରେ ମତ ଦେବି। କାରଣ ସିରାଜ ଓ ଉମେଶଙ୍କ ବୋଲିଂରେ ଅନେକ ମେଳ ରହିଛି।

**(ଦୀନେଶ ଚୋପ୍ରା ମିଡିଆ/ଗେମ୍ ପ୍ଲାନ୍)।**

# ଐତିହାସିକ ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**କେପ୍ ଟାଉନ,୧୦।୧**

ଭାରତ ଓ ଘରୋଇ ଦକ୍ଷିଣ ଆଫ୍ରିକା ମଧ୍ୟରେ ମଙ୍ଗଳବାରଠାରୁ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ନିର୍ଣ୍ଣାୟକ ମ୍ୟାଚ ଉପରେ ସିରିଜ୍‌ର ଫଳାଫଳ ନିର୍ଭର କରୁଛି। ପିଠି ଯନ୍ତ୍ରଣା କାରଣରୁ ଦ୍ୱିତୀୟ ମ୍ୟାଚ ଖେଳି ନ ଥିବା ଅଧିନାୟକ ବିରାଟ କୋହଲି ଏହି ଟେଷ୍ଟରେ ପ୍ରତ୍ୟାବର୍ତ୍ତନ କରିବେ। ମ୍ୟାଚକୁ ଅତିକମ୍‌ରେ ଡ୍ର ରଖିପାରିଲେ କିମ୍ବା ବଜୟୀ ହେଲେ ଭାରତ ସିରିଜ ଜିତିବ। ଏହି ଟେଷ୍ଟରେ ପରାସ୍ତ ହେଲେ ମଧ୍ୟ ଭାରତ ସିରିଜ ପରାଜୟ ବରଣ କରିବ ନାହିଁ। ତେବେ ଏହି ମ୍ୟାଚ ଜିତି ଦକ୍ଷିଣ ଆଫ୍ରିକା ସିରିଜ ଅମୀମାଂସିତ ରଖିବାକୁ ପ୍ରୟସା କରିବ। କୋହଲି କ୍ୟାରିୟରର ୯୯ତମ ଟେଷ୍ଟ ଖେଳିବେ ଓ ଝିଅର ପ୍ରଥମ ଜନ୍ମଦିନ ମଧ୍ୟ ଏହି ମ୍ୟାଚ ଅବସରରେ ପଡିବ। ତେଣୁ ନିଜର ପ୍ରଦର୍ଶନ ମାଧ୍ୟରେ ଏହି ମ୍ୟାଚକୁ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବେ ବୋଲି ଆଶା କରାଯାଉଛି। ଭାରତ ସଫଳ ହେଲେ ୩ ଦଶନ୍ଧିରେ ପ୍ରଥମଥର ପାଇଁ ଦକ୍ଷିଣ ଆଫ୍ରିକାରେ ସିରିଜ ଜିତି ଇତିହାସ ସୃଷ୍ଟି କରିବ ଓ ଚାପରେ ଥିବା କୋହଲିଙ୍କ ପାଇଁ ବିଶେଷ ଭାବେ ମହତ୍ତ୍ୱ ରଖିବ। ତେବେ ଏଥିପାଇଁ ଭାରତକୁ ବ୍ୟାଟିଂରେ ସୁଧାର ଆଣିବାକୁ ହେବ। ପ୍ରଥମ ଇନିଂସରେ ଭାରତ ଯଦି ୩୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିବ ତା'ହେଲେ ଅଧା କାମ ହୋଇଯିବ ବୋଲି କୁହାଯାଇପାରେ। କୋହଲି ପ୍ରତ୍ୟାବର୍ତ୍ତନ କରିଥିବାରୁ ମ୍ୟାଚ ସଫଳ ହେବ ବୋଲି ଆଶା କରାଯାଉଛି। ବ୍ୟାଟିଂ ହେଉ କି ଫିଲ୍ଡିଂ କୋହଲିଙ୍କ ଉପସ୍ଥିତି ଭାରତୀୟ ଖେଳାଳିଙ୍କ ମନରେ ଉତ୍ସାହ ଆଣିଦେବ। ଗତ ଦୁଇବର୍ଷ ହେବ ଅବଶ୍ୟ କୋହଲିଙ୍କ ବ୍ୟାଟିଂ ଆଶାନୁରୂପ ହୋଇପାରି ନାହିଁ। କିନ୍ତୁ ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେଙ୍କ ତୁଳନାରେ ସେ ଯଥେଷ୍ଟ ଆଗରେ ରହିଛନ୍ତି। ତେବେ ଏହି ନିର୍ଣ୍ଣାୟକ ମ୍ୟାଚରେ କୋହଲିଙ୍କୁ ଅଧିକ କିଛି କରି ଦେଖାଇବାକୁ ହେବ। ଜୋହାନ୍ସବର୍ଗରେ ଦ୍ୱିତୀୟ ଇନିଂସରେ ହନୁମା ବିହାରୀ ଚାପରେ ଲଢୁଆ ବ୍ୟାଟିଂ ସହ ୪୦ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ପୂଜାରା ଓ ରାହାନେ ଫର୍ମକୁ ନ ଫେରିବା ପର୍ଯ୍ୟନ୍ତ ବିହାରୀ ଏହି ଭଳି ପ୍ରଦର୍ଶନ ଜାରି ରଖିବେ ବୋଲି ଆଶା କରାଯାଉଛି।



ଅଭ୍ୟାସ ପାଇଁ ଯିବା ଅବସରରେ ବିରାଟ କୋହଲି।

କୋହଲି ଅଫ୍ ଷ୍ଟମ୍ପ ବାହାର ବଲକୁ ଖେଳିବାକୁ ଯାଇ ବାରମ୍ବାର ସ୍ଲିପ୍‌ରେ କ୍ୟାଚ୍ ଦେଉଥିବାରୁ ତାଙ୍କ ଶଟ୍ ଚୟନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥର ସେ ଏହି ତ୍ରୁଟି ଦୋହରାଇବେ ନାହିଁ ବୋଲି ଆଶା କରାଯାଉଛି। ଉଇକେଟକିପର ବ୍ୟାଟର ରିଷଭ ପନ୍ତ ମଧ୍ୟ ଶଟ୍ ଚୟନରେ ଭୁଲ୍ କରି ବାରମ୍ବାର ପ୍ରଶଂସକଙ୍କୁ ନିରାଶ କରୁଛନ୍ତି। ପନ୍ତଙ୍କୁ ମଧ୍ୟ ଏହି ତ୍ରୁଟି ସୁଧାରିବା ପାଇଁ ବିଶେଷ ଭାବେ ଧ୍ୟାନ ଦେବାକୁ ହେବ।

**ତୃତୀୟ ଟେଷ୍ଟ ଆଜିଠାରୁ**

ମ୍ୟାଚ୍ ଆରମ୍ଭ: ୧.୩୦
ସ୍ଥାନ: ନ୍ୟୁଲାଣ୍ଡ୍ସ, କେପ୍ ଟାଉନ
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ

ନ୍ୟୁଲାଣ୍ଡ୍ସ ଟ୍ରାକ୍‌ରେ ବଲ ବାଉନ୍ସ କରିବ ଓ ଏଥିରେ ବିବିଧତା ରହିବ। ତେଣୁ ଏକାଧିକ ରୋମାଞ୍ଚ ଦେଖିବାକୁ ମିଳିବ। ତେଣୁ କାଗିସୋ ରାବାଡ଼ା, ଡୁଆନ ଓଲିଭର, ଲୁନ୍‌ଗି ଏନ୍‌ଗିଡି ଓ ମାର୍କୋ ଜାନସେନଙ୍କ ଭଳି ଦ୍ରୁତ ବୋଲରଙ୍କ ପ୍ରତି ଭାରତୀୟ ବ୍ୟାଟରଙ୍କୁ ସତର୍କତାର ସହ ଖେଳିବାକୁ ହେବ। ପୂର୍ବରୁ କେପ୍ ଟାଉନ୍‌ରେ ଭାରତ କେବେ ବି ଟେଷ୍ଟ ଜିତିନାହିଁ। ତେଣୁ ଭାରତ ଏଥର ଇତିହାସ ସୃଷ୍ଟି କରିବାକୁ ଚେଷ୍ଟା କରିବ। ୨୦୧୦-୧୧ରେ ଏଠାରେ ସଚିନ ତେନ୍ଦୁଲକର ଓ ଡେଲ ଷ୍ଟେଇନ୍‌ଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲା ଓ ପ୍ରଶଂସକ ଏବେବି ସେହି ଘଟଣାକୁ ମନେ ରଖିଛନ୍ତି। ଗତ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରି ପୂଜାରା ଓ ରାହାନେ ଫର୍ମକୁ ଫେରିବାର ସୂଚନା ଦେଇଥିଲେ ଓ ଏହାକୁ ଜାରି ରଖିବେ ବୋଲି ଆଶା କରାଯାଉଛି। ଟପ୍ ଅର୍ଡରରେ ଲୋକେଶ ରାହୁଲ ଓ ମୟଙ୍କ ଅଗ୍ରୱାଲ ଭଲ ଆରମ୍ଭ ପ୍ରଦାନ କଲେ ଦଳର ଆତ୍ମବିଶ୍ୱାସ ବଢ଼ିବ। ଈଶାନ୍ତ ଶର୍ମା ପ୍ରତ୍ୟାବର୍ତ୍ତନ କରିବେ ଓ ଯଶପ୍ରୀତ ବୁମ୍‌ରା ପ୍ରଦର୍ଶନରେ ଉନ୍ନତି ଆଣିବେ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ**

ବିରାଟ କୋହଲି (ଅଧିନାୟକ), ଲୋକେଶ ରାହୁଲ (ଉପ-ଅଧିନାୟକ), ମୟଙ୍କ ଅଗ୍ରୱାଲ, ଚେତେଶ୍ୱର ପୂଜାରା, ଶ୍ରେୟାସ ଆୟାର, ରିଷଭ ପନ୍ତ (ଉଇକେଟକିପର), ରବିଚନ୍ଦନ ଅଶ୍ୱିନ, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ମହମ୍ମଦ ସିରାଜ, ଅଜିଙ୍କ୍ୟ ରହାନେ, ଋଦ୍ଧିମାନ ଶାହା (ଉଇକେଟକିପର), ଜୟନ୍ତ ଯାଦବ, ପ୍ରିୟଙ୍କ ପଞ୍ଚାଲ, ଉମେଶ ଯାଦବ, ହନୁମା ବିହାରୀ ଓ ଈଶାନ୍ତ ଶର୍ମା।

**ଦକ୍ଷିଣ ଆଫ୍ରିକା ଦଳ**

ଡିନ ଏଲ୍‌ଗାର (ଅଧିନାୟକ), ଟେମ୍ବା ବଭୁମା (ଉପ-ଅଧିନାୟକ), କାଗିସୋ ରାବାଡ଼ା, ସରେଲ ଏରୱି, ବେଉରାନ ହେଣ୍ଡ୍ରିକ୍ସ, ଜର୍ଜ ଲିଣ୍ଡେ, ଏଡେନ ମାରାକ୍ରମ, ୱିଆନ ମୁଲ୍ଡର, କିଗାନ ପିଟରସନ, ରାସି ବାନ ଡେର ଡୁସେନ, କାଏଲ ଭେରିନ, ମାର୍କୋ ଜାନସେନ,ଗ୍ଲେଣ୍ଟନ ଷ୍ଟୁର୍ମାନ, ପ୍ରିନେଲାନ ସୁବ୍ରେନ, ସିସାଣ୍ଡା ମାଗାଲା, ରିଆନ ରିକ୍ଲେଟନ ଓ ଡୁଆନ ଓଲିଭର।

# ପଞ୍ଚାନନ ସ୍ମାରକୀ କ୍ରିକେଟ ଆରମ୍ଭ




ଅନୁରାଗ ଷଡ଼ଙ୍ଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୧୦।୧ (କ୍ରୀଡ଼ା ପ୍ରତିନିଧି):** ପଞ୍ଚାନନ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ ଏବଂ କଟକର ସୋଲାର କ୍ଲବ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂକରି ସୋଲାର କ୍ଲବ ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ହରାଇ ୨୦୧ ରନ କରିଥିଲା। ରିତିକ ମହାନ୍ତି ସର୍ବାଧିକ ୬୧ ରନ କରିଥିଲେ। ଜବାବରେ ମୁକ୍ତେଶ୍ୱର ୩୦ ଓଭରରେ ୮ ଉଇକେଟ ହରାଇ ଠିକ୍ ୨୦୧ ରନ କରିବାରୁ ମ୍ୟାଚ ଟାଇ ହୋଇଥିଲା। ଫଳାଫଳ ପାଇଁ ସୁପର ଓଭରର ସହାୟତା ନିଆଯାଇଥିଲା। ସୁପର ଓଭରରେ ମୁକ୍ତେଶ୍ୱର କ୍ଲବ ୨୩ ରନ କରିଥିଲା। ଜବାବରେ ସୋଲାର ୨୧ ରନ କରିବାକୁ ସକ୍ଷମ ହୋଇଥିଲା। ନିର୍ଦ୍ଧାରିତ ସମୟ ଏବଂ ସୁପର ଓଭରରେ ମୋଟ ୬୬ ରନ କରିଥିବା ମୁକ୍ତେଶ୍ୱରର ଅନୁରାଗ ଷଡ଼ଙ୍ଗୀ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ରଣଜୀ ଟ୍ରଫି ଖେଳାଳି ପ୍ରୀତମଜିତ ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ଶରତ ଚନ୍ଦ୍ର ସାହୁ ଓ ସୁଶାନ୍ତ ଦାସ ମ୍ୟାଚ ପରିଚାଳନା କରିଥିଲେ। ମଙ୍ଗଳବାର ମ୍ୟାଚ ଭୁବନେଶ୍ୱରର ପାରାମାଉଣ୍ଟ କ୍ଲବ ଓ କଟକର ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଅନୁଷ୍ଠିତ ହେବ। ପୂର୍ବାହ୍ନରେ ବିଜ୍ଞାନ, କାରିଗରି ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଏବଂ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତା ଶୁଭାରମ୍ଭ କରିଥିଲେ। ପିଜେ କଲେଜର ଉପାଧ୍ୟକ୍ଷ ପ୍ରମୋଦ ଜେନା, ଶୁକଦେବ ସ୍ୱାଇଁ, ଚୈତନ୍ୟ ସ୍ୱାଇଁ, ବ୍ରଜବନ୍ଧୁ ଭୋଳ, ପ୍ରହଲ୍ଲାଦ ପ୍ରଧାନ, ଫ୍ରେଣ୍ଡ୍ସ କ୍ରିକେଟ କ୍ଲବ ସଭାପତି କୃତାର୍ଥ ପ୍ରଧାନ ଏବଂ ସହିଦ ସ୍ପୋର୍ଟିଂ କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୱାର୍ଲ୍ଡ ଜିଆଣ୍ଟ୍ସ ଦଳରେ ବ୍ରେଟ୍ ଲି, ଭିଟୋରି, ପିଟରସନ

**ନୂଆଦିଲ୍ଲୀ, ୧୦।୧ (ପି.ଟି.):** ଜାନୁୟାରୀ ୨୦ରୁ ମସ୍କାଟରେ ଆରମ୍ଭ ହେବାକୁଥିବା ହାଓଜାଟ୍ ଲିଜେଣ୍ଡ୍ସ ଲିଗ୍ (ଏଚ୍‌ଏଲ୍‌ଏଲ୍) ଲାଗି ୱାର୍ଲ୍ଡ ଜିଆଣ୍ଟ୍ସ ଦଳ ଘୋଷଣା କରାଯାଇଛି। ଏହି ଦଳରେ ପୂର୍ବତନ ଅନ୍ତର୍ଜାତୀୟ ଷ୍ଟାର କ୍ରିକେଟର ବ୍ରେଟ୍ ଲି, କେଭିନ ପିଟରସନ ଓ ଡାନିଏଲ ଭିଟୋରି ପ୍ରମୁଖ ପ୍ରତିନିଧିତ୍ୱ କରିବେ। ଏହି ୩ଜଣଙ୍କ ବ୍ୟତୀତ ଦଳରୁ ପ୍ରତିନିଧିତ୍ୱ କରିବାକୁ ଥିବା ଅନ୍ୟ ଖେଳାଳିମାନେ ହେଲେ ଡାରେନ ସାମି, ଜଣ୍ଟି ରୋଡ୍ସ, ଇମ୍ରାନ ତାହିର, ଓୱାଇସ୍ ଶାହା, ହର୍ଶଲ ଗିବ୍ସ, ଆଲ୍‌ବି ମୋର୍କେଲ, କୋରେ ଆଣ୍ଡରସନ, ମଣ୍ଟି ପନେସର, ବ୍ରାଡ୍ ହାଡିନ, କେଭିନ ଓବ୍ରିଏନ୍ ଓ ବ୍ରେଣ୍ଡନ ଟେଲର। ସେହିପରି ଇଣ୍ଡିଆ ମହାରାଜାଜ୍ ଦଳର ଖେଳାଳି ତାଲିକା ମଧ୍ୟ ପ୍ରକାଶ କରାଯାଇଛି। ଏହି ଦଳରେ ବୀରେନ୍ଦ୍ର ସେହ୍ୱାଗ, ଯୁବରାଜ ସିଂ, ହରଭଜନ ସିଂ, ଇର୍ଫାନ ପଠାନ, ୟୁସୁଫ୍ ପଠାନ, ବଦ୍ରିନାଥ, ଆରପି ସିଂ, ପ୍ରଜ୍ଞାନ ଓଝା, ନମନ ଓଝା, ମନପ୍ରୀତ ଗୋନୀ, ହେମାଙ୍ଗ ବଦାନୀ, ଭେନୁଗୋପାଳ ରାଓ, ମୁନାଫ ପଟେଲ, ସଞ୍ଜୟ ବାଙ୍ଗର, ନୟନ ମୋଙ୍ଗିଆ, ମହମ୍ମଦ କୈଫ ଓ ଷ୍ଟୁଆର୍ଟ ବିନ୍ନି। ସେହିପରି ଏସିଆ ଲାୟନ୍ସ ତରଫରୁ ଯେଉଁ ଖେଳାଳିମାନେ ପ୍ରତିନିଧିତ୍ୱ କରିବେ ସେମାନଙ୍କ ମଧ୍ୟରେ ଶୋଏବ ଅଖତର, ଶାହିଦ ଆଫ୍ରିଦି, ସନଥ ଜୟସୁରିୟା, ମୁଥୟା ମୁରଲୀଧରନଙ୍କ ଭଳି ଖେଳାଳି ସ୍ଥାନ ପାଇଛନ୍ତି।

# ସେମିଫାଇନାଲରେ ପାରାମାଉଣ୍ଟ



ଅନିକେତ ମହାନ୍ତି ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

**ରାମେଶ୍ୱର କପ୍ ଜୁନିୟର କ୍ରିକେଟ**

**ଭୁବନେଶ୍ୱର, ୧୦।୧ (କ୍ରୀଡ଼ା ପ୍ରତିନିଧି):** ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୪ର୍ଥ ଅମରେନ୍ଦ୍ର ପ୍ରସାଦ ବଳ ସ୍ମାରକୀ ରାମେଶ୍ୱର କପ୍ (୧୫ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ପାରାମାଉଣ୍ଟ କ୍ଲବ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ପୁଲ୍-ବିର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ସହିଦ ସ୍ପୋର୍ଟିଂକୁ ପାରାମାଉଣ୍ଟ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ୪୦ ଓଭରରେ ୯ ଉଇକେଟ ହରାଇ ୨୦୨ ରନ କରିଥିଲା। ଦଳ ପକ୍ଷରୁ ଏସ. ତୌଫେଲ ୩୧ ଓ ଏମ୍. କୌଶିକ ୨୯ ରନ କରିଥିଲେ। ବିପକ୍ଷ ଦଳର ଶ୍ଲୋକ ଠାକୁର ୩ଟି ଉଇକେଟ ନେଇଥିଲେ। ୨୦୩ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ସହିଦ ସ୍ପୋର୍ଟିଂ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୫୦ ରନରେ ସମସ୍ତ ଉଇକେଟ ହରାଇଥିଲା। ବିଜୟୀ ଦଳର ଅନିକେତ ମହାନ୍ତି ୫ ଓଭରରେ ୨ ମେଡେନ ନେବାସହ ୧୧ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ଫଳରେ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନ ସିନିୟର ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲିକ ଓ ପୂର୍ବତନ ରଣଜୀ ଟ୍ରଫି ଖେଳାଳି ପରେଶ ପଟେଲ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ତନ୍ମୟ ମହାପାତ୍ର ଓ ମଣିତେଜ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ। ତୀର୍ଥଙ୍କର ସାହୁ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ମଙ୍ଗଳବାର ପାରାମାଉଣ୍ଟ ଓ ଗ୍ରୀନ୍ସ ଏକାଡେମୀ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ।

# ପଙ୍କଜ ଆଡଭାନୀଙ୍କୁ କରୋନା

**ମୁମ୍ବାଇ, ୧୦।୧ (ପି.ଟି.):** ଅନେକଥର ବିଶ୍ୱ ସ୍ନୁକର ଓ ବିଲିୟାର୍ଡ ଚାମ୍ପିୟନ ହୋଇ ସାରିଥିବା ପଙ୍କଜ ଆଡଭାନୀ କରୋନା ସଂକ୍ରମିତ ହୋଇଛନ୍ତି। ଦେଶର ଅଗ୍ରଣୀ କ୍ୟୁଇଷ୍ଟ ସୋମବାର ଏ ବିଷୟରେ ସୂଚନା ଦେଇଛନ୍ତି। ଆଡଭାନୀ କହିଛନ୍ତି, ସମସ୍ତ ପ୍ରକାର କୋଭିଡ୍ କଟକଣା ମାନିଚଳିବା ସତ୍ତ୍ୱେ ସଂକ୍ରମିତ ହୋଇଛନ୍ତି। କୋଭିଡ୍‌ର ତୃତୀୟ ଲହର ପାଇଁ ଆମ୍ଭମାନଙ୍କୁ ଅଧିକ ଯତ୍ନବାନ ହେବାକୁ ପଡ଼ିବ। ଆରୋଗ୍ୟ ଲାଭ କରିବା ପାଇଁ ସେ ଔଷଧ ସେବନ କରୁଛନ୍ତି। ସୁସ୍ଥ ହେବା ଲାଗି ତାଙ୍କୁ ଏକ ସପ୍ତାହ ସମୟ ଲାଗିବ ବୋଲି କହିଛନ୍ତି। ମୁମ୍ବାଇରେ ସଂକ୍ରମଣ ଦ୍ରୁତ ବୃଦ୍ଧିପାଇବାରେ ଲାଗିଛି। ମ୍ୟୁନିସିପାଲ କର୍ପୋରେଶନ ଅଫ୍ ଗ୍ରେଟର ମୁମ୍ବାଇ (ଏମ୍‌ସିଜିଏମ୍) ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ରବିବାର ୧୯,୪୭୪ ନୂଆ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# କୁଚ୍‌ବିହାର ଟ୍ରଫି ନକ୍ ଆଉଟ ଗେମ୍ ସ୍ଥଗିତ


**ମୁମ୍ବାଇ, ୧୦।୧ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫି ନକ୍‌ଆଉଟ ପର୍ଯ୍ୟାୟ ମ୍ୟାଚଗୁଡ଼ିକ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରଖିଛି। ମଙ୍ଗଳବାରଠାରୁ ପୁଣେରେ ୪ଟି ଭେନ୍ୟୁରେ ନକ୍‌ଆଉଟ ପର୍ଯ୍ୟାୟ ମ୍ୟାଚ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ଅଂଶଗ୍ରହଣକାରୀ ୮ଟି ଦଳରେ ପ୍ରାୟ ୫୦ କରୋନା ସଂକ୍ରମିତ ଚିହ୍ନଟ ହେବାରୁ ବିସିସିଆଇ ତରଫରୁ ଏହି ନିଷ୍ପତ୍ତି ନିଆଯାଇଛି। ଲିଗ୍ ପର୍ଯ୍ୟାୟରେ ବିସିସିଆଇ ୨୦ଟି ଭେନ୍ୟୁରେ ୯୩ଟି ମ୍ୟାଚ ଆୟୋଜନ କରିସାରିଛି। ଦେଶରେ କରୋନା ସଂକ୍ରମଣ ବଢ଼ି ଚାଲିଥିବାରୁ ବିସିସିଆଇ ଗତ ସପ୍ତାହରେ ରଣଜୀ ଟ୍ରଫି ସମେତ ସମସ୍ତ ପ୍ରମୁଖ ଘରୋଇ ଇଭେଣ୍ଟଗୁଡ଼ିକ ସ୍ଥଗିତ ରଖିଥିଲା। ପରିସ୍ଥିତିରେ ସୁଧାର ଆସିବା ପରେ ଟୁର୍ନାମେଣ୍ଟ ପାଇଁ କାର୍ଯ୍ୟସୂଚୀ ଘୋଷଣା କରାଯିବ। ସୂଚନାଯୋଗ୍ୟ, ସୋମବାର ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧,୭୯,୭୨୩ ରହିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ଜାନୁୟାରୀ ୧୧/୨୦୨୨ (୮+୮=୧୬ ପୃଷ୍ଠା) | Berhampur, Tuesday, January 11/2022



## ଏଜାଜ୍ ପ୍ଲେୟର ଅଫ୍ ଦି ମନ୍ଥ

ଭାରତ ଜନ୍ମିତ ନ୍ୟୁଜିଲାଣ୍ଡ ସ୍ପିନର ଏଜାଜ୍ ପଟେଲ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି।


୦୮

୦୭

## ରୋଡ୍ରିଗେଜ୍‌ଙ୍କୁ ଗୋଲ୍ଡେନ୍ ଗ୍ଲୋବ୍

ଶ୍ରେଷ୍ଠ ଟେଲିଭିଜନ ଅଭିନେତ୍ରୀ ବର୍ଗରେ ମିଚେଲା ଜେ ରୋଡ୍ରିଗେଜ୍ ପ୍ରଥମ ଟ୍ରାନ୍ସଜେଣ୍ଡର ଭାବେ ଗୋଲ୍ଡେନ୍ ଗ୍ଲୋବ୍ ପୁରସ୍କାର ଜିତିଛନ୍ତି।






# ୫ ଲକ୍ଷ 'ଓମିସିଓର' କିଟ୍ ମଗାଇଲା ଓଡ଼ିଶା

## ସହଜରେ ଚିହ୍ନଟ ହେବ ଓମିକ୍ରନ୍ ଭୂତାଣୁ


**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

ଦେଶରେ ଏବେ କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ଭୂତାଣୁ ଚିହ୍ନଟ ପାଇଁ କରୋନା ଆକ୍ରାନ୍ତଙ୍କ ନମୁନାକୁ ଜିନୋମ ସିକ୍ୱେନ୍ସିଂ ପାଇଁ ଲାବ୍‌କୁ ପଠାଯାଉଛି। ରିପୋର୍ଟ ଆସିବାକୁ କିଛିଦିନ ସମୟ ଲାଗୁଥିବାରୁ ସଂକ୍ରମଣ ବଢ଼ିଯାଉଛି। କିନ୍ତୁ ଏହି ଭୂତାଣୁକୁ ଏବେ ସହଜରେ ଓ ଶୀଘ୍ର ଚିହ୍ନଟ କରିବ 'ଓମିସିଓର'। କିଛିଦିନ ତଳେ ଟାଟା ପ୍ରସ୍ତୁତ କରିଥିବା ଏହି ଟେଷ୍ଟିଂ କିଟ୍‌କୁ ଇଣ୍ଡିଆନ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର୍) ମଞ୍ଜୁରୀ ପ୍ରଦାନ କରିଛି। ତେବେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ 'ଓମିସିଓର' କିଟ୍ କିଣିବାକୁ ଯାଉଛି। ସୋମବାର ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ୍ (ଓଏସ୍‌ଏମ୍‌ସିଏଲ୍) ୫ ଲକ୍ଷ କିଟ୍ ପାଇଁ ଟାଟା ମେଡିକାଲ ଆଣ୍ଡ୍ ଡାଇଗ୍ନୋଷ୍ଟିକ୍ସ ଲିମିଟେଡ୍ (ଟାଟା ଏମ୍‌ଡି)କୁ ଅର୍ଡର ଦେଇଥିବା ଜଣାପଡ଼ିଛି। ଏହି କିଟ୍ ଆସିବା ପରେ ରାଜ୍ୟକୁ ଆଉ ଆକ୍ରାନ୍ତ ଲୋକଙ୍କ ନମୁନାର ଜିନୋମ ସିକ୍ୱେନ୍ସିଂ ପାଇଁ ଲାବ୍‌କୁ ପଠାଇ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଏହି କିଟ୍ ଦ୍ୱାରା ଲୋକେ ଓମିକ୍ରନରେ ଆକ୍ରାନ୍ତ ହୋଇଛନ୍ତି କି ନାହିଁ ତାହା ଜଣାପଡ଼ିଯିବ।

ଟାଟା ଏମ୍‌ଡିର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଗିରୀଶ କ୍ରିଷ୍ଣମୂର୍ତ୍ତି କହିଛନ୍ତି, ଓମିସିଓର ହେଉଛି ଏକମାତ୍ର ଟେଷ୍ଟ କିଟ୍, ଯାହା ଓମିକ୍ରନ୍ ଭାରିଆଣ୍ଟକୁ ସହଜରେ ଚିହ୍ନଟ କରିପାରିବ। ଏହା ଉପରେ ଭରସା କରି ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଏହାକୁ ଅର୍ଡର କରିଥିବାରୁ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛୁ। ଏବେ ଓମିକ୍ରନ ଭୂତାଣୁ ଚିହ୍ନଟ ନିମନ୍ତେ ଅନ୍ୟ କିଟ୍ ବ୍ୟବହାର କରାଯାଉଛି। ଭାରତରେ ଓମିକ୍ରନ୍ ଭାରିଆଣ୍ଟକୁ ଚିହ୍ନଟ କରିବା ପାଇଁ ବ୍ୟବହୃତ ହେଉଥିବା କିଟ୍ ଆମେରିକାର ଥର୍ମୋ ଫିସର କମ୍ପାନୀ ବିକଶିତ କରିଛି। ଭାରିଆଣ୍ଟକୁ ଚିହ୍ନିବା ପାଇଁ ଏହା ଏସ୍ ଜିନ୍ ଟାର୍ଗେଟ୍ ଫେଲିୟୋର ଷ୍ଟ୍ରାଟେଜି (ଏସ୍‌ଜିଟିଏଫ୍) କୌଶଳ ବ୍ୟବହାର କରୁଛି। ଏବେ ଆଇସିଏମ୍‌ଆର୍ ଟାଟାର ଯେଉଁ କିଟ୍‌କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି, ତାହାର ନାମ ଟାଟା ଏମ୍‌ଡି ଚେକ୍ ଆର୍‌ଟି-ପିସିଆର୍ ଓମିସିଓର ରହିଛି ବୋଲି କ୍ରିଷ୍ଣମୂର୍ତ୍ତି କହିଛନ୍ତି।

## ରାଜ୍ୟରେ ଓମିକ୍ରନ୍ ଆକ୍ରାନ୍ତ ସଂଖ୍ୟା ୧୦୦ ଟପିଲା

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**



ରାଜ୍ୟରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଟପିଯାଇଛି। ସୋମବାର ଆଉ ୨୮ଜଣ ଓମିକ୍ରନ୍ ପଜିଟିଭ୍ ଚିହ୍ନଟ ହେବା ପରେ ଏହି ସଂଖ୍ୟା ୧୦୩ରେ ପହଞ୍ଚିଛି। ଏନେଇ ଜୀବନ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍‌ଏସ୍) ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦିଆଯାଇଛି। ସେପେଟ ରାଜ୍ୟରେ ସବୁ ଜିଲାରେ ଓମିକ୍ରନ ଆକ୍ରାନ୍ତ ରହିଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ସୋମବାର କହିଛନ୍ତି। ସେ କହିଛନ୍ତି, ରାଜ୍ୟର ମୁଖ୍ୟତଃ ୪-୫ ଟି ଜିଲାରେ ଅଧିକ ସଂକ୍ରମଣ ହେଉଛି। ଏହାସହ ସବୁ ଜିଲାରେ ଓମିକ୍ରନ୍‌ର ଉପସ୍ଥିତି ରହିଛି।

ସୂଚନାଯୋଗ୍ୟ, ଡିସେମ୍ବର ୨୧ରେ ଓଡ଼ିଶାରେ ପ୍ରଥମେ ୨ଜଣ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହାପରେ ଅର୍ଥାତ୍ ଡିସେମ୍ବର ୨୩ ତାରିଖରେ ୨ଜଣ, ୨୬ରେ ୪ଜଣ, ୨୯ରେ ଜଣେ, ୩୦ରେ ୫ଜଣ, ଜାନୁୟାରୀ ୨ରେ ୨୩ଜଣ, ୫ରେ ୨୪ଜଣ ଓ ୮ରେ ୧୪ଜଣ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟରେ ମୋଟ୍ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ହୋଇଥିଲା। ଏବେ ଶହେ ଟପିଥିବାରୁ ଚିନ୍ତା ବଢ଼ିଛି। କିନ୍ତୁ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଯେପରି ଦ୍ରୁତଗତିରେ ବଢୁଛି, ସେପରି ଭାବେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢୁ ନ ଥିବା ଜିନୋମ୍ ସିକ୍ୱେନ୍ସିଂ ତଥ୍ୟରୁ ଜଣାପଡୁଛି। ପୁଣି ଏମାନଙ୍କ ମଧ୍ୟରୁ ୫ଜଣ ଓମିକ୍ରନ୍ ଆକ୍ରାନ୍ତ ସୁସ୍ଥ ହୋଇସାରିଲେଣି ବୋଲି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ୍ (ଆଇଏଲ୍‌ଏସ୍) ପକ୍ଷରୁ ସୂଚନା ମିଳିଛି।

# ତଦନ୍ତ ପାଇଁ କମିଟି ଗଢ଼ିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୦।୧(ପି.ଟି.)**

## ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି



- କେନ୍ଦ୍ର, ପଞ୍ଜାବ ସରକାରଙ୍କ ତଦନ୍ତ ଉପରେ ରହିତାଦେଶ
- କାରଣ ଦର୍ଶାଅ ନୋଟିସ ନେଇ କେନ୍ଦ୍ରକୁ ଭର୍ତ୍ସନା

ପଞ୍ଜାବ ଗସ୍ତ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁରକ୍ଷାରେ ତ୍ରୁଟି ଅଭିଯୋଗର ତଦନ୍ତ ଲାଗି ସୁପ୍ରିମକୋର୍ଟ ସୋମବାର ଏକ କମିଟି ଗଠନ କରିଛନ୍ତି। ଏଥିସହିତ କେନ୍ଦ୍ର ସରକାର ଓ ପଞ୍ଜାବ ସରକାରଙ୍କ ଦ୍ୱାରା ଗଠିତ କମିଟିର ତଦନ୍ତ ଉପରେ ସର୍ବୋଚ୍ଚ ଅଦାଲତ ସ୍ଥଗିତାଦେଶ ଲଗାଇଛନ୍ତି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ହେବାକୁ ଥିବା ୪ ଜଣିଆ ତଦନ୍ତ କମିଟିରେ ଚଣ୍ଡିଗଡ଼ ଡିଜିପି, ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ଆଇଜି, ପଞ୍ଜାବ ହରିୟାଣା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ଏବଂ ପଞ୍ଜାବର ଅତିରିକ୍ତ ଡିଜିପି ରହିବେ। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାକୁ ଅଦାଲତ ଗୁରୁତ୍ୱର ସହ ନେଉଛନ୍ତି ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା କହିଥିଲେ। ତଦନ୍ତ କମିଟି ରିପୋର୍ଟ ଦାଖଲ କରିବା ଲାଗି ସମୟସୀମା ଧାର୍ଯ୍ୟ କରାଯିବାକୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅନୁରୋଧ କରିଥିଲେ। ଅଦାଲତ ଉକ୍ତ ଦିଗ ଉପରେ ଧ୍ୟାନ ରଖିଥିବା ସିଜେଆଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ଗତ ୫ ତାରିଖରେ ପ୍ରଧାନମନ୍ତ୍ରୀ ପଞ୍ଜାବ ଗସ୍ତରେ ଯାଇଥିବାବେଳେ ଫିରୋଜପୁରଠାରେ ବିକ୍ଷୋଭକାରୀ ରାସ୍ତା ଅବରୋଧ କରିଥିଲେ। ଫଳରେ ଫ୍ଲାଏଓଭର ଉପରେ ପ୍ରଧାନମନ୍ତ୍ରୀଙ୍କ ଗାଡ଼ି ୨୦ ମିନିଟ ଅଟକିବା ପରେ ସେ କାର୍ଯ୍ୟକ୍ରମରେ ଯୋଗଦେଇ ନ ପାରି ଫେରିଯାଇଥିଲେ। ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହୁଏ, ସେଥିପାଇଁ ସୁରକ୍ଷାରେ ତ୍ରୁଟି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଲାଗି ଲୟର୍ସ ଭଏସ୍ ନାମକ ସଂଗଠନ ପକ୍ଷରୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ପଞ୍ଜାବ ସରକାରଙ୍କ ପକ୍ଷରୁ ମଧ୍ୟ ନିରପେକ୍ଷ ତଦନ୍ତ ଲାଗି ଅନୁରୋଧ କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ସମ୍ପର୍କିତ ସମସ୍ତ ରେକର୍ଡ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କ ହସ୍ତଗତ ହୋଇଥିବା ପଞ୍ଜାବ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ଡି.ଏସ୍. ପଟ୍ୱାଲିଆ ଖଣ୍ଡପୀଠଙ୍କୁ କହିଥିଲେ। କେନ୍ଦ୍ରୀୟ ସଂସ୍ଥା ହୋଇଥିବାରୁ ଏବଂ ଏହା ପଛରେ ରାଜନୀତି ଥିବାରୁ ଉପଯୁକ୍ତ ଶୁଣାଣି ହେବା ଉପରେ ପଟ୍ୱାଲିଆ ପ୍ରଶ୍ନ ଉଠାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି ପାଇଁ କେନ୍ଦ୍ର ସରକାର ପଞ୍ଜାବ ସରକାରଙ୍କ ୭ ଜଣ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ପଠାଇଛନ୍ତି। ସୁରକ୍ଷା ଉଲ୍ଲଂଘନ ପାଇଁ ସେମାନଙ୍କୁ ଦାୟୀ କରାଯାଇ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏହି କାରଣ ଦର୍ଶାଅ ନୋଟିସ୍‌ଗୁଡ଼ିକ ପଞ୍ଜାବ ସରକାରଙ୍କ ବିରୋଧରେ ସୁଚିନ୍ତିତ ଭାବେ କରାଯାଇଥିବା ଆଡଭୋକେଟ ଜେନେରାଲ (ଏଜି) କହିଥିଲେ। ଏପର୍ଯ୍ୟନ୍ତ ତଦନ୍ତ ହୋଇନାହିଁ। ସମସ୍ତ ଦସ୍ତାବିଜ୍‌କୁ ଜବତ କରାଯାଇଛି। ମାମଲା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବାବେଳେ କେନ୍ଦ୍ର ସରକାର କାରଣ ଦର୍ଶାଅ ନୋଟିସ୍ ଜାରି କଲେ କିପରି ବୋଲି ଏଜି ପ୍ରଶ୍ନ କରିଥିଲେ। ଅଦାଲତଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯାଉ। ସୁରକ୍ଷାରେ ତ୍ରୁଟି ଥିଲେ ସମ୍ପୃକ୍ତ ଅଫିସରମାନଙ୍କୁ ଫାଶୀ ଦିଆଯାଉ ବୋଲି ଏଜି କହିଥିଲେ। ☞ପୃଷ୍ଠା-୨



ଭୁବନେଶ୍ୱରରେ ସୋମବାର ସକାଳେ ଘନ କୁହୁଡ଼ି ମଧ୍ୟରେ ଲୋକେ ଯା'ଆସ କରୁଛନ୍ତି।

# ବୁଷ୍ଟର ଡୋଜ୍ ଆରମ୍ଭ



କଟକ ଏସ୍‌ସିବି ମେଡିକାଲ ଟିକାକରଣ କେନ୍ଦ୍ରରେ ଜଣେ ଡାକ୍ତରଙ୍କୁ ବୁଷ୍ଟର ଡୋଜ୍ ଦିଆଯାଉଛି।

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

## ପ୍ରଥମ ଦିନରେ ଟିକାନେଲେ ୫୦,୬୦୫

ଓଡ଼ିଶା ସମେତ ସମଗ୍ର ଦେଶରେ ସୋମବାରଠାରୁ ପ୍ରିକଶନ ଡୋଜ୍ ବା ବୁଷ୍ଟର ଡୋଜ୍ ଟିକାକରଣ ଆରମ୍ଭ ହୋଇଛି। ବରିଷ୍ଠ ନାଗରିକ, ସମ୍ମୁଖ ଯୋଦ୍ଧା ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଏହି ଟିକା ଦିଆଯାଉଛି। ପ୍ରଥମ ଦିନରେ ରାଜ୍ୟରେ ୫୦,୬୦୫ଜଣ ବୁଷ୍ଟର ଡୋଜ୍ ନେଇଛନ୍ତି। ଏମାନଙ୍କ ମଧ୍ୟରେ ୨୩,୪୧୨ଜଣ ସ୍ୱାସ୍ଥ୍ୟକର୍ମୀ ଥିବାବେଳେ ୬,୮୮୩ଜଣ ସମ୍ମୁଖ ଯୋଦ୍ଧା ଏବଂ ୨୦,୨୮୦ଜଣ ☞ପୃଷ୍ଠା-୨

# ୬୫ କୋଟିର ହେରୋଇନ ଜବତ

## ପଶ୍ଚିମବଙ୍ଗ ଯିବ ଓଡ଼ିଶା ଏସ୍‌ଟିଏଫ୍ ଟିମ୍

## ର୍‍ୟାକେଟରେ ୨ ଓଡ଼ିଆ

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

ଓଡ଼ିଶା ସମେତ ଦେଶର ଅନ୍ୟାନ୍ୟ ରାଜ୍ୟକୁ ନିଷିଦ୍ଧ ନିଶାଦ୍ରବ୍ୟ ହେରୋଇନ୍ ଚାଲାଣ କରୁଥିବା ଏକ ବଡ଼ ଆନ୍ତଃରାଜ୍ୟ ର୍‍ୟାକେଟକୁ ପଶ୍ଚିମବଙ୍ଗ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଧରିଛି। ଗତ ତିନିଦିନର ଅପରେଶନରେ ର୍‍ୟାକେଟ୍‌ର ୬ଜଣ ସଦସ୍ୟଙ୍କୁ ପୂର୍ବ ବର୍ଦ୍ଧମାନ ଜିଲା ବର୍ଦ୍ଧମାନ ସଦର ଥାନା ଅନ୍ତର୍ଗତ ଶ୍ରୀପଲ୍ଲୀସ୍ଥିତ ଏକ ଘରୁ ଗିରଫ କରାଯାଇଥିବା ପଶ୍ଚିମବଙ୍ଗ ଏସ୍‌ଟିଏଫ୍ ସୋମବାର ସୂଚନା ଦେଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣ ପିଶ୍ଚିମବଙ୍ଗର ହୋଇଥିବାବେଳେ ୨ ମଣିପୁର ଓ ଅନ୍ୟ ୨ଜଣ ଓଡ଼ିଶାର ବୋଲି ଜାରି ହୋଇଥିବା ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ତେବେ ଓଡ଼ିଶାର ୨ ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳର ଏସ୍‌କେ ରସିଦ୍ ଓରଫ ରାଜୁ(୨୬) ଓ ଇର୍ସାଦ୍ ଖାନ(୨୮)। ଚଢ଼ାଉ ବେଳେ ଅଭିଯୁକ୍ତଙ୍କ ନିକଟରୁ ୧୩ କେଜିର ହେରୋଇନ୍ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୬୫ କୋଟି ଟଙ୍କା ହେବ। ଏଥିସହ ନଗଦ ୨୦ ଲକ୍ଷ ୧୦ ହଜାର ୧୦୦ ଟଙ୍କା, ହେରୋଇନ୍ ତିଆରି ପାଇଁ ବ୍ୟବହୃତ କଞ୍ଚା ମାଲ୍ ଓ କେମିକାଲ, ଟଙ୍କା ଗଣିବା ମେଶିନ, ସିଲିଙ୍ଗ ମେଶିନ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏନେଇ ହାଓଡା କମିଶନରେଟ ପୋଲିସର ଗୋଲାବରି ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ପଶ୍ଚିମବଙ୍ଗ ଏସ୍‌ଟିଏଫ୍ ସୂଚନା ଦେଇଛି।

ତଦନ୍ତରୁ ର୍‍ୟାକେଟ ସମ୍ପର୍କରେ ପଶ୍ଚିମବଙ୍ଗ ଏସ୍‌ଟିଏଫ୍ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ର୍‍ୟାକେଟରେ ସମ୍ପୃକ୍ତ ସଦସ୍ୟମାନେ ମଣିପୁରରୁ ହେରୋଇନ୍‌ର କଞ୍ଚାମାଲ୍ ଆଣୁଥିଲେ। ବର୍ଦ୍ଧମାନ ଥାନା ଶ୍ରୀପଲ୍ଲୀ ଅଞ୍ଚଳର ଏକ ଘରେ ଅଭିଯୁକ୍ତମାନେ ବିଭିନ୍ନ କେମିକାଲ ମିଶ୍ରଣ କରି ହେରୋଇନ୍ ପ୍ରସ୍ତୁତ କରୁଥିଲେ। ପ୍ରସ୍ତୁତ ହେରୋଇନ୍‌କୁ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳକୁ ଚାଲାଣ କରିବା ସହ ଓଡ଼ିଶାକୁ ମଧ୍ୟ ପଠାଉଥିଲେ। ଏହି ଘଟଣା ଓଡ଼ିଶାରେ ହେରୋଇନ୍ କାରବାରର ସ୍ପଷ୍ଟ ସୂଚନା ଦେଉଛି। ଏହି ଖବର ପାଇବା ପରେ ଓଡ଼ିଶା ଏସ୍‌ଟିଏଫ୍‌ର ଚେତା ପଶିଛି। ଓଡ଼ିଶାକୁ ହେରୋଇନ୍ ଚାଲାଣରେ ବହୁ ଏଜେଣ୍ଟ ସମ୍ପୃକ୍ତ ଥିବା ଓ ଏଠାରେ ମଧ୍ୟ ହେରୋଇନ ବ୍ୟବସାୟୀ ରହିଥିବା ସନ୍ଦେହ କରାଯାଉଛି। ତେଣୁ ଓଡ଼ିଶା ଏସ୍‌ଟିଏଫ୍‌ର ଜଣେ ଡିଏସ୍‌ପିଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ମଙ୍ଗଳବାର ☞ପୃଷ୍ଠା-୨



ଏସ୍‌କେ ରସିଦ୍



ଇର୍ସାଦ୍ ଖାନ

- ଗିରଫ ୬ଜଣଙ୍କ ମଧ୍ୟରେ ବାଲେଶ୍ୱରର ୨
- ଟ୍ରାନ୍‌ଜିଟ୍ ରିମାଣ୍ଡରେ ଆଣିବାକୁ ଯୋଜନା

## ଯୁକ୍ତ୨ ଫର୍ମ ପୂରଣ ଅବଧି ୧୮ ଯାଏ ଘୁଞ୍ଚିଲା

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ପାଇଁ ଯେଉଁ ଛାତ୍ରୀଛାତ୍ର ଫର୍ମ ପୂରଣ କରିନାହାନ୍ତି ସେମାନଙ୍କୁ ଆଉଥରେ ସୁଯୋଗ ଦିଆଯାଇଛି। ଆସନ୍ତା ୧୮ ତାରିଖ ଯାଏ ଫର୍ମ ପୂରଣ ଅବଧିକୁ ବୃଦ୍ଧି କରାଯାଇଥିବା ସୋମବାର ସିଏଚ୍‌ଏସ୍‌ଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁସାରେ, କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବିଭାଗର ସମସ୍ତ ଯୁକ୍ତ୨ ଛାତ୍ରୀଛାତ୍ର ୧୧ରୁ ୧୮ ତାରିଖ ମଧ୍ୟରେ ଫର୍ମ ପୂରଣ କରିପାରିବେ। ତେବେ ଏଥିପାଇଁ ୪୫୦ ଟଙ୍କା ଫାଇନ ଦେବାକୁ ପଡ଼ିବ। ୧୯ ତାରିଖ ସୁଦ୍ଧା ଏହି ଫାଇନ ଦାଖଲ କରିବାକୁ ପଡ଼ିବ। ଏହାପରେ ଫର୍ମ ପୂରଣ ପାଇଁ ଛାତ୍ରୀଛାତ୍ରଙ୍କୁ ଆଉ ସୁଯୋଗ ଦିଆଯିବ ନାହିଁ ବୋଲି ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ୨୦୨୨ ଯୁକ୍ତ୨ ବୋର୍ଡ ପରୀକ୍ଷା ପାଇଁ ଡିସେମ୍ବର ୨୭ରୁ ଫର୍ମ ପୂରଣ ବା ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗତ ୪ ତାରିଖ ପର୍ଯ୍ୟନ୍ତ ବିନା ଫାଇନ୍‌ରେ ☞ପୃଷ୍ଠା-୨

## ସଂକ୍ଷେପରେ

### ଅଟୋକୁ ଧକ୍କାଦେଲା ଟ୍ରାକ୍ଟର: ଜଣେ ମୃତ, ୪ଗୁରୁତର

**ଅମରପାଲି,୧୦।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ପିତାମହୁଲ ନିକଟରେ ସୋମବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଯାତ୍ରୀଙ୍କୁ ନେଇ ଯାଉଥିବା ଅଟୋକୁ ଏକ ଟ୍ରାକ୍ଟର ଧକ୍କା ଦେବାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବୀରମହାରାଜପୁର ଥାନା ଅନ୍ତର୍ଗତ ଭଙ୍ଗାମୁଣ୍ଡା ଜଗନ୍ନାଥପାଲିର ବୃନ୍ଦାବନ ମେହେର(୫୫)। ଗୁରୁତରମାନେ ହେଲେ ଚନ୍ଦ୍ରକାନ୍ତି ମେହେର, ରବିବାରୀ ମେହେର, ତୀର ମେହେର ଓ ରାଧା ମେହେର। ସୋମବାର ଭଙ୍ଗାମୁଣ୍ଡାର ଗୋଟିଏ ପରିବାରର ୫ଜଣ ଅଟୋ(ନଂ.ଓଡି୩୧ଜି୨୪୪୨)ରେ ଅନୁଗୋଳ ଜିଲା ଆଠମଲ୍ଲିକ ମାନଯୋର ଡ୍ୟାମକୁ ଭୋଜି କରିବାକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ପିତାମହୁଲ ନିକଟରେ ବୀରମହାରାଜପୁର ପଟରୁ ଆସୁଥିବା ଏକ ଟ୍ରାକ୍ଟର ସେମାନଙ୍କୁ ଧକ୍କା ଦେଇଥିଲା। ଅଟୋରୁ ସମସ୍ତ ଯାତ୍ରୀ ଛିଟିକି ପଡିଥିଲେ। ସମସ୍ତଙ୍କୁ ବୀରମହାରାଜପୁର ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଡାକ୍ତର ବୃନ୍ଦାବନଙ୍କୁ ମୃତ ଘୋଷଣା କରିଥିଲେ।

# ପଞ୍ଚାୟତିରାଜ ବିଭାଗରେ ୨୧୦ ସହକାରୀ ଯନ୍ତ୍ରୀଙ୍କୁ ନିଯୁକ୍ତି

## ଗ୍ରାମୀଣ ଗୃହ ନିର୍ମାଣ, ଜଳ ଯୋଗାଣ ପ୍ରମୁଖ କାର୍ଯ୍ୟ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ୨୧୦ ଜଣ ସହକାରୀ ଯନ୍ତ୍ରୀଙ୍କୁ ନିଯୁକ୍ତି ମିଳିଛି। ଏହା ପ୍ରଥମ ଯନ୍ତ୍ରୀ କ୍ୟାଡର ପ୍ରଥମ ବ୍ୟାଚ୍ ଭାବେ ପଞ୍ଚାୟତିରାଜ ବିଭାଗ ଅଧୀନରେ ନିଯୁକ୍ତି ପାଇଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ୨୧୦ ଜଣ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଗ୍ରାମୀଣ ଗୃହ ନିର୍ମାଣ ଓ ପାନୀୟ ଜଳ ଯୋଗାଣ ରାଜ୍ୟ ସରକାରଙ୍କ ୨ଟି ପ୍ରମୁଖ କାର୍ଯ୍ୟକ୍ରମ। ବିଭାଗରେ ନୂତନ ଭାବେ ସୃଷ୍ଟି ହୋଇଥିବା ଇଞ୍ଜିନିୟରିଂ କ୍ୟାଡରର ଏହା ପ୍ରଥମ ବ୍ୟାଚ୍। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କଚ୍ଚାଘରଗୁଡ଼ିକୁ ପକ୍କାଘରରେ ପରିଣତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ୨୦୨୪ ସୁଦ୍ଧା ସମସ୍ତ ଗ୍ରାମୀଣ ପରିବାରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ନୂତନ ଇଞ୍ଜିନିୟରିଂ କ୍ୟାଡର ସୃଷ୍ଟି ଗ୍ରାମୀଣ ଭିତ୍ତିଭୂମି ଉପରେ ସରକାରଙ୍କ ଧ୍ୟାନର ଏକ ଉଦାହରଣ ବୋଲି ସେ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବିକାଶର ସୁଫଳ ଗରିବରୁ ଗରିବତମ ଲୋକଟି ପାଖରେ ପହଞ୍ଚାଇବା ନିମନ୍ତେ ରାଜ୍ୟ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ। ଓଡ଼ିଶାରେ ବର୍ତ୍ତମାନ ଚାଲିଥିବା ରୂପାନ୍ତରଣର ଅଂଶ ହେବା ନିମନ୍ତେ ସେମାନଙ୍କ ସମସ୍ତ ଶକ୍ତି ଓ ଜ୍ଞାନ ବିନିଯୋଗ କରିବାକୁ ନୂତନ ନିଯୁକ୍ତ ଯନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନୂତନ କର୍ମଚାରୀମାନଙ୍କୁ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟରେ ରାଜ୍ୟ ସରକାରଙ୍କ ୫-ଟି ମନ୍ତ୍ରର ଅନୁପାଳନ ନିମନ୍ତେ ଆହ୍ୱାନ ଦେଇଛନ୍ତି। ରାଜ୍ୟ ପ୍ରଶାସନର ସିଦ୍ଧାନ୍ତଗୁଡ଼ିକ ସମ୍ପର୍କରେ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଜନତା ହିଁ ଆମ ସରକାରର ମୂଳଭିତ୍ତି ଏବଂ ସମ୍ମାନ ଓ ଦକ୍ଷତାର ସହ ଆମେ ସେମାନଙ୍କ ସେବା କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

ମନ୍ତ୍ରୀ ପ୍ରତାପ ଜେନା ଏହି ଅବସରରେ ନବନିଯୁକ୍ତ ସହକାରୀ ଯନ୍ତ୍ରୀମାନଙ୍କୁ କହିଛନ୍ତି, ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହକାରେ ଗରିବ କଲ୍ୟାଣ ଯୋଜନାକୁ ତୃଣମୂଳସ୍ତରରେ କାର୍ଯ୍ୟକରିବା ଆବଶ୍ୟକ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ (୫-ଟି) ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ପ୍ରମୁଖ ଶାସନ ସଚିବ ଅଶୋକ ମୀନା କାର୍ଯ୍ୟକ୍ରମରେ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ।



ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୨୧୦ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ୱାଗତ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ।

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ସୁମିତଙ୍କ ବାପା

## ସୁମିତ-ତପସ୍ୱିନୀ ବିବାହ ବିବାଦ ମାମଲା

**କଟକ ଅଫିସ,୧୦।୧**

ବ୍ରହ୍ମପୁରର ବହୁଚର୍ଚ୍ଚିତ ସୁମିତ ଓ ତପସ୍ୱିନୀ ବିବାହ ବିବାଦ ମାମଲାରେ ସୋମବାର ସୁମିତଙ୍କ ବାପା ପ୍ରମୋଦ କୁମାର ସାହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଏଫ୍ଆଇଆର୍ ଆଧାରରେ ପୋଲିସ କାର୍ଯ୍ୟାନୁଷ୍ଠାନରେ ଶିଥିଳତା ନେଇ ସେ ହାଇକୋର୍ଟରେ ଏକ ମାମଲା (ନଂ. ୪୬/୨୨) ଦାଏର କରିଛନ୍ତି। ଗତ ଡିସେମ୍ବର ୨୦ରେ ତାଙ୍କ ଘର ଫାଟକ ଭାଙ୍ଗି ପଶିଥିବା ଲୋକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସେ କୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ଶାଶୁଘରେ ପ୍ରବେଶ ଅନୁମତି ଏବଂ ଅଧିକାର ଦାବିରେ ତପସ୍ୱିନୀ ଦାଶ ବ୍ରହ୍ମପୁରସ୍ଥିତ ଡା. ସୁମିତ ସାହୁଙ୍କ ଘର ଆଗରେ ଧାରଣାରେ ବସିଥିଲେ। ଡିସେମ୍ବର ୨୦ରେ ତପସ୍ୱିନୀ ଓ ସାମାଜିକ କର୍ମୀ ପ୍ରମିଳା ତ୍ରିପାଠୀଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ମିଳିତ ଭାବେ ପ୍ରମୋଦଙ୍କ ପରିବାର ସଦସ୍ୟଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରି ତାଙ୍କ ଘର ଫାଟକ ଭାଙ୍ଗି ପଶିଥିଲେ। ଫଳରେ ତାଙ୍କ ପରିବାର ନିଜକୁ ଅସୁରକ୍ଷିତ ମଣିଥିଲେ ବୋଲି ପ୍ରମୋଦ ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାର ତଦନ୍ତ ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ନିଜ ପରିବାରର ସୁରକ୍ଷା ପାଇଁ ପ୍ରମୋଦ ନ୍ୟାୟାଳୟଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।




# ପକ୍ଷ ରଖିଲେ ସୁମିତଙ୍କ ଓକିଲ

## ସୁମିତ-ତପସ୍ୱିନୀ ମାମଲାର ପିଟିଶନ ଶୁଣାଣି

**ବ୍ରହ୍ମପୁର ଅଫିସ,୧୦।୧**

ବୋହୂ ତପସ୍ୱିନୀ ଦାଶଙ୍କ ଦ୍ୱାରା ରୁଜୁ ହୋଇଥିବା ପିଟିସନର ଶୁଣାଣି ପାଇଁ ଜାନୁଆରୀ ୧୦ ଦିନ ଧାର୍ଯ୍ୟ ହୋଇଥିଲା। ଶ୍ୱଶୁର ଘରେ ରହିବାକୁ ଅନୁମତି ଦେବା ପାଇଁ ବୋହୂ ତପସ୍ୱିନୀ ଗତ ନଭେମ୍ବରରେ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏକ ପିଟିଶନ୍ ରୁଜୁ କରିଥିଲେ। ଏହି ପିଟିଶନ୍ ଉପରେ ଡା. ସୁମିତ ସାହୁଙ୍କ ଓକିଲ ତାଙ୍କର ପକ୍ଷ ରଖିଛନ୍ତି। ସେପଟେ ଏହା ଉପରେ କାଉଣ୍ଟର୍ ଫାଇଲ୍ କରିବା ପାଇଁ ତପସ୍ୱିନୀଙ୍କ ଓକିଲ ଦୀପକ ପଟ୍ଟନାୟକ କୋର୍ଟଙ୍କୁ ସମୟ ମାଗିଥିଲେ। ଆସନ୍ତା ୧୯ତାରିଖରେ କାଉଣ୍ଟର୍ ଫାଇଲ୍ କରିବା ପାଇଁ ଦିନ ଧାର୍ଯ୍ୟ ହୋଇଥିବା ଆଇନଜୀବୀ ପଟ୍ଟନାୟକ କହିଛନ୍ତି।

ସୂଚନାଯୋଗ୍ୟ, ଗତ ନଭେମ୍ବର ୨୨ତାରିଖରୁ ତପସ୍ୱିନୀ ବଧୂ ବେଶରେ ସମାଜିକକର୍ମୀ ପ୍ରମିଳା ତ୍ରିପାଠୀଙ୍କ ସହାୟତାରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମନଗରସ୍ଥିତ ଶ୍ୱଶୁର ଘର ଆଗରେ ଧାରଣା ଜାରି ରଖିଥିଲେ। ନ୍ୟାୟ ନ ମିଳିବାରୁ ଶେଷରେ ସେ କୋର୍ଟରେ ପିଟିଶନ୍ ପକାଇ ଶ୍ୱଶୁର ଘରେ ରହିବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ଏହି ପିଟିଶନ୍ ଉପରେ ସୁମିତଙ୍କ ଓକିଲ ତାଙ୍କର ପକ୍ଷ ରଖିଛନ୍ତି। ଜିଲାଜଜ୍‌ଙ୍କ ନିର୍ଦ୍ଦେଶକ୍ରମେ ତପସ୍ୱିନୀ ଗତ ୬ ତାରିଖଠାରୁ ବ୍ରହ୍ମନଗର ଦ୍ୱିତୀୟ ଲାଇନ୍ ସ୍ଥିତ ଶ୍ୱଶୁର ଘରେ ରହିଛନ୍ତି। ତପସ୍ୱିନୀ ତାଙ୍କ ଶ୍ୱଶୁର ଘରେ ପ୍ରବେଶ କରିବା ପରେ ଶ୍ୱଶୁର ପ୍ରମୋଦ ସାହୁ ନିଜକୁ ଅସୁରକ୍ଷିତ ମନେକରି କୁଆଡ଼େ ଚାଲି ଯାଇଛନ୍ତି। ସେପଟେ ଡା. ସୁମିତ ଗତ ୬ତାରିଖରୁ ପୁଣିଥରେ ୧୫ଦିନ ପାଇଁ ତାଙ୍କ ଛୁଟି ବୃଦ୍ଧି କରିଛନ୍ତି। ଅନ୍ୟପଟେ ତପସ୍ୱିନୀଙ୍କୁ ଜୋରଜବରଦସ୍ତ ଘରେ ରଖାଯାଇଥିବା ଅଭିଯୋଗ ନେଇ ସୁମିତଙ୍କ ଓକିଲ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପୁଣି ଏକ ପିଟିଶନ୍ ରୁଜୁ କରିଛନ୍ତି।



ପ୍ରବଳ ତୁଷାରପାତ ପରେ ସୋମବାର ହିମାଚଳ ପ୍ରଦେଶର ଶିମ୍ଲା ସହର ବରଫ ଚାଦରରେ ଘୋଡ଼ାଇ ହୋଇ ରହିଛି।

# ଦାଦାବଟି ପାଇଁ ଆନ୍ଧ୍ର ମତ୍ସ୍ୟଜୀବୀଙ୍କ ବୁଲେଟ ପୋଡ଼ିଦେଲେ

**ରାଜନଗର,୧୦।୧(ଡି.ଏନ.ଏ.)**

ଆନ୍ଧ୍ରପ୍ରଦେଶରୁ ଆସି କେନ୍ଦ୍ରାପଡ଼ା ଜିଲା ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ମାଛ ବ୍ୟବସାୟ ଓ ଫିଶିଂ କରୁଥିବା ଜଣେ ମତ୍ସ୍ୟଜୀବୀଙ୍କୁ ସ୍ଥାନୀୟ ଯୁବକ ଦାଦାବଟି ମାଗି ଥିଲେ। ମତ୍ସ୍ୟଜୀବୀ ଜଣକ ଦାଦାବଟି ନ ଦେବାରୁ ତାଙ୍କ ବୁଲେଟ ପୋଡ଼ି ଦେବା ସହ ଭଡ଼ା ଘରେ ଭଙ୍ଗାରୁଜା କରାଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଆନ୍ଧ୍ରପ୍ରଦେଶର ଜି. ଲକ୍ଷ୍ମଣ ନୁଡୁ ତାଳଚୁଆ ଘାଟ ନିକଟରେ ଏକ ଭଡ଼ାଘର ନେଇ ମାଛ ବ୍ୟବସାୟ କରିବା ସହ ରହୁଥିଲେ। ଦୁଇଦିନ ତଳେ ସ୍ଥାନୀୟ ଅନନ୍ତ ଦେବନାଥ ମତ୍ସ୍ୟଜୀବୀ ଲକ୍ଷ୍ମଣଙ୍କୁ ଆମ ଅଞ୍ଚଳରେ ବେପାର କରୁଛ, ଦାଦାବଟି ଦେବାକୁ ପଡ଼ିବ କହି ଟଙ୍କା ମାଗିଥିଲେ। ଯଦି ଦାଦାବଟି ନ ଦେଇ ଏଠାରେ ବେପାର କର, ଦୋକାନ ସହ ମତ୍ସ୍ୟଜୀବୀଙ୍କୁ ମାରି ଦେବାକୁ ଧମକ ଦେଇଥିଲେ। ମତ୍ସ୍ୟଜୀବୀ ଲକ୍ଷ୍ମଣ ସମୁଦ୍ରକୁ ମାଛ ମାରିବାକୁ ଯାଇଥିବା ବେଳେ ଦୋକାନ ବାରଣ୍ଡାରେ ଥୁଆ ହୋଇଥିବା ତାଙ୍କ ବୁଲେଟ୍‌କୁ ନିଆଁ ଲଗାଇ ପୋଡ଼ି ଦିଆଯାଇଛି। ଏ ନେଇ ନଂ. ୨/୨୨ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଶ୍ରୀକାନ୍ତ କୁମାର ବାରିକ ସୂଚନା ଦେଇଛନ୍ତି।

# ପୋଲିସକୁ ଧକ୍କା ମାରି ଅଭିଯୁକ୍ତ ଫେରାର

**ତାଳଚେର,୧୦।୧(ନି.ପ୍ର.)**

ଡାକ୍ତରୀମାଇନା ପାଇଁ ନିଆଯାଇଥିବାବେଳେ ଜଣେ ଅଭିଯୁକ୍ତ ପୋଲିସକୁ ଧକ୍କା ମାରି ଫେରାର ହୋଇଯାଇଛନ୍ତି। ଅନୁଗୋଳ ଜିଲା ତାଳଚେର ଉପଖଣ୍ଡ ଡାକ୍ତରଖାନା ପରିସରରେ ରବିବାର ଘଟିଥିବା ଏହି ଘଟଣା ପୋଲିସର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତାଳଚେର ଥାନା ଆଇଆଇସି ଶ୍ରୀନିବାସ ସେଠୀ କହିଛନ୍ତି, ଏକ ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତ ସୁବ୍ରତ ସିଂହଙ୍କୁ ଗିରଫ କରାଯାଇଥିଲା। ଡାକ୍ତରୀମାଇନା ପାଇଁ ସନ୍ଧ୍ୟାରେ ତାଙ୍କୁ ହାବିଲଦାରଙ୍କ ସହ ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ସୁବ୍ରତ ହାବିଲଦାରଙ୍କୁ ଧକ୍କା ମାରି ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ଆଇଆଇସି ପ୍ରକାଶ କରିଛନ୍ତି।

# ଓଡ଼ିଶୀ ନୃତ୍ୟଗୁରୁ ଗୌରୀଶଙ୍କରଙ୍କୁ ଜାତୀୟ ଜୁନିୟର ଫେଲୋଶିପ୍

**ଢେଙ୍କାନାଳ ଅଫିସ, ୧୦।୧**

ଓଡ଼ିଶୀ ନୃତ୍ୟରେ ଗବେଷଣା ପାଇଁ ଢେଙ୍କାନାଳର ସ୍ୱନାମଧନ୍ୟ ନୃତ୍ୟଗୁରୁ ଗୌରୀଶଙ୍କର ଦାଶ ଜାତୀୟ ଜୁନିୟର ଫେଲୋଶିପ୍ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୨୦୧୯-୨୦ ବର୍ଷ ପାଇଁ ଓଡ଼ିଶାର ଏକମାତ୍ର ନୃତ୍ୟଶିଳ୍ପୀ ଭାବେ ସେ ଏହି ଗୌରବ ଆଣିଛନ୍ତି। କଳାସଂସ୍କୃତି କ୍ଷେତ୍ରରେ ଅତୁଳନୀୟ ଅବଦାନ ଥିବା ବ୍ୟକ୍ତିଙ୍କୁ ପ୍ରତିବର୍ଷ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଏହି ସମ୍ମାନଜନକ ଫେଲୋଶିପ୍ ପ୍ରଦାନ କରାଯାଇଥାଏ। 'ଭାରତୀୟ ଶାସ୍ତ୍ରୀୟ ନୃତ୍ୟରେ ଯୋଗର ଉପାଦାନ' ସମ୍ପର୍କିତ ଗୌରୀଶଙ୍କରଙ୍କ ସନ୍ଦର୍ଭ ବିଚାରକମଣ୍ଡଳୀ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଜଣେ ପ୍ରତିଷ୍ଠିତ ନୃତ୍ୟଗୁରୁ ଭାବେ ଢେଙ୍କାନାଳକୁ ଗର୍ବିତ କରିଥିବା ଗୌରୀଶଙ୍କରଙ୍କ ଏହି ସଫଳତା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



# ରଥ ନିର୍ମାଣ ପାଇଁ ୭୮୫ ଖଣ୍ଡ କାଠ ଯିବ ପୁରୀ

■ ନୟାଗଡ଼ରେ ପହଞ୍ଚିଲା ଆଜ୍ଞାମାଳ
■ ପୂଜାର୍ଚ୍ଚନା ପରେ ରଥକାଠ ଚିହ୍ନଟ କରାଯିବ

**ନୟାଗଡ଼ ଅଫିସ,୧୦।୧**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଉଦ୍ଦେଶ୍ୟରେ ରଥକାଠ ନିମନ୍ତେ ପୁରୀ ଶ୍ରୀମନ୍ଦିରରୁ ଏକ ପ୍ରତିନିଧି ମଣ୍ଡଳୀ ପ୍ରଭୁଙ୍କ ଅଙ୍ଗବସ୍ତ୍ର, ପାଟପଟନୀ, ଧଣ୍ଡାମାଳ, ନଡ଼ିଆ, ବାନା ଇତ୍ୟାଦି ସାଙ୍ଗରେ ଧରି ସୋମବାର ସନ୍ଧ୍ୟାରେ ନୟାଗଡ଼ ଡିଏଫ୍ଓ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ରଥକାଠ ନିର୍ମାଣ କାର୍ଯ୍ୟର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥ କାଠ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ, ସୁକାନ୍ତ ମିଶ୍ର ପ୍ରମୁଖ ୪ ଜଣିଆ ଦଳ ଏଠାରେ ପହଞ୍ଚିଛନ୍ତି। ନୟାଗଡ଼ ଡିଏଫ୍ଓ କ୍ଷମା ଷଡ଼ଙ୍ଗୀ ସେମାନଙ୍କୁ ସ୍ୱାଗତ କରିଛନ୍ତି। ଚଳିତବର୍ଷ ୩ ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବାବେଳେ ୮୦ ଖଣ୍ଡ ବଳକା ରହିଛି। ଅବଶିଷ୍ଟ କାଠ ୭୮୫ ଖଣ୍ଡ ନୟାଗଡ଼ ଓ ବୌଦ୍ଧ ବନଖଣ୍ଡରୁ ଯିବ। ଏଥିରୁ ୪୨୨ଖଣ୍ଡ କଟକର ସ'ମିଲ୍ ଓ ୩୬୩ ଖଣ୍ଡ ରଥଖଳାକୁ ଯିବ। ତେବେ ଦୁଇ ବନଖଣ୍ଡରୁ ୧୨ ଫୁଟ ଲମ୍ବ ୩ ଫୁଟ ଓସାରର ଅସନ ୨୦୪ ଖଣ୍ଡ, ୧୨ ଫୁଟ ଲମ୍ବ ୩ ଫୁଟ ଓସାରର ଧଉରା ୨୧୬ ଖଣ୍ଡ, ୨୦ ଫୁଟ ଲମ୍ବ ୩ ଫୁଟ ଓସାରର ଅସନ ୮୮ ଖଣ୍ଡ, ଧଉରା କାଠ ୨୦ ଫୁଟ ଲମ୍ବ ୩ ଫୁଟ ଓସାରର ୮୪ଖଣ୍ଡ, ୨୦ ଫୁଟ ଲମ୍ବ ୪ ଫୁଟ ଓସାରର ୧୨ ଖଣ୍ଡ ଧଉରା, ୨୦ ଫୁଟ ଲମ୍ବ ୬ ଫୁଟ ଓସାରର ୬ ଖଣ୍ଡ ଧଉରା, ୪୦ ଫୁଟ ଲମ୍ବ ୩ ଫୁଟ ଓସାରର ୩୦ଖଣ୍ଡ ଅସନ, ୪୦ ଫୁଟ ଲମ୍ବ ୪ ଫୁଟ ଓସାରର ୪୩ ଖଣ୍ଡ ଧଉରା, ୪୦ ଫୁଟ ଲମ୍ବ ୩ ଫୁଟ ୬ ଇଞ୍ଚ ଓସାରର ଧଉରା କାଠ ୨୧, ୪୦ଫୁଟ ଓସାର ୪ ଫୁଟର ୬ ଖଣ୍ଡ ଧଉରା, ୧୪ ଫୁଟ ଓସାର ୫ଫୁଟ ଲମ୍ବର ଫାସି, ଶିମିଳି କାଠ ୧୪ ଫୁଟ ଲମ୍ବ ୬ ଫୁଟ ଓସାରର ୩ ଖଣ୍ଡ ଦିଆଯିବାକୁ ଚିହ୍ନଟ ହୋଇଛି। ଏ ନେଇ ମଙ୍ଗଳବାର ପୂର୍ବାହ୍ନରେ ଦଶପଲ୍ଲା ପୁରାତନ ଗଡ଼ଜାତ ରାଜ୍ୟର ଗଣିଆ ନିକଟବର୍ତ୍ତୀ ମହାନଦୀ ଅବବାହିକାର ବଡମୂଳସ୍ଥ ଗ୍ରାମ ଦେବୀ ମା' ବଡ଼ରାଉଳଙ୍କ ପୀଠରେ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରାଯିବାକୁ ନୀତି ନିର୍ଘଣ୍ଟ ହୋଇଛି।

ସୋମବାରଠାରୁ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ଶ୍ରୀପଞ୍ଚମୀ ତିଥି ପୂର୍ବରୁ ପ୍ରଥମ ପର୍ଯ୍ୟାୟ କାଠ ଯିବ। ଶେଷ ପର୍ଯ୍ୟାୟ ଅକ୍ଷୟ ତୃତୀୟା ତିଥିରେ ସମସ୍ତ ଆବଶ୍ୟକ କାଠ ପୁରୀରେ ପହଞ୍ଚିବ। ଏ ନେଇ ନୟାଗଡ ଡିଏଫ୍ଓ ଷଡଙ୍ଗୀ କୁହନ୍ତି, ନୟାଗଡ଼ ବନଖଣ୍ଡରୁ କେତେକାଠ ଯିବ ନିଷ୍ପତ୍ତି ହୋଇନି। ତେବେ ଏ ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ। ପ୍ରକାଶଥାଉ କି ରଥକାଠ ଯୋଗାଣ ପରମ୍ପରା ପୁରୀର ଗଜପତି ମୁକୁନ୍ଦ ଦେବଙ୍କ ଅମଳ ଅର୍ଥାତ୍ ଦଶପଲ୍ଲା ଗଡ଼ଜାତ ରାଜ୍ୟ ୭ତମ ରାଜା ଚକ୍ରଧର ଭଞ୍ଜଦେଓଙ୍କ ସମୟରୁ ଦୀର୍ଘ ୩୫୧ ବର୍ଷ ହେଲା ରହି ଆସିଛି। ପୂର୍ବେ ମହାନଦୀରେ ଭେଳା କରି ରଥକାଠ ନିଆଯାଉଥିବା ବେଳେ ସ୍ୱାଧୀନତା ପରେ ଟ୍ରକ ସହାୟତାରେ ବଡ଼ ବଡ଼ ରଥକାଠ ପରିବହନ କରାଯାଉଛି।




ରଥକାଠ ପାଇଁ ଆଜ୍ଞାମାଳକୁ ନୟାଗଡ଼ ଡିଏଫ୍ଓ ସ୍ୱାଗତ କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ତଦନ୍ତ ପାଇଁ...

କେନ୍ଦ୍ରର କାରଣ ଦର୍ଶାଅ ନୋଟିସ୍ ପ୍ରସଙ୍ଗରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଥିଲେ। କେବେ ନୋଟିସ୍ ଜାରି ହୋଇଥିଲା ବୋଲି ସିଜେଆଇ ଜଷ୍ଟିସ୍ ରମନା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ପ୍ରଶ୍ନ କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପୂର୍ବରୁ ପଞ୍ଜାବ ପୋଲିସ ଡିଜି ଓ ମୁଖ୍ୟ ସଚିବଙ୍କୁ ନୋଟିସ୍ ହୋଇଥିବା ମେହେଟ୍ଟା ଜଣାଇଥିଲେ। ପଞ୍ଜାବ ଅଫିସରମାନେ ଭିଭିଆଇପି ଏସ୍‌ପିଜି ସୁରକ୍ଷା ନିୟମ ଉଲ୍ଲଂଘନ କରିଥିବା ସେ କହିଥିଲେ। ଗୋଇନ୍ଦା ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବିକ୍ଷୋଭ ସ୍ଥଳର ୧୦୦ ମିଟର ଭିତରେ ପ୍ରଧାନମନ୍ତ୍ରୀଙ୍କ ଗାଡ଼ି ରହିଥିଲା। ସୁରକ୍ଷା ସୁନିଶ୍ଚିତ କରିବା ଡିଜିପିଙ୍କ ଦାୟିତ୍ୱ ବୋଲି ସଲିସିଟର ଜେନେରାଲ କହିଥିଲେ। ଏକ ଗମ୍ଭୀର ଘଟଣା ଉପରେ ରାଜ୍ୟ ସରକାର ଅଫିସରମାନଙ୍କ ପକ୍ଷ ନେଉଥିବା ସେ ଅଭିଯୋଗ କରିଥିଲେ।

ସଲିସିଟର ଜେନେରାଲଙ୍କ ଯୁକ୍ତିକୁ ଖଣ୍ଡନ କରି ଜଷ୍ଟିସ୍ କୋହଲି କହିଥିଲେ, ତୁମେ ଆଗରୁ ମନ ସ୍ଥିର କରିସାରିଥିବା ଅଦାଲତଙ୍କୁ ଧାରଣା ଦେଉଛ। ତେବେ କ'ଣ ପାଇଁ ଅଦାଲତଙ୍କୁ ଆସି ଶୁକ୍ରବାର ବିଚାରକୁ ଅପେକ୍ଷା କରିବାକୁ କହିଥିଲ ବୋଲି ଜଷ୍ଟିସ୍ କୋହଲି ପ୍ରଶ୍ନ କରିଥିଲେ। କାରଣ ଦର୍ଶାଅ ନୋଟିସ୍‌ରେ ତଦନ୍ତ କମିଟି ଗଠନ କରିବା କଥା କହିଛ। ତେଣୁ ଏଭଳି ନୋଟିସ ସମ୍ପୂର୍ଣ୍ଣ ବିରୋଧାଭାସ। ସେମାନଙ୍କୁ କିଏ ଦୋଷୀ କଲା ଏବଂ କେତେବେଳେ ତଦନ୍ତ ହେଲା ବୋଲି ଜଷ୍ଟିସ ସୂର୍ଯ୍ୟ କାନ୍ତ ପ୍ରଶ୍ନ କରିଥିଲେ। ସୁପ୍ରିମକୋର୍ଟ ସମସ୍ତ ରେକର୍ଡ ଜବତ କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ୨୪ ଘଣ୍ଟା ମଧ୍ୟରେ ଜବାବ ମାଗିବା କେନ୍ଦ୍ର ପକ୍ଷରୁ ଆଶା କରାଯାଉ ନ ଥିଲା ବୋଲି ଜଷ୍ଟିସ୍ କୋହଲି କହିଥିଲେ। ଯଦି ରାଜ୍ୟ ଅଧିକାରୀମାନଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାହୁଁଛ, ତେବେ କୋର୍ଟ କରିବାକୁ କ'ଣ ରହିଲା ବୋଲି ସିଜେଆଇ ସଲିସିଟର ଜେନେରାଲଙ୍କୁ ପ୍ରଶ୍ନ କରିଥିଲେ।

### ଯୁକ୍ତ୨...

ଫର୍ମ ପୂରଣ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ସେହିପରି ୮ ତାରିଖ ମଧ୍ୟରେ ଫାଇନ୍ ସହିତ ଫର୍ମ ପୂରଣ ପାଇଁ ମଧ୍ୟ କୁହାଯାଇଥିଲା। ଏହି ସମୟ ଭିତରେ ୩,୦୧,୭୯୭ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବାବେଳେ ଆହୁରି ଅନେକେ ଏଥିରୁ ବଞ୍ଚିତ ଅଛନ୍ତି।

### ବୁଷ୍ଟର ଡୋଜ୍...

୬୦ବର୍ଷରୁ ଊର୍ଦ୍ଧ୍ୱ ବର୍ଗର ହିତାଧିକାରୀ ଥିଲେ। ତେବେ ଏହାକୁ ମିଶାଇ ରାଜ୍ୟରେ ମୋଟ ୩,୪୪,୮୦୨ ଡୋଜ୍ ଟିକାକରଣ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ଟିକାକରଣର ରାଜ୍ୟ ନୋଡାଲ ଅଧିକାରୀ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି, ରାଜ୍ୟରେ ମୋଟ୍ ୧୭ ଲକ୍ଷ ୫୨ ହଜାର ୮୩୮ ଲୋକ ବୁଷ୍ଟର ଡୋଜ୍ ଟିକା ନେବେ। ଯେଉଁମାନଙ୍କର ଦ୍ୱିତୀୟ ଡୋଜ୍ ନେବାର ୯ ମାସ ବା ୩୯ ସପ୍ତାହ ହୋଇଥିବ, ସେମାନେ ଏହି ଡୋଜ୍ ଟିକା ନେବେ। ଜାନୁୟାରୀ ଶେଷ ସୁଦ୍ଧା ୫ ଲକ୍ଷ ୨୫ ହଜାର ୬୦୭ ଲୋକ ବୁଷ୍ଟର ଡୋଜ୍ ନେବାକୁ ଯୋଗ୍ୟ ହେବେ। ଏବେ ଯେଉଁମାନେ ପ୍ରିକଶନ ଡୋଜ୍ ନେବେ, ସେମାନଙ୍କ ପାଖକୁ ଏସ୍‌ଏମ୍‌ଏସ୍ ପଠାଯାଇଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି।

ବର୍ତ୍ତମାନ ରାଜ୍ୟର ୩,୬୧୬ ସେସନ ସାଇଟ୍‌ରେ ଟିକାକରଣ ଚାଲିଛି। ସେଥିମଧ୍ୟରୁ ୧,୩୪୦ ସ୍ୱତନ୍ତ୍ର ଟିକାକରଣ କେନ୍ଦ୍ରରେ ୧୫ରୁ ୧୮ ବର୍ଷର ପିଲାଙ୍କ ଟିକାକରଣ ଚାଲିଛି। ପ୍ରିକଶନ ଡୋଜ୍ ନେବା ପାଇଁ ନୂଆ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ। କେବଳ ସ୍ଲଟ ବୁକିଂ କରିବାକୁ ପଡିବ। ସ୍ଲଟ ବୁକିଂ ପାଇଁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ବ୍ୟବସ୍ଥା ରହିଛି। ଯିଏ ଯେଉଁ ଟିକା ନେଇଥିଲେ, ସେମାନେ ସେହି ଟିକା ନେବେ। ଏହି ଟିକାକରଣ ପାଇଁ ସବୁ ସେସନ ସାଇଟ୍‌ରେ ୨୦ ପ୍ରତିଶତ କ୍ଷମତା ବୃଦ୍ଧି କରାଯାଇଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଯେଉଁମାନେ ବହୁବିଧ ରୋଗରେ ଆକ୍ରାନ୍ତ ଅଛନ୍ତି, ସେମାନଙ୍କର ଟିକାକରଣ ପାଇଁ କୌଣସି ମେଡିକାଲ ସାର୍ଟିଫିକେଟ୍‌ର ଆବଶ୍ୟକତା ନାହିଁ। କିନ୍ତୁ ସେମାନେ ପ୍ରିକଶନ ଟିକା ନେବାକୁ ଆସିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବେ। ଡାକ୍ତର ହଁ କଲେ ସେମାନେ ଟିକା ନେବାକୁ ଆସିପାରିବେ।

### ୬୫ କୋଟିର...

ପଶ୍ଚିମବଙ୍ଗ ଯାଇ ତଦନ୍ତ କରିବ ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି। ଓଡ଼ିଶା ଏସ୍‌ଟିଏଫ୍ ଏହି ମାମଲାରେ ତଦନ୍ତ କରିବା ସହ ଗିରଫ ୨ ଓଡ଼ିଆ ଅଭିଯୁକ୍ତଙ୍କୁ ପଚରାଉଚରା କରିବ। ଆବଶ୍ୟକସ୍ଥଳେ ସେମାନଙ୍କୁ ଟ୍ରାନ୍‌ଜିଟ୍ ରିମାଣ୍ଡରେ ଆଣିବାକୁ ଯୋଜନା କରାଯାଉଥିବା ସୂଚନା ମିଳିଛି।

କଠିନ ସମସ୍ୟା ଏବେ ହେବ ନାହିଁ
କାରଣ ସଚ୍ଚୀ ସହେଲୀରେ ଅଛି ୬୭ ଖାସ୍ ଆୟୁର୍ବେଦିକ ଜଡ଼ି-ବୁଟି ଯାହା କଷ୍ଟଦାୟକ ଯନ୍ତ୍ରଣାକୁ ଭିତରୁ ଠିକ୍ କରିବାରେ ସହାୟତା କରିଥାଏ।
୬୭ ଦୁର୍ଲଭ ପ୍ରାକୃତିକ ଜଡ଼ି-ବୁଟିରେ ପ୍ରସ୍ତୁତ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ଓ ଟାବ୍‌ଲେଟ୍ସ
Helps in:
କଠିନ ଯନ୍ତ୍ରଣା | ବିରକ୍ତିଭାବ | କ୍ଲାନ୍ତି | ଦୁର୍ବଳତା | ଅଣ୍ଟା ବ୍ୟଥା | ଇମ୍ୟୁନିଟି
ସଚ୍ଚୀ ସହେଲୀ ®

# ଗୋଆ ଭାଜପା ମନ୍ତ୍ରୀ, ବିଧାୟକଙ୍କ ଇସ୍ତଫା

**ପଣଜୀ,୧୦।୧**


ମିଚେଲ ଲୋବୋ

ଫେବୃୟାରୀ ୧୪ରେ ଗୋଆ ବିଧାନସଭା ନିର୍ବାଚନ ଲାଗି ତାରିଖ ଘୋଷଣା ହୋଇସାରିଥିବାବେଳେ ରାଜ୍ୟର ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ମିଚେଲ ଲୋବୋ ସୋମବାର ଭାଜପାରୁ ଇସ୍ତଫା ଦେଇଛନ୍ତି। ସେ ଉଭୟ ମନ୍ତ୍ରୀ ଓ ବିଧାୟକ ପଦ ମଧ୍ୟ ଛାଡ଼ିଛନ୍ତି। ସେ କଂଗ୍ରେସରେ ଯୋଗଦେବା ନେଇ ଚର୍ଚ୍ଚା ହେଉଛି। ନିର୍ବାଚନ ପୂର୍ବରୁ ତାଙ୍କର ଇସ୍ତଫା ଭାଜପା ନେତୃତ୍ୱାଧୀନ ପ୍ରମୋଦ ସାୱନ୍ତ ସରକାରଙ୍କୁ ଶକ୍ତ ଧକ୍କା ଲାଗିଛି। ସେହିପରି ଅନ୍ୟଜଣେ ଭାଜପା ବିଧାୟକ ପ୍ରବୀଣ ଜନ୍ତ୍ୟେ ମଧ୍ୟ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଫଳରେ ଗୃହରେ ଭାଜପା ବିଧାୟକଙ୍କ ସଂଖ୍ୟା ୨୪କୁ ହ୍ରାସ ପାଇଛି। ଭାଜପାରୁ ଇସ୍ତଫା ଦେବାରେ ଲୋବୋ ପ୍ରଥମ ମନ୍ତ୍ରୀ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ତୃତୀୟ ବିଧାୟକ। ଭାଜପା ଆଉ ସାଧାରଣ ଲୋକଙ୍କ ଦଳ ହୋଇ ରହିନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ପାରିକର ବଞ୍ଚିଥିଲେ ସେ କେବେ ଦଳ ଛାଡ଼ି ନ ଥାନ୍ତେ ବୋଲି ଲୋବୋ କହିଛନ୍ତି।

## ଅସମ୍ପୂର୍ଣ୍ଣ ବ୍ରିଜ୍ ଉଦ୍‌ଘାଟନ କଲେ ମନ୍ତ୍ରୀ


ସୁରେଶ କୁମାର ଖାନ୍ନା

**ଶାହାଜାହାନପୁର,୧୦।୧**

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ଜଣେ ମନ୍ତ୍ରୀ ଗାରା ନଦୀରେ ନିର୍ମାଣାଧୀନ ଏକ ପୋଲକୁ ଅସମ୍ପୂର୍ଣ୍ଣ ଅବସ୍ଥାରେ ଉଦ୍‌ଘାଟନ କରିଛନ୍ତି। ନିର୍ବାଚନ ପୂର୍ବରୁ ମନ୍ତ୍ରୀ ସୁରେଶ କୁମାର ଖାନ୍ନା ବ୍ରିଜ୍ ନିର୍ମାଣର ଶ୍ରେୟ ନେବାକୁ ଯାଇ ଲୋକଙ୍କୁ ବୋକା ବନାଇଥିବା ସମାଜବାଦୀ ପାର୍ଟି ଅଭିଯୋଗ କରିଛି। ଭାଜପା ସବୁ କ୍ଷେତ୍ରରେ ବିଫଳ ହୋଇଥିବାବେଳେ ଲୋକଙ୍କୁ ବୋକା ବନାଇବାକୁ ଏଭଳି ଉଦ୍‌ଘାଟନ କରୁଥିବା ଏସ୍‌ପି ଜିଲା ସଭାପତି ତନବୀର ଖାନ୍ କହିଛନ୍ତି। ନିର୍ବାଚନ ତାରିଖ ଘୋଷଣା ଓ ଆଦର୍ଶ ଆଚରଣ ବିଧି ଲାଗୁ ହେବାର ଦିନକ ପୂର୍ବରୁ ମନ୍ତ୍ରୀ ଖାନ୍ନା ପୋଲ ଉଦ୍‌ଘାଟନ କରିଥିଲେ। ଏହା ବ୍ରିଜ୍ କର୍ପୋରେଶନର କାର୍ଯ୍ୟ, ମ୍ୟୁନିସିପାଲିଟି ଏହାକୁ କରି ନ ଥିବା କମିଶନର ସନ୍ତୋଷ ଶର୍ମା କହିଛନ୍ତି। କିଛି କାମ ବାକି ଅଛି। ଜାନୁୟାରୀ ୨୬ରେ ସର୍ବସାଧାରଣଙ୍କ ପାଇଁ ଉକ୍ତ ବ୍ରିଜ୍ ଖୋଲାଯିବ ବୋଲି ବ୍ରିଜ୍ କର୍ପୋରେଶନ ବରେଲିର ମୁଖ୍ୟ ପ୍ରୋଜେକ୍ଟ ମ୍ୟାନେଜର ଦେବେନ୍ଦ୍ର ସିଂ କହିଛନ୍ତି।

# କଂଗ୍ରେସରେ ସୋନୁ ସୁଦ୍‌ଙ୍କ ଭଉଣୀ

**ଚଣ୍ଡିଗଡ଼, ୧୦।୧**


କଂଗ୍ରେସରେ ଯୋଗଦେବା ଅବସରରେ ସୋନୁ ସୁଦ୍‌ଙ୍କ ଭଉଣୀ ମାଲବିକା।

ବଲିଉଡ୍ ଅଭିନେତା ସୋନୁ ସୁଦ୍‌ଙ୍କ ଭଉଣୀ ମାଲ୍‌ବିକା ସୁଦ୍ ସୋମବାର କଂଗ୍ରେସରେ ସାମିଲ ହୋଇଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ଏବଂ ବରିଷ୍ଠ କଂଗ୍ରେସ ନେତା ନବଜ୍ୟୋତ ସିଂ ସିଦ୍ଧୁଙ୍କ ଉପସ୍ଥିତିରେ ସେ ଦଳରେ ଯୋଗ ଦେଇଛନ୍ତି। ପଞ୍ଜାବର ମୋଗା ଜିଲାସ୍ଥିତ ସୋନୁଙ୍କ ବାସଭବନରେ ସେମାନଙ୍କ ଫଟୋ ସୋସିଆଲ ମିଡିଆରେ ଅପ୍‌ଲୋଡ ହୋଇଛି। ମାଲ୍‌ବିକା ଆସନ୍ତା ୧୪ ତାରିଖରେ ହେବାକୁ ଥିବା ପଞ୍ଜାବ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଜଣାପଡ଼ିଛି। ଦେଶରେ କରୋନା ଲହର ଆରମ୍ଭ ବେଳେ ପ୍ରବାସୀମାନଙ୍କୁ ସହାୟତା କରି ସୋନୁ ସୁଦ୍ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ଭଉଣୀଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିବେ ବୋଲି ସୋନୁ କହିଛନ୍ତି। ମାଲ୍‌ବିକା ଜଣେ ଉଚ୍ଚ ଶିକ୍ଷିତ ମହିଳା। କଂଗ୍ରେସରେ ତାଙ୍କ ଯୋଗଦାନ ରାଜ୍ୟ ନିର୍ବାଚନରେ 'ଗେମ୍ ଚେଞ୍ଜର' ସାବ୍ୟସ୍ତ ହେବ ବୋଲି ସିଦ୍ଧୁ କହିଛନ୍ତି। ଗତ ନଭେମ୍ବରରେ ମାଲ୍‌ବିକା ନିର୍ବାଚନ ଲଢ଼ିବେ ବୋଲି ସୋନୁ ଘୋଷଣା କରିଥିଲେ। ତେବେ ସେ କେଉଁ ଦଳରୁ ଛିଡ଼ାହେବେ ସେ ସମ୍ପର୍କରେ ସୂଚନା ଦେଇ ନ ଥିଲେ।

## ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି ଏକ ଷଡ଼ଯନ୍ତ୍ର: ଭାଜପା

**ପୁରୀ ଅଫିସ ୧୦।୧:** ପଞ୍ଜାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତବେଳେ ସୁରକ୍ଷାଜନିତ ତ୍ରୁଟି ଏବଂ ତାଙ୍କ ଉପରେ ଆକ୍ରମଣ ଓ ହତ୍ୟା ଷଡ଼ଯନ୍ତ୍ର ହୋଇଥିବା ଭାଜପା ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଏହି ଘଟଣା ପ୍ରତିବାଦରେ ସୋମବାର ପୁରୀ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ତରଫରୁ ସ୍ଥାନୀୟ ଗାନ୍ଧୀ ପାର୍କରେ ମୌନ ଧାରଣା ଦିଆଯାଇଥିଲା। କର୍ମୀମାନେ ପାଟିରେ କଳା କନା ବାନ୍ଧି ଘଟଣାକୁ ନିନ୍ଦା କରିବା ସହ ମୌନ ଧାରଣାରେ ବସିଥିଲେ। ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ପୁରୀ ଜିଲା ସଭାପତି ଅନିଲ ସେଠୀ, ସାଧାରଣ ସମ୍ପାଦକ ଶତ୍ରୁଘ୍ନ ସେଠୀ, ରାଜକିଶୋର ବେହେରା, ସମ୍ପାଦକ ଚନ୍ଦ୍ରଶେଖର ସେଠୀ, ଶିବ ପ୍ରସାଦ ରାଓ, ବିଜୁ ମଲ୍ଲିକ, ବନମାଳି ବେହେରା ଏବଂ ଅରକ୍ଷିତ ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଧାରଣାରେ ସାମିଲ ଥିଲେ। ସେହିପରି ଭାଜପା ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ ଏବଂ ଅରୁଣ କୁମାର ତ୍ରିପାଠୀ ପ୍ରମୁଖ ଘଟଣାର ନିନ୍ଦା କରିଥିଲେ।


ପୁରୀ ଗାନ୍ଧୀ ପାର୍କରେ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା କର୍ମୀଙ୍କ ମୌନ ଧାରଣା।

# ଅଧିକାର ପାଇଁ ଆଦିବାସୀଙ୍କୁ ସମର୍ଥନ


ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

### ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ ପ୍ରସଙ୍ଗ

ପୁଣି ଆଦିବାସୀ ସଂରକ୍ଷଣ କଥା ଉଠାଇଲା କଂଗ୍ରେସ। ରାଜ୍ୟରେ ଆଦିବାସୀଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୨୨.୫ ଭାଗ ଥିବାବେଳେ ସେମାନଙ୍କୁ ୨୩ ଜିଲା ଓ ୧୯୫ ବ୍ଲକରେ ସରପଞ୍ଚ ଏବଂ ସମିତି ଅଧ୍ୟକ୍ଷ ପଦରେ ସଂରକ୍ଷଣ ନ ଦେବା ସରକାରଙ୍କ ଆଦିବାସୀଙ୍କ ପ୍ରତି ବୈମାତୃକ ମନୋଭାବର ପରିଚୟ ବୋଲି କଂଗ୍ରେସ କହିଛି। ଗତ ୨ ତାରିଖରେ ଆଦିବାସୀ ସଂରକ୍ଷଣକୁ ନେଇ ମିଡିଆ ଅଧ୍ୟକ୍ଷ ଗଣେଶ୍ୱର ବେହେରା ସ୍ୱର ଉଠାଇ ବିଜେଡି ସରକାର ଆଦିବାସୀ ବିରୋଧୀ ବୋଲି ଅଭିଯୋଗ କରିଥିଲେ। ପୁଣି ସୋମବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ସୁଦର୍ଶନ ଦାସ ଓ ପିସିସି ଆଦିବାସୀ ସେଲ୍‌ର ଅଧ୍ୟକ୍ଷ ଭୁଜବଳ ମାଝୀ ଶାସକ ବିଜେଡିକୁ ଚେତାବନୀ ଦେଇଛନ୍ତି। ଅଧିକାର ପାଇଁ ଆଦିବାସୀମାନେ ଆନ୍ଦୋଳନକୁ ଓହ୍ଲାଇବେ, କଂଗ୍ରେସ ସମର୍ଥନ ଦେବ ବୋଲି ଜଣାଇଛନ୍ତି।

ମୁଖପାତ୍ର ଦାସ କହିଛନ୍ତି, ଆଦିବାସୀଙ୍କୁ ସଂରକ୍ଷଣ ଦେବା କ୍ଷେତ୍ରରେ ଯେଉଁ ତାଲିକା ପ୍ରକାଶ ପାଇଛି ସେଥିରେ ଅସଂଗତି ରହିଛି। ଅନେକ ପଞ୍ଚାୟତ ଓ ବ୍ଲକ ଆଦିବାସୀ ଜନସଂଖ୍ୟା ବହୁଳ ଥିବାବେଳେ ସେମାନଙ୍କୁ ସଂରକ୍ଷଣର ସୁଯୋଗ ଦିଆଯାଇନାହିଁ। ସମ୍ବିଧାନର ୨୪୩ (ଡି) ଅନୁଯାୟୀ ଆଦିବାସୀଙ୍କୁ ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ ପାଇଁ ନିର୍ଦ୍ଦେଶ ରହିଛି। ଓଡ଼ିଶା ପଞ୍ଚାୟତିରାଜ ଆଇନ ୧୯୬୪ (ଧାରା-୧୦) ଓ ଓଡ଼ିଶା ପଞ୍ଚାୟତ ସମିତି ଆଇନ ୧୯୫୯ (ଧାରା-୧୬)ରେ ଏହି ବର୍ଗର ଲୋକଙ୍କ ପାଇଁ ସଂରକ୍ଷଣର ସ୍ପଷ୍ଟ ଉଲ୍ଲେଖ ରହିଛି। ଏହି ଆଇନ ମୁତାବକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଆଦିବାସୀଙ୍କ ପାଇଁ ପଞ୍ଚାୟତ ବ୍ୟବସ୍ଥାରେ ସର୍ବନିମ୍ନ ୫୦ଭାଗ ଆସନ ସଂରକ୍ଷଣ କରାଯିବାର ବ୍ୟବସ୍ଥା ରହିଛି। ମାତ୍ର ରାଜ୍ୟରେ ୭ଟି ସିଡ୍ୟୁଲ ଜିଲାରେ ଶତପ୍ରତିଶତ ସରପଞ୍ଚ ଓ ସମିତି ଅଧ୍ୟକ୍ଷ ପଦବୀକୁ ସଂରକ୍ଷିତ କରାଯାଇଥିବାବେଳେ ଅନ୍ୟ ଜିଲାଗୁଡିକରେ ଆଦିବାସୀଙ୍କ ସଂଖ୍ୟା ବହୁଳତା ଥିବା ସତ୍ତ୍ୱେ ସେଠାରେ ସେମାନଙ୍କୁ ସଂରକ୍ଷଣର ସୁଯୋଗ ନ ଦେବା ଗ୍ରହଣୀୟ ନୁହେଁ। ଏହାଦ୍ୱାରା ଅଣ ଆଦିବାସୀ ଅଞ୍ଚଳରେ ଥିବା ଆଦିବାସୀମାନେ ସେମାନଙ୍କର ଅଧିକାରରୁ ବଞ୍ଚିତ ହେବେ। ଏହି ଅସଙ୍ଗତିକୁ ସରକାର ତୁରନ୍ତ ଦୂର କରିବାକୁ କଂଗ୍ରେସ ଦାବି କରୁଛି। ତାହା ନ ହେଲେ ଆଦିବାସୀମାନେ ସେମାନଙ୍କର ସାମ୍ବିଧାନିକ ଓ ଆଇନଗତ ଅଧିକାର ପାଇଁ ରାଜରାସ୍ତାକୁ ଓହ୍ଲାଇବ ଏବଂ କଂଗ୍ରେସ ସେମାନଙ୍କ ଆନ୍ଦୋଳନକୁ ସମର୍ଥନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

Happy New Year 2022
20TH ALL ODISHA
URANIUM TALENT SEARCH EXAMINATION (UTSE)-2022 (ONLINE)
(IN SCIENCE SUBJECTS)
For ଓଡ଼ିଆ & English Medium School
Class VII, VIII and IX
Exam. Date: 06.02.2022 at 2PM
Last Date of Application: 15th January 2022
For Details Contact: www.theuranium.in
Free Online Advanced Coaching in Physical Science (VII, VIII and IX Candidates) for UTSE Awardees.
Online IIT (Advanced) Coaching in Class XI and XII: Class X Students, Contact: www.sstchem.com
The Uranium : Friends Colony, Cuttack-753001
(Call/WhatsApp: 8018346909, Email:theuraniumodisha@gmail.com)

# ଜଳ ସତ୍ୟାଗ୍ରହରେ କଂଗ୍ରେସ, ଭାଜପା ସାମିଲ



କୋଶଳ ରାଜ୍ୟ ସମନ୍ୱୟ ସମିତି ଆନୁକୂଲ୍ୟରେ କରାଯାଇଥିବା ଜଳ ସତ୍ୟାଗ୍ରହ।

**ସଇଁତଳା, ୧୦।୧ (ଡି.ଏନ.ଏ.)**

### ବ୍ରିଜ୍ କାମ ସମ୍ପୂର୍ଣ୍ଣ ଦାବିରେ କୋଶଳ ରାଜ୍ୟ ଯୁବ ସମନ୍ୱୟ ସମିତିର ଅଭିନବ ଆନ୍ଦୋଳନ

ବଲାଙ୍ଗୀର ଜିଲା ସଇଁତଳା ବାଦିପଡ଼ା ବ୍ରିଜ୍ ନିର୍ମାଣ କାର୍ଯ୍ୟ ବନ୍ଦ ପଡିଛି। ବିଭିନ୍ନ ସମୟରେ ଦାବି କରାଯାଉଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏହାର ପ୍ରତିବାଦ କରି କୋଶଳ ରାଜ୍ୟ ଯୁବ ସମନ୍ୱୟ ସମିତି ସୋମବାର ଲାନ୍ଥନଦୀରେ ଜଳ ସତ୍ୟାଗ୍ରହ ଆନ୍ଦୋଳନ କରିଛି। ପୂର୍ବାହ୍ନ ପ୍ରାୟ ୧୦ଟାରେ କୋଶଳ ସମନ୍ୱୟ ସମିତି କର୍ମକର୍ତ୍ତା ସଇଁତଳା ବସଷ୍ଟାଣ୍ଡଠାରୁ ଏକ ରାଲିରେ ବାହାରି ଲାନ୍ଥନଦୀରେ ନିର୍ମାଣ ହେଉଥିବା ସେତୁ ନିକଟରେ ପହଞ୍ଚିଥିଲେ। ପରେ ଜଳ ସତ୍ୟାଗ୍ରହ କରାଯାଇଥିଲା। ଜଳ ସତ୍ୟାଗ୍ରହକୁ ଡୁଙ୍ଗୁରିପାଲି, ଆମ୍ବପାଲି, ସଇଁତଳା, ଘୁନସର, କଅଁସର ପଞ୍ଚାୟତ ଅଞ୍ଚଳର ଶହ ଶହ ଜନସାଧାରଣ ସମର୍ଥନ କରିଥିଲେ। କଂଗ୍ରେସ ଦଳର ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ଭାଜପାର ମହେନ୍ଦ୍ର ଠାକୁର ଆନ୍ଦୋଳନକୁ ସମର୍ଥନ ଜଣାଇ ସତ୍ୟାଗ୍ରହରେ ସାମିଲ ହୋଇଥିଲେ। ତେବେ ଜଳ ସତ୍ୟାଗ୍ରହ ସ୍ଥଳକୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କୌଣସି ଅଧିକାରୀ ନ ଆସିବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଜନସାଧାରଣ ଜାତୀୟ ରାଜପଥ ୨୬କୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଥିଲା। ଖବର ପାଇ ଘଟଣାସ୍ଥଳରେ ଟିଟିଲାଗଡ଼ ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ମଧୁସୂଦନ ମେହେର ପହଞ୍ଚି ଥିଲେ। ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଉପରିସ୍ଥ ଅଧିକାରୀଙ୍କ ସହ ଯନ୍ତ୍ରୀ ଫୋନ ଯୋଗେ କଥା ହୋଇଥିଲେ। ଆସନ୍ତା ୧ମାସ ମଧ୍ୟରେ କାମ ଆରମ୍ଭ ହେବା ସହ ସେତୁ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମାପ୍ତ ହେବ ବୋଲି ବିଭାଗୀୟ ଅଧିକାରୀ ଫୋନ ଯୋଗେ କହିବା ପରେ ରାସ୍ତା ଅବରୋଧ ହଟିଥିଲା। କୋଶଳ ରାଜ୍ୟ ସମନ୍ୱୟ ସମିତିର ସଇଁତଳା ସଭାପତି ଶାନ୍ତନୁ ରଣା, ଜିଲା ଯୁବ ସଭାପତି ବନମାଳୀ ନାଏକ, ସମ୍ପାଦକ ରଞ୍ଜନ ବୁଡେକ ଓ ରାଜ୍ୟ ସାଧାରଣ ସମ୍ପାଦକ ସିପୁନ ଖମାରୀ, ବ୍ଲକ କଂଗ୍ରେସ ସଭାପତି ଗୁଣସାଗର ମାଝୀ, ସୁବ୍ରତ ବେହେରା ଉପସ୍ଥିତ ଥିଲେ। ସତ୍ୟାଗ୍ରହ ସମୟରେ ସଇଁତଳା ତହସିଲଦାର ସୁରେନ୍ଦ୍ର ମେହେର, ବିଡିଓ ଚନ୍ଦ୍ରମଣି ନାଗ, ଥାନା ଅଧିକାରୀ ଅବନୀ କୁମାର ସାହୁ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ଗତ ୨୦୧୬ରେ ଲାନ୍ଥ ନଦୀର ବାଦୀପଡ଼ା ଗ୍ରାମ ନିକଟରେ ସେତୁ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶୁଭ ଦେଇଥିଲେ। ବିଜୁ ସେତୁ ଯୋଜନାରେ ପ୍ରାୟ ୧୪କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହେଉଥିବା ଏହି ସେତୁଟି ୨୦୧୮ରେ ସରିବା କଥା। କିନ୍ତୁ ନିର୍ମାଣ କାମ ନିମ୍ନମାନର ହେବା ସହ ଅଧାପନ୍ତରିଆ ପଡ଼ିରହିଛି।

DSPL - 393
ଓଡ଼ିଶା ସରକାର
କୋଭିଡ୍ ପ୍ରିକସନ୍ ଡୋଜ୍
ସମସ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ଆଗଧାଡିର କର୍ମୀ ଓ ବହୁବିଧ ରୋଗରେ ପିଡିତ ୬୦ ବର୍ଷରୁ ଉର୍ଦ୍ଧ ବ୍ୟକ୍ତି ଯେଉଁମାନେ କୋଭିଡ୍ ଟୀକାର ୨ୟ ମାତ୍ରା ୯ ମାସ ପୂର୍ବରୁ ନେଇସାରିଛନ୍ତି, ଏବେ ପ୍ରିକସନ୍ ଡୋଜ୍ ଯଥାଶୀଘ୍ର ନିଅନ୍ତୁ।
COVID-19 VACCINE
• ୧୫ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି କୋଭିଡ୍ ଟୀକାର ୨ଟି ଡୋଜ୍ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଅନ୍ତୁ। ଯେଉଁମାନେ କୋଭିଡ୍ ଟୀକାର ୧ମ ଡୋଜ୍ ନେଇସାରିଛନ୍ତି, ଯଥା ସମୟରେ ୨ୟ ଡୋଜ୍ ନିଶ୍ଚୟ ନିଅନ୍ତୁ।
ସମସ୍ତେ କୋଭିଡ୍ ଟୀକା ନେବା
ନିଜକୁ ସୁରକ୍ଷିତ ରଖିବା
କୋଭିଡ୍ ଟୀକାର ସମ୍ପୂର୍ଣ୍ଣ ମାତ୍ରା ନେଇଥିଲେ ମଧ୍ୟ
କୋଭିଡ୍ ନିୟମ କଡାକଡି ପାଳନ କରନ୍ତୁ
ନିୟମିତ ୪୦ ସେକେଣ୍ଡ୍ ପର୍ଯ୍ୟନ୍ତ ହାତକୁ ଭଲଭାବରେ ଧୁଅନ୍ତୁ
ସର୍ବଦା ସଠିକ୍ ଭାବରେ ମାସ୍କ ପିନ୍ଧନ୍ତୁ
୨ ମିଟର
ନିଜକୁ ଅନ୍ୟମାନଙ୍କ ଠାରୁ ୨ ମିଟର ଦୂରରେ ରଖନ୍ତୁ
ଜନଗହଳି ବା ଭିଡରୁ ଦୂରେଇ ରୁହନ୍ତୁ
ଅଧିକ ଜାଣିବା ପାଇଁ ସ୍ୱାସ୍ଥ୍ୟ ସହାୟତା ନଂ.୧୦୪କୁ କଲ୍ କରନ୍ତୁ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
http://www.health.odisha.gov.in/
@HFWOdisha
OIPR-10003/13/0129/2122

## ସଂକ୍ଷେପରେ

### ବୃଦ୍ଧଙ୍କୁ ଆକ୍ରମଣ ଅଭିଯୋଗ

ବୁଗୁଡ଼ା,୧୦।୧(ଡି.ଏନ.ଏ.):ବୁଗୁଡା ତଳ ଓଡ଼ିଆ ସାହିର ଜଣେ ବୃଦ୍ଧଙ୍କୁ କେତେଜଣ ଯୁବକ ଆକ୍ରମଣ କରିଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଆହତ ବୃଦ୍ଧ ଜଣକ ହେଲେ ଖଦାଳ ଦଳେଇ (୬୨)। ଏ ନେଇ ଖଦାଳଙ୍କ ପୁଅ ବଳରାମଙ୍କ ଅଭିଯୋଗ କ୍ରମେ ବୁଗୁଡ଼ା ଥାନାରେ ନଂ. ୨୨/୨୨ରେ ମାମଲା ରୁଜୁ ହୋଇଥିବା ନେଇ ମହିଳା ଏସ୍ଆଇ ସ୍ନେହ ମଞ୍ଜରୀ ସାହୁ କହିଛନ୍ତି। ରବିବାର ଖଦାଳ ନିଜର ପରିବା ଫସଲ କିଆରିରେ ଥିବା ବେଳେ କେତେଜଣ ଯୁବକ ମିଳିତ ଭାବେ ଆସି କିଆରିର ବାଡ ଭାଙ୍ଗିବା ସହ ଫସଲ ନଷ୍ଟ କରିଥିଲେ। ଏହାକୁ ଖଦାଳ ପ୍ରତିବାଦ କରିବାରୁ ସଭିଏ ମିଶି ତାଙ୍କୁ ଆକ୍ରମଣ କରି ବେଙ୍ଗେଇ ବନ୍ଧରେ ପକାଇ ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ଘଟଣାପରଠାରୁ ଅଭିଯୁକ୍ତମାନେ ଫେରାର ଥିବା ନେଇ ଆଇଆଇସି ଚିତ୍ତ ରଞ୍ଜନ ବେହେରା ସୂଚନା ଦେଇଛନ୍ତି।

### ଜୱାଦ କ୍ଷତିଗ୍ରସ୍ତ ୧୦୨ ଚାଷୀଙ୍କୁ ସହାୟତା

ବୁଗୁଡ଼ା,୧୦।୧(ଡି.ଏନ.ଏ.):ରାଜ୍ୟ ସରକାରଙ୍କ ତରଫରୁ ସ୍ଥାନୀୟ ତହସିଲ ପ୍ରଶାସନ ଜରିଆରେ ବାତ୍ୟା ଜୱାଦ ପ୍ରଭାବରେ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ସୋମବାର କ୍ଷତିପୂରଣ ପ୍ରଦାନ କରାଯାଇଛି। ଗତ ଲଗାଣ ବର୍ଷାରେ ବୁଗୁଡ଼ା ବ୍ଲକର ବିଭିନ୍ନ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ଏନେଇ ଚାଷୀମାନେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ସ୍ଥାନୀୟ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଫସଲର ସଠିକ୍ ଆକଳନ ପାଇଁ ତିନି ଜଣିଆ କମିଟି ମଧ୍ୟ ଗଠନ ହୋଇଥିଲା। ରାଜ୍ୟ ସରକାର ବୁଗୁଡ଼ା ବ୍ଲକର କଞ୍ଚୁରୁ, ସମଲେଇ ଓ ବେଲଗୁମା ଆଦି ତିନୋଟି ଗ୍ରାମର ୧୦୨ ହିତାଧିକାରୀ ଚାଷୀଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ୧ ଲକ୍ଷ ୬୩ ହଜାର ୨୮୬ ଟଙ୍କା ପ୍ରଦାନ କରାଯାଇଥିବା ନେଇ ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ଠାରୁ ପ୍ରକାଶ ପାଇଛି।

### ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

ଗୋପାଳପୁର,୧୦।୧(ଡି.ଏନ.ଏ.): ରଙ୍ଗେଇଲୁଣ୍ଡା ବ୍ଲକ ସଦଭାବନା କକ୍ଷରେ ସୋମବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୁପେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ.ଗୋପବନ୍ଧୁ ଦାସ ଯୋଗଦେଇଥିଲେ। ଏଥିରେ ୩୨ ପଞ୍ଚାୟତର ୧୫୯ ବିଧବା, ବୃଦ୍ଧା ଓ ବିକଳାଙ୍ଗ ହିତାଧିକାରୀଙ୍କୁ ମୁଖ୍ୟ ଅତିଥି ଭତ୍ତା ବଣ୍ଟନ କରିଥିଲେ। ରଙ୍ଗେଇଲୁଣ୍ଡା ବିଡିଓ ପ୍ରସନ୍ନ କୁମାର ପାତ୍ର, ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର ଦାସ, ଜିଲା ପରିଷଦ ସଭ୍ୟ ଶଶିଭୁଷଣ ମହାନ୍ତି, ହଳଦିଆପଦର ସରପଞ୍ଚ ରଜେଶ୍ୱରୀ ଦୋରା, ଇନ୍ଦ୍ରାକ୍ଷୀ ସରପଞ୍ଚ ଦଣ୍ଡପାଣୀ ସାହୁ, କେଲୁଆପଲ୍ଲୀ ସରପଞ୍ଚ ବିଷ୍ଣୁପ୍ରିୟା ସାହୁ ଉପସ୍ଥିତ ଥିଲେ।

### ଭେଣ୍ଡିଂଜୋନ, ସେଲ୍ଫି ପଏଣ୍ଟ ପାଇଁ ପ୍ରକ୍ରିୟା ଆରମ୍ଭ

ଗଞ୍ଜାମ,୧୦।୧(ଡି.ଏନ.ଏ.):ଗଞ୍ଜାମ ସହରକୁ ସରସ ସୁନ୍ଦର କରି ଗଢି ତୋଳିବା ନିମନ୍ତେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସହରର ପୁରାତନ ୫ ନମ୍ବର ଜାତୀୟ ରାଜପଥରେ ଭେଣ୍ଡିଙ୍ଗ ଜୋନ ପ୍ରକ୍ରିୟା ଆରମ୍ଭ ହୋଇଛି। ତହସିଲଦାର ଅରୁଣ କୁମାର ନାୟକ ଓ ଗଞ୍ଜାମ ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ଉପସ୍ଥିତିରେ ଉକ୍ତ ସ୍ଥାନକୁ ଜେସିବି ମେଶିନରେ ସମତୁଲ କରାଯାଇଥିଲା। ପୂର୍ବରୁ ଉକ୍ତ ସ୍ଥାନରେ ଗୁହାଳ କରିଥିବା ବ୍ୟକ୍ତିମାନେ ଏହାକୁ ବିରୋଧ କରିଥିଲେ। ତହସିଲଦାର ନାୟକ ଏହା ସରକାରୀ ଜାଗା ହୋଇଥିବାରୁ ଏଠାରେ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ହେବ ବୋଲି କହିବା ସହ କିଛି ଦୂରରେ ଗୁହାଳ କରିବା ପାଇଁ ବ୍ୟକ୍ତିମାନଙ୍କୁ ପରାମର୍ଶ ଦେଇଥିଲେ। ଗଞ୍ଜାମ ଏନ୍ଏସି କନିଷ୍ଠ ଯନ୍ତ୍ରୀ ସନାତନ ପଣ୍ଡା, କର୍ମଚାରୀ ମିଳନ ମୋହନ ମୁର୍ମୁ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ୧୯୧ ପରିବାରକୁ ଧାନ ଫସଲ ସହାୟତା

ଶେରଗଡ,୧୦।୧(ଡି.ଏନ୍.ଏ.):ଶେରଗଡ଼ ବ୍ଲକ ଅନ୍ତର୍ଗତ ୪ ଗ୍ରାମର ୧୯୧ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସହାୟତା ରାଶି ପ୍ରଦାନ କରାଯାଇଛି। ଜୱାଦ ବାତ୍ୟାର ଧାନ ଫସଲ କ୍ଷୟକ୍ଷତି ଅନୁସାରେ ବ୍ଲକର ବି.ରାଜେନ୍ଦ୍ରପୁର, ସନ୍ତୋଷପୁର, ବିରିପୁର, ନରେନ୍ଦ୍ରପୁର, ପିତଳ ଗ୍ରାମର ଚାଷୀଙ୍କ ଆକାଉଣ୍ଟକୁ ପଠାଯାଇଛି। ଗଞ୍ଜାମ ଜିଲାରେ ଶେରଗଡ ତହସିଲ ପକ୍ଷରୁ ପ୍ରଥମ କରି ଏହି ସହାୟତା ଦିଆଯାଇଛି। ମୋଟ ୩,୬୪,୯୩୩ ଟଙ୍କା ପ୍ରଥମ ପର୍ଯ୍ୟାୟରେ ୧୯୧ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଦାନ କରାଯାଇଛି ବୋଲି ତହସିଲଦାର ଡ. ଦୟାସିନ୍ଧୁ ପରିଡ଼ା ଓ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ କହିଛନ୍ତି। ଧୀରେ ଧୀରେ ଆଉ ଅଳ୍ପଦିନ ମଧ୍ୟରେ ବ୍ଲକର ଯେତିକି କ୍ଷତିଗ୍ରସ୍ତ ଚାଷୀ ଆବେଦନ କରିଛନ୍ତି, ତଦନ୍ତ କରି ସେମାନଙ୍କୁ ସହାୟତା ଦିଆଯିବ ବୋଲି ୨ ଅଧିକାରୀ କହିଛନ୍ତି।

# ଖୋଲିଲା କୋଭିଡ୍ ହସ୍ପିଟାଲ, ୭ ସିସିସି

## କନ୍ଧମାଳ ଜିଲା ପ୍ରଶାସନ ସଜାଗ

ଫୁଲବାଣୀ ଅଫିସ, ୧୦।୧

କନ୍ଧମାଳ ଜିଲାରେ ଗତ ୫ ଦିନରେ ୩୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲା ମୁଖ୍ୟାଳୟରେ ସୋମବାର ଅପରାହ୍ନ ସୁଦ୍ଧା ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଆଗାମୀ ସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତୃତୀୟ ଲହରର ସଫଳ ମୁକାବିଲା ପାଇଁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ହସ୍ପିଟାଲକୁ ପୁନଃ କାର୍ଯ୍ୟକ୍ଷମ କରାଯାଇଛି। ଜିଲାରେ ୭ଟି କୋଭିଡ୍ କେୟାର ସେଣ୍ଟର (ସିସିସି) ମଧ୍ୟ ଖୋଲିଛି। ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ କୋଭିଡ୍ ଚିକିତ୍ସାଳୟ ପାଇଁ କିମ୍ସ ଏବଂ ଜିଲା ପ୍ରଶାସନ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି କୋଭିଡ୍ ହସ୍ପିଟାଲରେ ୧୨୦ଟି ଶଯ୍ୟା, ୧୦ଟି ଆଇସିୟୁ ବ୍ୟବସ୍ଥା ରହିଛି। ଏଥିସହ ୧୦ଟି ଭେଣ୍ଟିଲେଟର ସୁବିଧା ରହିଛି। କୋଭିଡ୍ ହସ୍ପିଟାଲରେ କିମ୍ସ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ବାୟୋମେଡିକାଲ ଇଞ୍ଜିନିୟର, ଇଲେକ୍ଟ୍ରିକାଲ ଇଞ୍ଜିନିୟର, ହାଉସକିପିଂ କର୍ମଚାରୀଙ୍କ ସମେତ ୫୦ରୁ ୬୦ଜଣ କର୍ମଚାରୀ ନିୟୋଜିତ ହେବେ। ସେହିପରି ୭ଟି ସିସିସିରେ ୧୩୩୦ ଶଯ୍ୟା ରହିଥିବା ବେଳେ ୯୦ଟି ଶଯ୍ୟାରେ ଅକ୍ସିଜେନ ସିଲିଣ୍ଡର ଓ ଅକ୍ସିଜେନ କନ୍‌ସନ୍‌ଟ୍ରେଟ୍‌ର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଦିନ ୧୬୦୦ ଲୋକଙ୍କର କରୋନା ପରୀକ୍ଷା ପାଇଁ ବ୍ୟବସ୍ଥା ହୋଇଛି। ସେଥିମଧ୍ୟରୁ ଆର୍‌ଟି-ପିସିଆର୍ ୬୦୦ ଓ ଆର୍‌ଏଟି ୧୦୦୦ ଟେଷ୍ଟର ବ୍ୟବସ୍ଥା ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ କରୋନା ଟେଷ୍ଟ ହେଉଛି। କରୋନାକୁ ପ୍ରତିହତ କରିବାକୁ ଜିଲାରେ ୨୧ ଆୟୁଷ ଡାକ୍ତର, ଷ୍ଟାଫ ନର୍ସ, ଫାର୍ମାସିଷ୍ଟ, ଏଏନ୍ଏମ୍, ଏଲ୍‌ଟି ଏବଂ ସାନିଟାରି କର୍ମଚାରୀମାନଙ୍କୁ ୭ଟି କୋଭିଡ୍ କେୟାର ସେଣ୍ଟରରେ ନିୟୋଜନ କରାଯାଇଛି।

# ପଞ୍ଚାୟତ ନିର୍ବାଚନରେ ପଛୁଆବର୍ଗଙ୍କ ଲାଗି ସଂରକ୍ଷଣ ଦାବି

ଆସିକା,୧୦।୧(ଡି.ଏନ୍.ଏ.)

ପଞ୍ଚାୟତ ନିର୍ବାଚନରେ ପଛୁଆବର୍ଗ (ଓବିସି)ଙ୍କ ଲାଗିଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥା ପ୍ରତି ରାଜ୍ୟ ସରକାର ହେୟ ମନୋଭାବ ପ୍ରଦର୍ଶନ କରୁଥିବା ପ୍ରତିବାଦରେ ସୋମବାର ଘୁମୁସର ଜିଲା ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ଆସିକା ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ରାଜ୍ୟପାଳ ଓ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଦାବିପତ୍ର ଆସିକା ବିଡିଓ ରୋଶନ ଶତପଥୀଙ୍କ ଜରିଆରେ ପଠାଯାଇଛି। ରାଜ୍ୟ ସରକାର ଉଚ୍ଚତମ ନ୍ୟାୟାଳୟଙ୍କ ନିଷ୍ପତ୍ତି ଆଳ ଦେଖାଇ ଓବିସି ବର୍ଗଙ୍କୁ ଆଗାମୀ ନିର୍ବାଚନରୁ ବଞ୍ଚିତ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ କରାଯାଇଛି। ପୂର୍ବତନ ବିଧାୟକ ତଥା ଭାଜପା ନେତା ଦେବରାଜ ମହାନ୍ତିଙ୍କ ନେତୃତ୍ୱରେ ଘୁମୁସର ଜିଲା ଓବିସି ମୋର୍ଚ୍ଚା ସଭାପତି କୋରାନାଥ ସ୍ୱାଇଁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ମଧୁସ୍ମିତା ପୋଲାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟନାରାୟଣ ଦାସ, ଅରୁଣ କୁମାର ପଣ୍ଡା, ଜିଲା ସମ୍ପାଦକ ନାରାୟଣ ବେହେରା, ଦୁର୍ଗାଚରଣ ପଟ୍ଟନାୟକ, ନାରାୟଣ ହୋତା, ପ୍ରଶାନ୍ତ କୁମାର ଚର୍ଚ୍ଚି, ରବୀନ୍ଦ୍ର ନାଥ ପୋଲାଇ, ବାବୁ ଆଚାରୀଙ୍କ ସମେତ ବହୁ କର୍ମୀ ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉପରେ କଂଗ୍ରେସର ଆକ୍ରମଣ ଉଦ୍ୟମ ପ୍ରତିବାଦରେ ମାନବ ଶୃଙ୍ଖଳ କରାଯାଇଥିଲା।



ଭାଜପାକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବାଲ୍ୟବିବାହ ରୋକିବା ପାଇଁ ସଚେତନତା

ଧରାକୋଟ,୧୦।୧(ଡି.ଏନ୍.ଏ.)

ଧରାକୋଟ ବ୍ଲକ ନିକଟସ୍ଥ ଜଗନ୍ନାଥପୁର ଶାସନ ଗ୍ରାମରେ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ତରଫରୁ ବାଲ୍ୟବିବାହ ରୋକିବା ସହ ମୋ ଗେହ୍ଲା ଝିଅ ଏବଂ ନିର୍ଭୟା କଢ଼ି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାସହ ଜଗନ୍ନାଥପୁର ଶାସନ ଗ୍ରାମକୁ ବ୍ଲକର ବାଲ୍ୟବିବାହ ମୁକ୍ତ ଗ୍ରାମ ଭାବେ ଜିଲାର ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସିଡିପିଓ ଡାଲିମ୍ବ ନାୟକ ପରିଚାଳନା କରିଥିଲେ। ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ, ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ରାୟଗଡ଼ା ବାଲ୍ୟବିବାହ ନିଷେଧ ଜିଲା ପରାମର୍ଶଦାତା ରତ୍ନେଶ୍ୱର ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରେଖା ସୁନ୍ଦରୀ ମଲ୍ଲିକ, ଡ. ଶଙ୍କର ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ନିଷେଧ କରିବାକୁ ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କୁ ଆହ୍ୱାନ ଦେଇଥିଲେ।


ସଚେତନତା କରାଯାଉଛି।

## ସରକାରୀ ଧାନକ୍ରୟ କେନ୍ଦ୍ର ଉଦ୍‌ଘାଟିତ

କବିସୂର୍ଯ୍ୟନଗର,୧୦।୧(ଡି.ଏନ.ଏ.)

କବିସୂର୍ଯ୍ୟନଗର କଲ୍ୟାଣ ମଣ୍ଡପଠାରେ ଯୋଗାଣ ବିଭାଗ ଅଧିକାରୀ ନିଖିଳ କୁମାର ବସ୍ତିଆଙ୍କ ତତ୍ତ୍ୱାବଧାନରେ ଓ ସମବାୟ ସମ୍ପାଦକ ତତ୍ତ୍ୱମସୀ ପରିଡାଙ୍କ ସଂଯୋଜନାରେ ପ୍ରାକ୍ତନ ଏନ୍ଏସି ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ରଙ୍କ ଦ୍ୱାରା ସରକାରୀ ଧାନକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ସମବାୟ ସମ୍ପାଦକ ଅମୂଲ୍ୟ କୁମାର ଶତପଥୀ, ପ୍ରାକ୍ତନ ସଭାପତି ମନ୍ମଥ ପରିଡା, ସଞ୍ଚାଳକ ଜୀବନ ପଟ୍ଟନାୟକ, ନିମୁଣ୍ଡିଆ ସମ୍ପାଦକ କରୁଣାକର ସାହୁ, ବିଶିଷ୍ଟ ଚାଷୀ ସୁବାସ ଚନ୍ଦ୍ର ଜେନା, ହୀନ ଖୁଣ୍ଟିଆ, ଡ୍ରାଇଭର ଖୁଣ୍ଟିଆ, ଶତ୍ରୁଘ୍ନ କହଁର, ରସଲ ଦାସ, ମଳୟ ପଟ୍ଟନାୟକ, ରାଜେନ୍ଦ୍ର ଖୁଣ୍ଟିଆ, ପ୍ରଶ୍ନ ନାୟକ, ରାକେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀଙ୍କଠାରୁ ସରକାରୀ ମୂଲ୍ୟ ୧୯୪୦ଟଙ୍କାରେ ଧାନ କିଣାଯିବା ନେଇ ଧାର୍ଯ୍ୟ ହୋଇଛି।

# ମୁଣ୍ଡମରାଇରେ ଅଟୋ ଚାଳକ ସଂଘ ଗଠିତ

ଧରାକୋଟ,୧୦।୧(ଡି.ଏନ୍.ଏ.)

ଧରାକୋଟ ନିକଟସ୍ଥ ସୁନ୍ଦରା ପଲ୍ଲୀ ଗ୍ରାମ ଉପକଣ୍ଠ ଗଙ୍ଗାଧରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅଟୋ ଚାଳକ ସଂଘ ଗଠନ ହୋଇଥିବା ବେଳେ କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଣ୍ଡମରାଇ, ଶରଧାପୁର ଓ ହନୁମାନ ଦ୍ୱାରର ସମସ୍ତ ଅଟୋ ଚାଳକଙ୍କୁ ନେଇ ଗଙ୍ଗାଧରେଶ୍ୱର ଅଟୋ ଚାଳକ ସଂଘ, ମୁଣ୍ଡମରାଇ, ଗଞ୍ଜାମ ଗଠିତ ହୋଇଯାଇଛି। ବନବାସୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଆଇନଜୀବୀ କେ.ଶୁବ୍ରମନିୟମ୍ ରାଓ, ସମ୍ମାନିତ ଅତିଥି ରୂପେ ଖବରଦାତା ତଥା ଧରାକୋଟ ପ୍ରେସ୍ କ୍ଲବ ସଭାପତି ବିଷ୍ଣୁ କେଶରୀ ଆଚାର୍ଯ୍ୟ, ସାମାଜିକ କର୍ମୀ ବାସୁଦେବ ନାୟକ ଉପସ୍ଥିତ ଥିଲେ। ଏଥିରେ ଅଟୋ ଚାଳକମାନଙ୍କ ଜୀବନ ଜୀବିକା, ସରକାରଙ୍କ ନୀତି ନିୟମକୁ ମାନିବା ଉପରେ ଆଲୋଚନା ହୋଇଥିଲା। ଶେଷରେ ସଂଘ ସଭାପତି ଭାବେ ବନବାସୀ ସାହୁ, ଉପସଭାପତି ନିରଞ୍ଜନ ପୋଲାଇ, ସମ୍ପାଦକ ଅରୁଣ କୁମାର ଦାସ, କୋଷାଧ୍ୟକ୍ଷ ଧୋବା ଗୌଡ଼, ହିସାବ ନିରୀକ୍ଷକ କୃଷ୍ଣ ଚନ୍ଦ୍ର ପାଢ଼ୀ, ଆଇନ ପରାମର୍ଶଦାତା ଭାବେ ଆଇନଜୀବୀ ରାଓ, ଉପଦେଷ୍ଟା ଭାବେ ଖବରଦାତା ବିଷ୍ଣୁ କେଶରୀ ଆଚାର୍ଯ୍ୟ, ସାମାଜିକ କର୍ମୀ ନାୟକଙ୍କୁ ମନୋନୀତ କରାଯାଇଥିଲା।

# ହିଞ୍ଜିଳିକାଟୁ ପ୍ରିମିୟର ଲିଗ୍, ଫାଇନାଲରେ ବେଗୁନିଆପଡ଼ା

ହିଞ୍ଜିଳିକାଟୁ,୧୦।୧ (ଡି.ଏନ.ଏ)

ହିଞ୍ଜିଳିକାଟୁ ବୃନ୍ଦାବନ ବିଦ୍ୟାପୀଠ ମିନି ଷ୍ଟାଡିୟମ୍ ହିଞ୍ଜିଳିକାଟୁ ଇଗଲ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ହିଞ୍ଜିଳିକାଟୁ ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ସୋମବାର ମୁକ୍ତେଶ୍ୱର କ୍ରିକେଟ କ୍ଲବ, ଆସିକା ଓ ପାୟୋନିୟର କ୍ରିକେଟ କ୍ଲବ ବେଗୁନିଆପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବେଗୁନିଆପଡ଼ା ୨ ରନରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ବେଗୁନିଆପଡା ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ଟି ଉଇକେଟ ହରାଇ ୧୯୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ସର୍ବାଧିକ ୭୦ ରନ ସଂଗ୍ରହ କରିଥିଲେ। ଜବାବରେ ଆସିକା ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୧୮୯ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଇଗଲ କ୍ରିକେଟ କ୍ଲବର ସୀମାଞ୍ଚଳ ପାଣିଗ୍ରାହୀ ବେଗୁନିଆପଡା ଦଳର ଆଦିତ୍ୟ ମାଝିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ବୁଧବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଇଗଲ କ୍ରିକେଟ କ୍ଲବ, ହିଞ୍ଜିଳିକାଟୁ ଓ ଗ୍ୟାଲେକ୍ସି ଏକାଦଶ କ୍ରିକେଟ କ୍ଲବ, ମୁଣ୍ଡମରାଇ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।



ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

# ଇକୋ ପାର୍କ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ


ଇକୋ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ମନ୍ତ୍ରୀ।

ଜି.ଉଦୟଗିରି,୧୦।୧(ଡି.ଏନ୍.ଏ.)

ପଞ୍ଚାୟତ ନିର୍ବାଚନ ପୂର୍ବରୁ ଜି.ଉଦୟଗିରି ବ୍ଲକର ଶିରିକିଠାରେ ରବିବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ୧ କୋଟି ୨୫ ଲକ୍ଷ ଟଙ୍କା ଅଟକଳରେ ଏକ ଇକୋ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଠାରେ ପାର୍କ ସାଙ୍ଗକୁ କଟେଜ ଓ ବୋଟିଂର ମଜା ନେଇପାରିବେ ପର୍ଯ୍ୟଟକ। ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେଲେ ସ୍ଥାନୀୟ ଜନସାଧାରଣ ମଧ୍ୟ ଉପକୃତ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ବନ ବିଭାଗର ଡିଏଫ୍ଓ ଲକ୍ଷ୍ମୀନାରାୟଣ ବେହେରା ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ ମଞ୍ଚାସୀନ ଥିଲେ। ଜିଲା ପର୍ଯ୍ୟବେକ୍ଷକ ମମତା ବିଶୋଇ, ନଗର ସଭାପତି ଗୋପାଳ ମହାପାତ୍ର, ନଗର ମହିଳା ସଭାନେତ୍ରୀ ଭାନୁପ୍ରଭା ମିଶ୍ର, ଜିଲା ସମ୍ପାଦକ ତଥା ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ସଞ୍ଜୀବ କୁମାର ପାତ୍ର, ବ୍ଲକ ସଭାପତି ଲିଙ୍ଗରାଜ କହଁର, ଜିଲା ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ନାୟକ, ବ୍ଲକ ବିଧାୟକ ପ୍ରତିନିଧି ଯମେଶ ପ୍ରଧାନ, ନଗର ପ୍ରତିନିଧି ରାଜା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନଳକୂପ ମରାମତି ହେଉନି

ଛତ୍ରପୁର,୧୦।୧(ଡି.ଏନ୍.ଏ.)

ସୋରଡା ବ୍ଲକ ଅନ୍ତର୍ଗତ ସିଦ୍ଧପୁର ପଞ୍ଚାୟତର ଆଦିବାସୀବହୁଳ ଅଞ୍ଚଳ ରଘୁନାଥପୁର, କମଳାଖାଲ ଏବଂ ସରାବାଡ଼ି ପଞ୍ଚାୟତର ମଇଁଷିପଦା ଗ୍ରାମବାସି ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଦୀର୍ଘ ୩୦ ବର୍ଷ ହେଲା ଏମାନେ ଉକ୍ତ ଅଞ୍ଚଳରେ ବସବାସ କରୁଥିଲେ ସୁଦ୍ଧା ଏ ଯାଏ ପାନୀୟ ଜଳ ଟୋପାଏ ପାଇଁ ହଇରାଣ ହେଉଛନ୍ତି। ନଳକୂପ ଅଚଳ ହେଲେ ମରାମତି ପାଇଁ ଅନୁରୋଧ କଲେ କର୍ମଚାରୀମାନେ ଦେଶୀ କୁକୁଡ଼ା ମାଗୁଛନ୍ତି। କୁକୁଡ଼ା ନ ଦେଲେ ନଳକୂପ ମରାମତି କରାଯିବନାହିଁ ବୋଲି କହୁଛନ୍ତି। ଏ ନେଇ ଉପରୋକ୍ତ ଗ୍ରାମବାସୀ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ଆସି ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ (ସାଧାରଣ)ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କାଳି ଚରଣ ନାୟକ, ସମଶନ ଗମାଙ୍ଗ, ବିଶୁ ମଣ୍ଡଳଙ୍କ ସମେତ ଅନ୍ୟମାନେ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।


ଏଡିଏମଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

# ବର୍ଷୀୟାନ ସାହିତ୍ୟିକ ଗୌରଚନ୍ଦ୍ରଙ୍କୁ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି,୧୦।୧(ଡି.ଏନ୍.ଏ.)

ସାହିତ୍ୟିକ ତଥା ଶିକ୍ଷାବିତ୍ ଗୁରୁଗୌରବ ଗୌରଚନ୍ଦ୍ର ପଣ୍ଡାଙ୍କ ୯୦ବର୍ଷ ବୟସରେ ପଦାର୍ପଣ ଅବସରରେ ଉତ୍କଳ ହିତୈଷିଣୀ ଆନୁକୂଲ୍ୟରେ ଏକ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଗୁରୁଗୌର ପଣ୍ଡାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଡ. ଚନ୍ଦ୍ର ଶେଖର ଦାସ, ବିନୋଦ ଚନ୍ଦ୍ର ଜେନା ସାହିତ୍ୟ ଏକାଡେମୀ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା, ମଞ୍ଚାସୀନ ଥିବାବେଳେ ଦେବେନ୍ଦ୍ର ଦାସ, ଭାଗବତ ପାଢ଼ୀ, ଡ. ଭାରତୀ ପାଣିଗ୍ରାହୀ, ପଣ୍ଡିତ ନରସିଂହ ଗୌଡ, ପୂର୍ଣ୍ଣଚନ୍ଦ୍ର ରଥ, ସରୋଜ ପଣ୍ଡା, ଜଗଦୀଶ ମହାପାତ୍ର, ଆଶାଲତା ପାଣିଗ୍ରାହୀ, ଶ୍ୟାମସୁନ୍ଦର ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସ୍ୱର୍ଣ୍ଣପ୍ରଭା ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୌରଚନ୍ଦ୍ର ପଣ୍ଡାଙ୍କ ଜୀବନୀ ସମ୍ପର୍କିତ ଏକ ବହି ଜୀବନାୟନ ଲେଖକ ସାବନ ଲିମାଙ୍କ ରଚିତ ଲୋକାର୍ପଣ ହୋଇଥିଲା।

# ପାଇଖାନା ଟଙ୍କା ପାଇଁ ବ୍ଲକ ଘେରାଉ

ପାତ୍ରପୁର,୧୦।୧(ଡି.ଏନ.ଏ.)

ରାଜ୍ୟ ଓ କେନ୍ଦ୍ର ସରକାର ବାହାରେ ମଳତ୍ୟାଗ ନ କରିବା ପାଇଁ ସ୍ୱଚ୍ଛ ଭାରତ ଯୋଜନା କରିଛନ୍ତି। ପାଇଖାନା ନିର୍ମାଣ କରିବା ପାଇଁ ୧୨ ହଜାର ଟଙ୍କା ମଧ୍ୟ ସରକାର ସହାୟତା ଦେଉଛନ୍ତି। ବହୁ ଲୋକ ଏହାର ସୁବିଧା ପାଇଥିବା ବେଳେ ଆଉ କିଛି ସ୍ଥାନରେ ପାଇଖାନା ନିର୍ମାଣ ନ କରି ବହୁ ଅର୍ଥ ହରିଲୁଟ ହୋଇଥିବା ସୋମବାର ଅଭିଯୋଗ ହୋଇଛି। ପାତ୍ରପୁର ବ୍ଲକ ବି. ନୂଆଗାଁ ପଞ୍ଚାୟତର ଶରଧାପୁର ଓ ବି. ନୂଆଗାଁ ଗ୍ରାମର ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଖାନା ବିଲ୍ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଲୋକେ ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଲୋକଙ୍କ କହିବା ଅନୁଯାୟୀ ଦୁଇବର୍ଷ ତଳେ ଜଣେ ଠିକାଦାର ଓ ସେଠାକାର ଯନ୍ତ୍ରୀଙ୍କ ଦ୍ୱାରା ଲୋକମାନଙ୍କୁ ପାଇଖାନା କରାଯିବ କହି ସମସ୍ତଙ୍କର ଫଟୋ ଉଠାଇ ନେଇଥିଲେ କିନ୍ତୁ ଆଜି ପର୍ଯ୍ୟନ୍ତ ଲୋକଙ୍କ ଟଙ୍କା ଆସିନାହିଁ। ପୂର୍ବରୁ ଏନେଇ ବାରମ୍ବାର ସରପଞ୍ଚ ଓ ବିଡିଓଙ୍କ ପାଖରେ ଅଭିଯୋଗ କଲେ ମଧ୍ୟ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ଟଙ୍କା ମିଳିନାହିଁ। ପୂର୍ବରୁ ଗ୍ରାମବାସୀ ଏକତ୍ରିତ ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଘେରିଥିଲେ। ସୋମବାର ଉଭୟ ଗ୍ରାମର ଶହେରୁ ଊର୍ଦ୍ଧ୍ୱ ମହିଳା ଆସି ବ୍ଲକ ଘେରାଉ କରିବା ସହ ପରବର୍ତ୍ତୀ ସମୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ପାଇଖାନା ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ନ ଯାଏ ତେବେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ କହିଛନ୍ତି।

### କରୋନା ସଚେତନତା କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର,୧୦।୧(ଡି.ଏନ.ଏ.)

ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ କୋଭିଡ୍ ଭୂତାଣୁ ଓମିକ୍ରନ୍ ଉପରେ ବିଡିଓ ବାସୁଦେବ ନାୟକଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତହସିଲଦାର ମୋନାଲିସା ଆଚାର୍ଯ୍ୟ, ସିଡିପିଓ ବୀଣାପାଣି ମିଶ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ବେହେରା, ପ୍ରାକ୍ତନ ଏନ୍ଏସି ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର ଓ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ପୋଲିସ ଏଏସ୍ଆଇ କେ. ଏନ. ରେଡ୍ଡୀ, ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଶାନ୍ତ କୁମାର, ସ୍ୱାସ୍ଥ୍ୟ ନିରୀକ୍ଷକ ଶଶାଙ୍କ ଶେଖର ମହାନ୍ତି ଓ ନଗର ବିଜେଡି ସଭାପତି ରସଲ ଦାସ ଯୋଗଦେଇ ଓମିକ୍ରନ୍ ପ୍ରତି ଯତ୍ନଶୀଳ, ସଚେତନ ରହିବା ସହ ସରକାରୀ ନିୟମଗୁଡ଼ିକ ପ୍ରତିପାଳନ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଏନ୍ଏସି କର୍ମଚାରୀ ଆଦିଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା।

### ନାବାଳିକା ଗର୍ଭବତୀ ଅଭିଯୋଗ

ଆର.ଉଦୟଗିରି,୧୦।୧(ଡି.ଏନ.ଏ.)

ମୋହନା ଥାନା ଅଞ୍ଚଳର ଜଣେ ୧୩ ବର୍ଷୀୟା ନାବାଳିକା ଗର୍ଭବତୀ ହୋଇଥିବା ରବିବାର ଅଭିଯୋଗ ହୋଇଛି। ଜଣେ ଯୁବକ ନାବାଳିକାଙ୍କୁ ନିଜ ଘରେ ଏକା ରହିଥିବାର ସୁଯୋଗ ନେଇ ଜବରଦସ୍ତ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ନାବାଳିକା ଗର୍ଭବତୀ ହେବା ଜଣାପଡ଼ିବା ପରେ ଯୁବକ ଫେରାର ହୋଇଯାଇଛନ୍ତି। ଘଟଣା ସମ୍ପର୍କରେ ପୀଡିତାଙ୍କ ପରିବାର ଲୋକେ ଚାଇଲ୍ଡ ଲାଇନକୁ ଜଣାଇବା ପରେ ମୋହନା ଥାନାରେ ଏତଲା ଦେଇଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ନାବାଳିକାଙ୍କୁ ଡାକ୍ତରୀ ମାଇନା ପାଇଁ ପଠାଇଛି। ଥାନା ପକ୍ଷରୁ ତଦନ୍ତ ଜାରି ରହିଛି।

### ଆମ ପୋଲିସ ସମିତିର ସଫେଇ କାର୍ଯ୍ୟକ୍ରମ

ଧରାକୋଟ,୧୦।୧(ଡି.ଏନ୍.ଏ.)

ଧରାକୋଟ ଥାନା ଆମ ପୋଲିସ ସମିତି ତରଫରୁ ଥାନାଧିକାରୀ ଉମାକାନ୍ତ ସାହୁଙ୍କ ନେତୃତ୍ୱରେ ସଫେଇ ସହ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଜପ୍ରାସାଦ ଗଳି, ବଜାର ଛକ, ଏବଂ ଜଗନ୍ନାଥ ମନ୍ଦିର ପାର୍ଶ୍ୱରେ ପଡିଥିବା ଆବର୍ଜନାକୁ ବାହାର କରାଯାଇଥିବା ବେଳେ ଜନ ସମାଗମ ଅଞ୍ଚଳରେ ବର୍ଜ୍ୟବସ୍ତୁ ନ ପକାଇବା ପାଇଁ ଥାନାଧିକାରୀ ଦୋକାନୀଙ୍କୁ ତାଗିଦ କରିଥିଲେ। ଏହି ସଫେଇ ଅଭିଯାନ ବଜାର ଛକଠାରୁ ମେଡିକାଲ ପର୍ଯ୍ୟନ୍ତ ଜାରି ରହିଥିଲା। ଏଥିରେ ସରପଞ୍ଚ ପ୍ରତିନିଧି ଦିଲୀପ କୁମାର ସ୍ୱାଇଁ, ଜିଲା ବିଜେଡି ଉପସଭାପତି ରବୀନ୍ଦ୍ର ଘୋଷ, ସତ୍ୟସାଇ ସେବା ଗ୍ରୁପ୍ ସଦସ୍ୟଙ୍କ ସମେତ ଧରାକୋଟର ଯୁବଗୋଷ୍ଠୀ ଏବଂ ଆମ ପୋଲିସ ସମିତିର ସଦସ୍ୟ ଯୋଗ ଦେଇଥିଲେ।

### ଜଳ ସ୍ୱଚ୍ଛତା ଦିବସରେ ପୋଖରୀ ସଫେଇ

କବିସୂର୍ଯ୍ୟନଗର,୧୦।୧(ଡି.ଏନ.ଏ.)

ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ନୂତନ ବର୍ଷରେ ସପ୍ତାହର ପ୍ରତି ସୋମବାର ଜଳ ସ୍ୱଚ୍ଛତା ଦିବସ ପାଳନ କରାଯାଉଛି। କବିସୂର୍ଯ୍ୟନଗର ଏନ୍ଏସିର ସାମନ୍ତରା ପୋଖରୀର ସଫେଇକରଣ ଏନ୍ଏସି ପକ୍ଷରୁ କରାଯାଇଥିଲା। ଦ୍ୱିତୀୟ ସୋମବାରରେ ନିଜେ ଉପଜିଲାପାଳ ଲୀନା କୁମାରୀ ଶେଷ ତଦାରଖରେ ଏନ୍ଏସିର ମେରୁବନ୍ଧର ସଫେଇକରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଏନଏସି କାର୍ଯ୍ୟନିର୍ବାହୀ ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରା, କନିଷ୍ଠ ପରିମଳ ଅଧିକାରୀ ଦିପ୍ତିମୟୀ ଦାସ, ଏନ୍ଏସି ସ୍ୱାସ୍ଥ୍ୟ ନିରୀକ୍ଷକ ଶଶାଙ୍କ ଶେଖର ମହାନ୍ତି ଆଦି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମେରୁବନ୍ଧର ଗୋଟିଏ ପାର୍ଶ୍ୱ ସଫେଇ କରାଯାଇଥିଲା।

### ଜୱାଦ ବାତ୍ୟା କ୍ଷୟକ୍ଷତି ଦାବିରେ ରାସ୍ତାରୋକୋ

କାଶୀନଗର,୧୦।୧(ଡି.ଏନ୍.ଏ.)

ଗତ ବାତ୍ୟା ଜୱାଦ କ୍ଷୟକ୍ଷତି ଚାଷୀଙ୍କୁ ପ୍ରଦାନ ପାଇଁ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ସଂଯୁକ୍ତ କୃଷକ ମୋର୍ଚ୍ଚା ଜଣାଇଥିଲା। କିନ୍ତୁ ଆଜିସୁଦ୍ଧା ଚାଷୀଙ୍କୁ କ୍ଷୟକ୍ଷତିର କୌଣସି ସାହାଯ୍ୟ ମିଳିପାରିନାହିଁ। ପ୍ରତିବାଦରେ ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି କାଶୀନଗର ବ୍ଲକ ଶାଖା ତରଫରୁ ସିଆଳିଠାରେ ପାରଳାଖେମୁଣ୍ଡି-ଗୁଣପୁର ମୁଖ୍ୟରାସ୍ତା ଉପରେ ଧାରଣା ଦେବା ସହ ରାସ୍ତାରୋକୋ କରିଥିଲେ। ଏହି ବିକ୍ଷୋଭରେ ଜିଲା ସମ୍ପାଦକ କାର୍ତ୍ତିକ ଶବର, କୁରୁଙ୍ଗି ମୀନାରାଓ, କୁନ୍ଦ୍ରିଙ୍ଗି ସୋମେ, କେ. ସଞ୍ଜୀବ ପ୍ରମୁଖ ନେତୃତ୍ୱ ନେଇଥିଲେ। ଧାରଣାସ୍ଥଳରେ କାଶୀନଗର ପୋଲିସ, ପ୍ରଶାସନ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

**ସଂକ୍ଷେପରେ**

## ବୁଗୁଡ଼ା: ପ୍ରଥମ ଦିନ ୧୩୦ ଜଣଙ୍କୁ ବୁଷ୍ଟର ଡୋଜ୍

ବୁଗୁଡ଼ା,୧୦।୧(ଡି.ଏନ.ଏ.): ବୁଗୁଡ଼ା ବ୍ଲକର ବରିଷ୍ଠ ନାଗରିକଙ୍କ ପାଇଁ କୋଭିଡ ଟିକାର ବୁଷ୍ଟର ଡୋଜ ସୋମବାର ଆରମ୍ଭ ହୋଇଛି । ପ୍ରଥମ ଦିନ ୬୦ରୁ ଉର୍ଦ୍ଧ୍ୱ ବର୍ଗର ୧୩୦ ଜଣ ବ୍ୟକ୍ତି ଟିକା ନେଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ବୁଷ୍ଟର ଡୋଜ ସମେତ ୧୫ରୁ୧୮ ବୟସ୍କ କିଶୋର ବର୍ଗ ଏବଂ ଦ୍ୱିତୀୟ ଡୋଜ ଟିକାକରଣ ପାଇଁ ବୁଗୁଡ଼ା ଥାନା ସମେତ ବାଲିପଦର, କରଚୁଲି ଓ ମାଣିତରା ମେଡିକାଲ ଆଦି ୪ଟି ସ୍ଥାନରେ କେନ୍ଦ୍ର ହୋଇଛି। ସ୍ୱାସ୍ଥ୍ୟକର୍ମୀ ଶୁଭରଞ୍ଜନ ଶତପଥୀ, ପୂଜା ସ୍ୱାଇଁ, ମନ୍ମଥ ଆରୁଖ , ଅନିଲ ମହାପାତ୍ର , ଭଗବାନ ଡାକୁଆ, ଶିବାନୀ ପ୍ରଧାନ, ନିଳିମା ସ୍ୱାଇଁ, ଜିନୁ ପଣ୍ଡା, ରାଜ କିଶୋର ସ୍ୱାଇଁ ଓ ସଙ୍ଗୀତା କର ପ୍ରମୁଖ ନିୟୋଜିତ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶୁଭାଶିଷ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

## ବନ୍ୟଜନ୍ତୁ ଶିକାର ପାଇଁ ବିଛାଯାଇଥିବା ସାମଗ୍ରୀ ଜବତ

ବୁଗୁଡ଼ା,୧୦।୧(ଡି.ଏନ.ଏ.):ବୁଗୁଡ଼ା ବନାଞ୍ଚଳ ବେଲଗୁଣ୍ଠା ବ୍ଲକ ଅଧୀନ ମଙ୍ଗଳପୁର ଗ୍ରାମପଞ୍ଚାୟତର ଜିଲିବା ପାଣି ପମ୍ପଘର ନିକଟରେ ରବିବାର ରାତିରେ ବନ୍ୟଜନ୍ତୁ ଶିକାର ପାଇଁ ୧୧ କେଭି କରେଣ୍ଟରୁ ହୁକ୍ ପକାଯାଇଥିବା ପ୍ରାୟ ୭୦୦ ମିଟର ଜିଆଇ ତାର, ଖାଲି ବୋତଲ ଓ ଶୃଙ୍ଖଳା ବାଉଁଶ ଖଣ୍ଡ ଜବତ ହୋଇଛି। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଦିଲୀପ କୁମାର ରାଉତ ଭଞ୍ଜନଗରଙ୍କ ନିର୍ଦ୍ଦେଶକ୍ରମେ ମୋବାଇଲ ଇନଚାର୍ଜ ସୂର୍ଯ୍ୟମଣି ସେଠୀଙ୍କ ନେତୃତ୍ୱରେ ମୋବାଇଲ ଟିମ ଏହା ଜବତ କରିଥିଲେ। ଏହିପରି ବନ୍ୟଜନ୍ତୁ ଶିକାର କରିବା ପାଇଁ ଶିକାରୀମାନେ ବୁଗୁଡା ବନାଞ୍ଚଳରେ ସକ୍ରିୟ ଥିବାବେଳେ ବନ ବିଭାଗ ରାତ୍ର ପାଟ୍ରୋଲିଂକୁ କଡାକଡି କରିବା ପାଇଁ ଦାବି ହେଉଛି। ପ୍ରକାଶ ଯେ କିଛିଦିନ ତଳେ ଏହି ରେଞ୍ଜ ଅଧୀନ ଗାନ୍ଧିନଗରର ଜଣେ ମହିଳା ବିଦ୍ୟୁତ୍‌ରେ ଜଳିଯାଇଥିଲେ। ତେଣୁ ଏଥିପାଇଁ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହେଉଛି। ଏହି ମୋବାଇଲ୍ ଟିମରେ ଡ୍ରାଇଭର ମନୋଜ କୁମାର ନାୟକ, ସତ୍ୟ ନାରାୟଣ ପ୍ରଧାନ, ଗଣେଶ ପ୍ରଧାନ, ରାଜେନ୍ଦ୍ର ବେହେରା, ମନୋଜ ରାଉତ ପ୍ରମୁଖ ସାମିଲ୍ ଥିଲେ।

## ଆଙ୍କୋରଡ଼ାରେ 'ଅଦ୍ୱିକା' କାର୍ଯ୍ୟକ୍ରମ

ଦିଗପହଣ୍ଡି,୧୦।୧(ଡି.ଏନ୍.ଏ.):ଦିଗପହଣ୍ଡି ବ୍ଲକ ଆଙ୍କୋରଡା ଗ୍ରାମ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ଅଦ୍ୱିକା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ସିଡିପିଓ ପୁଷ୍ପାଞ୍ଜଳି ଶତପଥୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକକୁ ବାଲ୍ୟ ବିବାହ ମୁକ୍ତ ବ୍ଲକ ଭାବେ ଘୋଷଣା କରାଯାଇ ଆଗାମୀ ଦିନରେ ଏହା ବଜାୟ ରଖିବାକୁ ଶପଥ ନିଆଯାଇଥିଲା। ସେହିଭଳି କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ କାୟା ବିସ୍ତାର କରୁଥିବାରୁ ସମସ୍ତ ଜନସାଧାରଣ ପୁଣିଥରେ ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ଅବଲମ୍ବନ ଏବଂ ସାନିଟାଇଜ କରିବା ଭଳି ନିୟମ ମାନି ଚଳିବାକୁ ପରାମର୍ଶ ଦିଆଯାଇଥିଲା। ଏଥିରେ ଦିଗପହଣ୍ଡି ବିଡିଓ ହଳଧର ଶବର, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରା, ରାଜସ୍ୱ ନୀରିକ୍ଷକ ଅକ୍ଷୟ କୁମାର ମଲ୍ଲିକ, ଅଙ୍ଗନୱାଡି ପରିଦର୍ଶିକା ଭାଗ୍ୟଲତା ପାତ୍ର ଏବଂ ସାଧନା ମହିଳା ସଂଘ ସଭାନେତ୍ରୀ ପି.ବିଜୟଲକ୍ଷ୍ମୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଶାନ୍ତିଝରର ଉନ୍ନୟନ କମିଟିର ବୈଠକ

ଧରାକୋଟ,୧୦।୧(ଡି.ଏନ୍.ଏ.):ଧରାକୋଟ ନିକଟସ୍ଥ ଶୁଳିଆ ପାହାଡ଼ ପାଦଦେଶରେ ପ୍ରାକୃତିକ ପରିବେଶ ମଧରେ ଶୋଭା ବର୍ଦ୍ଧନ କରିଆସୁଥିବା ଶାନ୍ତିଝରର ହନୁମାନ ବାଟିକା, ଗଡଚଣ୍ଡି, କାଠୁଲିଆ ପୀଠର ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାପାଇଁ ଶାନ୍ତିଝରଠାରେ ଏହାର ଉନ୍ନୟନ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନୀଲ କୁମାର ଚୌଧୁରୀ ସଭାପତି, ମୀନକେତନ ସ୍ୱାଇଁ ଉପସଭାପତି, ବିପିନ ବିହାରୀ ସତପଥୀ ସମ୍ପାଦକ, ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ସ୍ୱାଇଁ କୋଷାଧକ୍ଷ ରୂପେ ମନୋନୀତ ହୋଇଛନ୍ତି। ଧରାକୋଟ ତହସିଲଦାର କବିରାଜ ପ୍ରଧାନ, ବିଡିଓ ଡେନିସ ବେହେରା ପ୍ରମୁଖ ଏହି ପୀଠକୁ ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟର ଖସଡ଼ା ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ପ୍ରଥମ ପର୍ଯ୍ୟାୟରେ ରାସ୍ତାର ଉନ୍ନତିକରଣ, ସ୍ଥାୟୀ ବିଦ୍ୟୁତ ସଂଯୋଗ, ମହିଳାଙ୍କ ପାଇଁ ଶୌଚାଳୟ, ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ, ଶିଶୁ ଉଦ୍ୟାନର ଉନ୍ନତି, ମଣ୍ଡପ ନିର୍ମାଣ, ନଳକୂପ ନିର୍ମାଣ ଉପରେ ଗୁରୁତ୍ୱଆରୋପ ସହ ଚାରାରୋପଣ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ସ୍ଥିର କରାଯାଇଥିଲା।

# ପାର୍କିଂ ସମସ୍ୟା:ନିୟୋଜିତ ହେବେ ଏସ୍ଏଚ୍‌ଜି

ବ୍ରହ୍ମପୁର ଅଫିସ୍,୧୦।୧

ବ୍ରହ୍ମପୁର ସହରରେ ପାର୍କି ଏବେ ମୁଖ୍ୟ ସମସ୍ୟା ହୋଇଛି। ଫଳରେ ଜନଗହଳିପୂର୍ଣ୍ଣ ସ୍ଥାନଗୁଡିକରେ ଟ୍ରାଫିକ ଯୋଗୁ ଭିଡ ଜମୁଛି। ବିଶେଷକରି ସହରର ପୁରୁଣା ବସ୍‌ଷ୍ଟାଣ୍ଡ, ଗିରିଜା ଛକ, ମୟୂରୀ ସମ୍ମୁଖ ରାସ୍ତା, ଏସ୍ଏନ୍‌ଟି ରୋଡ, ଗାନ୍ଧୀନଗରସ୍ଥିତ ସାଇ କମ୍ପ୍ଲେକ୍ସ ଆଦି ସ୍ଥାନରେ ଗାଡି ପାର୍କିଂକୁ ନେଇ ନାନା ସମସ୍ୟା ଉପୁଜୁଛି। ଫଳରେ ଏ ସବୁ ସ୍ଥାନରେ ଟ୍ରାଫିକ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳିଛି। ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ପାର୍କି ସମସ୍ୟାରେ ସୁଧାର ପାଇଁ ବହୁବାର ଉଦ୍ୟମ କରାଯାଇଛି। କିନ୍ତୁ ତାହା ସଫଳ ହୋଇନାହିଁ।

ସୂଚନାଥାଉ କି, ଗତ କିଛି ବର୍ଷ ତଳେ ଏହି ପାର୍କି ସ୍ଥଳରୁ ଫି ଆଦାୟ ପାଇଁ କିନ୍ନରମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଫଳରେ ତାରାତାରିଣୀ ଓ ବୋହୂଚୋରି ସ୍ୱୟଂ ସହାୟକ ଗୋଷ୍ଠୀ ପାର୍କି ଫି ଆଦାୟ ନିମନ୍ତେ ନିୟୋଜିତ ହୋଇଥିଲେ। ଏଥିରୁ କମିଶନ ବାବଦକୁ ୫ ପ୍ରତିଶତ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦେବା ପାଇଁ ବିଏମ୍‌ସି ପକ୍ଷରୁ ଚୁକ୍ତି ହୋଇଥିଲା। ପାର୍କି ସ୍ଥଳରେ ୨ ଚକିଆ ଗାଡିପାଇଁ ୫ ଟଙ୍କା ଓ ୪ ଚକିଆ ଗାଡି ପାଇଁ ୧୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ପିଏସ୍‌ଓ ମେଶିନ ଦ୍ୱାରା ପାର୍କି ଦେୟ ଆଦାୟ ହେଉଥିଲା। ଏପରିକି ପାର୍କି ସ୍ଥଳରେ କେଉଁ ଗାଡି କେତେ ସମୟ ରହିଲା ସେ ବାବଦରେ ସମସ୍ତ ତଥ୍ୟ ବିଏମ୍‌ସି ନିକଟରେ ରହୁଥିଲା। କିନ୍ତୁ ଆଦାୟ ହେଉଥିବା ପାର୍କି ଫିରୁ ୫ ପ୍ରତିଶତ କମିଶନ ବ୍ୟୟ ତୁଳନାରେ ଆୟ କମ୍ ହେଉଥିବାରୁ ସ୍ୱୟଂ ସହାୟକ ଗୋଷ୍ଠୀ ଅରାଜି ହେବା ସହ ୨୫ ପ୍ରତିଶତ କମିଶନ ପାଇଁ ବିଏମ୍‌ସି ନିକଟରେ ଦାବି କରିଥିଲା। କିନ୍ତୁ ଦାବି ପୂରଣ ନ ହେବାରୁ ଏହି ବ୍ୟବସ୍ଥା ସଂପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଫଳରେ ପୂର୍ବଭଳି ପାର୍କି ସ୍ଥଳରେ ଗାଡି ରହୁଥିବା ଦେଖିବାକୁ ମିଳିଥିଲା, ଯଦ୍ୱାରା ସହରରେ ଟ୍ରାଫିକ ସମସ୍ୟା ଉପୁଜିବା ମୁଖ୍ୟ ସମସ୍ୟା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ନେଇ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି, ବର୍ତ୍ତମାନ ସହରରେ ୧୦ଟି ପାର୍କି ସ୍ଥଳ ଚିହ୍ନଟ କରାଯାଇଛି। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀ ପୁନଃ ନିୟୋଜିତ ନିମନ୍ତେ ଯୋଜନା ରହିଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି। ତେବେ ବିଏମ୍‌ସି ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ, ୨୦୧୭-୧୮ ଆର୍ଥିକ ବର୍ଷରେ ପାର୍କିଂ ବାବଦକୁ ୬ ଲକ୍ଷରୁ ଅଧିକ ରାଜସ୍ୱ ହୋଇଥିବା ବେଳେ ୨୦୧୮-୧୯ରେ ୫ ଲକ୍ଷ ୯୫ ହଜାର, ୨୦୧୯-୨୦ରେ ୩ ଲକ୍ଷ ୯୪ ହଜାର ରାଜସ୍ୱ ଆଦାୟ ହୋଇଥିଲା। କିନ୍ତୁ ୨୦୨୦-୨୧ରେ ପାର୍କିଂ ସ୍ଥଳରେ ଫି ଆଦାୟ ବନ୍ଦ ହୋଇଥିବାରୁ କୌଣସି ରାଜସ୍ୱ ଆଦାୟ ହୋଇ ନ ଥିବା ଜଣାପଡିଛି। ତେବେ ବିଏମ୍‌ସି ପକ୍ଷରୁ ପୁଣି ଥରେ ପାର୍କିଂ ଫି ଆଦାୟ ଯୋଜନା କେତେଦୂର କାର୍ଯ୍ୟକାରୀ ହେଉଛି, ତାହା ଦେଖିବା ପାଇଁ ବାକି ରହିଲା।



ଏସଏନଟି ରୋଡ ପାର୍କିଂ ସ୍ଥଳ।

## ପାନୀୟ ଜଳ ଯୋଗାଣ ଉନ୍ନତୀକରଣ ଭିତ୍ତିପ୍ରସ୍ତର ସ୍ଥାପନ

ପୋଲସରା,୧୦।୧(ଡି.ଏନ.ଏ.)

ପୋଲସରା ସହରର ପାନୀୟ ଜଳ ଯୋଗାଣର ଉନ୍ନତିକରଣ ନିମନ୍ତେ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ପୋଲସରା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସହରର ପାନୀୟ ଜଳ ସମସ୍ୟା ସୁଧାରିବା ନିମନ୍ତେ ଏହା ସହାୟକ ହେବ। ଏହି ଉନ୍ନତିକରଣ ପ୍ରକଳ୍ପର ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ପରିସରରେ ୪ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ଓଭର ହେଡ ଟ୍ୟାଙ୍କ ଓ ଦୁଇ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଭୂତଳ ଟ୍ୟାଙ୍କ ନିର୍ମାଣ ହେବ। ଏହାସହିତ ପୋଲସରା ବନବିଭାଗ କାର୍ଯ୍ୟାଳୟ ନିକଟରୁ ଲଙ୍ଗଳେଶ୍ୱର ପାଇପ୍ ଲାଇନ ସଂଯୋଗିକରଣ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ଇଂ ସହଦେବ ପ୍ରଧାନ, ପୋଲସରା ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ମୋତିରାମ ସାହୁ, ସନ୍ତୋଷ କୁମାର ବେହେରା, ରଞ୍ଜିତ ସାହୁଙ୍କ ସମେତ ନିର୍ବାଚିତ ପ୍ରତିନିଧି ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

# ଏକଲବ୍ୟ ଆବାସିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର

**କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ କନ୍ଧମାଳ, ଗଜପତି ଗସ୍ତ**

ତୁମୁଡ଼ିବନ୍ଧ/ପାରଳାଖେମୁଣ୍ଡି, ୧୦।୧(ଡି.ଏନ୍.ଏ.)

କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟପାର ବିଭାଗ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ସୋମବାର ଦିନିକିଆ କନ୍ଧମାଳ ଓ ଗଜପତି ଜିଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ମନ୍ତ୍ରୀ ପୂର୍ବାହ୍ନ ପ୍ରାୟ ୧୦ଟାରେ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ମାନସିଂ ଭୈରବୀ ମିନି ଷ୍ଟାଡିୟମରେ ଓହ୍ଲାଇଥିଲେ। ସେଠାରେ ପାରମ୍ପରିକ ଆଦିବାସୀ ନୃତ୍ୟ ଓ ବାଦ୍ୟ ମଧରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ମନ୍ତ୍ରୀ ସେଠାରୁ ଯାଇ ମୁଣ୍ଡିଗଡ଼ ପଞ୍ଚାୟତ ତୁଡୁଲବା ଠାରେ ଏକଲବ୍ୟ ମଡେଲ ସ୍କୁଲର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଭାଜପାର ମିଶ୍ରଣ ପର୍ବ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତୁମୁଡିବନ୍ଧ ବ୍ଲକର ଅନ୍ୟ ଦଳର କର୍ମୀ ଭାଜପାରେ ମିଶିଥିଲେ । ପରେ ମନ୍ତ୍ରୀ ବ୍ରହ୍ମଲୀନ ବେଦାନ୍ତକେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସଂସ୍କୃତ ଆଶ୍ରମ ଯାଇ ଅନ୍ତେବାସୀଙ୍କୁ ଭେଟିଥିଲେ। ପରେ ତୁମୁଡ଼ିବନ୍ଧ ବ୍ଲକ ସଭାଗୃହରେ ବେଲଘରରେ କାର୍ଯ୍ୟ କରୁଥିବା କୁଟିଆ କନ୍ଧ ଉନ୍ନୟନ ସଂସ୍ଥାର କାର୍ଯ୍ୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ତୁମୁଡିବନ୍ଧ ବିଡିଓ ଏମ୍. ଅନୁରାଧା, ବାଲିଗୁଡା ତହସିଲଦାର ଶଶାଙ୍କ ଶେଖର ପାତ୍ର, ବାଲିଗୁଡା ବିଡିଓ ଡ. ଜଗଦୀଶ ଷଡ଼ଙ୍ଗୀ, କେକେଡିଏ ପ୍ରକଳ୍ପ ଅଧିକାରୀଙ୍କ ସମେତ ସରକାରୀ ଅଧିକାରୀ ଯୋଗ ଦେଇଥିଲେ। ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଜଗନ୍ନାଥ ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ପୂର୍ବତନ ବିଧାୟକ କରେନ୍ଦ୍ର ମାଝି, ପୂର୍ବତନ ମନ୍ତ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମାର୍କଫେଡ଼ ଉପସଭାପତି ପବିତ୍ର କହଁର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମଚରଣ ଦାସଙ୍କ ସମେତ ଦଳୀୟ ନେତାମାନେ ଉପସ୍ଥିତ ଥିଲେ। କନ୍ଧମାଳ ଜିଲା କାର୍ଯ୍ୟକ୍ରମ ସାରି କେନ୍ଦ୍ରମନ୍ତ୍ରୀ ଟୁଡୁ ଗଜପତି ଜିଲା ଅଭିମୁଖେ ଯାଇଥିଲେ। ପାରଳାଖେମୁଣ୍ଡି ଷ୍ଟାଡିୟମରେ ହେଲିକପ୍ଟରରୁ ଓହ୍ଲାଇ ଗୁମ୍ମାଠାରେ ହେବାକୁ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଆଦିବାସୀଙ୍କ ଶିକ୍ଷାର ବିକାଶ ପାଇଁ କେନ୍ଦ୍ର ସରକାର ଆଦିବାସୀ ଅଧୁଷିତ ଅନୁନ୍ନତ ଜିଲାରେ ଉନ୍ନତ ଆଦର୍ଶ ଆବାସିକ ବିଦ୍ୟାଳୟ ନିର୍ମାଣ କରୁଛନ୍ତି। ଏଥିସହିତ ଆଦିବାସୀମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ବିକ୍ରି ପାଇଁ ସ୍ୱତନ୍ତ୍ର ବଜାରର ବ୍ୟବସ୍ଥା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ନୃସିଂହ ଚରଣ ପଟ୍ଟନାୟକ, ସିଦ୍ଧେଶ୍ୱର ମିଶ୍ର, ଜଗନ୍ନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଉପଜିଲାପାଳ ଦିଲୀପ କୁମାର ମହାରଣାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ସମାନ ଭାବରେ ଏହି କାର୍ଯ୍ୟକ୍ରମ ପରେ ମନ୍ତ୍ରୀ ଏକ ସାଧାରଣ ସଭାରେ ଯୋଗଦେବା ଏବଂ ଜିଲାରେ ଆଦିବାସୀ ମାନଙ୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଥିଲା। କୌଣସି କାରଣରୁ ତାହା ବାତିଲ କରି ମନ୍ତ୍ରୀ କୋରାପୁଟ ଅଭିମୁଖେ ଯାଇଥିଲେ।




ତୁମୁଡ଼ିବନ୍ଧ ବ୍ଲକ ତୁଡୁଲବା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ।

# ବ୍ରାହ୍ମଣ ପୁରୋହିତ ସମିତିର ବାର୍ଷିକ ସମ୍ମିଳନୀ




ସମ୍ମିଳନୀରେ ଉପସ୍ଥିତ ସଂଘ ସଦସ୍ୟ।

ବ୍ରହ୍ମପୁର ଅଫିସ୍,୧୦।୧

ଗଞ୍ଜାମ ଜିଲା ବ୍ରାହ୍ମଣ ପୁରୋହିତ ସମିତି ପକ୍ଷରୁ ସୋମବାର ଫାଷ୍ଟ ଗେଟଠାରେ ୨୪ ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଉମା ବଲଭ ଦାଶ ସଭାପତିତ୍ୱ କରିଥିଲେ। ରାଜ୍ୟ କିମ୍ବା କେନ୍ଦ୍ର ସରକାର ବ୍ରାହ୍ମଣଙ୍କ ସ୍ଥିତି ସମ୍ପର୍କରେ କର୍ଣ୍ଣପାତ କରୁ ନାହାନ୍ତି। ଫଳରେ ବ୍ରାହ୍ମଣମାନେ ଦୁଃଖ କଷ୍ଟରେ ପରିବାର ପ୍ରତିପୋଷଣ କରୁଥିବା ନେଇ ମତ ପ୍ରକାଶ ପାଇଥିଲା। ଏଣୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବ୍ରାହ୍ମଣ ସମାଜ ପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହୋଇଥିଲା। ଏହି ଅବସରରେ ସମାଜ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। କୋଷାଧକ୍ଷ ଭାବେ ସନ୍ତୋଷ ତ୍ରିପାଠୀ, ସଂଯୋଜକ କରୁଣାକର ଦାଶ, ରବିନ୍ଦୀ ଷଡଙ୍ଗୀ, ବିଭୁନନ୍ଦନ ପଣ୍ଡା, ଆଇନ ପରାମର୍ଶଦାତା ଶରତ ଚନ୍ଦ୍ର ଦାଶଙ୍କ ସମେତ ୧୧ ଜଣ ନୂତନ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା।

### ପୋଲିସକୁ ଚକ୍‌ମା ଦେଖାଇ ଅଭିଯୁକ୍ତ ଚମ୍ପଟ ଘଟଣା

## ଦୁଇ ସପ୍ତାହ ପରେ ବି ମିଳୁନି ସୁରାକ

ବ୍ରହ୍ମପୁର ଅଫିସ,୧୦।୧

ପୋଲିସକୁ ଚକ୍‌ମା ଦେଖାଇ ଜଣେ ଅଭିଯୁକ୍ତ ଚମ୍ପଟ ମାରିଥିଲେ। ଅଭିଯୁକ୍ତଙ୍କ ନାମ କେ. ରବି କୁମାର। ଇତିମଧରେ ଘଟଣାର ଦୁଇ ସପ୍ତାହ ବିତିଯାଇଛି। ପୋଲିସକୁ ମିଳୁନି ଚମ୍ପଟ ଅଭିଯୁକ୍ତଙ୍କ ସୁରାକ। ଫେରାର ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରିଥିଲା ପୋଲିସ। ସେ ମାଡ୍ରାସରେ ଥିବା ଜଣାପଡ଼ିଥିଲା। ହେଲେ ପୋଲିସ ସେଠାରେ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତ ସେଠାରୁ ଚମ୍ପଟ ମାରିଥିଲା। ସେବେଠୁ ଅଭିଯୁକ୍ତଙ୍କ ମୋବାଇଲ ବନ୍ଦ ଥିବା ପୋଲିସ କହୁଛି। ଅନ୍ୟପଟେ ଚମ୍ପଟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ପୋଲିସ କହିଛି। ସୂଚନାନୁସାରେ, ବ୍ରହ୍ମପୁର ଟାଉନ୍ ଥାନା ପୋଲିସ ଖଲ୍ଲିକୋଟ କଲେଜ ରାସ୍ତାରୁ ଜଣେ ସାଇକେଲ ଚୋରକୁ କାବୁ କରିଥିଲା। ଅଭିଯୁକ୍ତ ଜଣଙ୍କ କେ. ରବି କୁମାର। ରବିଙ୍କୁ ଗତ ଡିସେମ୍ବର ୨୫ ଅପରାହ୍ନରେ ପୋଲିସ ଟିମ୍ ଏମ୍‌କେସିଜି ମେଡିକାଲକୁ ପରୀକ୍ଷା ପାଇଁ ନେଇଥିଲା। ସେଠାରୁ କୋର୍ଟକୁ ନେଉଥିବା ବେଳେ ରାସ୍ତାରୁ ରବି ପୋଲିସକୁ ଚକ୍‌ମା ଦେଖାଇ ଚମ୍ପଟ ମାରିଥିଲେ।

## ପୁରୋହିତାନାଂ ଜ୍ୟୋତିଷ ବିଦ୍ୟା ପୁସ୍ତକ ଉନ୍ମୋଚିତ



ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚିତ।

ବ୍ରହ୍ମପୁର ଅଫିସ୍,୧୦।୧

ବ୍ରାହ୍ମଣ ମହାସଭା ଗଞ୍ଜାମ ଜିଲା ପକ୍ଷରୁ ସୋମବାର ପୁରୁଣା ବ୍ରହ୍ମପୁରସ୍ଥିତ ବିଶ୍ୱକର୍ମା ମନ୍ଦିର ପରିସରରେ 'ପୁରୋହିତାନାଂ ଜ୍ୟୋତିଷ ବିଦ୍ୟା' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ସିଟି ହାଇସ୍କୁଲ ସଂସ୍କୃତ ଶିକ୍ଷକ ତଥା ଗଞ୍ଜାମ ଜିଲା ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ସଭାପତି ପଣ୍ଡିତ ସୀମାଞ୍ଚଳ ତ୍ରିପାଠୀଙ୍କ ଦ୍ୱାରା ଏହା ରଚିତ ହୋଇଛି। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଏହାଦ୍ୱାରା ଲୋକଙ୍କ ମନରେ ଆଧାତ୍ମିକ ଭାବ ଜାଗ୍ରତ ହୋଇ ସମାଜର କଲ୍ୟାଣ ହେବ ବୋଲି ବିଧାୟକ ମତ ଦେଇଥିଲେ।

# ଗଞ୍ଜାମ ଓକିଲ ସଂଘ ସାଧାରଣ ପରିଷଦ ବୈଠକ

ବ୍ରହ୍ମପୁର ଅଫିସ,୧୦।୧

ଗଞ୍ଜାମ ଓକିଲ ସଂଘର ସାଧାରଣ ପରିଷଦ ବୈଠକ ସଭାପତି ଜନାର୍ଦ୍ଦନ ସୁବୁଦ୍ଧିଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଓକିଲ ସଂଘ ଆଗାମୀ ନିର୍ବାଚନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ପ୍ରଫୁଲ୍ଲ ଗୌଡ଼ଙ୍କୁ ନିଯୁକ୍ତି କରାଯାଇଛି। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷର ଆୟବ୍ୟୟର ଅଡିଟ୍ ପାଇଁ ଆଇନଜୀବୀ ଶ୍ୟାମାକାନ୍ତ ଜେନା ଓ ହିରକ ରଥଙ୍କୁ ଅଡିଟର୍ ଦାୟିତ୍ୱ ଦିଆଯାଇଛି। ମାର୍ଚ୍ଚ ୨୬ରେ ୨୦୨୨-୨୩ ପାଇଁ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହେବ। କୋଭିଡ୍ ସଂକ୍ରମଣ ବଢୁଥିବାରୁ ଫେବ୍ରୁୟାରୀ ୫ ପର୍ଯ୍ୟନ୍ତ ବିଚାର ବନ୍ଦ ରଖିବା ପାଇଁ ନିଷ୍ପତ୍ତି ହୋଇଥିବା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବେହେରା ସୂଚନା ଦେଇଛନ୍ତି। ଏହି ସମୟରେ କେବଳ ଜାମିନ୍ ଶୁଣାଣି ହୋଇପାରିବ ବୋଲି ସେ କହିଛନ୍ତି। ସେହିପରି ଓକିଲ ସଂଘ କାର୍ଯ୍ୟାଳୟରେ କାର୍ଯ୍ୟରତ ପିଅନଙ୍କ ମୃତ୍ୟୁ ଘଟିଲେ ତାଙ୍କ ପରିବାରବର୍ଗଙ୍କୁ ୨୦ହଜାର ଟଙ୍କା ଆର୍ଥିକ ସହାୟତା ଦେବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ସାଧାରଣ ସମ୍ପାଦକ ବେହେରା, ଯୁଗ୍ମସମ୍ପାଦକ ସୁଧୀର ପାତ୍ର ମଞ୍ଚାସୀନ ଥିଲେ।

## ଏନ୍ଏସ୍ଏସ୍ ପକ୍ଷରୁ ନିଶା ନିବାରଣ ବର୍ଣ୍ଣବୋଧ ପଥପ୍ରାନ୍ତ ନାଟକ

ବ୍ରହ୍ମପୁର ଅଫିସ,୧୦।୧

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ ପକ୍ଷରୁ ଜାନୁୟାରୀ ୭ରୁ ଆରମ୍ଭ ହୋଇଥିବା ଶୀତ ଶିବିରର ଚତୁର୍ଥ ଦିବସରେ ସୋମବାର ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସଚେତନତାଧର୍ମୀ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ନାଟକର ଶୀର୍ଷକ ଥିଲା 'ନିଶାନିବାରଣ ବର୍ଣ୍ଣବୋଧ'। ବିଶ୍ୱବିଦ୍ୟାଳୟ ଆନନ୍ଦ ବଜାରଠାରେ ୨୩ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ମୁକ୍ତାକାଶ ମଞ୍ଚରେ ପରିବେଷଣ ହୋଇଥିଲା। ଲୋକଙ୍କୁ ନିଶାସେବନ ଦ୍ୱାରା ଶରୀରର ତଥା ପରିବାରର ଯେଉଁ ସବୁ କ୍ଷତି ଘଟେ ସେ ସମ୍ପର୍କରେ ଅବଗତ ନାଟକ ଦ୍ୱାରା ଓଡ଼ିଆ ବର୍ଣ୍ଣବୋଧର ପ୍ରତ୍ୟେକ ଅକ୍ଷରକୁ ଦର୍ଶାଯାଇଥିଲା। ବିଶ୍ୱବିଦ୍ୟାଳୟ ଏନଏସଏସ ସଂଯୋଜକ ଧ୍ରୁବ ଚରଣ ପଣ୍ଡା ନାଟକ ସଂଚାଳନ କରିଥିଲେ। ଶାରଦା ପ୍ରସାଦ ସାହୁଙ୍କ ଦ୍ୱାରା ନାଟକ ନିର୍ଦ୍ଦେଶନା ହୋଇଥିବା ବେଳେ ବିଶ୍ୱବିଦ୍ୟାଳୟ ୩ ଟି ୟୁନିଟର ଯୋଜନା ଅଧିକାରୀ ଡ଼.ଇତିଶ୍ରୀ ଗୀତା କୁମାରୀ, ଡ଼.ସମୀର ଭୋଇ, ଡ଼. ଶକ୍ତିରଞ୍ଜନ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନାଟକ ଆୟୋଜିତ ହୋଇଥିଲା।

## ଶରଣ ଶ୍ରୀକ୍ଷେତ୍ର ମାରଦା ଗସ୍ତରେ ଜିଲାପାଳ

ପୋଲସରା,୧୦।୧(ଡି.ଏନ.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ପୋଲସରା ଗସ୍ତରେ ଆସି ମଥୁରା ସ୍ଥିତ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ପରିଦର୍ଶନ କରି ମନ୍ଦିରର ବାହାର ଓ ଭିତର ଉଭୟ ପାର୍ଶ୍ୱର ଉନ୍ନତିକରଣ, ଶିଶୁ ଉଦ୍ୟାନ, ପୋଖରୀ ସହ ମନ୍ଦିର ପରିସର ଆଦିର ଉନ୍ନତିକରଣ କିଭଳି ଯୁଦ୍ଧକାଳୀନ ଭିତିରେ କରାଯିବ ସେଥିନେଇ ସମୀକ୍ଷା କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ପୋଲସରା ବିଡିଓ ସୁରଞ୍ଜନ କୁମାର ସାହୁ, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ମୁଦୁଲି, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାର କୁମାର ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ଭିକାରୀ ଖଣ୍ଡୁଆଳ, ଯନ୍ତ୍ରୀ ପ୍ରକାଶ ଜେନା, ଯନ୍ତ୍ରୀ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ସମେତ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।



ଶରଣ ଶ୍ରୀକ୍ଷେତ୍ର ପରିଦର୍ଶନ କରୁଛନ୍ତି ଜିଲାପାଳ।

## ଗଞ୍ଜାମରେ ୨୫୦ ସକ୍ରିୟ କରୋନା ରୋଗୀ

ଛତ୍ରପୁର,୧୦।୧(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ସୋମବାର ଆଉ ୪୯ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ଦିଆଯାଇଛି। ଏମାନଙ୍କୁ ମିଶାଇଲେ ଜିଲାରେ ଏବେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୨୫୦ରେ ପହଞ୍ଚିଛି। ଅନ୍ୟପକ୍ଷରେ ଜିଲାରେ ଆଉ ୪ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସୋମବାର ୨୩୮୨ ଜଣଙ୍କ କରୋନା ପରୀକ୍ଷା ହୋଇଛି। ଜିଲାର ୧୬,୧୯୩ ଜଣଙ୍କୁ ଟିକା ଦିଆଯାଇଛି। କରୋନା ସମ୍ବନ୍ଧୀୟ ସହାୟତା ଲାଗି ଜିଲ୍ଲା ପ୍ରଶାସନକୁ ଫୋନ୍ (୦୬୮୦ ୨୨୨୭୦୦୦) କରିବାକୁ ଅନୁରୋଧ କରାଯାଇଛି । ସାମାଜିକ ଦୂରତା ରକ୍ଷା, ସାନିଟାଇଜର, ମାସ୍କ ବ୍ୟବହାର ଓ କୋଭିଡ ନିୟମ ମାନିଲେ ନିଜେ ଏବଂ ନିଜ ପରିବାରକୁ ସୁରକ୍ଷିତ ରଖିପାରିବେ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ କରି ଜଣାଇଛନ୍ତି ।

## ନଦୀରୁ ନବଜାତ ମୃତଦେହ ଜବତ

ଆର.ଉଦୟଗିରି,୧୦।୧(ଡି.ଏନ.ଏ.)

ଆର.ଉଦୟଗିରି ଥାନାର ମହେନ୍ଦ୍ରଗଡ଼ ଶିବ ମନ୍ଦିର ନିକଟସ୍ଥ ରାମନଦୀରୁ ଜଣେ ନବଜାତ ଶିଶୁର ମୃତଦେହ ଜବତ ହୋଇଛି। ନବଜାତ ଶିଶୁର ମୃତଦେହ ପାଣିରେ ଭାସୁଥିବା ଗ୍ରାମବାସୀ ଦେଖି ସ୍ଥାନୀୟ ସରପଞ୍ଚ ବୀର ଭାସ୍କର ପାଇକଙ୍କୁ ଜଣାଇଥିଲେ। ଏହାପରେ ସରପଞ୍ଚ ପାଇକ ଆର.ଉଦୟଗିରି ପୋଲିସକୁ ଜଣାଇବା ପରେ ଆର.ଉଦୟଗିରି ପୋଲିସ ପହଞ୍ଚି ସ୍ଥାନୀୟ ଦମକଳ ବିଭାଗ ଦ୍ୱାରା ନବଜାତ ଶିଶୁକୁ ବାହାର କରିଥିଲେ। ଏ ନେଇ ଆର.ଉଦୟଗିରି ଥାନାରେ ନଂ ୧/୨୨ ରୁଜୁ କରି ତଦନ୍ତ ଚାଲିଛି ବୋଲି ଆର.ଉଦୟଗିରି ଥାନାଧିକାରୀ ରବୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି।

# କର୍ମଜୀବୀ ହୋଇଥିଲେ

**ପ୍ରତ୍ୟେକ କର୍ମଜୀବୀ ମହିଳାଙ୍କୁ ଘର ସହ ଅଫିସ୍ କାମ ବି ସମ୍ଭାଳିବାକୁ ହୋଇଥାଏ। ତେଣୁ ଉଭୟ କାମକୁ ଠିକ୍ ଭାବେ କରିବା ଲାଗି କେତେକ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ...**

➤କର୍ମଜୀବୀ ମହିଳାଙ୍କ ପାଇଁ ଠିକ୍ ଭାବେ ଟାଇମ୍ ମ୍ୟାନେଜମେଣ୍ଟ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଘର ହେଉ ଅବା ଅଫିସ୍‌ରେ କେଉଁ କାମ କେବେ କରିବେ ସେଥିପାଇଁ ଏକ ସମୟ ସୀମା ନିର୍ଦ୍ଧାରଣ କଲେ କାମ କରିବା ସହଜ ହୋଇଥାଏ।

➤ଯଦି ଯୌଥ ପରିବାରରେ ରହୁଥାନ୍ତି ତେବେ ପରିବାରର ଅନ୍ୟ ସଦସ୍ୟଙ୍କ ସହ ବୁଝାମଣା ଠିକ୍ ରଖି



କାମ ବାଣ୍ଟି ପାରିବେ। ଯେପରି ଜଣେ ପରିବା କାଟିବେ, ଜଣେ ରୋଷେଇ କରିବେ, କେହି ପିଲାଙ୍କ କଥା ବୁଝିବେ ଇତ୍ୟାଦି। ଏହାଦ୍ୱାରା ଆପଣଙ୍କ କାମ ଅପେକ୍ଷାକୃତ କମିଯିବ।

➤ଅଫିସ୍ କାମ କରିବା ସମୟରେ ପରିବାର ଏବଂ ପିଲାମାନଙ୍କ ପାଇଁ ଚିନ୍ତିତ ରହିବା ଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ଆପଣଙ୍କ କାମ ଉପରେ ପଡ଼ିଥାଏ। ତେଣୁ ଏପରି ନ ହେବା ଲାଗି ଆପଣ ଅଫିସ୍ କାମରେ ଏକାଗ୍ରତା ରଖନ୍ତୁ। ଲଞ୍ଚ୍ ବ୍ରେକ୍ କିମ୍ବା ଟିକିଏ ଫାଙ୍କା ସମୟ ମିଳିଲେ ଆପଣ ଘରକୁ କଲ୍ କରି ପିଲାଙ୍କ ହାଲଚାଲ ବୁଝିପାରିବେ।

➤ଅଫିସ୍‌ରୁ ଫେରିବା ସମୟରେ ପିଲାଙ୍କ ପାଇଁ କିଛି ଉପହାର ଆଣିପାରିବେ। ଏହାସହ ଆପଣଙ୍କ ଅନୁପସ୍ଥିତିରେ ଘରର ସଦସ୍ୟମାନେ ପିଲାର ଯତ୍ନ ନେଇଥିବାରୁ ସେମାନଙ୍କୁ କୃତଜ୍ଞତା ଜଣେଇବାକୁ ଭୁଲନ୍ତୁ ନାହିଁ।

➤ଯେଉଁଦିନ ଆପଣଙ୍କ ଅଫିସ ଛୁଟି ଅଛି, ସେଦିନ ପରିବାର ସଦସ୍ୟମାନଙ୍କୁ ନେଇ ବାହାରକୁ ବୁଲିବାକୁ ଯାଆନ୍ତୁ।

ଖାଦ୍ୟରୁଚି

## ମଟର କୋପ୍ତା



**ଆବଶ୍ୟକ ସାମଗ୍ରୀ:** ଏକ କପ୍ ଗ୍ରୀନ୍ ମଟର, ୨ ଚାମଚ ବେସନ, ୨-୩ଟି ମଧ୍ୟମ ଆକାରର ଟମାଟୋ, ୨ଟି ପିଆଜ, କଞ୍ଚା ଲଙ୍କା, ରସୁଣ, ଅଦା, ଲଙ୍କାଗୁଣ୍ଡ, ଧନିଆ ଗୁଣ୍ଡ, ହଳଦୀ, ହେଙ୍ଗୁ, ଗରମ ମସଲା, ଡାଲଚିନି, ଲବଙ୍ଗ, ତେଜପତ୍ର, ଆବଶ୍ୟକ ଅନୁସାରେ ତେଲ, ଲୁଣ ଓ ଧନିଆ ପତ୍ର।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମଟରକୁ ଭଲଭାବରେ ଧୋଇ ଦିଅନ୍ତୁ। ପରେ ଏହାକୁ ଗ୍ରାଇଣ୍ଡିଂ କରନ୍ତୁ। ବାଓ୍ୱେଲରେ ମଟର ପେଷ୍ଟକୁ କାଢି ସେଥିରେ ଲଙ୍କାଗୁଣ୍ଡ, ଲୁଣ ଓ ବେସନ ପକାଇ ଗୋଳାନ୍ତୁ। ସେହି ମିଶ୍ରଣରୁ ଗୋଲ ଗୋଲ ଗୁଳା ତିଆରି କରନ୍ତୁ। କଡେଇରେ ତେଲ ଗରମ କରନ୍ତୁ। ସଥିରେ ଗୁଳାକୁ ପକାଇ ଭାଜନ୍ତୁ। ମଟର କୋପ୍ତା ଲାଲ ପଡିଗଲେ ତାହାକୁ କାଢି ରଖି ଦିଅନ୍ତୁ। ଆଉ ଗୋଟିଏ କଡେଇରେ ତେଲ ଗରମ କରି ସେଥିରେ ସମସ୍ତ ଶୁଖିଲା ମସଲା ଏବଂ ହେଙ୍ଗୁ ପକାଇ ଭାଜନ୍ତୁ। ସେଥିରେ ପୂର୍ବରୁ ପ୍ରସ୍ତୁତ କରିଥିବା ଅଦା, ରସୁଣ, ପିଆଜ ଓ ଟମାଟୋ ପେଷ୍ଟ ପକାଇ ଗୋଳାନ୍ତୁ। ତାହା ଭଲ ଭାବେ ଗାଢ଼ ହୋଇଗଲେ ଅଳ୍ପ ପାଣି ଦେଇ ଗୋଳାନ୍ତୁ। ଏହା ଫୁଟିବା ଆରମ୍ଭ ହେଲେ ପୂର୍ବ ପ୍ରସ୍ତୁତ ମଟର କୋପ୍ତା ପକାନ୍ତୁ। ସେଥିରେ ଅଳ୍ପ ଗରମ ମସଲା ପକାଇ ଗୋଳାଇ ଦିଅନ୍ତୁ ଏବଂ ଚୁଲା ବନ୍ଦ କରିଦିଅନ୍ତୁ। ଏହା ଉପରେ କଟା ଧନିଆ ପତ୍ର ପକାଇ ଗାର୍ନିସ୍ କରନ୍ତୁ। ପ୍ରସ୍ତୁତ ହୋଇଗଲା ମଟର କୋପ୍ତା। ଏହାକୁ ଭାତ କିମ୍ବା ରୁଟି ସହ ଗରମ ଗରମ ପରଷି ଦିଅନ୍ତୁ।

# କେଶ ସମସ୍ୟା ଓ ସମାଧାନ

**କେଶ ମସ୍ତକର ତାପମାତ୍ରାକୁ ନିୟନ୍ତ୍ରଣ କରିବା ସହିତ ମୁଖମଣ୍ଡଳର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। କେଶ ବିହୀନ ମସ୍ତକ ସମସ୍ତଙ୍କର ପରିହାସର ପାତ୍ର ହୋଇଥାଏ। ତେଣୁ ଏହାକୁ ସୁସ୍ଥ ଏବଂ ମଜଭୁତ୍ ରଖିବା ଲାଗି ଯଥା ସମୟରେ ଏହାର ବିଭିନ୍ନ ସମସ୍ୟାକୁ ଚିହ୍ନି ସମାଧାନ କରିବା ଆବଶ୍ୟକ...**





**ଡା. ସଚ୍ଚିଦାନନ୍ଦ ଶତପଥୀ**

କେଶ ହେଉଛି ମଣିଷ ଦେହର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହା ମସ୍ତକର ତାପମାତ୍ରାକୁ ନିୟନ୍ତ୍ରଣ କରିବା ସହିତ ମୁଖମଣ୍ଡଳର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। କେଶ ବିହୀନ ମସ୍ତକ ସମସ୍ତଙ୍କର ପରିହାସର ପାତ୍ର ହୋଇଥାଏ। ତେଣୁ ନିଜର କେଶ ପ୍ରତି ପ୍ରାୟତଃ ସମସ୍ତେ ବିଶେଷ କରି ମହିଳାମାନେ ଯତ୍ନଶୀଳ ହୋଇଥାନ୍ତି। ହେଲେ ଉପଯୁକ୍ତ ଯତ୍ନ ଅଭାବରୁ କାହାରି କାହାରି କେଶ ଶ୍ରୀହୀନ ହୋଇଯାଏ ତ ଆଉ କେହି କେହି ଚନ୍ଦାପଣର ଶିକାର ହୋଇଥାନ୍ତି। ଏହି ପରିପ୍ରେକ୍ଷୀରେ ଜାଣିବା କେଶର କେତେକ ସମସ୍ୟା ଓ ତା'ର ସମାଧାନ ଉପାୟ...





ସାଧାରଣତଃ କେଶରେ ମୁଖ୍ୟତଃ ୫ ପ୍ରକାରର ସମସ୍ୟା ଦେଖା ଦେଇଥାଏ। ଯଥା-

ଶୁଷ୍କ କେଶ, ତେଲିଆ କେଶ, କେଶ ଛିଣ୍ଡିବା, ରୁପି ହେବା ଏବଂ ଚନ୍ଦା ପଣ। ଏସବୁ ପାଇଁ ବର୍ତ୍ତମାନ ଆଲକହଲ ଏବଂ କେମିକାଲ୍‌ଯୁକ୍ତ ଶାମ୍ପୁ, ତେଲ, କ୍ରିମ୍, ଜେଲ୍, କଲର, ବିଭିନ୍ନ ହେୟାର୍ ଷ୍ଟାଇଲିଂ ପ୍ରଡକ୍ଟ ବ୍ୟବହାର ଆଦି ବିଶେଷ ଭାବେ ଦାୟୀ। ଏହା ବ୍ୟତୀତ ଅଧିକ ତେଲମସଲାଯୁକ୍ତ ଅସନ୍ତୁଳିତ ଖାଦ୍ୟଭ୍ୟାସ ମଧ୍ୟ ଏହି ସମସ୍ୟା ବଢ଼ାଇବାର କାରଣ ସାଜୁଛି। ତେବେ ଏସବୁ ସମସ୍ୟା ମଧ୍ୟରୁ କେଶ ଝଡ଼ିବା ବା ଚନ୍ଦାପଣ ଅନେକଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ଜାଣିବା ଏହାର କାରଣ ଏବଂ ସମାଧାନ ସମ୍ପର୍କରେ...

**କାରଣ:**

କେଶ ଝଡ଼ିବା ପାଇଁ ମୁଖ୍ୟତଃ କେତୋଟି କାରଣ ରହିଛି। ଯଥା:

**ବଂଶଗତ:** ପୁରୁଷମାନଙ୍କ କ୍ଷେତ୍ରରେ ପୁରୁଷ ପ୍ରାଧାନ୍ୟ ଚନ୍ଦାଦୋଷ ବା ମେଲ୍ ପାଟର୍ନ ବାଲ୍‌ଡନେସ୍ ବା ଏମ୍‌ପିବି ଦେଖାଯାଏ। ଏଥିରେ ମୁଣ୍ଡର ଅଗ୍ରଭାଗ ଚନ୍ଦା ହୋଇଥାଏ। ଦୁଇ ପାଖରେ ଓ ପଛ ପାଖରେ କେଶ ରହିଥାଏ। ହେଲେ ମହିଳାମାନଙ୍କଠାରେ ଏପରି ଦେଖାଯାଏ ନାହିଁ। କିନ୍ତୁ କେଶ ଖୁବ୍ ପତଳା ହୋଇଯାଏ।

**ଔଷଧର ବ୍ୟବହାର:** କ୍ୟାନ୍‌ସର, ଥାଇରଏଡ୍, ଉଚ୍ଚ ରକ୍ତଚାପ ବିରୋଧୀ ଔଷଧ, ଅତ୍ୟଧିକ ଆଣ୍ଟିବାୟୋଟିକ୍‌ସର ବ୍ୟବହାର ଏହାର କାରଣ ହୋଇଥାଏ।

**ଦୁର୍ବଳ ପ୍ରତିରୋଧ ଶକ୍ତି:** ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ମଧ୍ୟ କେଶ ଝଡ଼ିବା ସମସ୍ୟା ଆରମ୍ଭ ହୋଇଥାଏ। ଏଥିରେ ମୁଣ୍ଡରୁ ମନ୍ଦା ମନ୍ଦା ହୋଇ କେଶ ଝଡ଼ିଥାଏ। ଏହାକୁ ଆଲୋପେସିଆ ଏରିଆଟା ବୋଲି କୁହାଯାଏ।

**ଅସୁସ୍ଥତା:** ଯେଉଁସବୁ ଅସୁସ୍ଥତା ପାଇଁ ମୁଣ୍ଡରୁ କେଶ ଝଡ଼ିଥାଏ, ସେସବୁ ଭିତରେ ମୁଖ୍ୟ ହେଲା- ଯକୃତ ଅକ୍ଷମତା, ଦୀର୍ଘ ମିଆଦୀ ଜ୍ୱର, ଦୀର୍ଘମିଆଦୀ ଆମିବାୟୋରିସ୍, ଏଡ୍‌ସ, କ୍ୟାନ୍‌ସର, ଯକ୍ଷ୍ମା, କୁଷ୍ଠ ଇତ୍ୟାଦି।

**ରତୁ ନିବୃତ୍ତି ବା ମେନୋନଜ୍:** ଅଧିକାଂଶ ମହିଳାଙ୍କର ମେନୋପଜ ପରେ କେଶ ଝଡ଼ିବା ଆରମ୍ଭ ହୋଇଥାଏ। ହର୍ମୋନ୍ ଅସନ୍ତୁଳନ ପାଇଁ ଏପରି ହୋଇଥାଏ। ରଜନିବୃତ୍ତିଜନିତ ଚିନ୍ତା ମଧ୍ୟ ଏଥିପାଇଁ ଦାୟୀ ହୋଇଥାଏ। ଏଥିରେ ମୁଣ୍ଡର ମଝି ଅଂଶରୁ କେଶ ଝଡ଼ି କେଶ ଖୁବ୍ ପତଳା ହୋଇଯାଏ। ବେଳେବେଳେ ଚନ୍ଦା ମଧ୍ୟ ହୋଇଥାଏ।

**ଇଚ୍ଛାକୃତ ଆଘାତ :** ଅତି ଚିପା ଟୋପି, ଖୁବ୍ ଜୋର୍‌ରେ କୁଣ୍ଡାଇବା, ସୌନ୍ଦର୍ଯ୍ୟ ଆଳରେ ଅତ୍ୟଧିକ ଉପଚାର କରିବା, ଓଦା କେଶକୁ ବ୍ରସ କରିବା, ଜଟା ହୋଇଥିଲେ ଜବରଦସ୍ତ କୁଣ୍ଡାଇବା, ଅଧିକ ସମୟ ଡ୍ରାୟର ବ୍ୟବହାର କରିବା, ବାରମ୍ବାର କଲର ଲଗାଇବା, କେଶକୁ ବ୍ଲିଚିଂ କରିବା ଅଧିକ ଉପଚାର, ଅଧିକ ମାଲିସ ଇତ୍ୟାଦି।

**ସମାଧାନ:** ଏହାର ସମାଧାନକୁ ଦୁଇଟି ପର୍ଯ୍ୟାୟରେ ଆଲୋଚନା କରାଯାଇପାରେ। ଯଥା:



**ପ୍ରଥମତଃ:** କେଶକୁ ଅଧିକ ଶାମ୍ପୁ କରନ୍ତୁ ନାହିଁ। ଏହା କେଶର ତୈଳାଂଶକୁ ନଷ୍ଟ କରିଦିଏ ଓ କେଶକୁ କର୍କଶ କରିଦିଏ। ଫଳରେ କେଶ ଶୀଘ୍ର ଝଡ଼ିଥାଏ। ଚନ୍ଦା ଅଂଶରେ ଲମ୍ବା କେଶକୁ ପକାଇ ଯତ୍ନର ସହିତ କୁଣ୍ଡାନ୍ତୁ। ଲୋକଙ୍କ ଦୃଷ୍ଟିଶକ୍ତିକୁ ଅନ୍ୟତ୍ର ନେବା ପାଇଁ ଯେତିକି କେଶ ଅଛି, ତା'କୁ ଉତ୍ତମ ଭାବରେ ସେଟ୍ କରନ୍ତୁ।

**ଦ୍ୱିତୀୟରେ ଚିକିତ୍ସା :**

୧. ଆଲୋପେସିଆ ଏରିଆଟା: ଚିନ୍ତା ନ କରି କିଛିଦିନ ଅପେକ୍ଷା କରନ୍ତୁ। କେଶ ଆଗେ ଆଗେ ଉଠିଯାଇ ପାରେ। କାରଣ ଏଥିରେ ଲୋମପୁଟିକା ନଷ୍ଟ ହୁଏ ନାହିଁ। ଷ୍ଟିରଏଡ ହର୍ମୋନ୍ ଓ PVVA (Treatment with ultraviolet light) ବେଳେବେଳେ କାମ ଦେଇଥାଏ। କିନ୍ତୁ ଏହାର ଦୁର୍ଗୁଣ ବହୁତ ରହିଥାଏ।

୨. ଯଦି ସାରା ଜୀବନ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ସମର୍ଥ ହୋଇଥିବେ, ତା'ହେଲେ ମିନକ୍ସିଡିଲ୍ (minoxidil) ବ୍ୟବହାର କରନ୍ତୁ। ମୁଣ୍ଡରେ ଥିବା ଅବଶିଷ୍ଟ ଲୋମ ପୁଟିକାକୁ ଉତ୍ତେଜିତ କରି ଏହା କେଶ ବଢ଼ାଇବାରେ ସାହାଯ୍ୟ କରିଥାଏ। ଚିକିତ୍ସା ବନ୍ଦ କରିଦେଲେ ନୂଆ ହୋଇ ବାହାରିଥିବା କେଶତକ ପୁଣି ଝଡ଼ିଯାଏ। ବଜାରରେ ଏହି ଔଷଧ ହେଆରେକ୍ସ (Hairex), ମିନ୍‌ଟପ୍ (mintop), ହେବାଲ୍ଡ (Hebald), ମଲ୍‌ଟିଗେନ୍ (Multigain) ଇତ୍ୟାଦି ନାମରେ ମିଳିଥାଏ।

୩. କେଶ ପ୍ରତିରୋପଣ ବା ହେୟାର ଟ୍ରାନ୍ସପ୍ଲାଣ୍ଟ ମଧ୍ୟ କରିପାରନ୍ତି। ଏଥିରେ ମୁଣ୍ଡର ଗୋଟିଏ ସ୍ଥାନରୁ କେଶ ନେଇ ଚନ୍ଦା ଅଂଶରେ ପ୍ରତିରୋପଣ କରାଯାଇଥାଏ। ଅଭିଜ୍ଞ ସର୍ଜନଙ୍କ ହାତରେ ଏହା ଶହେ ପ୍ରତିଶତ ସଫଳ ହୋଇଥାଏ।

୪. ଉତ୍ତମ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଶେଷକରି ଲୌହ ସହ ପ୍ରୋଟିନ୍ ଜାତୀୟ ଖାଦ୍ୟ ଅଧିକ ଖାଆନ୍ତୁ। ପ୍ରଚୁର ପରିମାଣରେ ପାଣି ପିଅନ୍ତୁ।

୫. କୌଣସି ଆନୁଷଙ୍ଗିକ ରୋଗ ଥିଲେ କିମ୍ବା ହର୍ମୋନ୍ ଅସନ୍ତୁଳନ ଥିଲେ ତା'ର ଚିକିତ୍ସା କରନ୍ତୁ।

୬. ଯଥାସମ୍ଭବ ଚିନ୍ତାମୁକ୍ତ ରହନ୍ତୁ।

କେଶର ସମସ୍ୟା ସବୁ ସାଧାରଣ ଲାଗୁଥିଲେ ମଧ୍ୟ ଏହାର ସମାଧାନ ଏତେ ସହଜ ନୁହେଁ। ନିଜେ ସଚେତନ ରହି ଘରୋଇ ଉପଚାର ସହିତ ଅଭିଜ୍ଞ ଚର୍ମରୋଗ ବିଶେଷଜ୍ଞ ବା ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ଏବଂ ନିଜ କେଶକୁ ସୁନ୍ଦର, ମଜଭୁତ୍, କମନୀୟ ଓ ଆକର୍ଷଣୀୟ କରନ୍ତୁ।

*-ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ
ସ୍ୱାସ୍ଥ୍ୟ ବିଭାଗ
ଲିଙ୍କରୋଡ଼, କଟକ*



# ଓ୍ୱାକିଂ ଶୁଜ୍ କିଣୁଥିଲେ



**ଦୈନିକ କିଛି ସମୟ ଓ୍ୱାକିଂ, ଜଗିଂ, ରନିଂ କରିବାର ଅଭ୍ୟାସ ମଣିଷକୁ ସୁସ୍ଥ ରଖିବାରେ ବେଶ୍ ସାହାଯ୍ୟ କରିଥାଏ। ବର୍ତ୍ତମାନ ଅଧିକାଂଶ ମହିଳା ଫିଟ୍‌ନେସ୍ ଲାଗି ଏଥିପ୍ରତି ଆଗ୍ରହୀ ହେଉଛନ୍ତି। ହେଲେ ଏସବୁ କରିବା ଲାଗି ପାଦକୁ କମ୍ଫର୍ଟେବଲ୍ ଲାଗୁଥିବା ଠିକ୍ ଜୋତା ଚୟନ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଯଦି ଆପଣ ଓ୍ୱାକିଂ ଶୁଜ୍ କିଣିବାକୁ ଚାହୁଁଛନ୍ତି କେତେକ ଦିଗ ପ୍ରତି ଧ୍ୟାନ ଦେବାକୁ ଆଦୌ ଭୁଲନ୍ତୁ ନାହିଁ...**

➔ଓ୍ୱାକିଂର ବେଷ୍ଟ ରେଜଲ୍ଟ ପାଇବାକୁ ହେଲେ ଜୋତା ସବୁବେଳେ ପାଦକୁ ଫିଟ୍ ହେବା ଦରକାର। କାରଣ ପାଦକୁ ଫିଟ୍ ନ ହେଉଥିବା ଜୋତା ଶରୀର ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ସେଥିପାଇଁ ଜୋତା କିଣିବା ବେଳେ ନିଜେ ଉପସ୍ଥିତ ରହି ଟ୍ରାଏ କରିନେବା ଭଲ। ତେବେ ଜଗିଂ ପାଇଁ ସ୍ମାର୍ଟ ସ୍ପୋର୍ଟ୍ସ ଶୁଜ୍ ସବୁଠୁ ଭଲ ଅପ୍ସନ।

➔କିଣିବା ପୂର୍ବରୁ ଜୋତା ପିନ୍ଧି ଅଳ୍ପ ଚାଲନ୍ତୁ। କାରଣ ରନିଂ ଶୁଜ୍‌ରେ ପାଦ ଆଗକୁ ବଢାଇବା ଏବଂ ଚାଲିବା ବେଳେ ସନ୍ତୁଳନ ରକ୍ଷା କରିବାରେ ଯେପରି ଆରାମଦାୟକ ଲାଗିବା ଦରକାର। ଏହାକୁ ନ୍ୟୁଟ୍ରାଲ୍ ବୋଲି କୁହାଯାଇଥାଏ।

➔ସେହିପରି ଜୋତାର ସପୋର୍ଟ ଠିକ୍ ହେବା ବି ଗୁରୁତ୍ୱପୂର୍ଣ୍ଣ। ଅର୍ଥାତ୍ ପାଦର ଆଗ ପଛ, ଉପର ତଳ କୌଣସି ଅଂଶ ଯେପରି ଚାପି ହୋଇ ନ ରହେ।

➔ସବୁ ରାସ୍ତା ପ୍ଲେନ୍ ହୋଇ ନ ଥାଏ, ପାର୍କ ହେଉ କିମ୍ବା ଅନ୍ୟ ଯେଉଁଠାରେ ଆପଣ ଚାଲିବେ ଅବା ଦୌଡିବେ ସେଠାରେ ରାସ୍ତା ଖାଲ ଢିପ ମଧ୍ୟ ଥାଇପାରେ। ତେଣୁ ଆପଣଙ୍କ ରନିଂ ଶୁଜ୍ ଯେପରି ସବୁ ପ୍ରକାର ରାସ୍ତାରେ ଚାଲିଲେ ସନ୍ତୁଳନ ରକ୍ଷା କରିପାରିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

➔ମନେ ରଖନ୍ତୁ, ଓ୍ୱାକିଂ ପାଇଁ କେବେ ହିଲ୍ ଶୁଜ୍ କିଣନ୍ତୁ ନାହିଁ। ନଚେତ୍ ଏହାକୁ ପିନ୍ଧି ଚାଲିବା ଦ୍ୱାରା ଆଣ୍ଠୁ, ଅଣ୍ଟା ଉପରେ ଚାପ ପଡିବା ସହ ଯନ୍ତ୍ରଣା ହୋଇପାରେ।



**ରାଜନାଥ, ନଡ୍ଡାଙ୍କୁ କରୋନା**

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କୋଭିଡ୍ ସଂକ୍ରମିତ ହୋଇଥିବା ସୋମବାର କହିଛନ୍ତି। ରାଜନାଥ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ଟୁଇଟ୍ କରି ଜଣାଇଛନ୍ତି। ନିକଟରେ ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କୁ କୋଭିଡ୍ ପରୀକ୍ଷା କରାଇନେବାକୁ ସେ ଅନୁରୋଧ କରିଛନ୍ତି। ଓମିକ୍ରନ୍ ଯୋଗୁ ରାଜଧାନୀ ଦିଲ୍ଲୀରେ ସଂକ୍ରମଣ ବୃଦ୍ଧି ପାଇଥିବାବେଳେ ବହୁ ମନ୍ତ୍ରୀ ଓ ରାଜନେତା ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେଣି।

## ସଂକ୍ଷେପରେ

### ରୋଡ୍ରିଗେଜ୍‌ଙ୍କୁ ଗୋଲ୍ଡେନ୍ ଗ୍ଲୋବ୍



**ପୁରସ୍କାର ପାଇବାରେ ପ୍ରଥମ ଟ୍ରାନ୍ସଜେଣ୍ଡର**

ୱାଶିଂଟନ୍, ୧୦।୧: ଶ୍ରେଷ୍ଠ ଟେଲିଭିଜନ ଅଭିନେତ୍ରୀ ବର୍ଗରେ ଟ୍ରାନ୍ସଜେଣ୍ଡର ମିଚେଲା ଜେ ରୋଡ୍ରିଗେଜ୍ ସୋମବାର ଗୋଲ୍ଡେନ୍ ଗ୍ଲୋବ ପୁରସ୍କାର ଜିତିଛନ୍ତି। କୌଣସି ତୃତୀୟ ଲିଙ୍ଗ ବ୍ୟକ୍ତି ଏହି ପୁରସ୍କାର ପାଇବାରେ 'ପୋଜ୍' ଡ୍ରାମା ଷ୍ଟାର ରୋଡ୍ରିଗେଜ୍ ହେଉଛନ୍ତି ପ୍ରଥମ। ୭୯ତମ ଗୋଲ୍ଡେନ୍ ଗ୍ଲୋବ୍ ଆୱାର୍ଡ ସମାରୋହକୁ ଚଳିତ ବର୍ଷ ପ୍ରସାରଣ କରାଯାଇନାହିଁ। ଗୋଲ୍ଡେନ୍ ଗ୍ଲୋବ୍ ୱେବସାଇଟ୍ ଏବଂ ସମ୍ପୃକ୍ତ ଅଫିସିଆଲ ସୋସିଆଲ ମିଡିଆ ପୃଷ୍ଠାରେ ବିଜେତାମାନଙ୍କ ନାଁ ଘୋଷଣା କରାଯାଇଛି। ଗତ ବର୍ଷ ଅଭିନୟ ବର୍ଗରେ ପ୍ରଥମ ଟ୍ରାନ୍ସଜେଣ୍ଡର ଭାବେ ଏମି ଆୱାର୍ଡ ପାଇଁ ୩୧ ବର୍ଷୀୟା ରୋଡ୍ରିଗେଜ୍‌ଙ୍କ ନାଁ ନୋମିନେଶନ ତାଲିକାରେ ରହିଥିଲା। ଗୋଲ୍ଡେନ ଗ୍ଲୋବ ଜିତିବା ପରେ ସୋସିଆଲ ମିଡିଆ ଆକାଉଣ୍ଟରେ ସେ ଏ ବାବଦରେ ପୋଷ୍ଟ କରି ଖୁସି ବ୍ୟକ୍ତ କରିଛନ୍ତି। ଗତ ଡିସେମ୍ବର ୧୩ରେ ୭୯ତମ ଗୋଲ୍ଡେନ ଗ୍ଲୋବ୍ ପୁରସ୍କାର ନିମନ୍ତେ ନୋମିନିଙ୍କ ନାଁ ଘୋଷଣା କରାଯାଇଥିଲା।

### ସୁ ଚୀଙ୍କୁ ଆଉ ୪ ବର୍ଷ ଜେଲ



ନାପିଡାଓ, ୧୦।୧: ମ୍ୟାନ୍‌ମାର ଗାଦିଚ୍ୟୁତ ନେତ୍ରୀ ତଥା ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ଅଙ୍ଗ୍ ସାନ୍ ସୁ ଚୀଙ୍କୁ ସୋମବାର ଏକ କୋର୍ଟ ବେଆଇନ ଭାବେ ୱାକି-ଟକିଜ୍ ଆଣି ବ୍ୟବହାର କରିବା, କୋଭିଡ୍ ଗାଇଡଲାଇନ୍ ଉଲ୍ଲଂଘନ ଅଭିଯୋଗରେ ଅଧିକ ୪ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଗତ ମାସରେ ୨ ଅନ୍ୟ ଅଭିଯୋଗରେ କୋର୍ଟ ତାଙ୍କୁ ୪ ବର୍ଷ ଜେଲ ଦଣ୍ଡ ନିର୍ଦ୍ଦେଶ ଦେଇଥିଲେ। ପରେ ମ୍ୟାନ୍‌ମାରରେ ଶାସନ କବ୍‌ଜା କରିନେଇଥିବା ସେନା ପକ୍ଷରୁ ଏହି ଦଣ୍ଡକୁ ୨ ବର୍ଷକୁ କମାଯାଇଥିଲା। ଗତ ଫେବୃଆରୀରେ ୭୬ ବର୍ଷୀୟା ସୁ ଚୀଙ୍କ ନିର୍ବାଚିତ ସରକାରକୁ ସେନା ଶାସନରୁ ହଟାଇ ଦେବା ସହ ଶାସକ ଦଳ ନ୍ୟାଶନାଲ ଲିଗ୍ ଫର୍ ଡେମୋକ୍ରାସିର ବହୁ ନେତାଙ୍କୁ ଗିରଫ କରିଥିଲା। ଏହା ବିରୋଧରେ ବହୁସଂଖ୍ୟାରେ ଜନ ସାଧାରଣ ବିକ୍ଷୋଭ କରିଥିଲେ। ଆନ୍ଦୋଳନ ହଟାଇବାକୁ ସେନା କାର୍ଯ୍ୟାନୁଷ୍ଠାନରେ ୧ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ତାଙ୍କ ବିରୋଧରେ ସେନା ପକ୍ଷରୁ ଏକାଧିକ ଗମ୍ଭୀର ଅଭିଯୋଗ ଅଣାଯାଇଥିଲା। ସମସ୍ତ ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ସୁ ଚୀଙ୍କୁ ୧୦୦ରୁ ଅଧିକ ବର୍ଷ ଜେଲ ଦଣ୍ଡ ହୋଇପାରେ।

**ତୃତୀୟ ଲହର**

# ଦୁଇଗୁଣ ହେବ ହସ୍ପିଟାଲାଇଜେଶନ

ନୂଆଦିଲ୍ଲୀ,୧୦।୧(ପି.ଟି.)

ଦେଶରେ କୋଭିଡ୍ ସଂକ୍ରମଣ ଯେଉଁ ହାରରେ ବଢ଼ୁଛି ଦ୍ୱିତୀୟ ଲହର ତୁଳନାରେ ତୃତୀୟ ଲହରରେ ୨ଗୁଣ ଆକ୍ରାନ୍ତ ହସ୍ପିଟାଲରେ ଭର୍ତ୍ତି ହୋଇପାରନ୍ତି ବୋଲି କେନ୍ଦ୍ର ସରକାର ସତର୍କ କରାଇଛନ୍ତି। ଦ୍ୱିତୀୟ ଲହରର ପ୍ରତି ୧୦୦ ଡେଲ୍ଟା ମାମଲା ସ୍ଥାନରେ ୪୦୦ରୁ ୫୦୦ ଓମିକ୍ରନ୍ ମାମଲା ହୋଇପାରେ। ତେଣୁ ଦ୍ୱିତୀୟ ଲହରରେ ଯେଉଁଠି ୧୦୦ ଜଣ ହସ୍ପିଟାଲରେ ଭର୍ତ୍ତି ହେଉଥିଲେ, ତୃତୀୟ ଲହରରେ ସେଠାରେ ୧୨୫ରୁ ୨୫୦ ରୋଗୀ ଭର୍ତ୍ତି ହେବେ ବୋଲି ତଥ୍ୟରୁ ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ସକ୍ରିୟ ମାମଲାର ୫ରୁ ୧୦ ପ୍ରତିଶତ ହସ୍ପିଟାଲରେ ଭର୍ତ୍ତି ହେବା ଆବଶ୍ୟକ ପଡୁଛି। ତେବେ ଖୁବ୍‌ଶୀଘ୍ର ସ୍ଥିତିରେ ଦ୍ରୁତ ପରିବର୍ତ୍ତନ ଆସିପାରେ ବୋଲି କେନ୍ଦ୍ର ସରକାର କହିଛନ୍ତି। କୋଭିଡ୍‌ର ଦ୍ୱିତୀୟ ଲହର ବେଳେ ସକ୍ରିୟ ମାମଲାର ୨୦ରୁ ୨୩ ପ୍ରତିଶତଙ୍କୁ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡୁଥିଲା ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଲେଖିଥିବା ଚିଠିରେ ଉଲ୍ଲେଖ



**ରାଜ୍ୟକୁ ସତର୍କ କରାଇଲା କେନ୍ଦ୍ର**

**ସ୍ୱାସ୍ଥ୍ୟସେବା ଭିତ୍ତିଭୂମି, କର୍ମଚାରୀ ବଢ଼ାଇବାକୁ ପରାମର୍ଶ**

କରିଛନ୍ତି। କୋଭିଡ୍ ପରିଚାଳନା ଲାଗି ସ୍ୱାସ୍ଥ୍ୟସେବା କର୍ମଚାରୀ ସଂଖ୍ୟା ବଢ଼ାଇବା ଉପରେ ସ୍ୱାସ୍ଥ୍ୟ ସଚିବ ଜୋର୍ ଦେଇଛନ୍ତି। ସ୍ଥିତି ଗତିଶୀଳ ଓ ପରିବର୍ତ୍ତନଶୀଳ ରହିଥିବାରୁ ଆଗାମୀ ଦିନରେ ଅଧିକ ସଂକ୍ରମିତଙ୍କୁ ହସ୍ପିଟାଲରେ ଭର୍ତ୍ତିହେବାକୁ ପଡ଼ିପାରେ। ସେଥିପାଇଁ ସକ୍ରିୟ ମାମଲା, ହୋମ୍ ଆଇସୋଲେଶନରେ ଥିବା ମାମଲା, ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସଂକ୍ରମିତ , ଅକ୍ସିଜେନ୍ ବେଡ୍, ଆଇସିୟୁ ବେଡ୍ ଏବଂ ଭେଣ୍ଟିଲେଟର ସପୋର୍ଟ ଆଦି ଉପରେ ଦୈନନ୍ଦିନ ନଜର ରଖିବା ଲାଗି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକକୁ ପରାମର୍ଶ ଦିଆଯାଇଛି। ଏମ୍‌ବିବିଏସ୍ ଶେଷବର୍ଷ ଛାତ୍ରୀଛାତ୍ର, ଇଣ୍ଟର୍ନ, ରେସିଡେଣ୍ଟ ଡାକ୍ତର, ବିଏସ୍‌ସି ନର୍ସିଂ ତୃତୀୟ ଓ ଚତୁର୍ଥ ବର୍ଷ ଛାତ୍ରୀ ଏବଂ ଏମ୍‌ଏସ୍‌ସି ନର୍ସିଂ ଛାତ୍ରୀମାନଙ୍କୁ ଚିକିତ୍ସାରେ ଲଗାଇବା ଲାଗି ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି। ସେହିପରି ଅସ୍ଥାୟୀ ହସ୍ପିଟାଲ, ଫିଲ୍ଡ ହସ୍ପିଟାଲ ଖୋଲିବା ସହ ଅକ୍ସିଜେନ୍ ବେଡ୍ ଏବଂ ଆଇସିୟୁ ବେଡ୍ ବଢ଼ାଇବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ କହିଛନ୍ତି।

## ଦିନକରେ ୧.୭୯ ଲକ୍ଷ ମାମଲା, ୧୪୬ ମୃତ

ନୂଆଦିଲ୍ଲୀ,୧୦।୧

ଦେଶରେ ଗୋଟିଏ ଦିନରେ ୧,୭୯,୭୨୩ ନୂଆ ସଂକ୍ରମିତ ଚିହ୍ନଟ ହେବା ସହ ୧୪୬ ଜଣଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଭାରତରେ ମୋଟ ମାମଲା ସଂଖ୍ୟା ୩,୫୭,୦୭,୭୨୭ରେ ପହଞ୍ଚିଥିବାବେଳେ ସକ୍ରିୟ ମାମଲା ସଂଖ୍ୟା ୭,୨୩,୬୧୯ ହୋଇଛି। ମହାମାରୀ ଜନିତ ମୋଟ ମୃତ୍ୟୁସଂଖ୍ୟା ୪,୮୩,୯୩୬ରେ ପହଞ୍ଚିଲାଣି। ସୋମବାର ବୁଷ୍ଟର ବା ପ୍ରିକଶନ ଡୋଜ୍ ଟିକାଦାନ ଆରମ୍ଭ ହୋଇଛି। ସମ୍ମୁଖ ଯୋଦ୍ଧା ଏବଂ ୬୦ ବର୍ଷରୁ ଉର୍ଦ୍ଧ୍ୱ ତଥା ବହୁବିଧ ରୋଗ ଥିବା ବ୍ୟକ୍ତିଙ୍କୁ ଏହି ଡୋଜ୍ ପ୍ରଦାନ ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ୧୫ରୁ ୧୮ ବର୍ଷବୟସବର୍ଗର ପିଲାମାନଙ୍କୁ ମଧ୍ୟ ଟିକାଦାନ ଜାରି ରହିଛି। ଦେଶରେ ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମଣ ୪,୦୩୩ରେ ପହଞ୍ଚିଲାଣି। ସେଥିରୁ ୧,୫୫୨ ଜଣ ସୁସ୍ଥ ହେଲେଣି। ମହାରାଷ୍ଟ୍ରରେ

**ଆରମ୍ଭ ହେଲା ବୁଷ୍ଟର ଡୋଜ୍**

ସର୍ବାଧିକ ୧,୨୧୬ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ରାଜସ୍ଥାନରେ ୫୨୯, ଦିଲ୍ଲୀରେ ୫୧୩, କର୍ଣ୍ଣାଟକରେ ୪୪୧, କେରଳରେ ୩୩୩ ଏବଂ ଗୁଜରାଟରେ ୨୩୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ଦେଶରେ କୋଭିଡ୍ ସଂକ୍ରମଣ ୬ ଗୁଣ ବଢ଼ିଛି। ରବିବାର ୧,୭୯,୭୨୩ ମାମଲା ଚିହ୍ନଟ ହୋଇଛି ଯାହାକି ୨୨୭ ଦିନ ମଧ୍ୟରେ ସର୍ବାଧିକ ଦୈନିକ ସଂକ୍ରମଣ। ଗତବର୍ଷ ମେ' ୨୭ରେ ଦୈନିକ ସଂକ୍ରମଣ ୧,୮୬,୩୬୪ ଥିଲା। ସଂକ୍ରମଣ ରୋକିବା ଲାଗି ଅନେକ ରାଜ୍ୟ ରାତ୍ର କର୍ଫ୍ୟୁ ଜାରି କରିବା ସହ ଜନ ସମାବେଶ ଉପରେ କଟକଣା ଲଗାଇଛନ୍ତି।



ଲକ୍ଷ୍ନୌର ସିଭିଲ ହସ୍ପିଟାଲରେ ଜଣେ ବରିଷ୍ଠ ନାଗରିକ ବୁଷ୍ଟର ଡୋଜ୍ ନେଉଛନ୍ତି।

## ଦିଲ୍ଲୀରେ ହେବନାହିଁ ଲକ୍‌ଡାଉନ

ନୂଆଦିଲ୍ଲୀ,୧୦।୧(ପି.ଟି.)

ଦିଲ୍ଲୀରେ ସଂକ୍ରମଣ ଦ୍ରୁତ ବଢୁଥିଲେ ମଧ୍ୟ ଲକ୍‌ଡାଉନ ନ କରିବା ଲାଗି ଦିଲ୍ଲୀ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଡିଡିଏମ୍ଏ) ସୋମବାର ନିଷ୍ପତ୍ତି ନେଇଛି। ଏହା ପରିବର୍ତ୍ତେ କୋଭିଡ୍ କଟକଣା ବଢ଼ାଯିବ ବୋଲି ଏହାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ରେଷ୍ଟୁରାଣ୍ଟଗୁଡ଼ିକରେ ବସି ଖାଇବାକୁ ଅନୁମତି ଦିଆଯିବ ନାହିଁ, ମେଟ୍ରୋ ଟ୍ରେନ୍ ଓ ବସ୍‌ରେ ସିଟ୍ ଅନୁଯାୟୀ ଯାତ୍ରୀ ଉଠାଇବାକୁ ନିର୍ଦ୍ଦେଶ ଦିଆଯିବ ବୋଲି ସେ କହିଛନ୍ତି। ଉପରାଜ୍ୟପାଳ ଅନିଲ ବୈଜଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଡିଡିଏମ୍ଏ ବୈଠକରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ଅନ୍ୟମାନେ ଯୋଗଦେଇଥିଲେ। ସଂକ୍ରମଣ ରୋକିବା ଲାଗି ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଦିଲ୍ଲୀ ସମେତ ଜାତୀୟ ରାଜଧାନୀ ଅଞ୍ଚଳରେ ମଧ୍ୟ କଟକଣା ବଢ଼ାଇବାକୁ ନିଷ୍ପତ୍ତି ହୋଇଛି।

## ତାମିଲନାଡୁରେ 'ଜାଲ୍ଲିକାଟ୍ଟୁ'କୁ ଅନୁମତି

ଚେନ୍ନାଇ, ୧୦।୧

କୋଭିଡ୍ ସଂକ୍ରମଣ ବୃଦ୍ଧି ମଧ୍ୟରେ ତାମିଲନାଡୁ ସରକାର ସୋମବାର ଜାଲ୍ଲିକାଟ୍ଟୁ (ଷଣ୍ଢକୁ କାବୁ କରିବା ପ୍ରତିଯୋଗିତା)କୁ ଅନୁମତି ଦେଇଛନ୍ତି। ପ୍ରତିବର୍ଷ ଜାନୁୟାରୀରେ ପୋଙ୍ଗଲ ସମୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥାଏ। କରୋନା ଗାଇଡ୍‌ଲାଇନ ମଧ୍ୟରେ ଜାଲ୍ଲିକାଟ୍ଟୁ ଆୟୋଜନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁର (ଏସ୍‌ଓପି) ଜାରି କରାଯାଇଛି। ପ୍ରତି ଷଣ୍ଢ ସହିତ କେବଳ ଏହାର ମାଲିକ ଏବଂ ଜଣେ ସହଯୋଗୀ ରିଙ୍ଗ୍ ଭିତରେ ଉପସ୍ଥିତ ରହିବେ। ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ସ୍ୱତନ୍ତ୍ର ଆଇଡି କାର୍ଡ ପ୍ରଦାନ କରାଯିବ। କେବଳ ୧୫୦ ଦର୍ଶକଙ୍କୁ ଖେଳ ଦେଖିବାକୁ ଅନୁମତି ରହିଛି। ସମସ୍ତେ ଟିକାର ସମ୍ପୂର୍ଣ୍ଣ ଡୋଜ୍ ନେଇଥିବେ। ଏଥିସହ ସେମାନଙ୍କ ପାଖରେ ୪୮ ଘଣ୍ଟା ପୂର୍ବରୁ କରିଥିବା ଆର୍‌ଟିପିସିଆର୍ କୋଭିଡ୍ ନେଗେଟିଭ୍ ରିପୋର୍ଟ ଥିବା ବାଧ୍ୟତାମୂଳକ କରାଯାଇଛି।

## ଡେଲ୍ଟା ସ୍ଥାନ ନେଉଛି ଓମିକ୍ରନ୍‌ର ସବ୍-ଭାରିଆଣ୍ଟ

ନୂଆଦିଲ୍ଲୀ,୧୦।୧

ଦ୍ରୁତ ସଂକ୍ରାମକ ଭାରିଆଣ୍ଟ ଓମିକ୍ରନ୍ ଓ ଏହାର ତିନୋଟି ସବ୍‌ଭାରିଆଣ୍ଟ ଭାରତରେ ପୂର୍ବରୁ ସକ୍ରିୟ ରହିଥିବା ଡେଲ୍ଟା ଷ୍ଟ୍ରେନ୍‌ର ସ୍ଥାନ ନେବାକୁ ଯାଉଛି। ନୂଆ ଭାରିଆଣ୍ଟ ଯୋଗୁ କୋଭିଡ୍ ଦୈନିକ ସଂକ୍ରମଣ ହୁହୁ ହୋଇ ବଢ଼ିଚାଲିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ତଥ୍ୟ ଅନୁଯାୟୀ ଓମିକ୍ରନ୍ ଭାରିଆଣ୍ଟ (ବି.୧.୧.୫୨୯)ର ୩ଟି ସବ୍ ଭାରିଆଣ୍ଟ ରହିଛନ୍ତି। ସେଗୁଡ଼ିକ ହେଲେ ବିଏ.୧, ବି.ଏ.୨ ଏବଂ ବିଏ.୩)। ବିଏ.୧ ଏବଂ ବିଏ.୩ର ସ୍ପାଇକ୍ ପ୍ରୋଟିନ୍ ୬୯ରୁ ୭୦ ରହିଛି। ଭାରତରେ ଜିନୋମ୍ ସିକ୍ୱେନ୍ସିଂରୁ ଉଭୟ ବିଏ.୧ ଏବଂ ବିଏ.୨ ସବ୍‌ଭାରିଆଣ୍ଟ ଉପସ୍ଥିତ ଥିବା ସ୍ପଷ୍ଟ ହୋଇଛି ବୋଲି ବାୟୋଟେକ୍‌ନୋଲୋଜି ବିଭାଗର ସାର୍ସ-କୋଭ୍-୨ ଜିନୋମିକ୍ସ କନ୍‌ସୋର୍ଟିୟମ (ଆଇଏନ୍ଏସ୍ଏସିଓଜି) ପକ୍ଷରୁ କୁହାଯାଇଛି। ବିଏ.୧ ଡେଲ୍ଟା ସହ ଏକତ୍ର ସଂକ୍ରମିତ ହେବାରେ ଲାଗିଛି ଏବଂ ମହାରାଷ୍ଟ୍ର ଓ ଅନ୍ୟ କେତେକ ରାଜ୍ୟରେ ଏହା ଡେଲ୍ଟାର ସ୍ଥାନ ନେଇସାରିଲାଣି। ତେବେ ବିଏ.୩ ସବ୍‌ଭାରିଆଣ୍ଟ ଏପର୍ଯ୍ୟନ୍ତ ଭାରତରେ ଚିହ୍ନଟ ହୋଇନାହିଁ। ବିଏ.୧ରେ ସ୍ପାଇକ୍ ପ୍ରୋଟିନରେ ୬୯ରୁ ୭୦ ଡିଲେଶନ ରହୁଥିବାରୁ କେତେକ ପିସିଆର୍ ଯାଞ୍ଚ ବେଳେ ଏସ୍ ଜିନ୍ ଟାର୍ଗେଟ ପାଇଁ ଏହା ନେଗେଟିଭ୍ ସିଗ୍‌ନାଲ ଦେଉଛି। ତେଣୁ ନମୁନାଗୁଡ଼ିକର ଅନ୍ୟୂନ ଏକ ସବ୍‌ସେଟ୍‌ର ସିକ୍ୱେନ୍ସିଂ କରାଯିବା ଜରୁରୀ ବୋଲି ଡବ୍ଲ୍ୟୁଏଚ୍‌ଓ କହିଛି।



ଜମ୍ମୁକଶ୍ମୀରର ବାରମୁଲାଠାରେ ଛାତ୍ରୀଛାତ୍ରମାନେ ଟ୍ୟୁସନ ସାରି ବରଫାବୃତ ରାସ୍ତାରେ ଘରକୁ ଫେରୁଛନ୍ତି।

## ମୁକେଶ ଅମ୍ବାନୀଙ୍କଠୁ ଧନୀ ମାକ୍‌ଡୋନାଲ୍ଡ ପୂର୍ବତନ କର୍ମଚାରୀ

ୱାଶିଂଟନ୍, ୧୦।୧

ଫାଷ୍ଟ ଫୁଡ୍ ରେଷ୍ଟୁରାଣ୍ଟ କମ୍ପାନୀ ମାକ୍‌ଡୋନାଲ୍ଡର ପୂର୍ବତନ କର୍ମଚାରୀ ତଥା ସଫ୍ଟୱେର ଡେଭେଲପର ଚାଙ୍ଗପେଙ୍ଗ୍ ଝାଓ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଦେଇଛନ୍ତି। ବ୍ଲୁମବର୍ଗ ବିଲିୟନେୟାର ଇଣ୍ଡେକ୍ସ ଅନୁସାରେ, ଚାଙ୍ଗପେଙ୍ଗ୍‌ଙ୍କ ସମ୍ପତ୍ତି ପ୍ରାୟ ୯୬ ବିଲିୟନ ଡଲାର (ପ୍ରାୟ ୭୧,୧୫,୮୩,୨୦,୦୦,୦୦୦ ଟଙ୍କା)। ୪୪ ବର୍ଷୀୟ ଚାଙ୍ଗପେଙ୍ଗ ଜଣେ ବଡ଼ କ୍ରିପ୍ଟୋକରେନ୍ସି ନିବେଶକ। ଫେସ୍‌ବୁକ୍ ସିଇଓ ମାର୍କ ଜୁକରବର୍ଗ ଏବଂ ଗୁଗଲ ପ୍ରତିଷ୍ଠାତା ଲ୍ୟାରି ପେଜ୍ ଓ ସର୍ଗି ବ୍ରିନ୍‌ଙ୍କଠାରୁ ମଧ୍ୟ ଚାଙ୍ଗପେଙ୍ଗ୍‌ଙ୍କ ସମ୍ପତ୍ତି ଅଧିକ ହେବ। ତାଙ୍କ କ୍ରିପ୍ଟୋ ହୋଲ୍ଡିଂକୁ ଏହି ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ନ ଥିବାରୁ ତାଙ୍କ ନେଟ୍ ସମ୍ପତ୍ତି ୯୬ ବିଲିୟନ ଡଲାରରୁ ଅଧିକ ହୋଇପାରେ ବୋଲି ବ୍ଲୁମବର୍ଗ ରିପୋର୍ଟରେ କୁହାଯାଇଛି। ସେ ପ୍ରତିଷ୍ଠା କରିଥିବା କ୍ରିପ୍ଟୋକରେନ୍ସି କମ୍ପାନୀ ବିନାନ୍ସ କଏନ୍ ଗତ





ବର୍ଷ ୧୩୦୦ ପ୍ରତିଶତ ବୃଦ୍ଧି ପାଇଥିଲା।

ସିଜେଡ୍ ଭାବେ ଜଣାଶୁଣା ଚାଙ୍ଗପେଙ୍ଗ୍ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ କ୍ରିପ୍ଟୋକରେନ୍ସି ବ୍ୟବସାୟର ଏକ ପ୍ରମୁଖ ଚେହେରା ପାଲଟିବାକୁ ଯାଉଛନ୍ତି। ବିନାନ୍ସ ଏକ୍ସଚେଞ୍ଜକୁ ଆବୁଧାବିକୁ ଆଣିବାକୁ ସେ ବେଶ୍ ଆଗ୍ରହୀ ଅଛନ୍ତି। ଏଥିପାଇଁ ଆବୁଧାବିରେ ରାଜ ପରିବାର ସହ ସେ ବୈଠକ କରୁଛନ୍ତି। ଚାଙ୍ଗପେଙ୍ଗ୍ ଚାଇନାରେ ତାଙ୍କ କମ୍ପାନୀ ପ୍ରତିଷ୍ଠା କରିଥିଲେ। କିନ୍ତୁ ପରେ ତାଙ୍କୁ ଚାଇନାରୁ ନିର୍ବାସିତ ହେବାକୁ ପଡିଲା। ଏହାବାଦ୍ ତାଙ୍କ କମ୍ପାନୀରେ ଆର୍ଥିକ ଅନିୟମିତତା ନେଇ ଅନେକ ଅଭିଯୋଗ ମଧ୍ୟ ରହିଛି।

## ଅକାଳୀ ନେତା ମାଜିଥିଆଙ୍କୁ ଆଗୁଆ ଜାମିନ

ଚଣ୍ଡିଗଡ଼,୧୦।୧

ଡ୍ରଗ୍ସ ମାମଲାରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ସୋମବାର ଶିରୋମଣି ଅକାଳୀ ଦଳ ନେତା ବିକ୍ରମ୍ ସିଂ ମାଜିଥିଆଙ୍କୁ ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ଡ୍ରଗ୍ସ କାରବାର ସହ ସମ୍ପୃକ୍ତ ଅଭିଯୋଗରେ ଏନ୍‌ଡିପିଏସ୍ ଆଇନରେ ମାଜିଥିଆଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ତେବେ ନିର୍ବାଚନ ପୂର୍ବରୁ ଏହା ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି ମାଜିଥିଆ ଅଭିଯୋଗ କରି ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ। ଜାନୁୟାରୀ ୧୨ ପର୍ଯ୍ୟନ୍ତ ତାଙ୍କୁ ଗିରଫ ନ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ତଦନ୍ତରେ ସହଯୋଗ କରିବା ଲାଗି ଅଦାଲତ ଅକାଳୀ ନେତାଙ୍କୁ ପରାମର୍ଶ ଦେଇଛନ୍ତି।

## ଅମରିନ୍ଦରଙ୍କ ଦଳକୁ ହକି ଷ୍ଟିକ୍ ବଲ୍ ଚିହ୍ନ

ନୂଆଦିଲ୍ଲୀ,୧୦।୧

ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ନୂଆ ଦଳ ପଞ୍ଜାବ ଲୋକ କଂଗ୍ରେସକୁ ହକି ଷ୍ଟିକ୍ ଓ ବଲ୍ ନିର୍ବାଚନୀ ଚିହ୍ନ ମିଳିଛି। ହକି ଭାରତୀ ଜାତୀୟ କ୍ରୀଡ଼ା ହୋଇଥିବାବେଳେ ପଞ୍ଜାବର ଗ୍ରାମାଞ୍ଚଳରେ ଏହା ବେଶ୍ ଲୋକପ୍ରିୟ। ଜାତୀୟ ହକି ଦଳରେ ପଞ୍ଜାବରୁ ଅନେକ ଖେଳାଳି ସ୍ଥାନ ପାଇଛନ୍ତି। ସୂଚନାଯୋଗ୍ୟ ପଞ୍ଜାବ ପ୍ରଦେଶ କଂଗ୍ରେସ ସଭାପତି ନବଜ୍ୟୋତ ସିଂ ସିଦ୍ଧୁଙ୍କ ସହ ବିବାଦ ଯୋଗୁ ଅମରିନ୍ଦ୍ର ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ସହ କଂଗ୍ରେସ ଦଳରୁ ଇସ୍ତଫା ଦେଇ ପଞ୍ଜାବ ଲୋକ କଂଗ୍ରେସ ଗଠନ କରିଛନ୍ତି। ଏହି ଦଳ ଆଗାମୀ ବିଧାନସଭା ନିର୍ବାଚନରେ ଭାଜପା ସହ ମେଣ୍ଟ କରିବାକୁ ଯାଉଛି।

## ୯ ପିଲାଙ୍କ ସମେତ ୧୯ ମୃତ

ନ୍ୟୁୟର୍କ,୧୦।୧

ନ୍ୟୁୟର୍କ ସିଟିସ୍ଥିତ ଏକ ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ ଘଟି ୯ଜଣ ପିଲାଙ୍କ ସମେତ ୧୯ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୬୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିବାବେଳେ ୧୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ପ୍ରବଳ ଧୂଆଁ ଯୋଗୁ ଅନେକ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ଏହାକୁ ନ୍ୟୁୟର୍କ ସହରର ସବୁଠୁ ଭୟାବହ ଅଗ୍ନିକାଣ୍ଡ ବୋଲି କୁହାଯାଉଛି। ନିଆଁ ଲିଭାଇବାରେ ୨୦୦ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏହି ଅଗ୍ନିକାଣ୍ଡକୁ ୧୯୯୦ର ହାପି ଲ୍ୟାଣ୍ଡ ସୋସିଆଲ କ୍ଲବ୍ ଘଟଣା ସହ ତୁଳନା କରାଯାଇଛି। ସେତେବେଳେ ଏହି ଅଗ୍ନି ଦୁର୍ଘଟଣାରେ ୮୭ ଲୋକଙ୍କ ଜୀବନ ଯାଇଥିଲା। ରବିବାର ପ୍ରଥମେ ଏକ ଡୁପ୍ଲେକ୍ସରେ ନିଆଁ ଲାଗି ପରେ ଆପାର୍ଟମେଣ୍ଟର ଦ୍ୱିତୀୟ ଓ ତୃତୀୟ ମହଲାକୁ ବ୍ୟାପିଯାଇଥିଲା।



**ନ୍ୟୁୟର୍କ ସିଟି ଆପାର୍ଟମେଣ୍ଟରେ ନିଆଁ**

## ରୋଗ ପ୍ରତିରୋଧକ ଶକ୍ତିକୁ ଦ୍ୱନ୍ଦ୍ୱରେ ପକାଉଛି ଫାଷ୍ଟ ଫୁଡ୍

ଲଣ୍ଡନ, ୧୦।୧

ଜୀବାଣୁ, ଭୂତାଣୁ ସହ ଲଢ଼ି ଆମକୁ ସୁସ୍ଥ ରଖିବାରେ ଇମ୍ୟୁନୋ ସିଷ୍ଟମ ବା ରୋଗ ପ୍ରତିରୋଧକ ଶକ୍ତି କାମ କରିଥାଏ। ଆମେ ପ୍ରତିଦିନ କୋଟି କୋଟି ସଂଖ୍ୟାରେ ରୋଗ ସୃଷ୍ଟିକାରୀ କାରକର ସାମ୍ନା କରୁଥିଲେ ହେଁ ଇମ୍ୟୁନୋ ସିଷ୍ଟମ ଯୋଗୁ ସେଥିଜନିତ ଅସୁସ୍ଥତାରୁ ମୁକ୍ତି ପାଇଥାଉ। କିନ୍ତୁ ଏହି ପ୍ରାକୃତିକ ସୁରକ୍ଷାକବଚ କୌଣସି ରୋଗ ସହ ଲଢ଼ିବା ବଦଳରେ ଆମ ସୁସ୍ଥ କୋଷିକାକୁ ଆକ୍ରମଣ କଲେ ତାହା ବେଶ୍ ଘାତକ ହୋଇଥାଏ। ଏହାକୁ ଅଟୋ-ଇମ୍ୟୁନୋ ଡିଜିଜ୍ କୁହାଯାଏ। ଅର୍ଥାତ୍ ଆମ ରୋଗ ପ୍ରତିରୋଧକ ଶକ୍ତି ଆମ ପାଇଁ ହିଁ ଘାତକ ସାବ୍ୟସ୍ତ ହୋଇଥାଏ। କେଉଁଠି ସୁସ୍ଥ କୋଷିକା ଏବଂ କେଉଁଟି ରୋଗ ସୃଷ୍ଟିକାରୀ କାରକ ତାହାକୁ ଆମ ଇମ୍ୟୁନୋ ସିଷ୍ଟମ ଚିହ୍ନିପାରି ନ ଥାଏ। ବିଶ୍ୱରେ ଅଟୋ-ଇମ୍ୟୁନୋ ରୋଗର ଶିକାର ହେଉଥିବା ଲୋକଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ପାଶ୍ଚାତ୍ୟ ଖାଦ୍ୟାଭ୍ୟାସ ତଥା ଫାଷ୍ଟଫୁଡ୍ ଏହାର ପ୍ରମୁଖ କାରଣ ବୋଲି ଲଣ୍ଡନର ଫ୍ରାନ୍ସିସ୍ କ୍ରିକ୍ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି।



ଅଧ୍ୟୟନକାରୀ ଜେମ୍ସ ଲି ଏବଂ କାରୋଲା ଭିନେସାଙ୍କ କହିବା ମୁତାବକ, ୪ ଦଶନ୍ଧି ପୂର୍ବରୁ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଅଟୋ-ଇମ୍ୟୁନୋ ରୋଗ ବଢ଼ିଚାଲିଥିଲା। ଏବେ ସମଗ୍ର ବିଶ୍ୱରେ ବହୁ ସଂଖ୍ୟାରେ ଲୋକ ଏଥିରେ ପୀଡ଼ିତ ହେଉଛନ୍ତି।

**ବିଶ୍ୱରେ ବଢୁଛି ଅଟୋ-ଇମ୍ୟୁନୋ ରୋଗ**

ମଧ୍ୟପ୍ରାଚ୍ୟ ଏବଂ ଏସୀୟ ଦେଶଗୁଡ଼ିକରେ ଲୋକେ ଏପରି ରୋଗର ଶିକାର ହେଉଛନ୍ତି। ବିଶେଷ କରି ପାଚନତନ୍ତ୍ରର ଅଧିକାଂଶ ଭାଗରେ ସଂକ୍ରମଣ, ଟାଇପ୍-୧ ଡାଇବେଟିସ୍, ଜଏଣ୍ଟ ବା ଗଣ୍ଠିଗୁଡ଼ିକରେ ଦୀର୍ଘସ୍ଥାୟୀ ସଂକ୍ରମଣ(ର୍‌ହ୍ୟୁମାଟଏଡ୍ ଆର୍ଥ୍ରାଇଟିସ୍), ସ୍ନାୟୁର ସୁରକ୍ଷା ଆବରଣକୁ ନଷ୍ଟ କରିଦେଉଥିବା ରୋଗ ମଲ୍ଟିପଲ୍ ସ୍କ୍ଲେରୋସିସ୍ ଆଦି ରୋଗରେ ବହୁ ସଂଖ୍ୟାରେ ଲୋକ ଆକ୍ରାନ୍ତ ହେଉଛନ୍ତି। ଏଥିପାଇଁ ଆମ ଖାଦ୍ୟାଭ୍ୟାସ ବିଶେଷ କରି ଦାୟୀ। ଏବେ ଫାଷ୍ଟଫୁଡ୍ ପ୍ରତି ସାରା ବିଶ୍ୱରେ ଲୋକପ୍ରିୟତା ବୃଦ୍ଧିପାଇଛି। ଫାଷ୍ଟଫୁଡ୍‌ରେ ସାଧାରଣତଃ ଫାଇବର ଭଳି ସ୍ୱାସ୍ଥ୍ୟ ଉପଯୋଗୀ ଉପାଦାନ ନ ଥାଏ। ବିଭିନ୍ନ ଶାରୀରିକ କାର୍ଯ୍ୟକୁ ନିୟନ୍ତ୍ରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିବା ଅନ୍ତନଳୀରେ ମହଜୁଦ୍ ସୂକ୍ଷ୍ମ-ଅଣୁଜୀବ(ମାଇକ୍ରୋବିଓମି) ଫାଇବର ଅଭାବରୁ ପ୍ରଭାବିତ ହୋଇଥାଏ। ମାଇକ୍ରୋବିଓମିରେ ପରିବର୍ତ୍ତନ ରୋଗ ପ୍ରତିରୋଧକ ଶକ୍ତି ପାଇଁ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ। ଫଳରେ ଶରୀରରେ କେଉଁଟି ସୁସ୍ଥ ଏବଂ କେଉଁଟି ଅସୁସ୍ଥ କୋଷିକା ତାହା ଇମ୍ୟୁନୋ ସିଷ୍ଟମ ଚିହ୍ନିପାରି ନ ଥାଏ। ତେଣୁ ଶରୀରରେ କୌଣସି ପ୍ରକାର ସଂକ୍ରମଣ ହେଲେ ତାହା ରୋକିବା ବଦଳରେ ସୁସ୍ଥ କୋଷିକାକୁ ନଷ୍ଟ କରିଥାଏ। ଏହାଦ୍ୱାରା ଶରୀରର ବିଭିନ୍ନ ଅଙ୍ଗ ପ୍ରଭାବିତ ହୁଏ ଏବଂ ଜଣେ ଅଧିକ ରୋଗଗ୍ରସ୍ତ ହୋଇଥାଏ ବୋଲି ଅଧ୍ୟୟନରୁ ଜଣାପଡ଼ିଛି।

କେବଳ ବ୍ରିଟେନରେ ୪୦ ଲକ୍ଷ ଲୋକ ଅଟୋ-ଇମ୍ୟୁନୋ ରୋଗରେ ପୀଡ଼ିତ। ବିଶ୍ୱସ୍ତରରେ ଏହି ମାମଲା ପ୍ରତିବର୍ଷ ୩ରୁ ୯ ପ୍ରତିଶତ ବୃଦ୍ଧି ପାଉଛି। ପୂର୍ବ ଅଧ୍ୟୟନର ଏକ ରିପୋର୍ଟ ଅନୁସାରେ ଅଟୋ-ଇମ୍ୟୁନୋ ରୋଗ ପାଇଁ ପରିବେଶ ପ୍ରଦୂଷଣଜନିତ କାରଣ ମଧ୍ୟ ଦାୟୀ। ବିଶେଷ କରି ମାଇକ୍ରୋ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ଏହାର ଏକ ପ୍ରମୁଖ କାରଣ। ଯୁବବର୍ଗ ବହୁଳ ମାତ୍ରାରେ ଏପରି ରୋଗର ଶିକାର ହେଉଛନ୍ତି। ସମ୍ପ୍ରତି ମେଡିକାଲ ସାଇନ୍ସରେ ଅଟୋ-ଇମ୍ୟୁନୋ ରୋଗଗୁଡ଼ିକର ଉପଚାର ବାହାରି ନ ଥିବା ଜେମ୍ସ ଲି କହିଛନ୍ତି। ଏହାକୁ ନିୟନ୍ତ୍ରଣରେ ରଖିବାକୁ ଜଣେ ନିୟମିତ ଔଷଧ ସେବନ ତଥା ଚିକିତ୍ସା ଆବଶ୍ୟକ କରିଥାଏ ବୋଲି ସେ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ମଙ୍ଗଳବାର, ଜାନୁୟାରୀ ୧୧/୨୦୨୨ Berhampur, Tuesday, January 11/ 2022

# ଆଶା, ଆଶଙ୍କା, ଦ୍ୱନ୍ଦ୍ୱ

**ଭିଜା ବାତିଲ ପ୍ରସଙ୍ଗରେ ଫେଡେରାଲ ସର୍କିଟ କୋର୍ଟଙ୍କ ରାୟ ଯଦିଓ ଜୋକୋଭିଚ୍ଙ୍କ ସପକ୍ଷରେ ଆସିଛି ତେବେ ଅଷ୍ଟ୍ରେଲିଆ ସରକାର ଭିଜା ବାତିଲ କରି ତାଙ୍କୁ ସ୍ୱଦେଶ ପଠାଇ ଦେବାକୁ ପୁଣି ଧମକ ଦେଇଛନ୍ତି। ଅଷ୍ଟ୍ରେଲିଆନ ଓପନରେ ସେ ଖେଳି ପାରିବେ କି ନାହିଁ ତାହା ଇମିଗ୍ରେଶନ ମନ୍ତ୍ରୀଙ୍କ ନିଷ୍ପତ୍ତି ଉପରେ ନିର୍ଭର କରୁଛି। ତେଣୁ ଆଶା, ଆଶଙ୍କା ଓ ଦ୍ୱନ୍ଦ୍ୱ ମଧ୍ୟରେ ରହିଛନ୍ତି ଏହି ମହାନ୍ ଟେନିସ ତାରକା।**

ଅନ୍ତର୍ଜାତୀୟ ଟେନିସରେ ଯେଉଁ କେତେଜଣ ଖେଳାଳି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ସେମାନଙ୍କ ମଧ୍ୟରୁ ସର୍ବୀୟାର ନୋଭାକ୍ ଜୋକୋଭିଚ୍ ଅନ୍ୟତମ। ବର୍ଷର ୪ ଗ୍ରାଣ୍ଡସ୍ଲାମ ରୋଲାଣ୍ଡ ଗାରୋସ (ଫ୍ରେଞ୍ଚ ଓପନ-କ୍ଲେ କୋର୍ଟ)ର ଲାଲ୍ ମାଟି ହେଉ ତ ୱିମ୍ବେଲଡନ୍‌ର ଗ୍ରାସ୍ କୋର୍ଟ କିମ୍ବା ଅଷ୍ଟ୍ରେଲିଆନ ଓପନ ଓ ୟୁଏସ୍ ଓପନ୍‌ର ହାର୍ଡ କୋର୍ଟ ସବୁଠାରେ ନିଜର ଦକ୍ଷତା ଦେଖାଇଛନ୍ତି ଏହି ବିଚକ୍ଷଣ ଟେନିସ ତାରକା। କେବଳ ସେତିକି ନୁହେଁ ରେକର୍ଡ ସମୟ ପାଇଁ ବିଶ୍ୱର ନମ୍ବରୱାନ ସ୍ଥାନ ହାସଲ କରିବା ସହ ଅନେକ ରେକର୍ଡର ଅଧିକାରୀ ଅଛନ୍ତି ଏହି ସର୍ବୀୟ ଖେଳାଳି। ଆସୋସିଏଶନ ଅଫ୍ ଟେନିସ ପ୍ରଫେଶନାଲ୍ସ (ଏଟିପି) ର୍ୟାଙ୍କିଙ୍ଗରେ ୩୫୫ ସପ୍ତାହଧରି ନମ୍ବରୱାନ ସ୍ଥାନ ହାସଲ କରି ରେକର୍ଡ ସୃଷ୍ଟି କରିଥିବା ଜୋକୋଭିଚ୍ ୭ ଥର ଶୀର୍ଷରେ ରହି ବର୍ଷ ଶେଷ କରିଛନ୍ତି। ବ୍ୟକ୍ତିଗତ ପ୍ରଦର୍ଶନ ଯୋଗୁ ସେ ବିଶ୍ୱ ଟେନିସରେ ଅନେକ ସମୟରେ ନମ୍ବରୱାନ ସ୍ଥାନ ହାସଲ କରି ଆସିଛନ୍ତି। ଏଥର କିନ୍ତୁ ଭିନ୍ନ ଏକ ପ୍ରସଙ୍ଗ ପାଇଁ ଚର୍ଚ୍ଚାରେ ରହିଛନ୍ତି ଜୋକୋଭିଚ୍। କ୍ୟାରିୟରରେ ମୋଟ ୯ ଥର ଏବଂ କ୍ରମାଗତ ୩ ବର୍ଷ ଧରି ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତି ହ୍ୟାଟ୍ରିକ କରିଥିବା ଜୋକୋଭିଚ୍ ଏଥର ମେଲବୋର୍ନ ପାର୍କରେ ଖେଳିବା ନେଇ ବିଭିନ୍ନ ସମୟରେ ପରିସ୍ଥିତି ନାଟକୀୟ ମୋଡ଼ ନେଉଛି। ଅଷ୍ଟ୍ରେଲିଆର କୋଭିଡ୍ ଜଟିଳ ନିୟମ ମଧ୍ୟରେ ଛନ୍ଦି ହୋଇ ପଡ଼ିଛନ୍ତି ଏହି ମହାନ୍ ଟେନିସ ତାରକା। କୋଭିଡ୍-୧୯ ଟିକା ଓ ଭିଜା ବାତିଲ ପ୍ରସଙ୍ଗରେ ଫେଡେରାଲ ସର୍କିଟ କୋର୍ଟଙ୍କ ରାୟ ଯଦିଓ ତାଙ୍କ ସପକ୍ଷରେ ଆସିଛି ତେବେ କଥା ଏତିକିରେ ସରି ଯାଇନାହିଁ। ଅଷ୍ଟ୍ରେଲିଆ ସରକାର ଭିଜା ବାତିଲ କରି ତାଙ୍କୁ ସ୍ୱଦେଶ ପଠାଇ ଦେବାକୁ ପୁଣି ଥରେ ଧମକ ଦେଇଛନ୍ତି। ଆସନ୍ତା ୧୭ ତାରିଖରୁ ଆରମ୍ଭ ହେଉଥିବା ଅଷ୍ଟ୍ରେଲିଆନ ଓପନରେ ସେ ଖେଳି ପାରିବେ କି ନାହିଁ ତାହା ଇମିଗ୍ରେଶନ ମନ୍ତ୍ରୀଙ୍କ ନିଷ୍ପତ୍ତି ଉପରେ ନିର୍ଭର କରୁଛି।

ସମ୍ପୂର୍ଣ୍ଣ ଘଟଣା ଏହିପରି ଥିଲା। ଟିକାକରଣକୁ ବିରୋଧ କରିଆସୁଥିବା ଜୋକୋଭିଚ୍ଙ୍କୁ ଅଷ୍ଟ୍ରେଲିଆ ଓପନରେ ଖେଳିବା ଲାଗି ଭିକ୍ଟୋରିଆ ଷ୍ଟେଟ୍ ଠାରୁ ଡାକ୍ତରୀ ରିହାତି ସାର୍ଟିଫିକେଟ ମିଳିଥିଲା। ମାତ୍ର ୩୪ବର୍ଷୀୟ ଷ୍ଟାର୍ ଖେଳାଳି ଗତ ବୁଧବାର ବିଳମ୍ବିତ ରାତିରେ ଯେତେବେଳେ ମେଲବୋର୍ନରେ ପହଞ୍ଚିଲେ ଅଷ୍ଟ୍ରେଲିଆ ସରକାର ଭିଜାକୁ ବାତିଲ କରିଦେଇଥିଲେ। ଅଷ୍ଟ୍ରେଲିଆ ଭିଜା ବାତିଲ ହେବା ପରେ ତାଙ୍କୁ ମେଲବୋର୍ନସ୍ଥିତ ଏକ ସୁଧାର ଗୃହରେ ଗତ ଗୁରୁବାରଠାରୁ ରହିବାକୁ ପଡିଥିଲା। ସମ୍ପୂର୍ଣ୍ଣ ଭାକ୍ସିନେଶନ ହୋଇ ନ ଥିବା କାରଣରୁ ସେ ଏଭଳି ସ୍ଥିତିର ସମ୍ମୁଖୀନ ହୋଇଥିଲେ। ଟିକା ନେବା ନେଇ ସେ ସ୍ପଷ୍ଟ କରି ନ ଥିଲେ ମଧ୍ୟ ତାଙ୍କୁ ଅଷ୍ଟ୍ରେଲିଆରେ କିପରି ପ୍ରବେଶ କରିବାକୁ ଦିଆଗଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଜଣାଯାଇଛି ଯେ, ମେଡିକାଲ ପ୍ୟାନେଲ୍‌ର ଦୁଇଜଣ ବିଶେଷଜ୍ଞ ଅନୁମତି ଦେବା ପରେ ତାଙ୍କୁ ଟୁର୍ନାମେଣ୍ଟରେ ଖେଳିବାକୁ ଟେନିସ ଅଷ୍ଟ୍ରେଲିଆ ଅନୁମତି ଦେଇଥିଲା। ଫଳରେ ଜୋକୋଭିଚ୍ ଅଷ୍ଟ୍ରେଲିଆ ଯାଇଥିଲେ। କିନ୍ତୁ ଅଷ୍ଟ୍ରେଲିଆ ସରକାରଙ୍କ ନିୟମ ସମ୍ପୂର୍ଣ୍ଣ ଭିନ୍ନ ଥିବାରୁ ଜୋକୋଭିଚ୍ଙ୍କୁ ଦେଶକୁ ପ୍ରବେଶ କରିବାକୁ ଦିଆଯାଇ ନ ଥିଲା ଏବଂ ସରକାର ତାଙ୍କ ଭିଜା ବାତିଲ କରିଥିଲେ। ଜୋକୋଭିଚ୍ଙ୍କ ଓକିଲମାନେ ଏହି ମାମଲାକୁ ଏକ ଫେଡେରାଲ କୋର୍ଟରେ ପହଞ୍ଚାଇଥିଲେ। ଓକିଲମାନେ ତାଙ୍କୁ ମେଲବୋର୍ନସ୍ଥିତ ଏକ କ୍ୱାରାଣ୍ଟାଇନ୍-ଡିଟେନ୍ଶନ ହୋଟେଲରେ ରହିବା ନେଇ ସୁଯୋଗ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ।

ଜୋକୋଭିଚ୍ ମେଲବୋର୍ନରେ ପହଞ୍ଚିବାର ୫ ଦିନ ପରେ ସୋମବାର ଏ ନେଇ କୋର୍ଟ ଶୁଣାଣି ହୋଇଥିଲା। ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ଜୋକୋଭିଚ୍ଙ୍କ ସପକ୍ଷରେ କୋର୍ଟ ରାୟ ପ୍ରଦାନ କରିଥିଲେ। ଡିଟେନ୍ଶନ ସେଣ୍ଟରରୁ ମୁକ୍ତ କରିବା ସହ ତାଙ୍କ ପାସ୍‌ପୋର୍ଟକୁ ଫେରେଇ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଜୋକୋଭିଚ୍ଙ୍କ ସପକ୍ଷରେ କୋର୍ଟ ରାୟ ଦେଇଥିଲେ ମଧ୍ୟ ସରକାରଙ୍କ ଓକିଲ ଭିନ୍ନ ଦଲିଲ ଉପସ୍ଥାପନ କରିଥିଲେ। କୋର୍ଟରେ ସରକାର ହାରିଥିଲେ ମଧ୍ୟ ଇମିଗ୍ରେଶନ ମନ୍ତ୍ରୀ ତାଙ୍କର ବ୍ୟକ୍ତିଗତ କ୍ଷମତା ଉପଯୋଗ କରି ଜୋକୋଭିଚ୍ଙ୍କ ଭିଜା ବାତିଲ କରିପାରନ୍ତି ବୋଲି ସରକାରଙ୍କ ଓକିଲ କହିଥିଲେ।

## ଘଟଣା କ୍ରମ

**ଜାନୁୟାରୀ ୪:** ଟେନିସ ଅଷ୍ଟ୍ରେଲିଆ ତରଫରୁ ଅନୁମତି ଦିଆଯିବା ପରେ ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନ୍ ଖେଳିବାକୁ ଘୋଷଣା କରିଥିଲେ। ଅଷ୍ଟ୍ରେଲିଆନ ଓପନ୍‌ରେ ଅଂଶଗ୍ରହଣ କରିବାକୁଥିବା ସବୁ ଖେଳାଳି କୋଭିଡ୍-୧୯ ଟିକା ନେଇଥିବା କିମ୍ବା ମେଡିକାଲ ରିହାତି ପାଇଥିବା ନିହାତି ଜରୁରୀ। କୋକୋଭିଚ୍ କିନ୍ତୁ ଟିକା ନେବା ନେଇ କିଛି ସ୍ପଷ୍ଟ କରି ନ ଥିଲେ। ଟୁଇଟ୍ କରି ସେ ପ୍ରଶଂସକଙ୍କୁ ନୂଆବର୍ଷର ଅଭିନନ୍ଦନ ଜଣାଇବା ସହ ଅଷ୍ଟ୍ରେଲିଆକୁ ଯିବା କଥା ଉଲ୍ଲେଖ କରିଥିଲେ।

**ଜାନୁୟାରୀ ୫:** ଅଷ୍ଟ୍ରେଲିଆ ଆସୁଥିବା ୩,୦୦୦ ବ୍ୟକ୍ତିଙ୍କ ମଧ୍ୟରୁ ୨୬ଜଣ ଖେଳାଳି ଓ ସେମାନଙ୍କ ସପୋର୍ଟ ଷ୍ଟାଫ୍ ମେଡିକାଲ ରିହାତି ପାଇଁ ଆବେଦନ କରିଥିଲେ ଓ ସେମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ ସଫଳ ହୋଇଛନ୍ତି ବୋଲି ଅଷ୍ଟ୍ରେଲିଆନ ଓପନ ଟୁର୍ନାମେଣ୍ଟ ମୁଖ୍ୟ କ୍ରେଗ୍ ଟିଲେ କହିଥିଲେ।

**ଜାନୁୟାରୀ ୫:** କୋଭିଡ୍-୧୯ ଭୂତାଣୁ ସଂକ୍ରମଣ ରୋକିବାକୁ ପୂର୍ବତନ ଅଷ୍ଟ୍ରେଲିଆନ ମେଡିକାଲ ଆସୋସିଏଶନ ଭାଇସ୍ ପ୍ରେସିଡେଣ୍ଟ ଷ୍ଟିଫେନ ପର୍ନସ୍ ଏକ ବାର୍ତ୍ତା ମାଧ୍ୟମରେ ଲୋକଙ୍କୁ ନିବେଦନ କରିଥିଲେ। ମେଲବୋର୍ନରେ ଜୋକୋଭିଚ୍ ପହଞ୍ଚିଥିଲେ।


**ଜାନୁୟାରୀ- ୬:** ମେଲବୋର୍ନରେ ପହଞ୍ଚିବା ପରେ ଜୋକୋଭିଚ୍ଙ୍କ ଏଣ୍ଟ୍ରି ଭିଜା ବାତିଲ ହେଲା ବୋଲି ଅଷ୍ଟ୍ରେଲିଆର ଘୋଷଣା। ଜୋକୋଭିଚ୍ଙ୍କୁ ଏକ ଇମିଗ୍ରେଶନ ଡିଟେନ୍ଶନ ସେଣ୍ଟରକୁ ନିଆଯାଇଥିଲା ଓ ତାଙ୍କ ଓକିଲମାନେ ଏହି ମାମଲକୁ କୋର୍ଟରେ ପହଞ୍ଚାଇଥିଲେ। ଜୋକୋଭିଚ୍ଙ୍କ ସହ ସର୍ବୀୟା ରାଷ୍ଟ୍ରପତି ଆଲେକଜାଣ୍ଡର ଭୁଚିକ୍ଙ୍କ ଫୋନ୍‌ରେ ବାର୍ତ୍ତାଳାପ। ପୂରା ସର୍ବୀୟା ଜୋକୋଭିଚ୍ଙ୍କ ପଛରେ ରହିଛି ବୋଲି ଭୁଚିକ୍ ତାଙ୍କୁ ଅବଗତ କରାଇଥିଲେ। ସମସ୍ୟାର ସମାଧାନ ପାଇଁ ପୂରା ସହଯୋଗ କରିବାକୁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସେ ଜୋକୋଭିଚ୍ଙ୍କୁ କଥା ଦେଇଥିଲେ। ଅଷ୍ଟ୍ରେଲିଆର ଏକ ଫେଡେରାଲ କୋର୍ଟରେ ଜୋକୋଭିଚ୍ଙ୍କ ଓକିଲମାନେ ଏହି ମାମଲାରେ ଅପିଲ କରିଥିଲେ। ଜାନୁୟାରୀ ୧୦ ତାରିଖ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା।

**ଜାନୁୟାରୀ-୭:** ଜୋକୋଭିଚ୍ଙ୍କୁ ସ୍ପେନ ଟେନିସ ସୁପରଷ୍ଟାର ରାଫାଲ ନାଡାଲଙ୍କ ସମର୍ଥନ। ଜୋକୋଭିଚ୍ ନିଜର ନିଷ୍ପତ୍ତି ନେଇଛନ୍ତି ଓ ତାଙ୍କର ଏହା ଅଧିକାର ବୋଲି ସେ କହିଥିଲେ।

**ଜାନୁୟାରୀ-୮:** ସମର୍ଥନ ପାଇଁ ଜୋକୋଭିଚ୍ ପ୍ରଶଂସକଙ୍କୁ ଧନ୍ୟବାଦ ଦେଇଥିଲେ। ସମସ୍ତଙ୍କ ସମର୍ଥନ ମୋତେ ବିମୋହିତ କରିଛି ବୋଲି ଜୋକୋଭିଚ୍ ଇନ୍‌ଷ୍ଟାଗ୍ରାମ୍‌ରେ ଜଣାଇଥିଲେ। ମେଡିକାଲ ରିହାତି ଦ୍ୱାରା ଅଷ୍ଟ୍ରେଲିଆ ଆସି ଜୋକୋଭିଚ୍ଙ୍କ ଭଳି ଡିଟେନ୍ଶନ ସେଣ୍ଟରରେ ଥିବା ଚେକ୍ ମହିଳା ଡବଲ୍ସ ଖେଳାଳି ରେନେଟା ଭୋରାକୋଭା ଏହି ସେଣ୍ଟରକୁ ଏକ ଜେଲ ଭଳି କହିଥିଲେ। ସେଠାରେ ପ୍ରତ୍ୟେକ ଫ୍ଲୋରରେ ସୁରକ୍ଷାକର୍ମୀ ରହିଛନ୍ତି ବୋଲି କହିଥିଲେ। ଡିସେମ୍ବର ୧୬ ତାରିଖରେ କୋଭିଡ୍ ପଜିଟିଭ ବୋଲି ଜୋକୋଭିଚ୍ ଟେଷ୍ଟରୁ ଜଣାପଡିଥିଲେ। ଫଳରେ ସେ ଟିକା ନେବାରୁ ଛାଡ଼ ପାଇଥିଲେ ବୋଲି ତାଙ୍କ ଓକିଲମାନେ କୋର୍ଟରେ ୩୨ ପୃଷ୍ଠା ସମ୍ବଳିତ ଦଲିଲରେ ଯୁକ୍ତି ଉପସ୍ଥାପନ କରିଥିଲେ। ମେଲବୋର୍ନ ବିମାନ ବନ୍ଦରରେ ଜୋକୋଭିଚ୍ଙ୍କୁ ୮ ଘଣ୍ଟା ଅଟକ ରଖାଯିବା କଥା ତାଙ୍କ ଓକିଲମାନେ କୋର୍ଟଙ୍କୁ ଅବଗତ କରାଇଥିଲେ।

**ଜାନୁୟାରୀ-୯:** ଜୋକୋଭିଚ୍ ରାଜନୈତିକ ଅଭିସନ୍ଧିର ଶିକାର ହୋଇଥିବାନେଇ ତାଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗ। ସର୍ବୀୟାକୁ ବଦ୍‌ନାମ କରିବାକୁ ପ୍ରୟାସ କରାଯାଉଛି ବୋଲି ତାଙ୍କ ପରିବାର ତରଫରୁ କୁହାଯାଇଥିଲା।

**ଜାନୁୟାରୀ-୧୦:** ସୋମବାର ଶୁଣାଣି ପୂର୍ବରୁ ଶରଣାର୍ଥୀଙ୍କୁ ସମର୍ଥନ କରି ଡିଟେନଶନ ସେଣ୍ଟର ଛାତ ଉପରେ ବ୍ୟାନର ସହ କେତେଜଣଙ୍କ ବିକ୍ଷୋଭ ପ୍ରଦର୍ଶନ। ଶୁଣାଣି ଆରମ୍ଭ ହେବା ପରେ କୋର୍ଟର ଅନଲାଇନ୍ ସିଷ୍ଟମ କ୍ରାସ୍ ହୋଇଥିଲା। ସାରା ବିଶ୍ୱରେ ଏହି ମାମଲା ନେଇ ଉତ୍ସୁକତା ପ୍ରକାଶ ପାଇବା ପରେ ଏପରି ହୋଇଥିଲା। ଫଳରେ ଶୁଣାଣି ବିଳମ୍ବିତ ହୋଇଥିଲା। ଶୁଣାଣି ଆରମ୍ଭରୁ ମାମଲା ଜୋକୋଭିଚ୍ଙ୍କ ସପକ୍ଷରେ ଯିବା ଭଳି ମନେହେଉଥିଲା। ଶେଷରେ ଜୋକୋଭିଚ୍ ଏହି ମାମଲାରେ ବିଜୟ ହାସଲ କରିଛନ୍ତି ବୋଲି କୋର୍ଟ ତରଫରୁ ଘୋଷଣା କରାଯାଇଥିଲା। ୩୦ ମିନିଟ୍ ମଧ୍ୟରେ ଜୋକୋଭିଚ୍ଙ୍କୁ ଡିଟେନ୍ଶନ ସେଣ୍ଟରରୁ ଛାଡ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଅଷ୍ଟ୍ରେଲିଆ ସରକାରଙ୍କୁ ଏକ ବଡ଼ ଝଟକା ଲାଗିଥିଲା। ଜୋକୋଭିଚ୍ଙ୍କ ବିଜୟ ସତ୍ତ୍ୱେ ଇମିଗ୍ରେଶନ ମିନିଷ୍ଟର ଆଲେକ୍ସ ହକ୍ ତାଙ୍କ ବ୍ୟକ୍ତିଗତ କ୍ଷମତାର ଉପଯୋଗ କରିପାରିନ୍ତି ବୋଲି ସରକାରଙ୍କ ଓକିଲ ସୂଚନା ଦେଇଥିଲେ। ଜୋକୋଭିଚ୍ଙ୍କ ଭିଜା ରଦ୍ଦ କରିବାକୁ ସେ ବ୍ୟକ୍ତିଗତ କ୍ଷମତାର ଉପଯୋଗ କରିପାରନ୍ତି ବୋଲି ସେ କହିଛନ୍ତି। ଯଦି ଏହି ନିୟମରେ ତାଙ୍କ ଭିଜା ବାତିଲ ହୁଏ, ତେବେ ଅଷ୍ଟ୍ରେଲିଆ ଓପନ୍ ଖେଳିବାରୁ ଜୋକୋଭିଚ୍ ବଞ୍ଚିତ ହେବା ନିଶ୍ଚିତ।


ନୋଭାକ୍ ଜୋକୋଭିଚ୍

# ବିଚିତ୍ର ନାୟକଙ୍କୁ ବ୍ରୋଞ୍ଜ ପଦକ


ବିଚିତ୍ର ନାୟକ

ଭୁବନେଶ୍ୱର,୧୦।୧

ତେଲେଙ୍ଗାନାର ଖାମାମଠାରେ ଗତ ୬ରୁ ୮ ତାରିଖ ମଧ୍ୟରେ ୧୩ତମ ଜାତୀୟ ବରିଷ୍ଠ ସୁନ୍ଦର ସ୍ୱାସ୍ଥ୍ୟ ଏବଂ ଫିଜିକ୍ସ ସ୍ପୋର୍ଟ୍ସ ପ୍ରତିଯୋଗିତା 'ମିଷ୍ଟର ଇଣ୍ଡିଆ'-୨୦୨୧ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସ୍ୱାସ୍ଥ୍ୟ ସଂଘର ସଭାନେତ୍ରୀ ତଥା ଅନ୍ତର୍ଜାତୀୟ ବିଚାରକ ସୁମିତ୍ରା ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିଯୋଗିତା ଦଳ ଅଂଶଗ୍ରହଣ କରିଥିଲା। ପ୍ରତିଯୋଗୀମାନଙ୍କ ସହ ରାଜ୍ୟ କାର୍ଯ୍ୟକାରୀ ଉପ ସଭାପତି ତଥା ଏସିଆନ ଜଜ୍ ବାବୁଲି ସ୍ୱାଇଁ, ଜାତୀୟ ବିଚାରକ ଉମାଚରଣ ଶତ୍‌ପଥୀ,

**ମିଷ୍ଟର ଇଣ୍ଡିଆ-୨୦୨୧**

ଲଲାଟେନ୍ଦୁ ପାତ୍ର, ରାଜେଶ ବାବୁ ଆଚାରୀ, ଅଫିସିଆଲ ଭାବେ ଯୋଗ ଦାନ କରିଥିଲେ। ୩ଦିନଧରି ଚାଲିଥିବା ଏହି ପ୍ରତିଯୋଗିତାରେ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ପ୍ରତିଯୋଗୀ ବିଚିତ୍ର ନାୟକ ୬୫ କେ.ଜି. ଓଜନ ବର୍ଗରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ଜଗନ୍ନାଥ ଖୁଣ୍ଟିଆ ୫୫ କେ.ଜି. ଓଜନ ବର୍ଗରେ ଚତୁର୍ଥ ସ୍ଥାନରେ ରହିଛନ୍ତି। ପ୍ରଥମଥର ପାଇଁ ଜାତୀୟସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଚିତ୍ର ପଦକ ଜିତିବାରେ ସଫଳ ହୋଇଛନ୍ତି। ରାଜ୍ୟ ସଂଘ ସମ୍ପାଦକ ପ୍ରସନ୍ନ ମହାସୁଆର, ସୁମିତ୍ରା ତ୍ରିପାଠୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପ୍ଲେୟର ଅଫ୍ ଦି ମନ୍ଥ୍ ପୁରସ୍କାର ଜିତିଲେ ଏଜାଜ୍

ଦୁବାଇ, ୧୦।୧ (ପି.ଟି.)

ଭାରତ ଜନ୍ମିତ ନ୍ୟୁଜିଲାଣ୍ଡ କ୍ରିକେଟର ଏଜାଜ୍ ପଟେଲ ସୋମବାର ଡିସେମ୍ବର ମାସ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ପୁରସ୍କାର ଜିତିଛନ୍ତି। ମୁମ୍ବାଇରେ ଅନୁଷ୍ଠିତ ବିରାଟ କୋହଲି ଏଣ୍ଡ୍ କୋ ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସ ସେ ୧୦ ଉଇକେଟ ହାସଲ କରିଥିଲେ। ବିରଳ ସଫଳତା ଦୃଷ୍ଟିରୁ ଏହି ବାମହାତୀ ବୋଲର ପୁରସ୍କାର ଦୌଡ଼ରେ ଭାରତୀୟ ଓପନର ମୟଙ୍କ ଅଗ୍ରୱାଲ ଓ ଅଷ୍ଟ୍ରେଲିଆନ ପେସ୍ ବୋଲର ମିଚେଲ ଷ୍ଟାର୍କଙ୍କୁ ପଛରେ ପକାଇ ଦେଇଥିଲେ। ଟେଷ୍ଟ ଇତିହାସରେ ସେ ଜିମ୍ ଲେକର ଓ ଅନିଲ କୁମ୍ବଲେଙ୍କ ପଛକୁ ତୃତୀୟ ଖେଳାଳି ଭାବେ ଏହି ସଫଳତା ହାସଲ କରିଛନ୍ତି। ମୁମ୍ବାଇରେ ଜନ୍ମିତ ଏଜାଜଙ୍କର ନ୍ୟୁଜିଲାଣ୍ଡ ଟେଷ୍ଟ ଦଳ ସହ ଏହା ପ୍ରଥମ ଗସ୍ତ ଥିଲା। ଏଜାଜ ଟେଷ୍ଟର ପ୍ରଥମ ଦିବସରେ ସମସ୍ତ ୪ ଭାରତୀୟ ଉଇକେଟ ଅକ୍ତିଆର କରିଥିଲେ। ପରଦିନ ସେ ପଛକୁ ପଛ ଗୋଟକ ପରେ ଗୋଟିଏ ଉଇକେଟମାନ ଅକ୍ତିଆର କରିଥିଲେ। ହେଲେ ସେ ଏକ ହ୍ୟାଟ୍ରିକ ଅର୍ଜନ କରିପାରି ନ ଥିଲେ। ଡିସେମ୍ବର ମାସ ପାଇଁ ଆଇସିସି ଭୋଟିଂ ଏକାଡେମୀର ଜଣେ ସଦସ୍ୟ ରହିଥିବା ଜେପି ଡୁମିନି ନ୍ୟୁଜିଲାଣ୍ଡ ବୋଲରଙ୍କ ଏହି ସଫଳତାର ଉଚ୍ଚ ପ୍ରଶଂସା କରିଛନ୍ତି। ଗୋଟିଏ ଇନିଂସରେ ସମସ୍ତ ୧୦ ଉଇକେଟ ଅକ୍ତିଆର କରିବା ସାମାନ୍ୟ କଥା ନୁହେଁ। ଏଜାଜଙ୍କ ଏହି ମାଇଲଖୁଣ୍ଟକୁ କ୍ରିକେଟପ୍ରେମୀ ଅନେକ ବର୍ଷ ଧରି ମନେ ରଖିବେ।


ଏଜାଜ୍ ପଟେଲ



ଫେବୃୟାରୀରେ ଭାରତ-ୱେଷ୍ଟଇଣ୍ଡିଜ ଟି୨୦ କ୍ରିକେଟ ମ୍ୟାଚକୁ ଦୃଷ୍ଟିରେ ରଖି କଟକର ବାରବାଟୀ ଷ୍ଟାଡିୟମରେ ସୋମବାର ଏଲ୍ଇଡି ଫ୍ଲଡଲାଇଟ ଲଗାଯାଉଛି।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ